

ପ୍ରମୋଦ ଭଗତଙ୍କୁ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ | ୧୧

# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ODISHA BHASKAR

ଯାହା ଆପଣଙ୍କ କଥା କହେ



ସଲମାନଙ୍କ 'ପୋଷାକ ନିୟମ' ମିଥ୍ୟା:ଶେହନାଜ | ୧୨

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ବିଂଶତମ ବର୍ଷ ସଂଖ୍ୟା-୨୭ Vol. 20 No-27 18 APRIL 2023 TUESDAY BHUBANESWAR ମଙ୍ଗଳବାର, ୧୮ ଏପ୍ରିଲ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଶ୍ରୀମନ୍ଦିରରେ ୪ ଘଣ୍ଟା ଦର୍ଶନ ବନ୍ଦ

ପୁରୀ,୧୭।୪(ଭାସ୍କର ନ୍ୟୁଜ): ପୁରୀ ଶ୍ରୀମନ୍ଦିରରେ ସୋମବାର ୪ ଘଣ୍ଟା ପାଇଁ ସାଧାରଣ ଦର୍ଶନ ବନ୍ଦ ରହିଥିଲା। ଶ୍ରୀଜୀଉଙ୍କ ପଇତାଲାଗି ନୀତି ପାଇଁ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯାଇଥିଲା। ନୀତି ସମାପନ ପରେ ପୁଣିଥରେ ଭକ୍ତଙ୍କ ଦର୍ଶନ ପାଇଁ ଦ୍ୱାର ଖୋଲିଥିଲା।

### 'ପାଣି ଅଭାବରୁ ମରିନାହିଁ ଛୁଆ ହାତୀ'

ଆଠଗଡ଼,୧୭।୪(ଭାସ୍କର ନ୍ୟୁଜ): ପାଣି ଅଭାବରୁ ଆଠଗଡ଼ ବନାଞ୍ଚଳରେ ଏକ ଛୁଆ ହାତୀର ମୃତ୍ୟୁ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି ପିସିସିଏଫ୍। ସେ କହିଛନ୍ତି ଯେ ପାଣି ଅଭାବରୁ ଏହି ଛୁଆ ହାତୀର ମୃତ୍ୟୁ ହୋଇନାହିଁ। ସଂପୃକ୍ତ ବନାଞ୍ଚଳରେ ତିନୋଟି ପୋଖରୀରେ ପାଣି ରହିଛି। ତେବେ ଶବ ବ୍ୟବଚ୍ଛେଦ ପରେ ଛୁଆ ହାତୀର ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ ସୂଚନା ଦେଇଛନ୍ତି।

### ପ୍ରତାପଙ୍କୁ ଆଶ୍ୱସ୍ତି

କଟକ,୧୭।୪(ଭାସ୍କର ନ୍ୟୁଜ): ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ବିରୋଧରେ ନିର୍ବାଚନ ସମୟରେ ମିଥ୍ୟା ସତ୍ୟପାଠ ଦାଖଲ ନେଇ ଯେଉଁ ଆବେଦନ କରାଯାଇଥିଲା ତାକୁ ହାଇକୋର୍ଟ ସୋମବାର ଖାରଜ କରି ଦେଇଛନ୍ତି। ଫଳରେ ଶ୍ରୀ ଷଡ଼ଙ୍ଗୀଙ୍କୁ ଆଶ୍ୱସ୍ତି ମିଳିଛି। ତାଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱୀ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ନେଇ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଶୁଣାଣି ପରେ ହାଇକୋର୍ଟ ଏହାକୁ ଖାରଜ କରିଛନ୍ତି।

ସେନ୍ସେକ୍ସ: ୫୯,୯୧୦.୭୫
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୪୦ ଡିଗ୍ରୀ
ସର୍ବନିମ୍ନ: ୨୭ ଡିଗ୍ରୀ

### ୧୭।୪ର ମତାମତ

ପୋଲିସ ହେପାଜତରେ ଥିବା ଅପରାଧୀଙ୍କୁ ହତ୍ୟା କରାଯିବା ନ୍ୟାୟସଂଗତ କି?




### ଆଜିର ପ୍ରସଙ୍ଗ

ଆନ୍ଦୋଳନ ଉପରେ ରୋକ ଲଗାଇବା ନିମନ୍ତେ ଏସ୍ମା ଲାଗୁ ଉଚିତ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍ଅନ୍ କରନ୍ତୁ
www.odishabhaskar.com

### ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ସାରା ରାଇଜରେ ତାତି ଅସହ୍ୟକୁ
ଝାରସୁଗୁଡ଼ାରେ ନାହିଁ,
ସେଇଥିପାଇଁ ତ ନେତା ବୁଲୁଛନ୍ତି
ଖରାବେଳେ ଗାଆଁ, ସାହି;
ଖଣ୍ଡିଏ ଭୋଟ ପାଇଁ,
ନିର୍ବାଚନ ତାତି ଏତେ ପ୍ରଖର ଯେ
ଏ ତାତି ତାତୁଛି କାହିଁ ?।

## ପ୍ରବାଦ ପୁରୁଷଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ସମାରୋହ

# 'ସାହସ, ସ୍ୱାଭିମାନ ଥିଲା ବିଜୁବାବୁଙ୍କ ପରିଚୟ'

ଭୁବନେଶ୍ୱର,୧୭।୪(ଭାସ୍କର ନ୍ୟୁଜ): ବିଜୁବାବୁଙ୍କ ଜୀବନୀ ହେଉଛି ଆଧୁନିକ ଓଡ଼ିଶାର ବିକାଶର ଇତିହାସ। କୃଷିରୁ ଶିଳ୍ପ, ଶିକ୍ଷାରୁ ସଶକ୍ତିକରଣ ସବୁ କ୍ଷେତ୍ରରେ ତାଙ୍କର ବିପୁଳ ଅବଦାନ ରହିଛି। ସେ ଥିଲେ ତାଙ୍କ ସମୟଠାରୁ ବହୁ ଆଗରେ। ଶିଳ୍ପ ବିକାଶ ହେଉ ବା ଭିତ୍ତିଭୂମି, ଗରିବ ଲୋକଙ୍କ କଲ୍ୟାଣ ହେଉ ବା ମା'ମାନଙ୍କ ସଶକ୍ତିକରଣ ସବୁ କ୍ଷେତ୍ରରେ ସେ ଜଣେ ଦୂରଦ୍ରଷ୍ଟା ପରି କାମ କରିଯାଇଛନ୍ତି। ଗରିବ ଲୋକଙ୍କ ସଶକ୍ତିକରଣ ତଥା ମା'ମାନଙ୍କ ସଶକ୍ତିକରଣ ତାଙ୍କର କାର୍ଯ୍ୟକ୍ରମ ସଶକ୍ତ ଓଡ଼ିଶାର ଲକ୍ଷ୍ୟକୁ ସୁଦୃଢ଼ କରିଛି। ସେ ଜଣେ ଓଡ଼ିଆ ଭାବରେ ନିଜକୁ ଗର୍ବ କରୁଥିଲେ। ଆଜି ତାଙ୍କରି ପାଇଁ ଓଡ଼ିଆ ଜାତି ଗର୍ବିତ। ସାହସ ଓ ସ୍ୱାଭିମାନ ଥିଲା ତାଙ୍କର ପରିଚୟ। ସେବା ଓ ସଂଗ୍ରାମ ଥିଲା ତାଙ୍କ ଜୀବନର ବ୍ରତ। ଓଡ଼ିଶା ପାଇଁ, ଓଡ଼ିଆ ଜାତିର ଉନ୍ନତି ପାଇଁ ଓ ଓଡ଼ିଆ ଜାତିର ଗୌରବ ପାଇଁ ସେ ସବୁକିଛି ତ୍ୟାଗ




କରିବାକୁ ପ୍ରସ୍ତୁତ ଥିଲେ। ଜଣେ ରାଜନେତା ନୁହେଁ, ପରିବାରର ମୁରବୀ ପରି ଓଡ଼ିଶାବାସୀଙ୍କ ପାଇଁ ବିଜୁବାବୁ କାମ କରୁଥିଲେ। ରାଜନୀତିରେ ହାରଜିତ ତାଙ୍କପାଇଁ ଗୁରୁତ୍ୱପୂର୍ଣ୍ଣ ନଥିଲା। ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥ ତାଙ୍କପାଇଁ ଥିଲା ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ସେ ସବୁବେଳେ ଓଡ଼ିଶାବାସୀଙ୍କ ହୃଦୟରେ ରହିଛନ୍ତି ଓ ରହିଥିବେ ବୋଲି ତାଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ସମାରୋହରେ ଆଭାସୀ ମାଧ୍ୟମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ସୋମବାର ଜୟଦେବ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଜଙ୍ଗଲ, ପରିବେଶ, ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ। ଶ୍ରୀ ଅମାତ କହିଥିଲେ ଯେ ପ୍ରବାଦ ପୁରୁଷ ବିଜୁବାବୁ ଥିଲେ ଓଡ଼ିଶାର ସ୍ୱାଭିମାନ ଓ ସମୃଦ୍ଧିର ପ୍ରତୀକ। ଓଡ଼ିଶା ବାହାରେ ଓଡ଼ିଶାର ଅନନ୍ୟ ପରିଚୟ। ପାରାଦୀପ ବନ୍ଦର, ମହିଳା ସଶକ୍ତିକରଣ, ଅନେକ ବିଶ୍ୱବିଦ୍ୟାଳୟ ସ୍ଥାପନ, ୧୩ରୁ ୩୦ ଜିଲ୍ଲା ସଂଖ୍ୟା ବୃଦ୍ଧି, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଆଜି ଅନେକ ଅବଦାନ ମଧ୍ୟରୁ କେତେକ ଉଦାହରଣ। ଆଧୁନିକ ଓଡ଼ିଶା ଗଠନରେ ତାଙ୍କର ଭୂମିକା ଅଗ୍ରଗଣ୍ୟ ବୋଲି ସେ ମତ ରଖିଥିଲେ। ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜ୍ଞାନ ଓ କାରିଗରୀ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଥିଲେ ଯେ ବିଜୁବାବୁ ଥିଲେ ସାହସିକତା ଓ ସ୍ୱାଭିମାନର ଏକ ସ୍ପର୍ଦ୍ଧିତ ଉଚ୍ଚାରଣ। ଦୀର୍ଘ ୩୦ ବର୍ଷ ଧରି ବିରୋଧୀ ରାଜନୀତିରେ ରହି ସେ ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ବରିଷ୍ଠ ଭୂମିକା ନିର୍ବାହ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରି କହିଥିଲେ ଯେ ବିଜୁବାବୁ ୬ ଦଶନ୍ଧି ଧରି • ପୃଷ୍ଠା ୮ ଦେଖନ୍ତୁ

## ତାତିରେ ଜଳୁଛି ସାରା ରାଜ୍ୟ

# ଆହୁରି ୪ ଦିନ ନିସ୍ତାର ନାହିଁ



- ୪୪.୨ ଡିଗ୍ରୀ ସହ ବାରିପଦା ସବୁଠୁ ଉତ୍ତପ୍ତ
- ୮ ସହରର ତାପମାତ୍ରା ୪୩ ଡିଗ୍ରୀ ଉପରେ
- ଉପକୂଳ, ଦକ୍ଷିଣ ଓଡ଼ିଶା ସ୍ଥିତି ସଙ୍ଗୀନ

ଭୁବନେଶ୍ୱର,୧୭।୪(ଭାସ୍କର ନ୍ୟୁଜ): ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀ ବର୍ଷା ସତ୍ତ୍ୱେ ଲାଗି ରହିଛି ତାତିର ଅଘୋଷିତ କର୍ଫ୍ୟୁ। ତତଲା କଡ଼େଇରେ ସିଝୁଛି ସାରା ରାଜ୍ୟ। ବିଶେଷକରି ଉପକୂଳ ଓ ଦକ୍ଷିଣ ଓଡ଼ିଶାର ସ୍ଥିତି ସଙ୍ଗୀନ ହୋଇପଡ଼ିଛି। ଗରମ ଓ ଗୁଳୁଗୁଳିରେ ଘାଣ୍ଟି ହେଉଛନ୍ତି ରାଜ୍ୟବାସୀ। ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିବା • ପୃଷ୍ଠା ୮ ଦେଖନ୍ତୁ

### ବିଷ ପିଇଦେଲେ ଦୁଇ ସାଙ୍ଗ

ରାୟଗଡ଼ା,୧୭।୪(ଭାସ୍କର ନ୍ୟୁଜ): ଘର ଭିତରେ ବିଷ ପିଇଦେଲେ ଦୁଇ ସାଙ୍ଗ। ଜଣକର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ହସ୍ପିଟାଲରେ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି। ସୋମବାର ସକାଳେ ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଉତୁକାପାଡୁ ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି। ସଂଗୀତା ହେପ୍ରିକା ଓ ଶିବାନୀ ପାଲକା ଦୁଇଜଣ ଭଲ ସାଙ୍ଗ। ତେବେ ସଂଗୀତା ପାଠ ଛାଡ଼ିଥିବାବେଳେ ଶିବାନୀ ସ୍କୁଲରେ ପଢୁଥିଲେ। ଖରାଛୁଟି ଥିବାରୁ ଶିବାନୀ ଘରକୁ ଆସି ସଂଗୀତାଙ୍କୁ ଦେଖା କରୁଥିଲେ। ସୋମବାର ସକାଳେ ମଧ୍ୟ ଉଭୟ ସଂଗୀତାଙ୍କ ଘରେ ଥିବାବେଳେ ଏକତ୍ର ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ ସେଠାରେ ସଂଗୀତାଙ୍କର ମୃତ୍ୟୁ ହୋଇଥିଲା। ତେବେ ଏହାର କାରଣ ଜଣାପଡ଼ି ନାହିଁ। ପୋଲିସ ଘଟଣାର ତଦନ୍ତ କରୁଛି।

# ଗଞ୍ଜାମକୁ ମିଳିଲା ଜାତୀୟ ପଞ୍ଚାୟତ ପୁରସ୍କାର



ଭଞ୍ଜନଗର,୧୭।୪ (ଭାସ୍କର ନ୍ୟୁଜ): : ଗଞ୍ଜାମ ଜିଲ୍ଲାକୁ ମିଳିଲା ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୩। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ ଗଞ୍ଜାମ ଜିଲ୍ଲପାଳ ଓ ତାଙ୍କ ଟିମ୍। ଦେଶର ସବୁ ଜିଲ୍ଲାକୁ ପଛରେ ପକାଇ ଗଞ୍ଜାମ ହୋଇଛି ଶ୍ରେଷ୍ଠ ଜିଲ୍ଲା। ସେହିପରି ୬୬୧୨ ବ୍ଲକ୍ ମଧ୍ୟରେ ହିଞ୍ଜିଳିକାଟୁ ପାଇଛି ଶ୍ରେଷ୍ଠ ବ୍ଲକ୍ ପଞ୍ଚାୟତ ସମ୍ମାନ। ହିଞ୍ଜିଳି ବ୍ଲକର କଞ୍ଚୁରୁ ପଞ୍ଚାୟତ ଦେଶର ଦ୍ୱିତୀୟ ଶ୍ରେଷ୍ଠ ସୁସ୍ଥ ପଞ୍ଚାୟତର ମାନ୍ୟତା ପାଇଥିବା ବେଳେ ଶାସନ ଆମ୍ବଗାଁ ଦ୍ୱିତୀୟ ଶ୍ରେଷ୍ଠ ସ୍ୱଚ୍ଛ ଓ ସବୁଜ ପଞ୍ଚାୟତର ମାନ୍ୟତା ପାଇଛି। ସାମାଜିକ ସୁରକ୍ଷା ଦୃଷ୍ଟିରୁ ଭଞ୍ଜନଗର ବ୍ଲକ୍‌ର କୁଲାଡ଼ ପଞ୍ଚାୟତ ହୋଇଛି ଦେଶର ଦ୍ୱିତୀୟ ଶ୍ରେଷ୍ଠ ପଞ୍ଚାୟତ। ସେହିପରି ପାତ୍ରପୁର ବ୍ଲକ୍‌ର ଆଙ୍କୁଲି ଗ୍ରାମପଞ୍ଚାୟତ ଦ୍ୱିତୀୟ ଶ୍ରେଷ୍ଠ • ପୃଷ୍ଠା ୮ ଦେଖନ୍ତୁ

**ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କଲେ ଜିଲ୍ଲାପାଳ**

## ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଆନ୍ଦୋଳନ ଉପରେ ରୋକ୍

# ଏସ୍ମା ଲାଗୁ କଲା ଗୃହ ବିଭାଗ

ଭୁବନେଶ୍ୱର,୧୭।୪(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏନେଇ କୋଟିକୋଟି ଟଙ୍କା ବିଭିନ୍ନ ଯୋଜନାରେ ବ୍ୟୟବରାଦ କରୁଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ରାଜ୍ୟର ଗରିବ ଲୋକଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ତେବେ ସମ୍ପ୍ରତି ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି। ଏହା ଜନଜୀବନକୁ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ କରିପକାଇଛି। ଏଭଳି ସମୟରେ ରାଜ୍ୟବାସୀଙ୍କୁ ତତ୍କାଳ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାର ଯଥେଷ୍ଟ ଆବଶ୍ୟକତା ରହିଛି। ଏଭଳି ସମୟରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଲମ୍ବା ଛୁଟି କିମ୍ବା ଧର୍ମଘଟ ବା ଆନ୍ଦୋଳନକୁ ଓହ୍ଲାଇଲେ ତାହା ସ୍ୱାସ୍ଥ୍ୟସେବାରେ ପ୍ରତିବନ୍ଧକ ସୃଷ୍ଟି କରିବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟସେବାରେ ଅତ୍ୟାବଶ୍ୟକ ସେବା ଆଇନ (ଏସ୍ମା) ଲାଗୁ କରିଛନ୍ତି। ଏନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ସୋମବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୬ ମାସ ଯାଏଁ ଏହା ବଳବତ୍ତର ରହିବ। ଜରୁରୀ ସେବା ଆଇନ ୧୯୮୮ ଆଧାରରେ ଏହା ଲାଗୁ କରାଯାଇଛି। ସମସ୍ତ ପ୍ରକାର ସରକାରୀ ଚିକିତ୍ସାଳୟରେ ନିୟୋଜିତ କର୍ମଚାରୀଙ୍କ ପାଇଁ ଏହା ଲାଗୁ କରାଯିବ। ନର୍ସ, ଫାର୍ମାସିସ୍ଟଙ୍କ ଠାରୁ ଆରମ୍ଭ କରି ପାରାମେଡ଼ିକ୍ କର୍ମଚାରୀଙ୍କ ପାଇଁ ଏହା ଲାଗୁ ହେବ। ମୋଟାମୋଟି ସ୍ୱାସ୍ଥ୍ୟସେବାରେ ନିୟୋଜିତ ଥିବା କର୍ମଚାରୀଙ୍କ ପାଇଁ ଏହି ଏସ୍ମା ଲାଗୁ କରାଯାଇଛି। ସବୁ ସରକାରୀ ଡାକ୍ତରଖାନା କର୍ମଚାରୀଙ୍କ ପାଇଁ ଏହା ଲାଗୁ ହୋଇଛି। ଏହି ସମୟରେ ଡାକ୍ତରଖାନାର କୌଣସି କର୍ମଚାରୀ ଧର୍ମଘଟ, ଆନ୍ଦୋଳନ କରିପାରିବେ ନାହିଁ।

# ପ୍ରାର୍ଥିପତ୍ର ଦାଖଲ କଲେ ଟଙ୍କଧର



ଝାରସୁଗୁଡ଼ା,୧୭।୪(ଭାସ୍କର ନ୍ୟୁଜ): ଆସନ୍ତା ମେ ୧୦ ତାରିଖରେ ଝାରସୁଗୁଡ଼ା ବିଧାନସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ସୋମବାର ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ମନମୋହନ ଏମଇ ସ୍କୁଲ ଗ୍ରାଉଣ୍ଡରୁ ଦଳୀୟ କର୍ମୀ ଓ ନେତାଙ୍କ ସହ ଏକ ବିରାଟ ଶୋଭାଯାତ୍ରାରେ ଯାଇ ଶ୍ରୀ ତ୍ରିପାଠୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ନାମାଙ୍କନ ଦାଖଲ ସମୟରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ସାଂସଦ ସୁରେଶ ପୂଜାରୀ, ଜୁଏଲ ଓରାମ, ବସନ୍ତ ପଣ୍ଡା, ଦଳର ବରିଷ୍ଠ ନେତା କେ.ଭି. ସିଂହଦେଓ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାର୍ଥିପତ୍ର ଦାଖଲ ପରେ ଟଙ୍କଧର କହିଥିଲେ ଯେ ସେ ସାଧାରଣ ଲୋକଙ୍କ ନ୍ୟାୟ ପାଇଁ ଲଢୁଛନ୍ତି ଓ ଲଢିବେ। ଏ କ୍ଷେତ୍ରରେ ନ୍ୟାୟର ବିଜୟ ହେବ ବୋଲି ସେ ଦୃଢ଼ୋକ୍ତି ବାଢିଥିଲେ।

## ସରିଲା ମାଟ୍ରିକ୍ ଖାତା ମୂଲ୍ୟାୟନ

# ମଇ ତୃତୀୟ ସପ୍ତାହରେ ରେଜଲ୍ଟ



କଟକ,୧୭।୪(ଭାସ୍କର ନ୍ୟୁଜ): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ଖାତା ମୂଲ୍ୟାୟନ ଶେଷ ହୋଇଛି। ଏବେ ଟ୍ୟାବୁଲେସନ ଓ ଫଳ ପ୍ରକାଶ କରିବା ପାଇଁ ପରିଷଦ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଖୁବ୍‌ଶୀଘ୍ର ଫଳ ପ୍ରକାଶ ପାଇବ ବୋଲି ପରିଷଦର ଉପ ସଭାପତି ନିହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି ଅନ୍ୟ ରାଜ୍ୟର ବୋର୍ଡ ତୁଳନାରେ ଖୁବ୍‌ଶୀଘ୍ର ଫଳ ପ୍ରକାଶ ପାଇବ। ଯଦିଓ ସେ ଏନେଇ ନିର୍ଦ୍ଦିଷ୍ଟ ତାରିଖ ସମ୍ପର୍କରେ ସୂଚନା ଦେଇନାହାନ୍ତି ତେବେ କହିଛନ୍ତି ଯେ ତରବରିଆ ଭାବେ ଫଳ ପ୍ରକାଶ କରି ତ୍ରୁଟି ରଖିବା ପାଇଁ ଚାହୁଁନାହୁଁ। ବରଂ ତ୍ରୁଟି ଶୂନ୍ୟ ଫଳ ପ୍ରକାଶ କରିବୁ ବୋଲି ସେ ଦମ୍ଭୋକ୍ତି ବାଢିଛନ୍ତି। ଅନ୍ୟ ପକ୍ଷରେ ବୋର୍ଡ ସଭାପତି ରାମାଶିଷ ହାଜରା କହିଛନ୍ତି • ପୃଷ୍ଠା ୮ ଦେଖନ୍ତୁ

## ସମ୍ବଲପୁର ହିଂସାକାଣ୍ଡ ଘଟଣା

# ଆଉ ୨୪ ଘଣ୍ଟା ଇଣ୍ଟରନେଟ୍ ସେବା ବନ୍ଦ

ସମ୍ବଲପୁର,୧୭।୪(ଭାସ୍କର ନ୍ୟୁଜ): ଗତ ୧୨ ତାରିଖରେ ହନୁମାନ ଜୟନ୍ତୀରେ ବାଇକ୍ ଶୋଭାଯାତ୍ରା ଓ ୧୪ ତାରିଖରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ସୃଷ୍ଟି ହୋଇଥିବା ହିଂସାକାଣ୍ଡ ପରେ ଶୁକ୍ରବାର ମଧ୍ୟରାତ୍ରିରୁ ସମ୍ବଲପୁର ସହରରେ ଜାରି କରାଯାଇଥିବା କର୍ଫ୍ୟୁରେ କୋହଳ କରାଯାଇଛି। ସହରର ସ୍ଥିତିରେ ସୁଧାର ଆସୁଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ କର୍ଫ୍ୟୁକୁ କୋହଳ କରାଯାଇଛି। ସକାଳେ ଏବଂ ଅପରାହ୍ନରେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ପୂର୍ବରୁ ଯେଉଁ ଦୁଇ ଘଣ୍ଟା ଲେଖାଏଁ କୋହଳ କରାଯାଉଥିଲା ତାହାର ଅବଧିକୁ ବୃଦ୍ଧି କରାଯାଇଛି। ସୋମବାରଠାରୁ ସକାଳ ୭.୩୦ରୁ ପୂର୍ବାହ୍ନ ୧୧ଟା ଏବଂ ଅପରାହ୍ନ ୩.୩୦ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କର୍ଫ୍ୟୁକୁ କୋହଳ କରାଯାଇଥିଲା। ତେବେ ମଙ୍ଗଳବାରଠାରୁ କର୍ଫ୍ୟୁ କୋହଳ ଅବଧିକୁ ବୃଦ୍ଧି କରାଯାଇଛି। ସକାଳ ୭ଟାରୁ ଦିନ ୧ଟା ପର୍ଯ୍ୟନ୍ତ



- କର୍ଫ୍ୟୁ କୋହଳ ଅବଧି ବୃଦ୍ଧି
- ଗିରଫ ସଂଖ୍ୟା ୮୫ ଛୁଇଁଲା

ଏବଂ ଅପରାହ୍ନ ସାଢେ ୩ଟାରୁ ୬ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସାଧାରଣ ଲୋକଙ୍କ ଜୀବନ ଯାତ୍ରାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ସେହିପରି ଜିଲ୍ଲାରେ ବନ୍ଦ ରହିଥିବା ଇଣ୍ଟରନେଟ୍ ସେବା ଅବଧିକୁ ପୁଣି ବୃଦ୍ଧି କରାଯାଇଛି। ମଙ୍ଗଳବାର ସକାଳ ୧୦ଟା ଯାଏଁ ଏହା ବଳବତ୍ତର ରହିବ ବୋଲି ଜିଲ୍ଲାପାଳ ଅନନ୍ୟା ଦାସ ସୂଚନା ଦେଇଛନ୍ତି। ଗତ ୧୩ ତାରିଖରେ ପ୍ରଥମଥର ପାଇଁ ୪୮ ଘଣ୍ଟା ନିମନ୍ତେ ଇଣ୍ଟରନେଟ୍ ସେବାକୁ ବନ୍ଦ ରଖାଯାଇଥିଲା। ପରେ ୧୫ ତାରିଖରେ ଏହାର ଅବଧି • ପୃଷ୍ଠା ୮ ଦେଖନ୍ତୁ

## ସବୁ ବିଶ୍ୱବିଦ୍ୟାଳୟକୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ

# ଚଳିତ ଶିକ୍ଷାବର୍ଷରୁ ଲାଗୁ ହେବ ୟୁନିଫର୍ମ ରିସର୍ଚ୍ଚ ପଲିସି

ଭୁବନେଶ୍ୱର,୧୭।୪(ଭାସ୍କର ନ୍ୟୁଜ): ଶିକ୍ଷାର ବିକାଶ ସହିତ ଶିକ୍ଷାର୍ଥୀଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ନୂଆ ନୂଆ ନୀତି ଆପଣାଉଛନ୍ତି। ରାଜ୍ୟର ଏକକ ପୋଷ୍ଟ ଗ୍ରାଜୁଏଟ୍ ପ୍ରବେଶିକା ପରୀକ୍ଷାର ସଫଳତା ପରେ ଏବେ ରାଜ୍ୟ ସରକାର ଏକ ନୂଆ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ଚଳିତ ଶିକ୍ଷା ବର୍ଷରୁ ରାଜ୍ୟରେ ଏକକ ଗବେଷଣା ନୀତି ବା ୟୁନିଫର୍ମ ରିସର୍ଚ୍ଚ ପଲିସି ଲାଗୁ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ନୀତି ଲାଗୁ କରିବା ପାଇଁ ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟରେ ଏହି ଏକକ ଗବେଷଣା ନୀତି କାର୍ଯ୍ୟକାରୀ କରାଯିବ। ଏଥିପାଇଁ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ଚିଠା ଗବେଷଣା ନୀତି ଓ ପଦ୍ଧତି ପ୍ରସ୍ତୁତ କରାଯାଇଛି। ଏହି ନୀତି କାର୍ଯ୍ୟକାରୀ ହେବା ଫଳରେ ପିଏଚ୍‌ଡି ଓ ଡିଲିଟ୍ ଭଳି ଗବେଷଣା ଉପରେ ଆଧାରିତ ଡିଗ୍ରୀ ପାଠ୍ୟକ୍ରମରେ ଏକ ସମୟରେ ଆଡମିସନ କରାଯିବା ସହ ଏକ ସମୟରେ ପ୍ରବେଶିକା ପରୀକ୍ଷାର ଅୟୋଜନ କରାଯିବ। ଏହାଦ୍ୱାରା ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟରେ ଏକ ସମୟରେ ଗବେଷଣା ପାଠ୍ୟକ୍ରମରେ ନାମଲେଖା ହେବା ସହ କୋର୍ସର ସମୟସୀମା ମଧ୍ୟ ନିର୍ଦ୍ଧାରଣ କରାଯାଇ ପାରିବ। ତେବେ ରାଜ୍ୟରେ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଇଚ୍ଛା ମୁତାବକ ଗବେଷଣା ନୀତି କାର୍ଯ୍ୟକାରୀ ହେଉଛି। ଫଳରେ କେଉଁ ଛାତ୍ରଙ୍କୁ ଡିଗ୍ରୀ ମିଳୁଛି ତ ଆଉ କାହାକୁ ଏଥିପାଇଁ ବର୍ଷବର୍ଷ ସମୟ ଲାଗି ଯାଉଛି। ଫଳରେ ଅଯଥାରେ ସମୟ ଅପଚୟ ହେବା ସହ ଛାତ୍ରଛାତ୍ରୀମାନେ ଗବେଷଣାର ସୁଫଳ ପାଇ ପାରୁନାହାନ୍ତି। ତେବେ ଏହି ନୂଆ ନୀତି ଅନୁସାରେ କେଉଁ ସମୟରେ ପରୀକ୍ଷା କରାଯିବ, କେଉଁ ସମୟରେ ଥେସିସ୍ ଦାଖଲ କରାଯିବ ଓ କେଉଁ ସମୟରେ ପଞ୍ଜୀକରଣ କରାଯିବ ସେନେଇ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି।



କରଞ୍ଜିଆ (ଭାସ୍କର ନ୍ୟୁଜ୍): ରରୁଆଁ ବ୍ଲକ ବିଜୁ ଜନତା ଦଳ ତରଫରୁ ଆଜି ରରୁଆଁ ପାଠାଗାର ଠାରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁବାବୁଙ୍କ ୨୬ତମ ଶ୍ରାଦ୍ଧ ବାର୍ଷିକ ରରୁଆଁ ବ୍ଲକ ସଭାପତି ଅମରେଶ କୁମାର ଭଞ୍ଜଦେଓଙ୍କ ସଭାପତିତ୍ୱରେ, ଅନୁଷ୍ଠିତ ହୋଇଯାଇଛି, ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ,ବ୍ଲକ ଅଧ୍ୟକ୍ଷ ଅଜିତ କୁମାର ତିରିଆ, ଜିଲ୍ଲା ପରିଷଦ ସଦସ୍ୟା ମିନତୀ ତିରିଆ, ବିଶିଷ୍ଟ ସମାଜସେବୀ ସୁରେଶ ଚନ୍ଦ୍ର ପାତ୍ର, ମହିଳା କାର୍ଯ୍ୟକାରୀ ସଭାନେତ୍ରୀ ହର୍ଷମଣି ମହାନ୍ତ, ଉନ୍ନୟନ ପରିଷଦ ଉପଦେଷ୍ଟା ରଶାନ୍ତି ମହାକୁଡ଼, ବ୍ଲକ କାର୍ଯ୍ୟକାରୀ ସଭାପତି ତ୍ରିଲୋଚନ ବେହେରା, ଯୁବ ଜୋନାଲ ସେକ୍ରେଟାରୀ ମଳୟ କୁମାର ଧଳ, ପଞ୍ଚାୟତ ସଭାପତି ଗଣ, ତିଳକୁଟି ଓ ନିୟୁନ୍ତି ପଞ୍ଚାୟତର ସମିତି ସଭ୍ୟ, ବରିଷ୍ଠ କର୍ମକର୍ତ୍ତା ବିଜୟ କୁମାର ସ୍ୱାଇଁ ମୋତିଲାଲ ମହାକୁଡ଼, ଗୁଡୁ ସିଂ, ପ୍ରକାଶ ଟିପିରିଆ, ଓ ଶୁକୁଳି ବ୍ଲକ ସଭାପତି ନରେଶ ଗିରି, ବରିଷ୍ଠ କର୍ମୀ ପତି କାରୁଆ,ଭାବଗ୍ରାହୀ ପାତ୍ର, ସ୍ୱରୂପ ନାୟକପ୍ରମୁଖ ଉପସ୍ଥିତ ଥିଲେ।

## ହିନ୍ଦୁଙ୍କ ଉପରେ ଆକ୍ରମଣ: କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟପାଳଙ୍କୁ ଦାବିପତ୍ର



ରାଜନଗର (ଭାସ୍କର ନ୍ୟୁଜ୍): ଦିନ ହନୁମାନ ଜୟନ୍ତୀ ଅବସରରେ ସମ୍ବଲପୁରୁ ସହରରେ ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତା ଓ ହିନ୍ଦୁମାନେ ହନୁମାନ ସ୍ଲୋଗାନ ଓ ଜୟ ଶ୍ରୀରାମ ଧ୍ୱନୀରେ ଶୋଭାଯାତ୍ରାରେ ଯାଉଥିଲେ। ସେଠାରେ ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତା ଓ ହିନ୍ଦୁମାନଙ୍କ ଉପରେ ଅମାନବୀୟ ଅମାନୁଷିକ ଖଣ୍ଡା, ପଥର, ଦ୍ୱାରା ନିଷ୍ଠୁର ଭାବେ ଆକ୍ରମଣ ଓ ହତ୍ୟା କରାଯିବା ପ୍ରତିବାଦରେ କେନ୍ଦ୍ରାପଡା ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ଦୃଢ ନିନ୍ଦା କରିଛି। ଅଭିଯୁକ୍ତଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରାଜନଗର ବିଡିଓଙ୍କ ଜରୀଆରେ ମହାମାନ୍ୟ ରାଜ୍ୟପାଳଙ୍କ ନିକଟରେ ଆଜି ଦାବି କରିଛନ୍ତି ଭିଏଚ୍‌ପି କେନ୍ଦ୍ରାପଡା ଜିଲ୍ଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଚାର ପ୍ରସାରୀ ଶିବ ପ୍ରସାଦ ମହାପାତ୍ର, ସନ୍ତୋଷ କୁମାର ଲେଙ୍କା, ନାରାୟଣ ସାହୁ, ବିବେକାନନ୍ଦ ଭୂୟାଁ, ବୈଲୋଚନ ଦାସ, କୃଷ୍ଣ ବେହେରା, ଅଜୟ ବେହେରା, ଅନାମ ଦାସ, ଦେବଦତ୍ତ ସାହୁ, ବିଦ୍ୟୁଭୂଷଣ ରାଉତ, ପ୍ରମୁଖ ବହୁ ସଦସ୍ୟ ଯୋଗଦେଇଥିଲେ।

**ଚନ୍ଦ୍ରଭାଗାରେ ପାନୀୟଜଳ ଟ୍ୟାପ ଅଚଳ, ରୌଦ୍ରତାପ ଜନିତ ସମସ୍ୟାରେ ଛଟପଟ ପର୍ଯ୍ୟଟକ ଓ ପଥଚାରୀ**

## ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି

କୋଣାର୍କ (ଭାସ୍କର ନ୍ୟୁଜ୍): ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ଠାରେ ପର୍ଯ୍ୟଟକ, ପଥଚାରୀ ଓ ଜନସାଧାରଣ ମାନଙ୍କ ନିମନ୍ତେ ୱାଟକୋ ପକ୍ଷରୁ ନିର୍ମିତ ପାନୀୟଜଳ ଟ୍ୟାପ ଅଚଳାବସ୍ଥାରେ ଦୀର୍ଘଦିନ ହେବ ପଡି ରହିବା ଯୋଗୁଁ ଏହି ତୀର୍ଥ ଓ ଚନ୍ଦ୍ରଭାଗା ସମୁଦ୍ର କୂଳ ଭ୍ରମଣ କରିବା ନିମନ୍ତେ ଆସୁଥିବାହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ, ପଥଚାରୀ ଓ ଜନସାଧାରଣ। ପାନୀୟଜଳ ନ ପାଇ ପ୍ରଚଣ୍ଡ ରୌଦ୍ରତାପ ଜନିତ ସମସ୍ୟାରେ ଛଟପଟ ହେଉଥିବା ଦେଖିବାକୁ ମିଳିଛି। ଖବରରୁ ପ୍ରକାଶ ଯେ, ଚନ୍ଦ୍ରଭାଗା ହେଉଛି ଏକ ପୁରାଣ ପ୍ରସିଦ୍ଧ ତୀର୍ଥକ୍ଷେତ୍ର। ଏଠାକୁ ଦେଶ ବିଦେଶରୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ, ପଥଚାରୀ ଓ ଜନସାଧାରଣ ଭ୍ରମଣ ଉଦ୍ଦେଶରେ ଆସି ସୂର୍ଯ୍ୟ ପୂଜା, ଗ୍ରହଶାନ୍ତି, ସୂର୍ଯ୍ୟ



ଦର୍ଶନ ଓ ସମୁଦ୍ରରେ ସ୍ନାନ କରିଥାନ୍ତି। ଅସଂଖ୍ୟ ପର୍ଯ୍ୟଟକଙ୍କ ସମାବେଶକୁ ନେଇ ରାଜ୍ୟସରକାରଙ୍କ ପକ୍ଷରୁ ପର୍ଯ୍ୟଟକଙ୍କ ସୁବିଧାକୁ ନଜରରେ ରଖି ଚନ୍ଦ୍ରଭାଗାକୁ ବିଶ୍ୱସ୍ତରୀୟ ଭାବେ ସଜିତ କରି ଗଢିତୋଳିବାକୁ ନେଇ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଅନେକ ଯୋଜନା କରୁଥିଲା ବେଳେ ପର୍ଯ୍ୟଟକଙ୍କ ନିମନ୍ତେ ସାମାନ୍ୟ ମୌଳିକ ସୁବିଧା ଯୋଗାଇବାରେ ସ୍ଥାନୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ଆନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ର ବଦନାମ ହେଉଥିବା ଦେଖାଯାଉଛି। ଚନ୍ଦ୍ରଭାଗା ବଜାର ମୁଖ୍ୟ ରାସ୍ତାରେ ଥିବା ଏକ ମାତ୍ର ଏହି ପାନୀୟଜଳ ଟ୍ୟାପ ଅଚଳ ହୋଇ ପଡିଥିବା ବେଳେ ୱାଟକୋ, ପର୍ଯ୍ୟଟନ ବିଭାଗ ଓ କୋଣାର୍କ ଏନ୍‌ଏସି କର୍ତ୍ତୃପକ୍ଷ ଏହି ସମ୍ବେଦନଶୀଳ ଘଟଣା ଉପରେ ବେପାରୁଆ ଭାବେ ନଜର ନ ଦେବା ବୁଦ୍ଧିଜୀବୀ ମହଲରେ ବିସ୍ମୟ ସୃଷ୍ଟି ହୋଇଛି। ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଚନ୍ଦ୍ରଭାଗା ତୀର୍ଥ ଭ୍ରମଣ କରିବା ନିମନ୍ତେ ଦେଶବିଦେଶରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ପାନୀୟଜଳ ମିଳୁ ନ ଥିବା ବେଳେ ପର୍ଯ୍ୟଟନ ବିଭାଗ ଏହି ସମ୍ବେଦନଶୀଳ ଘଟଣାର ସ୍ଥାୟୀ ସମାଧାନ ନିମନ୍ତେ ୱାଟକୋ ଓ କୋଣାର୍କ ଏନଏସି କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି। ଏ ଦିଗରେ କୋଣାର୍କ ଏନ୍‌ଏସି କର୍ତ୍ତୃପକ୍ଷ ମଧ୍ୟ ନୀରବତା ଅବଲମ୍ବନ କରିବା କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ହୀନତା ନୀତିକୁ ପଦାରେ ପକାଇଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଚନ୍ଦ୍ରଭାଗା ଠାରେ ପର୍ଯ୍ୟଟକ ଓ ପଥଚାରୀମାନଙ୍କ ଜଳକ୍ଲିଷ୍ଟ ସମାସ୍ୟାର ସମାଧାନ କରିବା ସହ ଅଚଳ ପାନୀୟଜଳ ଟ୍ୟାପ କାର୍ଯ୍ୟକ୍ଷମ କରିବା ପାଇଁ ପୁରୀ ଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ ପର୍ଯ୍ୟଟନ ପ୍ରେମୀ, ବୁଦ୍ଧିଜୀବୀ ଓ ଜନସାଧାରଣ ସମେତ ଚନ୍ଦ୍ରଭାଗା ବଜାର କମିଟି ପକ୍ଷରୁ ପକ୍ଷରୁ ଦାବି ହେଉଛି ।

## ଅଘୋଷିତ ବିଦ୍ୟୁତ୍ କାଟ, ଗରମରେ ଛଟପଟ ଉପଭୋକ୍ତା

ବାଲିପାଟଣା (ଭାସ୍କର ନ୍ୟୁଜ୍): ସରକାରଙ୍କ ନିର୍ଦ୍ଦେଶକୁ ଫୁ କରି ଦେଇ ବାଲିପାଟଣା ଅଞ୍ଚଳରେ ଚାଲିଛି ଘନ ଘନ ଅଘୋଷିତ ବିଦ୍ୟୁତ କାଟ ଯାହାର କିଛି ହିସାବ ନାହିଁ। ସକାଳ ହେଉ ଅବା ଦ୍ୱିପହର ହେଉ ଅବା ସନ୍ଧ୍ୟା ଅବା ରାତି ଅଧ ହେଉ ଯେତେବେଳେ ଇଚ୍ଛା ହେଲା ବିଦ୍ୟୁତ୍ କାଟ ଚାଲିଲା। ଲାଗୁଛି ଯେମିତି ବାଲିପାଟଣା ବିଦ୍ୟୁତ୍ ? ବିଭାଗ ଚଳାଇଛନ୍ତି ଏକଛତ୍ରବାଦ ବିଦ୍ୟୁତ୍ ନିୟମ । ପ୍ରତି ମାସରେ ଫିଡର୍ ମରାମତି ନାମରେ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ ହେବା ପରେ ମଧ୍ୟ ପ୍ରତ୍ୟେକ ଦିନ ଘନ ଘନ ଅଘୋଷିତ ବିଦ୍ୟୁତ୍ କାଟ ଚାଲିଛି। ଏବେ ପ୍ରଚଣ୍ଡ ଖରା ତାତି ଅସହ୍ୟ ଗରମ ଅନୁଭୂତ ହେଉଥିବା ବେଳେ ବାଲିପାଟଣାରେ ଏଭଳି ମନ ମୁଖୀ ବିଦ୍ୟୁତ କାଟ ଲୋକ ମାନଙ୍କୁ ଖରା ଗରମରେ ସନ୍ତୁଳି ବାକୁ ବାଧ କରୁଛି। ଗତ କିଛି ମାସ ହେଲାଣି ଦିନ ରାତି ଚାଲିଛି ଅଘୋଷିତ ବିଦ୍ୟୁତ କାଟ। ପିଲାଙ୍କ ପାଠ ପଢ଼ାରେ ବ୍ୟାଘାତ ଘଟୁଥିବାବେଳେ ଟାଇଁ ଟାଇଁ ଖରାକୁ ଅସହ୍ୟ ଗୁଳୁ ଗୁଳିରେ ଲୋକେ ଅସ୍ତବ୍ୟସ୍ତ ହେଉଥିବା ସହିତ ସରକାରୀ କାର୍ଯ୍ୟାଳୟ କର୍ମଚାରୀ ମଧ୍ୟ ଅତିଷ୍ଠ । ସ୍କୁଲ କଲେଜ ଠାରୁ ଆରମ୍ଭ କରି ମେଡିକାଲ୍, ଥାନା ୨୪ ଘଣ୍ଟା ଖୋଲା ଯାଇଥିବା ପ୍ରଶାସନ କାର୍ଯ୍ୟାଳୟ ସବୁଠି ସମସ୍ତେ ଅଘୋଷିତ ବିଦ୍ୟୁତ କାଟରେ ଅତିଷ୍ଠ। ଏପରି ଅଘୋଷିତ ବିଦ୍ୟୁତ କାଟ କାହା ନିର୍ଦ୍ଦେଶରେ ହେଉଛି ତାହା ସାମ୍ନାକୁ ଆସିବା ଆବଶ୍ୟକ। ଭିଷଣ ଖରା ହେଉଥିବା ବେଳେ ମନମୁଖୀ ବିଦ୍ୟୁତ କାଟ କେତେଦୂର ଯୁକ୍ତିଯୁକ୍ତ ତାହା ଆଲୋଚ୍ୟର ବିଷୟ।

## ବିଜୁଜନତା ଦଳ ପକ୍ଷରୁ ବିଜୁ ବାବୁଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ

ଧାମନଗର, (ଭାସ୍କର ନ୍ୟୁଜ୍): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୬ ତମ ଶ୍ରାଦ୍ଧ ଉଛବ ଧାମନଗର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ପାଳିତ ହୋଇଯାଇଛି। ସୋମବାର ସକାଳେ ବୈତରଣୀ କୂଳ ଗାନ୍ଧୀ ଘାଟ ଠାରେ ବିଜୁ ବାବୁଙ୍କ ସ୍ମୃତିରେ ତିଳତର୍ପଣ କରାଯିବାସହ ଗାନ୍ଧୀ ଘାଟରେ ବିଜୁ ବାବୁଙ୍କ ସହଅନ୍ୟ ମହାପୁରୁଷଙ୍କ ପ୍ରତି ମୂର୍ତ୍ତୀରେ ପୁଷ୍ପ ମାଲ୍ୟ ଅର୍ପଣ କରା ଯାଇ ଥିଲା । ପରେ ଧୁଶୁରୀ ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀରେ ମଧ୍ୟ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ସାଂସଦ ମଞ୍ଜୁ ଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତି କାନ୍ତ ମଣ୍ଡଳ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବିଜେଡ଼ି ବ୍ଲକ୍ ସଭାପତି ଉମେଶ ମହାନ୍ତି, ପୂର୍ବତନ ବିବିସିସି ସଭାପତି ରଘୁ ନାଥ ଲେଙ୍କା, ଜିଲ୍ଲାପରିଷଦ ସଭ୍ୟ ପ୍ରଦିପ



କୁମାର ମଲିକ, ଶାରଦା ପ୍ରସନ୍ନ ସାହୁ, ବିଦ୍ୟୁତ ଲତା ନାୟକ, ସରପଞ୍ଚ ଅଜୟ ମଲିକ, ସୁଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ବିଜୁ ବାବୁଙ୍କ ସ୍ମୃତି ଚାରଣ କରିଥିଲେ। ସେହିଭଳି ଧାମନଗର ବିଜୁଜନତା ଦଳ ନଗର ପକ୍ଷରୁ ସାନ ବଜାରରେ ଥିବା। ବିଜୁ ବାବୁଙ୍କ ପ୍ରତୀ ମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରା ଯାଇ ଥିଲା ପରେ ବଜାର ସଫେଇ କରା ଯାଇ ଥିଲା । ଏନ୍ ଏ ସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଏମଡି ନୁରାନି, ନଗର ସଭାପତି ସୁଶାନ୍ତ ରାଉତ, ସାଂସଦ ପ୍ରତିନିଧି ଜଗଦିଶ୍ ପାତ୍ର, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, କୃଷ୍ଣ ଚନ୍ଦ୍ର ଜେନା, ବିଶ୍ୱରଞ୍ଜୀନ ଘଡାଇ, ଚକ୍ରଧର ଦାସ, ଲକ୍ଷ୍ମଣ କରଙ୍କ ସମେତ କାଉନ୍ସିଲରମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ପରେ ସନ୍ଧ୍ୟାରେ। ବିଭିନ୍ନ ମନ୍ଦିରରେ ବିଜୁ ବାବୁଙ୍କ ସ୍ମୃତିରେ ଦୀପ ଦାନ କରାଯାଇଥିଲା ।

## ଥଣ୍ଡା ପାନୀୟଜଳ ପ୍ରକଳ୍ପର ଶୁଭ ଉଦ୍‌ଘାଟନ

କଣିହାଁ (ଭାସ୍କର ନ୍ୟୁଜ୍): ଅନଗୁଳ ଜିଲ୍ଲା କଣିହାଁ ବ୍ଲକ ରେଙ୍ଗାଲି ଡ୍ୟାମ ସାଇଟ ତୁମ୍ବଘାଟ ମା'ତାରିଣୀ ଛକ ନିକଟରେ ଓଡ଼ିଆ ନବବର୍ଷ ଓ ମହାବିଷୁବ ପଣାସଂକ୍ରାନ୍ତି ଦିନ ସ୍ୱର୍ଗତ ସୁଦର୍ଶନ ସାହୁଙ୍କ ସ୍ମୃତିରେ ଶ୍ରୀମତୀ ସୁଫଳା ଦେବୀଙ୍କ କରକମଳରେ ଥଣ୍ଡା ପାନୀୟ ଜଳ ଶୁଭ ଉଦ୍‌ଘାଟନ ହୋଇଯାଇଛି ଅତିଥିଭାବେ ରୁଦ୍ର ମୋହନ ନାୟକ ସିନିୟର ଜେନରାଲ ମ୍ୟାନେଜର ଆର ଏଚ ଇ ପି ରେଙ୍ଗାଲି ଡ୍ୟାମ ସାଇଟ, ଓନାମ ଲାକ୍ରା ରେଙ୍ଗାଲି ଡ୍ୟାମ ଥାନା ଅଧିକାରୀ, ରଶ୍ମିତା ସେଠି ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଯୋଗ ଦେଇଥିଲେ ଏହି ଛକଟି ଦୁଇଟି ଜିଲ୍ଲା ଦେବଗଡ଼ ଓ ଅନଗୁଳ ଜିଲ୍ଲାର ମିଳନ ସ୍ଥଳ ଲୋକମାନେ ଏହି ଛକରେ ଗାଡିକୁ ଅପେକ୍ଷା କରନ୍ତି ତେଣୁ ଏହି ଛକରେ ଅନେକ ଦିନ ଆଗରୁ ପାଣି ବ୍ୟବସ୍ଥା



ପାଇଁ ଦାବି ହୋଇଆସୁଥିଲା ଏହାକୁ ନଜରରେ ରଖି ଆମ୍ଭ ଅଞ୍ଚଳର ଉଦ୍ୟୋଗପତି ଇଂ ଭରତ କୁମାର ସାହୁ ଓ ସାହୁ ପରିବାର ବର୍ଗ ଜଣ ସାଧାରଣଙ୍କ ଉଦେଶ୍ୟରେ ଉତ୍ସର୍ଗୀକୃତ କରି ଉପସ୍ଥିତ ଥିବା ବୃଦ୍ଧ, ବୃଦ୍ଧାମାନଙ୍କୁ ବସ୍ତ୍ର ଓ ଖାଦ୍ୟ ପୁଡ଼ିଆ ବଣ୍ଟନ କରିଥିଲେ ଶ୍ରୀ ସାହୁଙ୍କ ଏହିଭଳି କାର୍ଯ୍ୟକୁ ଅଞ୍ଚଳ ବାସି ଭୁୟସୀ ପ୍ରଶଂସା କରିଛନ୍ତି

## ଦାତବ୍ୟ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ



ରଘୁନାଥପୁର (ଭାସ୍କର ନ୍ୟୁଜ୍) : ଓଡ଼ିଆ ନବବର୍ଷ ଉପଲକ୍ଷେ ରଘୁନାଥପୁର ବ୍ଲକ ଗୋରେଖନାଥ ପୀଠର ଷ୍ଟାର ମଣ୍ଡପ ଠାରେ ବିଶ୍ୱ ଓଡ଼ିଆ ମହାସଂଘ ଆନୁକୁଲ୍ୟରେ ଏକ ଦାତବ୍ୟ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଓଡ଼ିଆ ମହାସଂଘର ସଭାପତି ତଥା ଓଡ଼ିଶା ମୋ ପରିବାର ଉପଦେଷ୍ଟା (ପ୍ରବାସୀ ଓଡ଼ିଆ) ଡ଼ଃ ସୁରେନ୍ଦ୍ରନାଥ ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଭୁବନେଶ୍ୱର ସେଣ୍ଟର ଫର ସାଇଟ୍ ଚକ୍ଷୁ ଚିକିତ୍ସାଳୟ ସମୂହଙ୍କ ଦ୍ୱାରା ୩୦୧ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏଥିରେ ୯୯ ଜଣଙ୍କୁ ମାଗଣା ଚଷମା ବଣ୍ଟନ କରାଯିବା ସହିତ ମାଗଣା ଔଷଧ ବଣ୍ଟନ କରାଯାଇଥିଲା ୧୮ ଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ କରାଯାଇ ସେମାନଙ୍କୁ ଭୁବନେଶ୍ୱର ସେଣ୍ଟର ଫର ସାଇଟ୍ ଚକ୍ଷୁ ଚିକିତ୍ସାଳୟ ୧୮ ଜଣଙ୍କ ମଧ୍ୟରୁ ୬ ଜଣଙ୍କୁ ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯିବ। ଏହି କାର୍ଯ୍ୟକ୍ରମରେ ମାଗଣା ଚକ୍ଷୁ ରୋଗ ନିରୂପଣ ସହ ମାଗଣା ଚଷମା ବଣ୍ଟନ ବିନା ମୂଲ୍ୟରେ ରକ୍ତ ପରୀକ୍ଷା, ରକ୍ତ ଚାପ ନିୟନ୍ତ୍ରଣ ଆଦି କାର୍ଯକ୍ରମମାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମୋ ପରିବାରର ସଦସ୍ୟା ତଥା ପୂର୍ବତନ ଜିଲ୍ଲାପରିଷଦ ଡେଜାଲିନ ମହାପାତ୍ର , ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ପବିତ୍ର ପଟ୍ଟନାୟକ ବିଶ୍ୱ ଓଡ଼ିଆ ମହାସଂଘର ଉପଦେଷ୍ଟା ଶୁଭଶ୍ରୀ ସୁବୁଦ୍ଧି ମହାସଂଘର ରାଜ୍ୟ ସମ୍ପାଦକ ରୁଦ୍ରନାରାୟଣ ଦାଶ ପୂର୍ବତନ ସରପଞ୍ଚ ବିଜୟ ସ୍ୱାଇଁ, ଜଗତସିଂହପୁର ଜିଲ୍ଲା ଯୁବ ବିଜେଡି ସମ୍ପାଦକ ମାନସ ରଞ୍ଜନ ଦାସ, ଜିଲ୍ଲା ବିଜୁଜନତା ସମ୍ପାଦକ ତାରାକାନ୍ତ ଜେନା, ଛପଡା ପଞ୍ଚାୟତର ପୂର୍ବତନ ସମିତିସଭ୍ୟା କାଦମ୍ବିନୀ ସ୍ୱାଇଁ, ଯୁବନେତା ଦିଲିପ ସ୍ୱାଇଁ ଆଦି ଯୋଗଦେଇଥିଲେ।

## ଶତାୟୁ ମହିଳାଙ୍କ ପରଲୋକ

କଣିହାଁ (ଭାସ୍କର ନ୍ୟୁଜ୍) : ଅନଗୁଳ ଜିଲ୍ଲା କଣିହାଁ ବ୍ଲକ ଡେରେଙ୍ଗ ପଞ୍ଚାୟତ ଓ ସେହି ଗ୍ରାମର ସ୍ୱର୍ଗତ ହେମଲତା ସାହୁଙ୍କ ୧୦୩ ବର୍ଷ ବୟସରେ ଦିନ ୯ ଟା ୪୫ମିନିଟ ନିଜ ବାସଭବନରେ ପରଲୋକ ହୋଇଛି ସେ ଜଣେ ଧର୍ମ ପରାୟଣ, ମିଷ୍ଟ ଭାଷୀ, ଆଧ୍ୟାତ୍ମିକ ଚିନ୍ତାଧାରୀ ପରୋପକାରୀ ମହିଳା ଥିଲେ ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତିନି ପୁତ୍ର, ପାଞ୍ଚ ପୁତ୍ର ବଧୂ,ଅଠର ଜଣ ନାତି ନାତୁଣୀ ଓ ଏଗାର ଜଣ ବଡୁ ଉପସ୍ଥିତ ଥିଲେ ମୃତ୍ୟୁ ଖବର ଶୁଣି ସାହି ପଡୋଶୀ, ବନ୍ଧୁ ପରିଜନ ଓ କଣିହାଁ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରି ଶୋକ ଶନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ନିଜ ପୈତୃକ ଜାଗା ବଡ ତଇଳା ଆମ୍ବ ତୋଟା ନିକଟରେ ଶେଷକୃତ ସମ୍ପର୍ଣ୍ଣ କରାଯାଇଛି।

## ମହାବୀରଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ବାଲିପାଟଣା, (ଭାସ୍କର ନ୍ୟୁଜ୍) : ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତ ସରାଟ ଶାସନ ଗ୍ରାମର ସଙ୍କଟ ମୋଚନ ମହାବୀରଙ୍କ ପୀଠରେ ୨୩ ତମ ତ୍ରିଦିବସିୟ ବିଶ୍ୱଶାନ୍ତି ମହାଯଜ୍ଞ ମହା ସମରୋହରେ ସମାପନ ହୋଇଯାଇଛି । ଗୁରୁବାର ଅଙ୍କୁରା ରୋପଣ , ଶୁକ୍ରବାର କୁଶଭଦ୍ରା ନଦୀରୁ କଳସ ଯାତ୍ରା ଓ ମଣ୍ଡପ ପୂଜା ଏବଂ ଅଗ୍ନି ସ୍ଥାପନ ହୋଇଥିଲା । ଶନିବାର ସୂର୍ଯ୍ୟପୂଜା , ମଣ୍ଡପ ପୂଜା , ରୁଦ୍ରାଭିଷେକ ଓ ଗୀତା ଆହୁତି ହୋଇଥିଲା। ରବିବାର ସୂର୍ଯ୍ୟପୂଜା , ମଣ୍ଡପ ପୂଜା , ଗୋ ପୂଜା , ଚଣ୍ଡି ପାଠ , ରାମ ହନୁମାନ ଆହୁତି , ଆଳତୀ ଏବଂ ପୂର୍ଣ୍ଣାହୁତି ସମାପନ ହୋଇଛି। କର୍ତ୍ତା ଭାବେ ଅଶ୍ୱିନୀ କୁମାର ଦାଶ ଏବଂ କର୍ତ୍ତୀ ନିନା ଦାଶ ହୋଇଥିଲେ। ପଣ୍ଡିତ ଡ଼ମ୍ବରୁ ଧର ମିଶ୍ର , ସରୋଜ କୁମାର ମିଶ୍ର , ପ୍ରଦୀପ ତ୍ରିପାଠୀ, ଦୀପକ କୁମାର ଦାଶ , ଦେବାଶିଷ ଦାଶ , ରମାକାନ୍ତ ମିଶ୍ର ପୂଜା କାର୍ଯ୍ୟ ତୁଲାଇ ଥିଲେ । ମହାବୀର ଙ୍କ ପୂଜକ



ବଟକୃଷ୍ଣ ମିଶ୍ର ପୂଜା କାର୍ଯ୍ୟ ତୁଲାଇ ଥିଲେ। ବୟୋଜ୍ୟେଷ୍ଠ ବ୍ୟକ୍ତି କାର୍ତ୍ତିକ ଚନ୍ଦ୍ର ଦାଶ, ଦେବେନ୍ଦ୍ର ନାଥ ଦାଶ, ରାଜ କିଶୋର ମିଶ୍ର, ଭବାନୀ ଶଙ୍କର ଦାଶ , ଜନ୍ମଜୟ ମିଶ୍ର , ରବିନ୍ଦ୍ର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ହେମନ୍ତ କୁମାର ଦାଶ , ସରତ ମିଶ୍ର , ପ୍ରସନ୍ନ ମିଶ୍ର , ଜ୍ଞାନ ରଞ୍ଜନ ଦାଶ, ଶାନ୍ତନୁ ଦାଶ , ପ୍ରଶାନ୍ତ ମିଶ୍ର , ରଘୁ ନନ୍ଦନ ଦାଶ , ବସନ୍ତ କୁମାର ଦାଶ , ଜତୀନ ଶତପଥି , ରମେଶ ଚନ୍ଦ୍ର ମିଶ୍ର , ଅଶୋକ ଦାଶ , ତନ୍ମୟ ମିଶ୍ର , ରଂଜିତ ଦାଶ , ଅଭୟ ମିଶ୍ର , ତାପସ ରଥ, ବିନୟ ଦାଶ , ପ୍ରମୋଦ ଦାଶ , ରତିକାନ୍ତ ମିଶ୍ର , ବିନୋଦ ଦାଶ , ଶକ୍ତି ପ୍ରସାଦ ଦାଶ, ସୁକାନ୍ତ ଦାଶ, ରମେଶ ମିଶ୍ର, କୁଞ୍ଜ ବିହାରୀ ଦାଶ, ପ୍ରମୋଦ ଦାଶ, ନଗେନ୍ଦ୍ର ଭୁଷଣ ଦାଶ, ମିହିର ଦାଶ, ସନ୍ତୋଷ ରଥ, ସୁରେନ୍ଦ୍ର ବେହେରା, ଚିନ୍ମୟ ବେହେରା, ଫଣି ଭୁଷଣ ମହାନ୍ତି , ପ୍ରଦୀପ ମହାନ୍ତି, ସନ୍ତୋଷ ମହାନ୍ତି ଗ୍ରାମବାସୀ ସହଯୋଗ କରିଥିଲେ। ଶେଷରେ କୈବଲ୍ୟ ପସରା ଭଜନ ସନ୍ଧ୍ୟା ଗ୍ରୁପ ପକ୍ଷରୁ ଭଜନ ପରିବେଷଣ କରିଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯଜ୍ଞାନୁଷ୍ଠାନରେ ଯୋଗ ଦେଇ ବିଭୁକୃପା ଲାଭ କରିଥିଲେ ।

## ଜାତୀୟ ରାଜପଥ ଏକ ଘଣ୍ଟା ଜାମ୍, ମିଳିଲା ଜନ ସମର୍ଥନ

ଢେଙ୍କାନାଳ,(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କ ଆହ୍ୱାନ କ୍ରମେ ସକାଳ ୮ ଘଟିକା ଠାରୁ ୯ ଘଟିକା ପର୍ଯ୍ୟନ୍ତ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଏହି ରାସ୍ତା ଅବରୋଧ ପୂର୍ବରୁ ଜାତୀୟ ରାଜପଥ ଠାରେ ପ୍ରବାଦପୁରୁଷ ବିଜୁ ବାବୁଙ୍କ ୨୬ତମ ତିରୋଧାନ ଦିବସରେ ଫଟୋରେ ମାଲ୍ୟାର୍ପଣ କରାଯିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଯାହାଫଳରେ କି ରାସ୍ତର ଉଭୟ ପାର୍ଶ୍ୱରେ ଶହଶହ ଭାରି ଯାନଠାରୁ ଆରମ୍ଭ କରି ଛୋଟ ଗାଡି ପର୍ଯ୍ୟନ୍ତ ଅଟକି ରହିଥିବାର ଦେଖିବାକୁ ମିଳିଥିଲା। ଜାତୀୟ ରାଜପଥର କାର୍ଯ୍ୟ ଅହେତୁକ ବିଳମ୍ବ ଓ ମନ୍ଥର ଗତିକୁ ନେଇ ପୂର୍ବରୁ ସାଂସଦ ଶ୍ରୀ ସାହୁଙ୍କ ନିର୍ଦ୍ଦେଶ କ୍ରମେ ୫ଥର ଅର୍ଥନୈତିକ ଓ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଏହା ବ୍ୟତୀତ ୫୫ନଂ ଜାତୀୟ ରାଜପଥର ଦୁର୍ଦ୍ଦଶା ପାଇଁ ସାଂସଦ ଏନ୍.ଏଚ୍.ଏ.ଆଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ନିତିନ୍ ଗଡକରୀଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ କରି ଅବଗତ କରାଇଥିଲେ।



ଏହାବାଦ୍ ଏହି ଜାତୀୟ ରାଜପଥର କାର୍ଯ୍ୟ ତ୍ୱରାନ୍ୱିତ ନହେବାରୁ ପୁନଃଶ୍ଚ ସାଂସଦ ଶ୍ରୀ ସାହୁ ସଂସଦରେ ଏ ପ୍ରସଙ୍ଗ ଉତ୍ଥାପନ କରିଥିଲେ। ଏହି ରାଜପଥର ଦୂରାବସ୍ଥାକୁ ଉପଲବ୍ଧି କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ତୁରନ୍ତ କାର୍ଯ୍ୟପନ୍ଥା ଗ୍ରହଣ କରିବା ପାଇଁ ଜଣାଇଥିଲେ। ଏହା ବ୍ୟତୀତ ଜାତୀୟ ରାଜପଥର କାର୍ଯ୍ୟ ଅଗ୍ରଗତି ନକରିବାରୁ ପୁନଃଶ୍ଚ ସାଂସଦ ଶ୍ରୀ ସାହୁ ୧ ଘଣ୍ଟିଆ ରାସ୍ତା ଅବରୋଧ ପାଇଁ ଡାକରା ଦେଇଥିଲେ। ପ୍ରକାଶଥାଉ କି, ଢେଙ୍କାନାଳ-ଅନୁଗୁଳ ସଂସଦୀୟ କ୍ଷେତ୍ର ଦେଇ ମଙ୍ଗୁଳି ଠାରୁ ସମ୍ବଲପୁରକୁ ଯାଇଥିବା ୫୫ନଂ ଜାତୀୟ ରାଜପଥ ଏବଂ ପର୍ଜଙ୍ଗ ବ୍ଲକ୍‌ର ପିଟିରି ଛକ ଠାରୁ କେନ୍ଦୁଝରକୁ ସଂଯୋଗ କରୁଥିବା ୧୪୯ନଂ ଜାତୀୟ ରାଜପଥ କାର୍ଯ୍ୟର ଅହେତୁକ ବିଳମ୍ବ ଯୋଗୁଁ ନାନା ପ୍ରକାର ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ଏପରିକି ସମ୍ପୃକ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲ-ଖମଣ ଓ ଧୂଳିଧୂସର ପାଇଁ ଦୁଇଚକିଆ ଠାରୁ ଆରମ୍ଭ କରି ଚାରିଚକିଆ ଯାନବାହନଗୁଡିକ ବିଶେଷ ଭାବେ ଏହି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ରାଜପଥ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ଯାହାଫଳରେ କି ପ୍ରତ୍ୟକ୍ଷ ଭାବେ ୩୪୧ ଜଣ ଲୋକ ମୃତ୍ୟୁମୁଖରେ ପଡିଥିବାବେଳେ ୧୨୪୬ଜଣ ଗୁରୁତର ଆହତ ହୋଇ ଅକର୍ମଣ୍ୟ ଅବସ୍ଥାରେ ଅଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ମୃତ୍ୟୁ ମୁଖରେ ପଡିଛନ୍ତି ତାହାର ହିସାବ ମିଳୁନାହିଁ । ଫଳରେ ପ୍ରବଳ ଜନଅସନ୍ତୋଷ ବ୍ୟାପିବାରେ ଲାଗିଛି। ସାଂସଦ ଶ୍ରୀ ସାହୁଙ୍କର ଡାକରାରେ ଆଜି ଯେଉଁ ରାସ୍ତା ରୋକ୍ କରାଯାଇଥିଲା, ସେଥିରେ ଜିଲ୍ଲା ବସ୍ ମାଲିକ ସଂଘର ସଭାପତି ପ୍ରଭାକର ବେହେରା, ସମ୍ପାଦକ ରୁଦ୍ରନାରାୟଣ ତ୍ରିପାଠୀ, ଟ୍ରକ୍ ମାଲିକ ସଂଘ କାର୍ଯ୍ୟକାରୀ ସଭାପତି ରମେଶ ରାଉତ, ସମ୍ପାଦକ କାମାକ୍ଷା ପ୍ରସାଦ ସେନାପତି, କୈବର୍ତ୍ତ ସମାଜର ନାରାୟଣ ସାହୁ, ଡଃ ଚନ୍ଦନ ମହାଳିକ, ସଚେତନ ନାଗରିକ ଫୋରମ୍‌ର କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମିଶ୍ର, ସମ୍ପାଦକ ଭରତ୍ କୁମାର ଦାସ, ଗୁପ୍ତେଶ୍ୱର ମିଶ୍ର, ମିଳିତ ଲକ୍ଷ୍ମୀପୂଜା ବଜାର କମିଟିର ସଭାପତି ବିଶ୍ୱନାଥ ବେହେରା, ସମାଜସେବୀ ତଥା ରୋଟାରିୟାନ୍ ରାଜକିଶୋର ବେହେରା, ନାଗିଆପଶି ପଞ୍ଚାୟତ ସମିତିସଭ୍ୟ ସୁବାଷ ଚନ୍ଦ୍ର ପୃଷ୍ଟି, ପ୍ରଶାନ୍ତ ବିଶ୍ୱାଳ, ଶ୍ରୀକାନ୍ତ ବେହେରା, ଶ୍ରୀବତ୍ସ ପୃଷ୍ଟି, କାଇମାଟି ସରପଞ୍ଚ ଅମିତ୍ ଜ୍ୟୋତି ସ୍ୱାଇଁ, ଶୁଆଖାଇକାଟେଣୀ ସରପଞ୍ଚ ପିଣ୍ଟୁ ସାହୁ, କାଙ୍କଡପାଳ ସରପଞ୍ଚ ସୁବାଷ ସ୍ୱାଇଁ, ଗୋବିନ୍ଦପୁର ସରପଞ୍ଚ ଅରୁଣ ପରିଡା, ସରପଞ୍ଚ ରବିନ୍ଦ୍ର ବେହେରା, ସମିତିସଭ୍ୟ ନୀଳମଣି ରାଉତ, ତାଳବରକୋଟ ସରପଞ୍ଚ ପ୍ରତିନିଧି ଅମରେଶ ଜେନା, ପୂର୍ବତନ ସରପଞ୍ଚ ବିଜୟ ସାହୁ, ଅର୍ଜୁନ ସାହୁ, ଜୟକୃଷ୍ଣ ଜେନା, ସୁଶାନ୍ତ ଜେନା, ସମାଜସେବୀ ଲଗନ୍ ନାଏକ, କୈଳାସ ସାହୁ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦିକା ତିଳୋତମା ଚୌଧୁରୀ, ଆନନ୍ଦିତା ମିଶ୍ର, ସ୍ନିଗ୍ଧା ରାଣୀ ସ୍ୱାଇଁ, ସୁମିତ୍ରା ସ୍ୱାଇଁ, ବାବୁଲି ମହାରଣା, ସତ୍ୟନାରାୟଣ କର, ସଦାଶିବ ମହାପାତ୍ର, ସୁଶାନ୍ତ କୁମାର ମିଶ୍ର, ଶେଖର ସେଠୀ, ଶ୍ୟାମସୁନ୍ଦର ସାହୁ, ଜିତେନ୍ଦ୍ର ପଟ୍ଟନାୟକ, ନିଜୁ ଖାଁ, ଆନନ୍ଦିତା ମିଶ୍ର, ଆଲୋକ ରଥ, ମହେନ୍ଦ୍ର ସାହୁ, ରାଜୁନ୍ ଦାସ, କାହ୍ନୁ ଦଳେଇ, ବିଭୁତି ଭୂଷଣ ସାହୁ, ପୂର୍ବତନ ସୈନିକ ସଂଘର ସମ୍ପାଦକ ବିଭୁତି ନନ୍ଦ, ବୁଲୁ ଜେନା, ସଞ୍ଜୟ ସାହୁ, ଅରୁଣ ସାହୁ, ମିଡିଆ ସେଲ୍ ଇନଚାର୍ଜ ମହେନ୍ଦ୍ର ସାହୁ ପ୍ରମୁଖଙ୍କ ସହିତ ବିଭିନ୍ନ ଅଞ୍ଚଳରୁ ଶତାଧିକ ଜନସାଧାରଣ ଯୋଗଦେଇଥିଲେ । ଏହି ରାସ୍ତାରୋକ କାର୍ଯ୍ୟକ୍ରମକୁ ସାଂସଦଙ୍କ ଗଁଦିଆ ପ୍ରତିନିଧି ସୁଧାଂଶୁ ଶେଖର ରାଉତ, ସଦର ବ୍ଲକ୍ ପ୍ରତିନିଧି ପ୍ରତାପ ଦାସ, ସହରାଞ୍ଚଳ ପ୍ରତିନିଧି ରୁଦ୍ରାନ୍ତ ଦଳେଇ, ଲିଆକତ୍ ଅଲ୍ଲି ଖାଁ, ଦୁଷ୍ମନ୍ତ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବରୁ ସାଂସଦ ଶ୍ରୀ ସାହୁ ସମର୍ଥକଙ୍କ ଗହଣରେ ସକାଳ ୭ ଘଟିକା ସମୟରେ ପ୍ରବାଦପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## କୁନ୍ତଳା ବିଶ୍ୱାଳ ହେଲେ ଗାନ୍ଧୀ ସ୍ମାରକୀ ସମିତି ସଭାପତି

ଡେଲାଙ୍ଗ,(ଭାସ୍କର ନ୍ୟୁଜ୍):ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ଐତିହାସିକ ବେରବୋଇ ଗାନ୍ଧୀ ସ୍ମୃତିପୀଠ ଠାରେ ଗାନ୍ଧୀ ସ୍ମାରକୀ ସମିତିର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ମାରକୀ ସମିତିର ସଭାପତି ବିଚିତ୍ରାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସର୍ବପ୍ରଥମେ ଉପସ୍ଥିତ ସଭ୍ୟମାନେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ରାମଧୁନ୍ ଆବୃତ୍ତି କରିବା ସହ ସମିତିର ବିଭିନ୍ନ କାର୍ଯ୍ୟକ୍ରମ ତଥା ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସମ୍ପାଦକ ଚନ୍ଦ୍ରଶେଖର ବିଶ୍ୱାଳ ଚଳିତ ବର୍ଷ ଆୟୋଜିତ ହୋଇଥିବା ବାର୍ଷିକ ସମାରୋହର ଆୟବ୍ୟୟ ହିସାବ ପ୍ରଦାନ କରିଥିଲେ।ପରବର୍ତ୍ତୀ ପର୍ଯ୍ୟାୟରେ ସ୍ମାରକୀ ସମିତିର ଗଭର୍ଣ୍ଣିଙ୍ଗ୍ ବଡିର ପୁନଃର୍ଗଠନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସେଥିରେ ସର୍ବସମ୍ମତି କ୍ରମେ ସ୍ମାରକୀ ସମିତିର ବରିଷ୍ଠ ସଭ୍ୟା ତଥା ଶିକ୍ଷାବିତ୍ କୁନ୍ତଳା ବିଶ୍ୱାଳ ସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ ଉପସଭାପତି ଭାବେ ସନ୍ତୋଷ କୁମାର ବିଶ୍ୱାଳ ନିର୍ବାଚିତ ହୋଇଥିଲେ। ଦୀର୍ଘ ୫୫ ବର୍ଷର ଏହି ଅନୁଷ୍ଠାନର ପ୍ରଥମ ମହିଳା ସଭାପତି ଭାବେ କୁନ୍ତଳା ବିଶ୍ୱାଳ ନିର୍ବାଚିତ ହୋଇଥିବାରୁ ଉପସ୍ଥିତ ସମସ୍ତ ସଭ୍ୟମାନେ ତାଙ୍କୁ କରତାଳି ଦେଇ ସ୍ୱାଗତ କରିଥିଲେ। ପୂର୍ବରୁ ଥିବା ସମ୍ପାଦକ ଚନ୍ଦ୍ରଶେଖର ବିଶ୍ୱାଳ ପୁନର୍ବାର ସେହି ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ସଂଗଠନ ସମ୍ପାଦକ ଅନାମ ମଲ୍ଲିକ, ସହ ସମ୍ପାଦକ ସର୍ବେଶ୍ୱର ବରେଇ, ସାଂସ୍କୃତିକ ସମ୍ପାଦକ ଅମରେନ୍ଦ୍ର ବାରିକ ଏବଂ କୋଷାଧ୍ୟକ୍ଷ ଭାବେ ଭାଗୀରଥି ପରିଡା ଉପସ୍ଥିତ ସଭ୍ୟମାନଙ୍କ ସ୍ୱୀକୃତିକ୍ରମେ ପୁନର୍ବାର ନିର୍ବାଚିତ ହୋଇଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ବଲ୍ଲଭ ବିଶ୍ୱାଳ, ଅଭୟ ଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ସୁରେନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ବେହେରା ଓ ଦ୍ୱିତିକୃଷ୍ଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସହଯୋଗ ପାଇଁ ନବ ନିର୍ବାଚିତ ସମ୍ପାଦକ ଚନ୍ଦ୍ରଶେଖର ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ମହାନଗର



କଟକ(ଭାସ୍କର ନ୍ୟୁଜ୍): ଅଭୟ ସାମନ୍ତରାୟ ସ୍ମୃତି ସଂସଦ ପକ୍ଷରୁ ସୋମବାର ଶତାବ୍ଦୀ ଭବନରେ ଅଭୟ ସାମନ୍ତରାୟ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ପ୍ରମଥ ପଟ୍ଟନାୟକ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ । ବିଶିଷ୍ଟ ସ୍ତମ୍ଭକାର ଡ଼. ରାଜେନ୍ଦ୍ର ନାରାୟଣ ଦାସ ମୁଖ୍ୟ ଅତିଥି, ବିଶିଷ୍ଟ ସାହିତ୍ୟିକ ଡ଼. ବିଜୟାନନ୍ଦ ସିଂ ସମ୍ମାନୀତ ଅତିଥି, କବୟିତ୍ରୀ ଡ଼ାକ୍ତର ସରୋଜିନୀ ଷଡ଼ଙ୍ଗୀ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ଦେଇଥିଲେ । କାର୍ଯ୍ୟକ୍ରମରେ 'ନୀଳଚକ୍ର'ର ସଭାପତି ନମିତା ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସ୍ୱର୍ଗତ ସାମନ୍ତରାୟଙ୍କ ସ୍ମୃତିଚାରଣ କରିଥିଲେ । ବରିଷ୍ଠ ନାଗରିକ ମହାସଭାର ସଭାପତି ପ୍ରଫେସର ଡ଼ାକ୍ତର କୃପାସିନ୍ଧୁ ପଣ୍ଡା, ସ୍ମୃତି ସଂସଦର ସଭାପତି ତଥା ଦନ୍ତ ଚିକିତ୍ସକ ଡ଼ାକ୍ତର ରବି ରନ ସାହୁ, ସାମ୍ବାଦିକ ଡ଼. ସତ୍ୟ ରାୟ ପ୍ରମୁଖ ଅଭୟ ସାମନ୍ତରାୟଙ୍କ ସ୍ମୃତିଚାରଣ କରିଥିଲେ ।

# ପ୍ରବାଦ ପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି

## ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସରେ ବିଧାନସଭା ପରିସରରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଅବସରରେ ବିଧାନସଭା ବାଚସ୍ପତି ବିକ୍ରମ କେଶରୀ ଆରୁଖ ଉପସ୍ଥିତ ଥିଲେ ।



ବିମାନ ବନ୍ଦରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ବିଜେଡି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ

## 'ସମୀଚୀନ' ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ

କଟକ(ଭାସ୍କର ନ୍ୟୁଜ୍): ମହାନ୍ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟାନନ୍ଦ ପଟ୍ଟନାୟକଙ୍କ ୨୬ତମ ଶ୍ରାଦ୍ଧବାର୍ଷିକୀ 'ସମୀଚୀନ' ଆନୁକୂଲ୍ୟରେ ପାଳିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଗୋବିନ୍ଦ ଦାସ, କଟକ ମହାନଗର ନାଗରିକ ମହାସଭାର ସଭାପତି ତଥା ଦନ୍ତ ଚିକିତ୍ସକ ଡ଼ାକ୍ତର ରବି ରନ ସାହୁ, ଡ଼ଃ ପରିଣୀତା ଦାସ, ଡ଼ଃ ପବିତ୍ର ମହାନ୍ତି, ସଂଧ୍ୟା କାନୁନ୍‌ଗୋ, ରାମଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତଃ ବିଜୁ ପଟ୍ଟନାର୍ୟକଙ୍କ ସ୍ମୃତିଚାରଣ କରିଥିଲେ । ଶେଷରେ ସୋନାଲୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

## 'ବିଜୁବାବୁ ଥିଲେ ଆଧୁନିକ ଓଡ଼ିଶାର ନିର୍ମାତା'



କଟକ(ଭାସ୍କର ନ୍ୟୁଜ୍): ଓଡିଶାର ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୬ ତମ ଶ୍ରାଦ୍ଧଦିବସ ପାଳନ ଅବସରରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକ ଓ ବିଜୁ ପଟ୍ଟନାୟକ ସଂଗ୍ରହାଳୟ (ଆନନ୍ଦ ଭବନ) ଠାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଓ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ବିଜୁବାବୁଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ କହିଲେ ଯେ, ଆଧୁନିକ ଓଡିଶାର ଅନ୍ୟତମ ନିର୍ମାତା । ସେ ଦୁଃସାହାସିକ ତଥା ନିର୍ଭୀକ ହେବା ସହ ସେବା, ତ୍ୟାଗ ଓ ନିଷ୍ଠାପର ମାନବୀୟ ଗୁଣର ଅଧିକାରୀ ହୋଇ ପାରିଥିଲେ। ଏଥିସହିତ ସେ ତ୍ରିସ୍ତରୀୟ ପଚାଂୟତିରାଜ ବ୍ୟବସ୍ଥାର ପ୍ରବର୍ତ୍ତକ ଥିଲେ। ଗ୍ରାମାଞ୍ଚଳରେ ତୃଣମୂଳସ୍ତରର ଉଭୟ ପୁରୁଷ ଓ ମହିଳାମାନେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଭାଗନେଇ ନେତୃତ୍ୱ ନେବାସହ ଗ୍ରାମାଞ୍ଚଳର ପ୍ରଗତିକୁ ପ୍ରାଧାନ୍ୟ ଦେଇପାରିବେ ବୋଲି ସେ ବିଶ୍ୱାସ କରୁଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଗଣ, ରାଜନୈତିକ, ଶିକ୍ଷାବିତ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତା ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିବାବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଭାରପ୍ରାପ୍ତ ସହକାରୀ ସୂଚନା ଓ ଅଧିକାରୀ ଅଭିରାମ ଦାସଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଓ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କର୍ମଚାରୀ ଏବଂ ଆନନ୍ଦ ଭବନର ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## 'ବିଜୁ ବାବୁଙ୍କୁ ଭାରତ ରତ୍ନ ପ୍ରଦାନ କରାଯାଉ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ, ଜନନାୟକ ଓ ରାଷ୍ଟ୍ରନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୬ ତମ ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ




ବରପୁତ୍ରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ବିଜୁ ବାବୁଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ଦାବି କରିଥିଲେ । ଉତ୍କଳ ଗୌରବ ମଧୁବାବୁଙ୍କ ପରେ ପ୍ରବାଦ ପୁରୁଷ ବିଜୁବାବୁ ନବ ଉତ୍କଳର ନିର୍ମାଣ କରିବା ସହିତ ଓଡିଶାକୁ ସାରା ବିଶ୍ୱରେ ପରିଚିତ କରିଛନ୍ତି ବୋଲି ଉପଦେଷ୍ଟା ନିମାଇଁ ଚରଣ ଦାସ ଓ ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ପ୍ରବାଦ ପୁରୁଷଙ୍କର ଗୁଣଗାନ କରି କହିଥିଲେ । ମାଲ୍ୟାର୍ପଣ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ ଓ ଅକ୍ଷୟ କୁମାର ଜେଠୀ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ମହେଶ୍ୱର ବିଶ୍ୱାଳ, ଅମର କବି ଶତପଥୀ, ଗୋପୀ ମୋହନ ପଟ୍ଟନାୟକ ଓ ଭବାନୀ ପ୍ରସାଦ ପ୍ରଧାନ ପ୍ରମୁଖ ଯୋଗ ଦେଇ ପ୍ରତିମୂର୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ ।

## ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତାଙ୍କର ତିରୋଧାନ ଦିବସରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ଟ୍ୱିଟ କରି କହିଛନ୍ତି ଯେ, ମହାନ ଜନନାୟକ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ବାବୁଙ୍କ ତିରୋଧାନ ଦିବସରେ ଶ୍ରଦ୍ଧାଞ୍ଜଳି ଜଣାଉଛି। ରାଜ୍ୟର ସର୍ବାଙ୍ଗୀନ ଉନ୍ନତି, ଓଡ଼ିଆ ସ୍ୱାଭିମାନର ସୁରକ୍ଷା ସହ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବାରେ ତାଙ୍କର ଅତୁଳନୀୟ ଅବଦାନ ସର୍ବଦା ଲୋକଙ୍କ ହୃଦୟରେ ସ୍ମରଣୀୟ ରହିବ। ସେହିପରି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତାଙ୍କର ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

## ମହର୍ଷି କଲେଜ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହର୍ଷି କଲେଜରେ ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ୧୦ ରୁ ଉର୍ଦ୍ଧ୍ୱ ଯୁବକ ବ୍ୟାଟ୍, ହକି ଷ୍ଟିକ୍ ଆଦି ନେଇ କଲେଜ କ୍ୟାମ୍ପସ୍ ମଧ୍ୟରେ ପଶି ଛାତ୍ରମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ୩ ଜଣ ଛାତ୍ର ଆହତ ହୋଇଛନ୍ତି। ଜଣଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତି କରାଯାଇଛି। ସହୀଦନଗର ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ ଝାରପଡାର ଦୁଇ ଜଣ ଯୁବକ ଦୁଇ ଦିନ ତଳେ କଲେଜ କ୍ୟାମ୍ପସକୁ ଆସି ଛାତ୍ରୀଙ୍କୁ କମେଣ୍ଟ ମାରିଥିଲେ। ସେଠାରେ ଉପସ୍ଥିତ ଥିବା ପିଲାମାନେ ଏହାର ବିରୋଧ କରିଥିଲେ। ଛାତ୍ରମାନେ ଯୁବକମାନଙ୍କୁ ସମ୍ପର୍କରେ ପ୍ରିନ୍ସିପାଲଙ୍କୁ ଅଭିଯୋଗ କରିଥିଲେ। ପରେ ପ୍ରିନ୍ସିପାଲଙ୍କ ନିକଟରେ ଅଣ୍ଡରଟେକିଂ ଲେଖିବା ପରେ ସେମାନଙ୍କୁ ଛଡ଼ାଯାଇଥିଲା । ସେହି ରାଗ ସୁଝାଇବା ପାଇଁ ଆଜି ୧୦ରୁ ଉର୍ଦ୍ଧ୍ୱ ଯୁବକ କଲେଜ କ୍ୟାମ୍ପସରେ ପହଂଚିଥିଲେ।

## ଲିଙ୍କରୋଡରେ ଜଳିଗଲା ଯାତ୍ରୀବାହୀ ବସ୍



କଟକ(ଭାସ୍କର ନ୍ୟୁଜ୍): ଲିଙ୍କରୋଡରେ ଭୟାବହ ଅଗ୍ନିକାଣ୍ଡରେ ଏକ ଯାତ୍ରୀବାହୀ ବସ୍ ଜଳିଯାଇଛି । ଉକ୍ତ ବସ୍‌ଟି ଲିଙ୍କ୍‌ରୋଡ୍‌ରେ ରହିଥିବାବେଳେ ଆଜି ହଠାତ ସେଥିର ପ୍ରଥମେ ଧୂଆଁ ବାହାରିବା ସହ ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା। ତେବେ ଏହି ବସ ଥୁଆ ହୋଇଥିବା ସ୍ଥାନରେ ଥିବା ଏକ ପାନ ଦୋକାନ ଓ ଗଛରେ ମଧ ଏହି ନିଆଁ ଲାଗିଛି। ଏହି ଅଗ୍ନିକାଣ୍ଡ ଯୋଗୁଁ ପାନ ଦୋକାନରେ ଥିବା ସମସ୍ତ ଜିନିଷ ଜଳି ପାଉଁଶ ହୋଇଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିବା ଜଣାପଡ଼ିଛି। ତେବେ ବସ୍ ଓ ଦୋକାନ ନରେ ଭୟାବହ ଅଗ୍ନିକାଣ୍ଡ ହେବା ପରେ ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ତେବେ ଖବର ପାଇ ଅଗ୍ନିଶମ ବାହିନୀର ଦୁଇଟି ଟିମ ତୁରନ୍ତ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲା। ତେବେ ନିଆଁକୁ ଆୟତ କରିବା ବେଳକୁ ଉକ୍ତ ବସ ଓ ପାନଦୋକାନ ସମ୍ପୂର୍ଣ୍ଣ ଭସ୍ମିଭୂତ ହୋଇଯାଇଥିବା ଦେଖିବାକୁ ମିଳିଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନଥିଲେ ମଧ ଧୂମପାନ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣା ପଡିଥିବା ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି।

## ମଇ ୧୯ରୁ ଗ୍ଲୋବାଲ ବିଜ୍‌ନେସ୍ କାର୍ଣ୍ଣିଭାଲ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଆସନ୍ତା ମଇ ମାସ ୧୯ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଗ୍ଲୋବାଲ ବିଜ୍‌ନେସ୍ କାର୍ଣ୍ଣିଭାଲ-୨୦୨୩ ଆୟୋଜିତ ହେବ। ଏହି କାର୍ଣ୍ଣିଭାଲ ୧୧ ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିଲାବେଳେ ପ୍ରତ୍ୟେକ ଦିନ ୨.୩୦ରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ଚାଲୁ ରହିବ। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ସହଯୋଗରେ ଏମ୍‌ଏସ୍‌ଏମ୍‌ଇ ଏବଂ କଏରବୋର୍ଡ ଦ୍ୱାରା ଏହା ଆୟୋଜିତ ହେବାକୁ ଥିବାବେଳେ ସେଥିରେ ୨୦ଟି ରାଜ୍ୟ ଏବଂ ୧୨ଟି ଦେଶ ଅଂଶ ଗ୍ରହଣ କରିବେ। ଏଥିରେ ବିଭିନ୍ନ ବିଭାଗରେ ରିୟଲଇଷ୍ଟେଟ ଠାରୁ ଆରମ୍ଭ କରି ଷ୍ଟାଟଅପ୍ କମ୍ପାନୀଜ୍, ମ୍ୟାନ୍ୟୁଫେକ୍‌ଚର, ଡେଭଲପର୍ସ, ବ୍ୟାଙ୍କ, ବିଲ୍ଡିଂ ମେଟରିଆଲ୍ସ, ହାଡୱାର, ଫର୍ଣ୍ଣିଚର, ଇଣ୍ଟରିୟର, ଏଜୁକେସନ, ହୋମଡେକୋର, ହୋମ ଆପିୟାର୍ସ, ଇଲେକ୍ଟ୍ରୋନିକ, ଆର୍ଟିଷ୍ଟିକ୍ ଆଣ୍ଡ କ୍ରାଫ୍ଟ ସେରାମିକ୍ସ ଆଦି ବିଭିନ୍ନ ଷ୍ଟଲ୍ ଖୋଲାଯିବ ବୋଲି ଜଣାପଡ଼ିଛି। ଏଥିସହ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଠାରୁ ଆରମ୍ଭ କରି ଫୁଡ୍‌ଜୋନ୍‌ରେ ବିଭିନ୍ନ ବ୍ୟଞ୍ଜନରେ ପ୍ରତ୍ୟେକ ବ୍ୟକ୍ତି ଆପାୟିତ ହୋଇପାରିବେ। ୧୧ ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିଲାବେଳେ ଏହି କାର୍ଣ୍ଣିଭାଲରେ ପ୍ରାୟ ୫ ଲକ୍ଷ ହିତାଧିକାରୀ ପରିଦର୍ଶନ କରିବାର ଆଶା କରିଛି ଆୟୋଜକ ସଂସ୍ଥା। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଆୟୋଜିତ ଏହି ୟୁନିକ ପ୍ଲାଟଫର୍ମ ଉଭୟ କ୍ରେତା ଓ ବିକ୍ରେତାଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି ଆୟୋଜକ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ସୁଜିତ ଗୁପ୍ତା ଓ ନିର୍ଦ୍ଦେଶକ ପାୟଲ ଆଚାର୍ଯ୍ୟ ଗୁପ୍ତା ସୂଚନା ଦେଇଛନ୍ତି।

## ଜାଲ କମ୍ପାନୀ ପ୍ରତିଷ୍ଠାତା ଦିଲ୍ଲୀପ କୁମାରଙ୍କୁ କେରଳ ତ୍ରିଶୂରରୁ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଶା ପୋଲିସର ଆର୍ଥିକ ଅପରାଧ ଶାଖା ଜାଲ କମ୍ପାନୀ ପ୍ରତିଷ୍ଠାତା ଦିଲ୍ଲୀପ କୁମାରଙ୍କୁ କେରଳ ତ୍ରିଶୂରରୁ ଗିରଫ କରିଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁସାରେ ନିଜ କମ୍ପାନୀ ମାଧ୍ୟମରେ ୧୮ ଡଟ୍ ଫୁଟ୍‌ବଲ୍ ଡଟ୍ କମରେ ଲାଗୁଥିବା ଟଙ୍କାଙ୍କୁ ବିନିଯୋଗ କରୁଥିଲେ । ଦିଲ୍ଲୀପ ୧୯.୪୯ କୋଟି ଟଙ୍କା ନିଜ କମ୍ପାନୀ ମାଧ୍ୟମ ରେ ଲଗାଇଥିଲେ । ତାଙ୍କୁ ୬ ଦିନ ଟ୍ରାଞ୍ଜିଟ ରିମାଣ୍ଡରେ ଓଡିଶା ଅଣାଯାଉଛି ।

## ଲେଡି ବ୍ଲାକ୍‌ମେଲର୍ ଅର୍ଚ୍ଚନା ନାଗ ଜାମିନ ମାମଲା

## ଇଡିକୁ ଜବାବ ତଲବ

କଟକ(ଭାସ୍କର ନ୍ୟୁଜ୍): ଲେଡି ବ୍ଲକ୍‌ମେଲର୍ ଅର୍ଚ୍ଚନା ନାଗ ଜାମିନ ମାମଲାରେ ହାଇକୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ଜବାବ ତଲବ କରିଛନ୍ତି । ଅର୍ଚ୍ଚନାଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ହାଇକୋର୍ଟର ବିଚାରପତି ଭି. ନରସିଂହଙ୍କ ଇଜିଲାସ ଉପରୋକ୍ତ ଆଦେଶ ଦେଇଛନ୍ତି । ଏଥିସହିତ ଆସନ୍ତା ଜୁନ୍ ୨୬ରେ ଉଭୟ ଅର୍ଚ୍ଚନା ଓ ଜଗବନ୍ଧୁ ଚାନ୍ଦଙ୍କ ଜାମିନ ଆବେଦନର ଏକତ୍ର ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତି । ସୂଚନାଥାଉକି ଅର୍ଚ୍ଚନାଙ୍କ ବିରୋଧରେ ନୟାପଲ୍ଲୀ ଥାନାରେ ସିନେମା ପ୍ରଯୋଜକ ଅକ୍ଷୟ ପରିଜା ରୁଜୁ କରିଥିବା ମାମଲାରେ ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିବାବେଳେ ଅନ୍ୟ ଏକ ମାମଲାରେ ଜାମିନ ପାଇବା ପାଇଁ ଅର୍ଚ୍ଚନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ନେତା, ମନ୍ତ୍ରୀ, ଯନ୍ତ୍ରୀ, ବିଲ୍‌ଡର, ପ୍ରଭାବଶାଳୀ ବ୍ୟକ୍ତି ବିଶେଷଙ୍କୁ ବ୍ଲାକ୍‌ମେଲ୍ କରି ବେଆଇନ ଭାବେ ଲକ୍ଷାଧିକ ଟଙ୍କା ହାତେଇବା ଅଭିଯୋଗରେ ଅର୍ଚ୍ଚନା ନାଗ ଗତ ବର୍ଷ ଅକ୍ଟୋବର ୬ ତାରିଖରେ ଗିରଫ ହୋଇ ଗିରଫ ହୋଇ ଜେଲ୍‌ରେ ଅଛନ୍ତି । ଗିରଫ ପରେ ତାଙ୍କ ଜାମିନ ଆବେଦନ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଖାରଜ ହେବା ପରେ ସେ ହାଇକୋର୍ଟରେ ଜାମିନ ଲୋଡିଛନ୍ତି ।

## ବଢୁଛି ସଂକ୍ରମଣ

## ଟେଷ୍ଟିଂ ବଢାଇବାକୁ ନିର୍ଦ୍ଦେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ବଢୁଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା। ଏହାକୁ ଦୃଷ୍ଟିରେ ରଖି ଟେଷ୍ଟିଂ ବଢାଇବା ସହ କଂଟାକ୍ଟ ଟ୍ରେସିଂ କରିବାକୁ ଜିଲ୍ଲାମାନଙ୍କୁ ନିର୍ଦ୍ଦେଶ ଦେଇଛି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ। ଏହାସହ ସଂକ୍ରମଣ ରୋକିବାକୁ ହୋମ୍ ଆଇସୋଲୋସନ୍ ରେ ଥିବା କୋଭିଡ୍ ରୋଗୀଙ୍କ ଉପରେ ନଜର ରଖିବାକୁ ଜିଲ୍ଲାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ଟୁଇଟ୍ କରି ଏହି ସୂଚନା ଦେଇଛି। ସୂଚନାଯୋଗ୍ୟ ଯେ ସୋମବାର ରାଜ୍ୟରେ ୨୬୮ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ୍ ସକ୍ରିୟ ରୋଗୀ ସଂଖ୍ୟା ୧୬୭୦କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଦିନକରେ ୧୦୩ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

କଟକ(ଭାସ୍କର ନ୍ୟୁଜ୍): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୫୪ଟି ଅଭିଯୋଗର ସମାଧାନ ଦିଗରେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। ଆଜିର ଜନଅଭିଯୋଗ ଶୁଣାଣିରେ ମୋଟ ୫୪ଗୋଟି ଅଭିଯୋଗ ଆସିଥିବାବେଳେ ସେଥିମଧ୍ୟରୁ ୫ଟି ସାମୁହିକ ଅଭିଯୋଗ ଏବଂ ୪୯ଟି ବ୍ୟକ୍ତିଗତ ଅଭିଯୋଗ ଜିଲ୍ଲା ପ୍ରଶାସନର ହସ୍ତଗତ ହୋଇଥିଲା। ଜିଲ୍ଲାପାଳ ୧୬ଗୋଟି ଅଭିଯୋଗର ଶୁଣାଣି କରି ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ



ଏହାର ତ୍ୱରିତ ସମାଧାନ କରିଥିଲେ। ସମ୍ପ୍ରତି ଜିଲ୍ଲାରେ ପ୍ରତ୍ୟେକ ସୋମବାର ଜିଲ୍ଲାପାଳ ବିଭିନ୍ନ ବ୍ଲକ ଏବଂ ଉପଖଣ୍ଡମାନଙ୍କରେ ଯୁଗ୍ମ ଜନଅଭିଯୋଗ ଶୁଣାଣି କରିବା ସହ ତାହାର ତ୍ୱରିତ ସମାଧାନ ନିମନ୍ତେ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦେବା ସହ ପଦକ୍ଷେପମାନ ଗ୍ରହଣ କରୁଛନ୍ତି। ଉକ୍ତ ଜନଅଭିଯୋଗ ଶୁଣାଣି ଶିବିରରେ କଟକ ଡିସିପି ପିନାକ ମିଶ୍ର, ପିଡିଡିଆରଡିଏ ଅମ୍ବର କୁମାର କର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ଛୋଟରାୟ, ଅତିରିକ୍ତ ଜିଲ୍ଲାପାଳ ଶିବୋ ଟପୋ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କୃଷ୍ଣପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଜନଅଭିଯୋଗ ଶୁଣାଣିରେ ସହାୟତା ପ୍ରଦାନ କରିଥିଲେ।



ଧାମନଗର, (ଭାସ୍କର ନ୍ୟୁଜ): ଧାମନଗର ବ୍ଲକ୍ ବିଜୁ ଯୁବ ଜନତା ଦଳ ଆନୁକୁଲ୍ୟରେ ଓଡ଼ିଶା ମୋ ପରିବାର ଏବଂ ଜୀବନ ବିନ୍ଦୁ ମିଳିତ ସହଯୋଗରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଧୁଷୁରୀ ପୂଜ୍ୟ ପୂଜା ସଂସଦ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ପୂର୍ବତନ ବିଧାୟକ ମୁକ୍ତି କାନ୍ତ ମଣ୍ଡଳ, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଟୁନି ବାଳା ବିଶ୍ୱାଳ, ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଉପାଧ୍ୟକ୍ଷ ଜଗବନ୍ଧୁ ବେହେରା, ପ୍ରାକ୍ତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବିଜେଡି ବ୍ଲକ୍ ସଭାପତି ଉମେଶ ମହାନ୍ତି, ବ୍ଲକ୍ ଯୁବ ସଭାପତି ଭାରତ ବିଜୟ ଦଳାଇ, ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧାମନଗର ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ନଗର ସଭାପତି ସୁଶାନ୍ତ ରାଉତ, ସାଂସଦ ପ୍ରତିନିଧି ହରେକୃଷ୍ଣ ପାଢ଼ୀ ଓ ଜଗଦିସ ପାତ୍ର, ବରିଷ୍ଠ ବିଜେଡି ନେତା ରଘୁ ନାଥ ଲେଙ୍କା, ପ୍ରତାପ ସାମଲ, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ କୁମାର ମଲିକ, ସାରଦା ପ୍ରସନ୍ନ ସାହୁ, ବିଦ୍ୟୁତ୍ ଲତା ନାୟକ, ସରପଞ୍ଚ ଅଜୟ କୁମାର ମଲିକ, ସିତାକାନ୍ତ ମିଶ୍ର, ଅଜୟ କୁମାର ଜେନା, ପୂର୍ବତନ ସରପଞ୍ଚ ସୁଶାନ୍ତ ନାୟକ, ସମେତ ଡା.ସଞ୍ଜୟ ଦାସ, କୃଷ୍ଣ ଚନ୍ଦ୍ର ପତି, ସନ୍ଦୀପ ଶେଖର ସ୍ୱାଇଁ, ବିଜୟ ମିଶ୍ର, ସମେତ ବିଭିନ୍ନ ପଞ୍ଚାୟତର ଯୁବ କର୍ମୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମୋଟ ୧୫୬ ୟୁନିଟ୍ ରକ୍ତ ସଂଗ୍ରହ କରା ଯାଇଥିଲା।

### ପୋଲିସକୁ ଦେଖି ଡିଆଁମାରି ପଳାଇଲେ ବାଇକର୍ ଗ୍ୟାଙ୍ଗ

# ୭ ବାଇକ୍ ସହ ୬୦ କେଜି ଗଞ୍ଜେଇ ଜବତ: ଜଣେ ଗିରଫ



ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାରେ ଯେତିକି ଗଞ୍ଜେଇ ଚାଲାଣ ବୃଦ୍ଧି ପାଉଛି ଏହାକୁ ଚାଲାଣ କରିବା ପାଇଁ ମାଫିଆମାନେ ସେତିକି ନୂଆଁ ନୂଆଁ ଉପାୟ ଅବଲମ୍ବନ କରୁଥିବା ଦେଖିବାକୁ ମିଳୁଛି। ବିଗତ ଦିନରେ ମାଫିଆମାନେ ନାମ୍ଫି ଦାମୀ କାର, ତେଲ ଟ୍ୟାଙ୍କର, କଣ୍ଟେନର, ଆମ୍ବୁଲାନ୍ସ, ଟ୍ରକ ଓ ଟ୍ରାକ୍ଟର ସାହାଯ୍ୟରେ ଗଞ୍ଜେଇ ଚାଲାଣ କରି ଧରାପଡିବାର ନଜିର ରହିଛି। ହେଲେ ଶନିବାର ରାତିରେ ଏକ ବାଇକର ଗ୍ୟାଙ୍ଗ ଏକ କାଳୀନ ୭ଟି ବାଇକରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ କନ୍ଧମାଳ ପୋଲିସ ହାବୁଡ଼ରେ ପଡିଥିଲେ। ଅପ୍ରତ୍ୟାଶିତ ଭାବେ ସାମ୍ନାରେ ପୋଲିସକୁ ଦେଖି ବାଇକର ଗ୍ୟାଙ୍ଗର ମାଫିଆମାନେ ଛିନ୍ନଛତ୍ର ଡିଆଁମାରି ଫେରାର ହୋଇଥିବା ବେଳେ ଜଣେ ଅଭିଯୁକ୍ତକୁ ପୋଲିସ ଧରିବାରେ ସକ୍ଷମ ହୋଇଥିବା ଘଟଣା ସମ୍ପ୍ରତି ସ୍ଥାନୀୟ ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। କନ୍ଧମାଳ ପୋଲିସ ପକ୍ଷରୁ ହୋଇଥିବା ଉକ୍ତ ଚଢ଼ାଉରେ ପୋଲିସ ୭ଟି ବାଇକ୍ ସହ ୬୦କେଜି ଗଞ୍ଜେଇ ଜବତ କରି ଜଣେ ଯୁବକକୁ ଗିରଫ କରିଛି। ସୂଚନା ଅନୁସାରେ ଶନିବାର ଭୋର୍ ୫ଘଣ୍ଟା ସମୟରେ କନ୍ଧମାଳ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମଲ୍ଲିକପଦର ଛକ ନିକଟରେ ଜଗି ବସିଥିଲା। ସୂଚନା ମୁତାବକ ଉକ୍ତ ରାସ୍ତାଦେଇ ଏକାଧିକ ବାଇକ୍ ଆସୁଥିବା ଦେଖି ପୋଲିସ ଚଢାଉ କରିଥିଲା। ମାତ୍ର ପୋଲିସକୁ ଦେଖି ବାଇକ୍ ଛାଡ଼ି ମାଫିଆମାନେ ଛତ୍ରଭଙ୍ଗ ଦେଇ ଯିଏ ଜୁଆଡେ ପାରିଲେ ଫେରାର ମାରିଥିଲେ। ପୋଲିସ ୭ଟି ବାଇକ ସହ ଜଣେ ଯୁବକକୁ ଗିରଫ କରିଥିଲା। ଉକ୍ତ ୭ଟି ବାଇକରୁ ୬୦ କେଜି ଗଞ୍ଜେଇ ଜବତ କରାଯାଇଥିବା ଜଣାଯାଇଛି। ଗିରଫ ଅଭିଯୁକ୍ତ ଜଣକ ରୁଣ୍ଡିମହୁଲ ଗ୍ରାମର ରମଣୀ ଠେଲା (୨୫) ବୋଲି ଜଣାଯାଇଛି। ଏ ସମ୍ପର୍କରେ କନ୍ଧମାଳ ଥାନାରେ ୭୮/୨୦୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ନଳିନୀକାନ୍ତ ଦାସ ସୂଚନା ଦେଇଛନ୍ତି।

## ଏନ୍‌ପିଏସ୍ ପ୍ରାଥମିକ ଶିକ୍ଷକ ସଂଘର ବୈଠକ



ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ସଦରମହକୁମା ନିକଟ ଦଶମୁଣ୍ଡିଆ ମନ୍ଦିର ସମ୍ମୁଖରେ ଡାବୁଗାଁ ବ୍ଲକ ଏନ୍‌ପିଏସ୍ ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୨୦୨୨-୨୩ ବର୍ଷର ବିବରଣୀ ପଠନ ସହ ଖର୍ଚ୍ଚ ବିବରଣୀ ଉପସ୍ଥାପନ କରଯାଇଥିଲା। ଏହାସହ ୨୦୨୩-୨୪ ବର୍ଷର ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରଯାଇଥିଲା। ୨୦୨୩ ମସିହାରେ ସଂଘ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ପୂଅରଣ ହେଉଥିବା ହେତୁ ସଂଘ ନିମନ୍ତେ ନୂତନ କାର୍ଯ୍ୟକର୍ତ୍ତା ମନୋନୟନ ହୋଇଥିଲା। ନୂତନ କାର୍ଯ୍ୟକର୍ତ୍ତା ସମୂହ ହେଲେ ସଭାପତି ଭାବେ ବିକାଶ ରଞ୍ଜନ ନିଶଙ୍କ, ଉପସଭାପତି ରାଇସିଂ ପୂଜାରୀ, ମୋହନସିଂ ଗଣ୍ଡ ଓ ଅନିତା ବେହେରା, ସମ୍ପାଦକ ସୁରେଶ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଗାଗାରିନ ହରିଜନ, ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟକାରୀ ସମିତି ସଦସ୍ୟ ଭାବେ ହିରେଣ୍ୟ ମାଝୀ, ଯୁଧିଷ୍ଠିର ମାଝୀ, ରାଜୁ ହରିଜନ, ସୁରେନ୍ଦ୍ର ମେହେର, ବଳିରାମ ଭତ୍ରା, କଳାସୁନ୍ଦର ଭତ୍ରା, ଗୀତାଞ୍ଜଳି ବସ୍ତିଆ, ଇଶ୍ୱର ଭତ୍ରା, ଗଦାଧର ମାଝୀ, ବିନୟ କଣ୍ଡଦୋରାଙ୍କୁ ମନୋନୀତ କରଯାଇଥିଲା। ଉକ୍ତ ବୈଠକରେ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ସହ ଜିନ ହକ ଦାବି ଯଥା ମୂଳ ଚାକିରୀ କାଳକୁ ନିୟମିତ କରିବା, ପୁରୁଣା ପେନସନ ପ୍ରଦାନ କରିବାରେ ସରକାରଙ୍କ ଟାଳଟୁଳ ନୀତିକୁ ବିରୋଧ ପ୍ରକାଶ କରିବା ସହ ଆଗାମୀ ଦିନରେ ସରକାରଙ୍କୁ ଉଚିତ ଜବାବ ଦିଆଯିବ ନିମନ୍ତେ ପ୍ରସ୍ତାବ ପାରିତ ହୋଇଥିଲା। ଏହି ବୈଠକରେ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବେହେରା, ସୁଜ୍ଞାନୀ ବେହେରା, ଗିରିଶବାଳା ଜେନା, ଦୁଲ୍‌ହଣୀ ଖୁଣ୍ଟିଆ, ସୌଭାଗ୍ୟ କୁମାର ବିଶ୍ୱାଳ, ହେମନ୍ତ କୁମାର ପଣ୍ଡା, ଶ୍ରୀକାନ୍ତ ପଣ୍ଡା, ମଙ୍ଗରାଜ ମାଝି, ଧନଞ୍ଜୟ ବଡଜେନାଙ୍କ ସମେତ ବ୍ଲକ୍‌ରେ କାର୍ଯ୍ୟରତ ସମସ୍ତ ଏନ୍‌ପିଏସ୍ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱରାଜ ପକ୍ଷରୁ ଚାଷୀଙ୍କୁ ନେଇ କର୍ମଶାଳା

ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍ ଅନ୍ତର୍ଗତ କୋଟପାରାଠାରେ ଆଜି ସ୍ୱରାଜ ପକ୍ଷରୁ ଚାଷୀମାନଙ୍କୁ ନେଇ ଏକ ମାଗଣା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱରାଜ ଟ୍ରାକ୍ଟର ଡିଲର୍ ମନୋଜ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ସ୍ୱରାଜ କମ୍ପାନୀ ଅଞ୍ଚଳରେ ଏହିଭଳି ଚାଷୀମାନଙ୍କୁ ସହଯୋଗ କରି ଆସୁଥିବା କହିଥିଲେ। ସମ୍ମାନୀତ ଅତିଥି ଭାବେ କମ୍ପାନୀର ଏରିଆ ମେନେଜେର୍ ହିମାଂଶୁ ଗୁପ୍ତା ଯୋଗ ଦେଇ କମ୍ପାନୀର ଏକ ନୂଆ ମଡେଲ୍‌କୁ ଉନ୍ମୋଚନ କରିଥିଲେ। ଏଥିସହିତ ଏହି ଅବସରରେ ସ୍ଥାନୀୟ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରୁ ଶତାଧିକ ଚାଷୀ ଯୋଗ ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୦ରୁ ଊର୍ଦ୍ଧ୍ୱ ଚାଷୀମାନଙ୍କ ସ୍ୱରାଜ ଟ୍ରାକ୍ଟର ଗୁଡ଼ିକର ମାଗଣା ସର୍ବିସିଂ କରାଯାଇଥିଲା। ଚାଷୀମାନଙ୍କୁ ବିଭିନ୍ନ ଉପକରଣ ବ୍ୟବହାର ସହିତ ଉନ୍ନତ ମାନର ଚାଷ ସମ୍ପର୍କରେ କମ୍ପାନୀ ପକ୍ଷରୁ ବୁଝା ଯାଇଥିଲା। ଏହି ଅବସରରେ ଆୟୋଜିତ କମ୍ପାନୀର କର୍ମଚାରୀ ନୀତିସ କୁମାର, ଅଝର୍ ଖାନ୍, ହେମଲାଲ୍ ସାହୁ, ନାରାୟଣ କଲାର, ପବନ ଶର୍ମା ପ୍ରମୁଖ ଉପସ୍ଥିତ ରହି ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ସହାୟତା ପ୍ରଦାନ କରିଥିଲେ। ଏହିଁ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିମାନଙ୍କ ମଧ୍ୟରୁ ନବୀନ ସାନ୍ତା, ସୁବଳନ୍ ସାନ୍ତାଙ୍କ ସହ କେତେକ ସାମ୍ବାଦିକ ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଥିଲେ।

### ଅବଧି ଶେଷ ହେବାର ବିତିଲା ପାଞ୍ଚ ବର୍ଷ

## ତଥାପି ଅସମ୍ପୂର୍ଣ୍ଣ ମଣନ୍ଦା ଅରଡେଇ ନଦୀ ପୋଲ



ଚମ୍ପୁଆ, (ଭାସ୍କର ନ୍ୟୁଜ୍): ପୋଲ ନିର୍ମାଣ ପାଇଁ ଦିଆଯାଇଥିବା ଅବଧି ସରିବାର ପାଞ୍ଚ ବର୍ଷ ବିତି ଯିବା ପରେ ମଧ ଅସମ୍ପୂର୍ଣ୍ଣ ହୋଇ ରହିଛି ଚମ୍ପୁଆ ବ୍ଲକ ଅନ୍ତର୍ଗତ ପର୍ଶଳା ପଞ୍ଚାୟତର ଗୋପୀନାଥପୁରଠାରେ ନିର୍ମାଣାଧୀନ ମଣନ୍ଦା ଅରଡେଇ ନଦୀ ପୋଲ। ୨୦୧୮ ମସିହାରେ ଏହି ପୋଲ ସହିତ ଏହି ପୋଲକୁ ସଂଯୋଗ କରୁଥିବା ଚଉଠିଆ ଅର୍ଶଳା ରାସ୍ତାରୁ ୫୨୦ ନମ୍ବର ଜାତୀୟ ରାଜପଥ ସଂଲଗ୍ନ ରାସ୍ତାକୁ ନିର୍ମାଣ କରିବା ପାଇଁ ଜିଲ୍ଲା ଖଣିଜ ପାଣ୍ଠିରୁ ୧୩ କୋଟି ୯୫ ଲକ୍ଷ ୪ ହଜାର ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଥିଲା। ପୂର୍ତ୍ତ ବିଭାଗର ରାସ୍ତା ଓ ଗୃହ ବିଭାଗ ତତ୍ତ୍ୱାବଧାନରେ ହେବାକୁ ଥିବା ଏହି ରାସ୍ତା ଓ ପୋଲ କାମ ତା ୨୮.୧୧.୨୦୧୮ ରୁ ଆରମ୍ଭ ହୋଇ ତା ୨୭.୧୧.୨୦୧୯ ରେ ସାରିବାକୁ ଥିବା ବେଳେ ଅବଧି ସରିବାର ୫ ବର୍ଷ ବିତିଯାଇଥିଲେ ସୁଦ୍ଧା ପୋଲ କାମ ଅଧାରୁ ଅଧିକ ଏଯାବତ ସମ୍ପୂର୍ଣ୍ଣ ହୋଇ ନ ଥିବା ଜଣାପଡିଛି। ଠିକାଦାର ନିଜ ମର୍ଜିରେ କାମ କରୁଥିବା ବେଳେ ବର୍ଷା ଦିନରେ ଗୋପିନାଥପୁର ଓ ମଣନ୍ଦା ମଧ୍ୟରେ ସଂଯୋଗ ବିଚ୍ଛିନ୍ନ ହୋଇଯାଉଥିବା ବେଳେ ଖରା ଦିନେ ଅସ୍ଥାୟୀ ପୋଲ ହିଁ ଏହି ଦୁଇ ଗ୍ରାମବାସୀଙ୍କ ସାହାରା ପାଲଟିଛି। ଜିଲ୍ଲା ଖଣିଜ ପାଣ୍ଠିର ଅନୁଦାନରେ ଖଣି ପ୍ରଭାବିତ ଅଞ୍ଚଳ ଗୁଡ଼ିକର ବିକାଶ ପାଇଁ ଏହି ପୋଲ ନିର୍ମାଣ କରାଯାଉଥିବା ବେଳେ ପୋଲ ନିର୍ମାଣ ପାଇଁ ଠିକା ନେଇଥିବା କେବିଏମ୍ କନ୍‌ଷ୍ଟ୍ରକସନ ସଂସ୍ଥା ନିଜ ମର୍ଜି ମୁତାବକ କାମ କରୁଥିବା ବେଳେ ଅଧିକାଂଶ ସମୟ ପୋଲ କାମ ବନ୍ଦ ରହୁଥିବା ଯୋଗୁଁ ଏହି ପୋଲ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ପାରୁ ନ ଥିବା ବେଳେ ବିଭାଗୀୟ ଅଧିକାରୀ ମଧ ଏହି ପୋଲ ନିର୍ମାଣ ଦିଗରେ ଧ୍ୟାନ ଦେଉ ନ ଥିବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ଦେଖା ଦେଉଛି। ତେବେ ଚମ୍ପୁଆ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ନିହାର ରଞ୍ଜନ ନାଏକଙ୍କୁ ଏ ବିଷୟରେ ଯୋଗାଯୋଗ କରିବାରୁ ଚଳିତ ବର୍ଷ ସୁଦ୍ଧା ପୋଲ କାମ ସାରିବାକୁ ଚେଷ୍ଟା କରୁଛୁ ବୋଲି ସଫେଇ ଦେଇଥିଲେ।

### ବିଭିନ୍ନ ପ୍ରତିଯୋଗିତାରେ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସଫଳତା



ବରଗଡ଼, (ଭାସ୍କର ନ୍ୟୁଜ୍): ଗତ ୧୪ ଅପ୍ରେଲ୍ ୨୦୨୩ରେ ବାବା ସାହେବ ଆମ୍ବେଦକର ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ବରାହଗୁଡ଼ା, ବରଗଡ଼ସ୍ଥିତ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସଫଳତା ଅନେକ କ୍ଷେତ୍ରରେ ଦେଖିବାକୁ ମିଳିଛି। ପ୍ରକାଶ ଥାଉକି, ଏହି ଅବସରରେ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ଅଶ୍ଳେଷା ମିଶ୍ର ବକ୍ତୃତା ପ୍ରତିଯୋଗିତାରେ ତୃତୀୟ, ଅଷ୍ଟମ ଶ୍ରେଣୀର ଛାତ୍ରୀ ସୁଚିସ୍ମିତା ଗୁରୁ ନିବନ୍ଧ ଲିଖନ ପ୍ରତିଯୋଗିତାରେ ପ୍ରଥମ, ନବମ ଶ୍ରେଣୀର ଛାତ୍ରୀ ଅନୁଷ୍କା ଶୃତି ସାଙ୍ଗା ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ଏବଂ ଦଶମ ଶ୍ରେଣୀର ଛାତ୍ର ଆଶୀର୍ବାଦ ପଣ୍ଡା ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଶିଶିର ପ୍ରସାଦ ରାଉଳ କୃତି ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର




ନନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍‌ସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଆଜି ଅନୁଷ୍ଠିତ ହୋଇଯାଇଛି। ଆଜି ନନ୍ଦାହାଣ୍ଡି ବ୍ଲକ ଡଙ୍ଗର ଭେଜା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନବରଙ୍ଗପୁର ଜିଲ୍ଲାପାଳ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେଇଥିଲା। ଏଥିରେ ନନ୍ଦାହାଣ୍ଡି ପଞ୍ଚାୟତ ସମିତିର ବିଭିନ୍ନ ଅଞ୍ଚଳରୁ ଜିଲ୍ଲାପାଳଙ୍କୁ ନିଜର ତଥା ନିଜ ଅଞ୍ଚଳର ସମସ୍ୟା ତଥା ଆପତ୍ତି ଅଭିଯୋଗ ଜଣାଇବା ପାଇଁ ଆସିଥିବା ୪୧ ଜଣଙ୍କର ନାମ ପଞ୍ଜିକରଣ କରାଯାଇଥିଲା। ସେଥିମଧ୍ୟରୁ ୩୨ ଜଣଙ୍କର ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୯ ଗୋଟି ଗୋଷ୍ଠୀଗତ ଥିଲା। ଆଉ ୪ ଗୋଟି ସମସ୍ୟାକୁ ତୁରନ୍ତ ସମାଧାନ କରିଥିଲେ ଜିଲ୍ଲାପାଳ। ଅଭିଯୋଗରେ ମୁଖ୍ୟତଃ ପାନୀୟଜଳ, ସ୍ୱାସ୍ଥ୍ୟ ସେବା, ରାସ୍ତା ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ, ବାର୍ଦ୍ଧକ୍ୟ ଭତ୍ତା, ଶିକ୍ଷା, ଜମିଜମା ସମ୍ବନ୍ଧୀୟ ଅଭିଯୋଗ ଥିଲା। ଜିଲ୍ଲାପାଳ ଅଭିଯୋଗ ଜଣାଇବା ପାଇଁ ଆସିଥିବା ଲୋକଙ୍କୁ ଭେଟି ତାଙ୍କର ଆପତ୍ତି ଅଭିଯୋଗ ଶୁଣିବା ସହିତ ଏଥି ସମ୍ବନ୍ଧିତ ପତ୍ର ଗ୍ରହଣ କରି ଏହାର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଜନ ଶୁଣାଣି ଶିବିରରେ ନବରଙ୍ଗପୁର ଆରକ୍ଷୀ ବିଭାଗ ପକ୍ଷରୁ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ନନ୍ଦାହାଣ୍ଡି ବ୍ଲକ୍ ଅଧ୍ୟକ୍ଷା ରଶ୍ମିତା ମାଝୀ, ଉପାଧ୍ୟକ୍ଷ ସଦନ ଗୌଡ଼, ନନ୍ଦାହାଣ୍ଡି ବ୍ଲକ୍ ଜିଲ୍ଲା ପରିଷଦ ସଭ୍ୟ ଦିବ୍ୟଦାନ ସୁନା ଓ ଅରୁଣ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ, ତହସିଲଦାର ବନମାଳୀ ମେହେର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ. କାଳୀକୃଷ୍ଣ ବେହେରା, ଜିଲ୍ଲା ଏବଂ ଜିଲ୍ଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ପଞ୍ଚାୟତ ସମିତିର ସମସ୍ତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଜଣେ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର, ୩ ଜଣଙ୍କୁ ବସ୍ ପାସ୍, ୪ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ଜଣକୁ ସ୍କୋଲାରସିପ ଏବଂ ଜଣକୁ ଟ.୧୫୦୦୦ ଟଙ୍କା ଡିଆରଆଇ ଋଣ ୟୁକୋ ବ୍ୟାଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

## ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ

ହିଞ୍ଜିଳିକାଟୁ, (ଭାସ୍କର ନ୍ୟୁଜ୍): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନବ ଉତ୍କଳର ବିନ୍ଧାଣୀମାନଙ୍କ ମଧ୍ୟରୁ ଅନ୍ୟତମ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୬ତମ ଶ୍ରାଦ୍ଧ ଦିବସ ହିଞ୍ଜିଳିକାଟୁଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଜୁ ପ୍ରେମୀ ଓ ବିଜୁ ଜନତା ଦଳର କର୍ମକର୍ତ୍ତାମାନେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ




ଏକ ଭବ୍ୟ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। କାର୍ଯ୍ୟକର୍ତ୍ତାମାନେ ସହରର ବିଭିନ୍ନ ସ୍ଥାନରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବା ସହ ସ୍ଥାନେ ସ୍ଥାନେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ହିଞ୍ଜିଳିକାଟୁ ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ପୋଲାଇ, ବ୍ଲକ ବିଜେଡ଼ି ସଭାପତି ସୁରେନ୍ଦ୍ର ନାଥ ପ୍ରଧାନ, ନଗର ବିଜେଡ଼ି ସଭାପତି ଭୀମସେନ ବେହେରା, ବରିଷ୍ଠ ନେତା ଡି. ବିଶ୍ୱନାଥ, ରାଜ୍ୟ ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ର, ଗ୍ରିଟ ଅଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ, ବ୍ଲକ ଯୁବ ବିଜେଡ଼ି ସଭାପତି ମନୋଜ କୁମାର ସାବତ, ନଗର ଯୁବ ବିଜେଡ଼ି ସଭାପତି ସଞ୍ଜୟ କୁମାର ପଣ୍ଡା, ବିଜୁ ଛାତ୍ର ଜନତା ଦଳର ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକ, ବରିଷ୍ଠ ନେତା ଅଜୟ ମହାରଣା, ପ୍ରଦୀପ କୁମାର ପଣ୍ଡା ପ୍ରମୁଖଙ୍କ ସମେତ ବିଜେଡ଼ିର ବହୁ ନିର୍ବାଚିତ ପୌର ଏବଂ ପଞ୍ଚାୟତ ପ୍ରତିନିଧି, ଜିଲ୍ଲା ପରିଷଦ ସଭ୍ୟ, ଶତାଧିକ କର୍ମୀ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ଏମ୍‌ଡିଏମ୍ ଅର୍ଥ ହେରଫେର

## ନିଲମ୍ବିତ ହେଲେ ପ୍ରଧାନ ଶିକ୍ଷୟିତ୍ରୀ




ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ସ୍କୁଲ ଓ ଗଣଶିକ୍ଷା ବିଭାଗର ପିଛା ଛାଡୁନି ବିବାଦ। କେଉଁଠି ନକଲି ଶିକ୍ଷକ ଚିହ୍ନଟ ହୋଇଥିବା ବେଳେ ପୁଣି କେଉଁଠି ନିମ୍ନମାନର ଗୃହକାର୍ଯ୍ୟ, କେଉଁଠି ଛୁଆଁ ଅଛୁଆଁ ବାଛ ବିଚାର ତ ପୁଣି କେତେବେଳେ ଏମ୍‌ଡିଏମ ଅର୍ଥ ହେରଫେର ଭଳି ସାମ୍ନାକୁ ଆସୁଛି ଗୋଟିଏ ପରେ ଗୋଟିଏ ବିବାଦ। ଏଭଳି ଏକ ଅଭାବନୀୟ ନଜିର ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲା ବୌଦ୍ଧ ବ୍ଲକ୍ ଲକ୍ଷ୍ମୀ ପ୍ରସାଦ ସରକାରୀ ପ୍ରାଥମିକ ବିଦ୍ୟାଳୟରେ। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କ ପାଇଁ ଆସିଥିବା ମଧ୍ୟାହ୍ନ ଭୋଜନ ଅନୁଦାନ ଅର୍ଥକୁ ଆତ୍ମସାତ କରିଥିବା ଅଭିଯୋଗରେ ନିଲମ୍ବିତ ହେବାକୁ ପଡିଛି। ପ୍ରାପ୍ତ ସୂଚନା ମୁତାବକ ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଗତ କୋଭିଡ କରୋନା ସମୟରେ ପିଲାଙ୍କ ପାଇଁ ଆସିଥିବା ମଧ୍ୟାହ୍ନ ଭୋଜନ ବାବଦକୁ ପ୍ରାୟ ପାଖାପାଖି ୩ଲକ୍ଷ ଟଙ୍କା ଉଠାଇଥିଲେ ମାତ୍ର ତାହା ଉକ୍ତ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିନଥିଲେ। ଏ ସମ୍ପର୍କରେ ଜିଲ୍ଲାର ଜଣାଶୁଣା ସାମାଜିକ କର୍ମୀ କେଦାରନାଥ ସାହୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ତଦନ୍ତ ଦାବି କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଏକ ତିନି ଜଣିଆ କମିଟି ଉକ୍ତ ସ୍କୁଲରେ ପହଞ୍ଚି ଅଭିଯୋଗର ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟ ପାଇବା ପରେ ଜିଲ୍ଲା ଶିକ୍ଷା ଅଧିକାରୀ ଉଦୟନାଥ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାଇତ୍ୱରେ ଥିବା ଜିଲ୍ଲା ସହକାରୀ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଉକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କରିଥିବା ଜଣାପଡ଼ିଛି।

## ଅର୍ଚ୍ଚନା ମାଝୀଙ୍କୁ ସମ୍ବର୍ଦ୍ଧନା



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଆଜି ଲକ୍ଷ୍ମୀପୁର ମହାବିଦ୍ୟାଳୟ ପରିସରରେ ଭାରତୀୟ ଖୋଖୋ ଦଳରେ ପ୍ରତିନିଧିତ୍ୱ କରି ଚତୁର୍ଥ ଏସିଆନ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଟିମାଝୋଲା ଗ୍ରାମର ଅର୍ଚ୍ଚନା ମାଝୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଯୁକ୍ତ ଦୁଇ ଅଧ୍ୟକ୍ଷ ବୀରେନ କୁମାର ଶତପଥୀ ଅର୍ଚ୍ଚନା କିପରି ଗୋଟିଏ ଛୋଟ ଗ୍ରାମରୁ ଯାଇ ନିଜ ଇଚ୍ଛା ଶକ୍ତି ବଳରେ ଭାରତୀୟ ଖୋଖୋ ଦଳରେ ମନୋନୀତ ହୋଇ ଭାରତ ପାଇଁ ଗର୍ବ ଆଣିଛନ୍ତି ସେ କଥା କହିବା ସହ ମହାବିଦ୍ୟାଳୟରେବି ଖୋଖୋ ଖେଳ ଆରମ୍ଭ କରିବା ବିଷୟ କହିଥିଲେ। ସେହିପରି ପୂର୍ବତନ ସାଂସଦ ଝିନ ହିକ୍କା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟ ସରକାର କିପରି ଖେଳାଳିମାନଙ୍କୁ ପ୍ରୋତ୍ସାହନ ଦେଉଛନ୍ତି ସେ ବିଷୟରେ ସୂଚେଇ ଥିଲେ। ଯୁକ୍ତ ତିନି ଅଧ୍ୟକ୍ଷ ବିଜୁ ମୁଦୁଲି ମଧ ଏଥିରେ ଉପସ୍ଥିତ ରହି ତାଙ୍କ ଭାଷଣରେ ଅର୍ଚ୍ଚନାଙ୍କୁ ପ୍ରଶଂସା କରିବା ସହ ଛାତ୍ରଛାତ୍ରୀମାନଙ୍କୁ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଶେଷରେ ଖୋଦ ଅର୍ଚ୍ଚନା ମାଝୀ ପିଲା ବେଳରୁ ଖୋଖୋ ଖେଳ ପ୍ରତି କିପରି ରୁଚି ରଖି ଏହି ସଂଘର୍ଷମୟ ଜୀବନରେ ଆଜି ସଫଳତା ହାସଲ କରି ପାରିଛନ୍ତି ସେ ସମ୍ବନ୍ଧରେ ବର୍ଣ୍ଣନା କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପକ ଯଶୋବନ୍ତ ଗରଡା, ଶୀତଳ ପ୍ରସାଦ ଦାସ, ଟଙ୍କଧର ନାୟକ, କାହ୍ନୁ ଚରଣ ବିଶୋୟୀ, ଦୁର୍ଯ୍ୟୋଧନ ସାହୁ, ଲକ୍ଷ୍ମୀକାନ୍ତ ଟାକ୍ରୀ ଏବଂ ଅଧ୍ୟାପିକା ଜୟଶ୍ରୀ ପଟ୍ଟନାୟକ, ମଧୁସ୍ମିତା ବିଶ୍ୱାଳ, ସନ୍ତୋଷିନୀ ଦାସ ଓ ମହିମା ରାଣୀ ରାଜୁ ତଥା ଅନ୍ୟାନ୍ୟ କର୍ମଚାରୀମାନେ ଏବଂ ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଯୁକ୍ତ ତିନି ଅଧ୍ୟାପିକା ତଥା ମୋ କଲେଜ ଅଭିଯାନ ଅଧିକାରୀ ତିଳୋତ୍ତମା ପଟ୍ଟନାୟକ ପରିଚାଳନା କରିଥିଲେ।

### ଚିକିଟି ତହସିଲରେ ପଟ୍ଟା ବଣ୍ଟନ

## ରେକର୍ଡ ସଂଖ୍ୟକ ପଟ୍ଟା ବାଣ୍ଟି ଉଦାହରଣ ସାଜିଲେ ତହସିଲଦାର



ଚିକିଟି, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଚିକିଟି ତହସିଲରେ ଆଜି ଅର୍ଥାତ ସୋମବାର ଦିନ ୧୪୧ଗୋଟି ରାଜସ୍ୱ ଗ୍ରାମର ଜନସାଧାରଣଙ୍କୁ ଗ୍ରାମକଣ୍ଟକ ଓ ବେ ବନ୍ଦୋବସ୍ତ ପଟ୍ଟା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର କେବିନେଟ ମନ୍ତ୍ରୀ ତଥା ନଗର ଉନ୍ନୟନ ମନ୍ତ୍ରୀ ଉଷାଦେବୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ଚିକିଟି ବ୍ଲକ ଅଧ୍ୟକ୍ଷ ଆପନା ସେଠୀ, ଚିକିଟି ବିଡିଓ ହଳଧର ଶବର, ଚିକିଟି ପୌରପରିଷଦର ନଗରପାଳ ଦୀପାକୁମାରୀ ସାହୁ, ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧିକାରୀ ଗୀତାଞ୍ଜଳି ପାଣିଗ୍ରହୀ, ସୁରକ୍ଷା ବାହିନୀର ଉପଆରକ୍ଷି ଅଧିକାରୀ କୃଷ୍ଣ ଚନ୍ଦ୍ର ଭାତ୍ରା, ଚିକିଟି ବ୍ଲକ ଉପଶିକ୍ଷାଧିକାରୀ, ମଞ୍ଚାସୀନ ହୋଇଥିଲେ। ସୂଚନା ପ୍ରକାରେ ଏହି ତହସିଲ ଲଗାତାର ଦୁଇ ବର୍ଷ ହେଲା ନିଜର ଅକ୍ଲାନ୍ତ ପରିଶ୍ରମ ଦ୍ୱାରା ମୋଟ ୨୦୨୧ ମସିହାର ୩୪୫୧ ଗ୍ରାମ କଣ୍ଟକ କେସ୍ ମଧ୍ୟରୁ ୨୬୬୯ ଡିଶପୋଜ କରିବା ସହ ୮୧୨ପେଣ୍ଡିଂ କେସ ମଧ୍ୟରୁ ୭୧୩ ଟି ପଟ୍ଟା ବଣ୍ଟନ କରିଥିବା ସ୍ଥାନୀୟ ତହସିଲଦାର ବିଶ୍ୱରଞ୍ଜନ କଁଅର ପ୍ରକାଶ କରିଥିଲେ। ଦୀର୍ଘ ଦୁଇ ବର୍ଷ ହେଲା ତହସିଲଦାର ମୋହଦୟ ଚିକିଟିରେ କାର୍ଯ୍ୟଭାର ସମ୍ଭାଳିବା ପରେ ପରେ ଏଠକାର ସମସ୍ତ ରାଜସ୍ୱ ଗ୍ରାମର ଜନସାଧାରଣ ନିଜର ଖାଲିହାତରେ ଚିକିଟି ତହସିଲରୁ ଫେରିବାରେ ଦେଖିବାକୁ ମିଳୁ ନଥିବା ପ୍ରକାଶ ପାଉଛି। ଏଥି ପୂର୍ବରୁ ଏଠାର ନୀତି ବ୍ୟବସ୍ଥା ଏପରି ଦୀନହୀନ ରୂପେ ଗତିକରିଥିଲା ଯେ ତାକୁ ହୃଦ୍‌ବୋଧ କରି ସୁଧାରୀ ନିଜେ ତହସିଲଦାର ଘରଘର ବୁଲି ଲୋକଙ୍କୁ ସଚେତନ କରାଇ ଲୋକଙ୍କ ହକ ଲୋକଙ୍କ ଦୁଆର ନିକଟରେ ପହଞ୍ଚାଇ ସମସ୍ତଙ୍କ ପ୍ରିୟଭାଜନ ହେଇଛନ୍ତି। ସେଇଭଳି ଚିକିଟି ଇଲାକାରେ ଥିବା ସମସ୍ତ ବିଦ୍ୟାଳୟଗୁଡିକୁ ମଧ ସେମାନଙ୍କ ପଟ୍ଟା ପ୍ରଦାନ କରି ସମସ୍ତ ବିଦ୍ୟାଳୟ ଗୁଡ଼ିକକୁ କୃତାର୍ଥ କରିଥିବା ମଧ ଶିକ୍ଷା ବିଭାଗ ତରଫରୁ ତଥା ବ୍ଲକ ଶିକ୍ଷାଧିକାରୀଙ୍କ ପ୍ରଶଂସାର ପାତ୍ର ହୋଇଛନ୍ତି। ଏହି କାର୍ଯ୍ୟକର୍ମକୁ ଆଗେଇବା ସକାଶେ ଏଠକାର ଅତିରିକ୍ତ ତହସିଲଦାର ପୁରୁଷୋତମ ବେଣୀ, ରେଭିନ୍ୟୁ ସୁପର ଭାଇଜର ବିଶ୍ୱନାଥ ବେହେରା, ବିଭାଗୀୟ ମୁଖ୍ୟ କିରାଣୀ ପ୍ରଦୀପ କୁମାର ନାୟକ ପ୍ରମୁଖ ଆପ୍ରାଣ ଚେଷ୍ଟା କରିବା ସହ ଏଠକାର ଅତିରିକ୍ତ ତହସିଲଦାର ଧନ୍ୟବାଦ ଅର୍ପଣ କରିଥିଲେ।



ବ୍ରଜରାଜନଗର,(ଭାସ୍କର ନ୍ୟୁଜ): ବ୍ରଜରାଜନଗର ବିଜୁପଟ୍ଟନାୟକ ଛକ ଠାରେ ବିଜୁପଟ୍ଟନାୟକଙ୍କ ୨୬ ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଏହି ଶ୍ରାଦ୍ଧ ବାର୍ଷିକୀ କାର୍ଯ୍ୟକ୍ରମରେ ବ୍ରଜରାଜନଗର ବିଧାୟିକା ଅଲକା ମହାନ୍ତି ଯୋଗଦେଇଥିବା ବେଳେ ବ୍ରଜରାଜନଗର ନଗରପାଳ ସୁଶ୍ରୀ ଯାଜ୍ଞସେନୀ ଓରାମ ଯୋଗଦେଇ ବିଜୁପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗର ପୂର୍ବତନ ନଗରପାଳ ନନ୍ଦକିଶୋର ଅଗରୱାଲ, ବିଜେଡି ଟାଉନ ସଭାପତି ରାଧାକାନ୍ତ ପ୍ରଧାନ,ବିଜେଡି ଯୁବ ସଭାପତି ମନୋଜ ହରିଜନ, ଶ୍ରମିକ ସଂଗଠନର ବରିଷ୍ଠ ନେତା ପ୍ରସନ୍ନ ଚୌଧୁରୀ, ବିଜୟ ପାଣି, ଶେଷଦେବ ସାହୁ, ପ୍ରବିଣ ମିଶ୍ର, ରବି ରୋହିଦାସ, ଭଞ୍ଜ ରାଉତ, ମହେଶ ମୁଲି, ସୁଦାମ ନାହାକ, ନାରୀନେତ୍ରୀ ନଳିନୀ ପ୍ରଧାନ, ଜୋସ୍ନା ସାହୁ, କୁମୁଦିନୀ ଗରୁଡ଼, ମନୋରମା ସାହୁ, ରାଜପୁର ପୂର୍ବତନ ସମିତିସଭ୍ୟ ଗଣେଶ ରାମ ବାଗ, ପରାଧୀନ ତନ୍ତୀ, କୁଳମଣି ଦାସ, କୋଇଲା ଖଣି ଏଚ୍ଏମ୍ଏସ୍ ସଂଗଠନର ସଦସ୍ୟମାନଙ୍କ ସହିତ ବହୁ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ପ୍ରବାଦପୁରୁଷ ବିଜୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଜୁପଟ୍ଟନାୟକ ଯେପରି ଲୋକଙ୍କ ପାଖକୁ ଯାଇ ଲୋକଙ୍କ ଦୁଃଖ ବୁଝୁଥିଲେ ଆମେ ମଧ ତାଙ୍କ ଚଲାପଥକୁ ଅନୁସରଣ କରିବା ଉଚିତ। ବ୍ରଜରାଜନଗର ଉନ୍ନତି ଲାଗି ବିଜେଡି ଦଳ ଏକ ହୋଇ କାମକରିବା ପାଇଁ ବିଧାୟିକା ତାଙ୍କ ବକ୍ତବ୍ୟରେ କହିଥିଲେ। ଶେଷରେ ଟାଉନ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

# 'ଛଉ ନୃତ୍ୟକୁ ଉଦ୍‌ଜୀବିତ ରଖାଯାଉ'





ସମାଜସେବୀ ଶରତ ଚନ୍ଦ୍ର ମଣ୍ଡଳ

ରାଇରଙ୍ଗପୁର,(ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ବିଶ୍ୱନାଥ ଛଉ ନାଚ ପ୍ରତିଷ୍ଠାନ ତାଳଗାଁ ତରଫରୁ ଦୁଇଦିନ ଧରି ଚଇତି ପର୍ବ ଉପଲକ୍ଷେ ଛଉ ନୃତ୍ୟ ଅନୁଷ୍ଠିତ ହୋଇଯାଇଛି। ଛଉ ନୃତ୍ୟରେ ପ୍ରଥମ ଦିବସରେ ପାଞ୍ଚପୀଢ଼ର ଅନ୍ତ ସାହି ଛଉ ପ୍ରତିଷ୍ଠାନ ଧ୍ୱଜାତାଳ ନୃତ୍ୟ ଏବଂ ବିଶ୍ୱନାଥ ଛଉ ନାଚ ପ୍ରତିଷ୍ଠାନ ତରଫରୁ ମାୟା ସବୁରୀ ନୃତ୍ୟ କଳାକାର ମାନେ ପ୍ରଦର୍ଶନ କରିଥିଲେ। ଦ୍ୱିତୀୟ ଦିବସରେ ରେଙ୍ଗାଳବେଡ଼ା ତିରିଂ ଛଉ ନାଚ ଦଳ ମେଘ ମୟୂରୀ ନୃତ୍ୟ ଏବଂ ତାଳଗାଁ ଛଉ କଳାକାର ଅପୂରବ ମିଳନ ନୃତ୍ୟ ମାଧମରେ ଦର୍ଶକମାନଙ୍କୁ ବିମୋହିତ କରିଦେଇଥିଲେ। ସାନ୍ଧ୍ୟ କାର୍ଯ୍ୟକ୍ରମରେ ତାଳଗାଁ ଗାଁର କୁନା କୁନିମାନେ ଭଜନ ଗୀତରେ ତାଳେ ତାଳେ ଲୁକ୍କାୟିତ ପ୍ରତିଭାକୁ ଦେଖାଇଥିଲେ । ଏହି ଅବସରରେ ପୂର୍ବତନ ମେମ୍ବର ତଥା ସମାଜସେବୀ ଶରତ ଚନ୍ଦ୍ର ମଣ୍ଡଳ କୋହଭରାରେ ଦର୍ଶକମାନଙ୍କୁ କହିଥିଲେ ଯେ, ବିଶ୍ୱନାଥ ଛଉ ନାଚ ପ୍ରତିଷ୍ଠାନ ମୟୂରଭଞ୍ଜ ଜିଲ୍ଲାରେ ସ୍ୱତନ୍ତ୍ର ସ୍ଥାନ ପୂର୍ବରୁ ଅଧିକାର କରିଥିଲା। କିନ୍ତୁ ବର୍ତ୍ତମାନ ଗାଁର ଲୋକମାନଙ୍କର ଆନ୍ତରିକତା ଅଭାବରୁ ବିଶ୍ୱ ପ୍ରସିଦ୍ଧ ଛଉ ନାଚ ଗ୍ରାମାଞ୍ଚଳ ଗୁଡ଼ିକରେ ଲୋପ ପାଇବାକୁ ବସିଲାଣି। ଛଉ ନାଚ ହେବା କଥା ଶୁଣିଲେ ଦୁଇ ଦଶନ୍ଧି ପୂର୍ବରୁ ଦର୍ଶକମାନେ ବସିବା ପାଇଁ ସ୍ଥାନ ପାଉନଥିଲେ କିନ୍ତୁ ବର୍ତ୍ତମାନ ଦର୍ଶକମାନଙ୍କୁ ଛଉ ନାଚର କଳାକାରମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ପ୍ରତୀକ୍ଷା କରିବାକୁ ପଡୁଛି। ଛଉ ନାଚକୁ ଗାଁ ଗାଁରେ ତଥା ଜିଲ୍ଲାରେ ଜୀବିତ ରଖିବାକୁ ଆହ୍ୱାନ ଦେଇଥିଲେ । ସମାଜସେବୀ ପ୍ରଶ୍ନ କୁମାର ଶତପଥୀ ବାର୍ତ୍ତା ଦେଇ ଜଣାଇଛନ୍ତି ଯେ, ଗ୍ରାମାଞ୍ଚଳର ଛଉନାଚର କଳାକାରମାନଙ୍କ ପ୍ରତି ସରକାରଙ୍କ ଉଦାସୀନତା ମନୋଭାବ ଯୋଗୁଁ ଛଉ ନାଚ ଲୋପ ପାଇବାକୁ ବସିଲାଣି। ଏଣୁ ବ୍ଲକସ୍ତରରୁ ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ଛଉ ନାଚ ପାଇଁ ଆନ୍ତରିକତା ରହିବା ନିତାନ୍ତ ଜରୁରୀ ଏବଂ ଜନସାଧାରଣମାନେ ଛଉ କଳାକାରଙ୍କୁ ଉତ୍ସାହ ତଥା ପ୍ରୋତ୍ସାହନ ଯୋଗାଇବା ଉଚିତ୍। ତାଳଗାଁ ବିଶ୍ୱନାଥ ଛଉ ନାଚ ପ୍ରତିଷ୍ଠାନର ପ୍ରଦୀପ ମୁହାକୁଡ଼, ଲକ୍ଷ୍ମଣ ମହାକୁଡ଼, ସୁରେନ୍ଦ୍ର ମୁହାକୁଡ଼, ଅନୂପ ମୁହାକୁଡ, ରଘୁ ବାର୍ଦା, ପୂର୍ଣ୍ଣ ବିରୁଆ, ରଘୁବୀର ବିରୁଆ, ଜନକ ହେମ୍‌ବ୍ରମ, ଜିତେନ୍ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

# ୨୨୧ କେଜି ଗଞ୍ଜେଇ ଜବତ, ୩ ଗିରଫ



କୋରାପୁଟ,(ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ପଟାଙ୍ଗି ପୋଲିସ ତରଭୁଜ ବୋଝେଇ ଗାଡିରେ ଗଞ୍ଜେଇ ଚୋରାଚାଲାଣ ବେଳେ ତିନି ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ହରିୟାଣା ରାଜ୍ୟର ମହମ୍ମଦ କାସିମ, ସାହିଦ୍ ଖାନ ଓ ମହମ୍ମଦ ୟୁସୁ। ସୂଚନା ଅନୁଯାଇ, କୋରାପୁଟ ଜିଲ୍ଲାରୁ ଆନ୍ଧ୍ରକୁ ଗେଞ୍ଜାଇ ଚାଲାଣ ହେବାର ଯୋଜନା ଥିବା ନେଇ କୌଣସି ସୂତ୍ରରୁ ପଟାଙ୍ଗି ଥାନା ଅଧିକାରୀ କୈବଲ୍ୟ ସେଠ୍ ସୂଚନା ପାଇଥିଲେ। ପରେ ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ରାଜେଶ ପ୍ରିୟଦର୍ଶୀ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗଞ୍ଜେଇ ଜବତ କରିବା ପାଇଁ ୨୬ନଂ ଜାତୀୟ ରାଜପଥର ପଡାଲଗୁଡା ଗ୍ରାମ ପାର୍ଶ୍ୱର୍ରେ ଥିବା ଭଗବାନ ଢାବା ନିକଟେର ଯାନବାହାନ ଯାଞ୍ଚ ଆରମ୍ଭ କରିଥିଲେ । କିଛି ସମୟ ପରେ ସେମିଳିଗୁଡା ପଟୁ ଆସୁଥିବା ଏକ ଟ୍ରକୁ ପୋଲିସ ଅଟକାଇଥିଲା। ଟ୍ରକରେ ୩ଜଣ ବସିଥିବାବେଳେ ଗାଡିରେ ତରଭୁଜ ଥିବା ପୋଲିସକୁ କହିଥିଲେ। କିନ୍ତୁ ଏମାନଙ୍କ ହାବଭାବରେ ସନ୍ଦେହ କରି ପୋଲିସ ଟ୍ରକକୁ ଥାନାକୁ ନେଇଥିଲା । ଥାନା ପରିସରରେ ଟ୍ରକକୁ ଯାଞ୍ଚ କରିବା ପରେ ତରଭୁଜ ତଳେ ୧୧ଟି ବସ୍ତାରେ ଗଞ୍ଜେଇ ଥିବା ଜଣାପଡିଥିଲା। ପରେ ପୋଲିସ ଟ୍ରକ ଓ ଗଞ୍ଜେଇ ଜବତ କରିବା ସହିତ ଗାଡିରେ ଥିବା ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ମାଜିଷ୍ଟ୍ରେଟ୍ ତଥା ପଟାଙ୍ଗି ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯିବା ପରେ ଏହା ୨୨୧ କିଲୋ ୫୩୦ ଗ୍ରାମ ଏବଂ ଏହାର ଆନୁମାନିକ ମୂଲ୍ୟ ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡିଥିଲା । ପରେ ଏନେଇ ଏକ ମାମଲା ରୁଜୁ କରାଯାଇ ଗଞ୍ଜେଇ ଚାଲାଣକାରୀ ତିନି ଅଭିଯୁକ୍ତକୁ ଗରିଫ କରିଥିଲା । ଏଥିସହ ଏମାନଙ୍କ ଠାରୁ ନଗଦ ୪୫୦୦ ଟଙ୍କା ଓ ଗୋଟିଏ ମୋବାଇଲ ଜବତ କରାଯାଇଥିବା ସୁନାବେଡା ଏସ୍‌ଡିପିଓ ମନୋଜ କୁମାର ବେହେରା ସୂଚନା ଦେଇଛନ୍ତି । ତିନି ଅଭିଯୁକ୍ତଙ୍କୁ ପଟାଙ୍ଗି ପୋଲିସ କୋରାପୁଟ କୋର୍ଟ ଚାଲାଣ କରି ଆଣିଥିବା ଜଣାପଡିଛି ।

# ମାତିଛନ୍ତି ମୋବାଇଲି ଲୁଟେରା, ପୋଲିସ୍ ସହାୟତା ଦାବି

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): ସାବଧାନ୍ କେହିବି ଜଦି ଲକ୍ଷ୍ମୀପୁର ସାପ୍ତାହିକ ହାଟକୁ ଜାଉଛନ୍ତି ତେବେ ନିଜ ମୋବାଇଲ୍ ପ୍ରତି ଧ୍ୟାନ ରଖନ୍ତୁ। କାରଣ ହାଟରେ କୋଉ ବାଟରେ ମୋବାଇଲ ଚୋରି ହେବ କେହିବି ଜାଣି ପାରିବେନି। କାରଣ ଲକ୍ଷ୍ମୀପୁର ସାପ୍ତାହିକ ହାଟରେ ମୋବାଇଲ ଚୋରି ବୃଦ୍ଧି ପାଇବାରେ ଲାଗିଛି। ଲକ୍ଷ୍ମୀପୁର ସାପ୍ତାହିକ ହାଟ ଏବେ ଲୋକଙ୍କ ପାଇଁ ମୁଣ୍ଡ ବଥା ପାଲଟିଛି। କାହିଁ କୋଉ ଅନାଦି କାଳରୁ ଏହି ସାପ୍ତାହିକ ହାଟ ମାସର ପ୍ରତ୍ୟେକ ସନିବାର ଦିନ ବସିଆସୁଛି। ଏହି ହାଟ ଉପରେ ଲକ୍ଷ୍ମୀପୁର ବ୍ଲକ ସମେତ ଦସମନ୍ତପୁର, ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକର ୭୦ରୁର୍ଦ୍ଧ୍ୱ ଗ୍ରାମର ଲୋକେ ନିର୍ଭର କରନ୍ତି। କିନ୍ତୁ ଏବେ ଏହି ହାଟ ସର୍ବସାଧାରଣଙ୍କ ପାଇଁ ନିରାପଦ ନୁହଁ। କାରଣ ସାପ୍ତାହିକ ହାଟରେ ଏବେ ମୋବାଇଲ ଚୋରି ବୃଦ୍ଧି ପାଇବାରେ ଲାଗିଛି। ପ୍ରତ୍ୟେକ ଶନିବାର ଲକ୍ଷ୍ମୀପୁର ହାଟରେ କାହାରନା କାହାର ମୋବାଇଲ୍ ଚୋରି ହେଉଛି। କିଏତ ପୋଲିସକୁ ଜଣାଉଛି ଆଉ କିଏ ପୋଲିସ ଉପରେ ଭରସା ନକରି ଚୁପଚାପ ରହି ଜାଉଛି। ଗତ ଶନିବାର ଦିନ ହାଟରେ ଦୁଇଜଣଙ୍କ ମୋବାଇଲ୍ ଚୋରି ହୋଇଥିବା ବେଳେ ଜଣେ ହିଁ ଲକ୍ଷ୍ମୀପୁର ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। କିଛି ପକେଟମାର୍ ଚୋର ଦଳ ହାଟରେ ଗହଳି ସମୟରେ ଘୁରି ବୁଲୁଛନ୍ତି। ଦାମିକିଆ ମୋବାଇଲ ଯାହା ପାଖରେ ରହୁଛି ତାକୁ ନଜର ରଖି କୋଉ ଛଟକରେ ପକେଟରୁ କାଢି ନେଉଛନ୍ତି ତାହା ଜାଣି ହେଉନି। ବର୍ତ୍ତମାନ ଅନେକ ଲୋକେ ହାଟକୁ ଯିବା ପାଇଁ ମଧ ଭୟ କଲେଣି। ଆଜି ଖାଲି ମୋବାଇଲ୍ ଚୋରି ହେଉଚି ଆଗକୁ ଟଙ୍କା ପଇସା, ଅଳଙ୍କାର ଚୋରି ହେବନି ବୋଲି କିଏ କହିବ ତେଣୁ ଲକ୍ଷ୍ମୀପୁର ଥାନା ତରଫରୁ ପ୍ରତ୍ୟେକ ସାପ୍ତାହିକ ହାଟରେ ବ୍ୟାପକ ପୋଲିସ ମୃତୟନ କରିବାକୁ ସାଧାରଣରେ ଦାବି ହୋଇଛି।

# ମଦ ବିକ୍ରିକୁ ମହିଳାଙ୍କ ବିରୋଧ

ତେନ୍ତୁଳି ଖୁଣ୍ଟି (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟି ବ୍ଲକ ଅଞ୍ଚଳ ଗୁମା ପଞ୍ଚାୟତ ଅନ୍ତର୍ଗତ ଚିତ୍ରକୋଟ ଗ୍ରାମର ୩୦୦ ରୁ ଉର୍ଦ୍ଧ୍ୱ ମହିଳାମାନେ ମଦ ବନ୍ଦ କରିବା ପାଇଁ ଅଣ୍ଟା ଭିଡିଛନ୍ତି। ଗାଁରେ ମଦ ବନ୍ଦକରିବା ପାଇଁ ଗ୍ରାମର ସମସ୍ତ ମହିଳାମାନେ ଗତ କିଛି ଦିନ ଆଗରୁ ଏକ ବୈଠକ କରି ଥିଲେ । ଏବଂ ଘର ଘର ବୁଲି ମଦ ବନ୍ଦ କରିବା ପାଇଁ ଅନୁରୋଧ ମଧ କରି ଥିଲେ। ଏହି ଖବର ବିଭିନ୍ନ ଖବର କାଗଜରେରେ ମଧ ପ୍ରକାଶିତ ହୋଇଥିଲା। ଏହା ପରେ ମଧ ବନ୍ଦ ନ କରିବାରୁ ପ୍ରାୟ ୩୦୦ ରୁ ଅଧିକ ମହିଳା ଠେଙ୍ଗା ବାଡ଼ି ଧରି ସମସ୍ତ ଘରକୁ ଯାଇ ମଦ ଓ ପୋଚକୁ ଅବକାରୀ ଅଧିକାରୀଙ୍କ ସହ ନଷ୍ଟ କରିଥିଲେ। ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧିକାରୀ ଗଙ୍ଗା ପାଇକରାୟଙ୍କ ନେତୃତ୍ୱରେ ସୁଧୀର କୁମାର ସାହୁ, ସୁବ୍ରତ ହିରଣ, ରଞ୍ଜିତ ସିଂ, ରେଶମା ସୁନା, ଛତର ଗଣ୍ଡ, ସୁଧାସୁ ବାଘ, ଏକ ଟିମ ଆସି ମହିଳାମାନଙ୍କ ସହିତ ଚଢ଼ଉ କରିଥିଲେ। ସେଥିରେ ଦୁଇଟି ଘରକୁ ତାଲା ମଧ ପକାଇ ଥିଲେ। ପରେ ତେନ୍ତୁଳୀଖୁଣ୍ଟି ଥାନା ଅଧିକାରୀ ସସ୍ମିତା ପୂଜାରୀ ଏବଂ ଏସ୍ ଡି ପି ଓ ଆଦିତ୍ୟ ସେନକୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ। ଘଟଣା ସ୍ଥଳରେ ତେନ୍ତୁଳୀଖୁଣ୍ଟି ଥାନାର ଏ ଏସ୍ ଆଇ କେଦାର ନାଥ ରାଉତ ଏବଂ ଏକ ଟିମ ପହଞ୍ଚି ଅଞ୍ଚଳଗୁମ୍ମା ସରପଞ୍ଚ କୁସୁମା ପୂଜାରୀ ଏବଂ ମହିଳାମାନଙ୍କ ସହିତ ଆଲୋଚନା କରି ମଦ ବିକ୍ରି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ପ୍ରତିଶ୍ରୁତି ଦେଇଥିଲେ। ମହିଳାମାନଙ୍କ କହିବା ଅନୁଯାଇ ଯାତ୍ରା ପର୍ବ ପର୍ବାଣିରେ ମଦ ପିଇ ଯୁବଗୋଷ୍ଠୀ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ଏବଂ ଘରେ ମଧ ଅଶାନ୍ତ ଲାଗି ରହୁଛି। ଏହାର ମୁଖ୍ୟ କାରଣ ହେଉଛି ମଦ ତେଣୁ ମଦକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ନିଶ୍ଚିତ ନେଇଥିବା ସୂଚନା ଦେଇଛନ୍ତି। ଅନେକ ସମୟରେ ମଦ ପିଇ ଝଗଡା ଓ ମାର ପିଟ ଦ୍ୱାରା ଲୋକଙ୍କ ଜୀବନ ମଧ ଚାଲିଯାଉଛି। ମହିଳାମାନଙ୍କ ଏହି ଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା ମିଳୁଛି । ଏପରି ସମସ୍ତ ଗାଁର ମହିଳାମାନେ ସଜାଗ ହେଲେ ମଦ ବନ୍ଦ ହୋଇ ପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

### ଖପ୍ରାଖୋଲରେ ଆଇ ଆଇ ଏମ୍ ଏର ଛାତ୍ରୀ

# କୃଷି ଓ ପାଣିପାଗ ପରିବର୍ତ୍ତନ ଉପରେ ଚାଷୀଙ୍କ ସହ ଆଲୋଚନା



ଖପ୍ରାଖୋଲ (ଭାସ୍କର ନ୍ୟୁଜ): ବର୍ତ୍ତମାନ ସମୟରେ କୃଷି ଉପରେ ପାଣିପାଗ ପରିବର୍ତ୍ତନର ଅନେକ ପ୍ରଭାବ ପଡୁଥିବା ବେଳେ ଚାଷୀ କିପରି ଏହାର ସାମ୍ନା କରୁଛି ସେ ନେଇ ଆଇ ଆଇ ଏମ୍ ଏ ର ଗବେଷଣା କରୁଥିବା ତିନି ଜଣ ଛାତ୍ରୀ ଖପ୍ରାଖୋଲରେ କିଛି ଚାଷୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଏନେଇ ଖପ୍ରାଖୋଲ ବ୍ଲକ୍ କୃଷି ଅଧିକାରୀ କାର୍ଯ୍ୟାଳୟ ତାଲିମ ଗୃହ ଠାରେ ଏକ ଆଲୋଚନା ଚକ୍ର ବ୍ଲକ୍ କୃଷୀ ଅଧିକାରୀ ସୁଜିତ କୁମାର ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆଲୋଚନା ଚକ୍ରରେ ଆଇ ଆଇ ଏମ୍ ଅହମଦାବାଦର ଗବେଷଣା ରତ ଛାତ୍ରୀ ଅଞ୍ଜଳୀ, ଦୃଷ୍ଟି ଓ ନିକିତା ଚାଷୀଙ୍କ ସହ ଆଲୋଚନା କରିଥିଲେ। ପାଣିପାଗ ପରିବର୍ତ୍ତନ ଯୋଗୁଁ ଚାଷୀ ପ୍ରଭାବିତ ହେଉଥିବାରୁ ଚାଷୀ ତା'ର ପ୍ରତିକାର ପାଇଁ କ'ଣ ସବୁ ପଦକ୍ଷେପ ନେଉଛନ୍ତି। ଚାଷୀ ଜୀବିକା ପାଇଁ ଦେଶାନ୍ତର ଯାଉଛନ୍ତି କି ଭିଟାମାଟି ରେ ସରକାରୀ ଯୋଜନାର ଲାଭ ପାଉଛନ୍ତି । ଉତ୍ପାଦିତ ଫସଲର ବିକ୍ରିବଟା ଉପରେ ଆଲୋଚନା କରିଥିଲେ। ପରେ ଓଡ଼ିଆପାଲି ପଞ୍ଚାୟତ କପସିପାଲି ଗାଁର ଆଗୁଆଚାଷୀ କୁନୁ ବରିହାଙ୍କ ମୁଗ, ପିଆଜ, କଦଳୀ, ଚିନାବାଦାମ, ଆଖୁ ଇତ୍ୟାଦି ଚାଷ ଦେଖିବା ସହ ଜୈବିକ ପଦ୍ଧତି ଉପରେ ପଚାରି ବୁଝିଥିଲେ। ଏହି ଅବସରରେ ପାଟଣାଗଡ ଏ ଡି ଓ ବାବୁଲି ଚରଣ ସେଠୀ , ଏଫ଼ି ଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ, ଉମେଶ ଗୁପ୍ତା, ବାସନ୍ତୀ ମୁଣ୍ଡା, ମକରଧ୍ୱଜ ସାହୁ, ଉମାକାନ୍ତ ପ୍ରଧାନ ସମେତ ଚାଷୀ ଉପସ୍ଥିତ ଥିଲେ।

# ପ୍ରବଳ ଗରମ ବିଜୁଳି କାଟ୍ ବନ୍ଦ କରିବାକୁ ଦାବି

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ଲକ୍ଷ୍ମୀପୁର ବ୍ଲକରେ ଏବେ ଦିନକୁ ଦିନ ଗରମ ବଢିବାରେ ଲାଗିଛି। ପ୍ରତ୍ୟେକ ଦିନ ପାରଦ ୩୦ ରୁ ୩୫ ଡିଗିରି ରହୁଛି। ପ୍ରବଳ ଗରମ ପାଇଁ ଲୋକେ ଘରୁ ବାହାରକୁ ବାହାରିବା ମୁସ୍କିଲ ହୋଇ ପଡୁଛି। ନଦୀ ନାଳ ସୁଖିବାକୁ ଗଲାଣି। ଅନେକ ଲୋକଙ୍କ ଘରେ ଖୋଲା ଯାଇଥିବା କୂଅ,ନଳକୂଅରେ ପାଣିର ସ୍ତର କମିବାକୁ ବସିଛି। ପଥଚାରୀମାନେ ବିଭିନ୍ନ ଗଛ ଛାଇ ତଳେ ଆଶ୍ରୟ ନେବାକୁ ବାଧ ହେଉଛନ୍ତି। ବର୍ତ୍ତମାନ ବଜାର ଉପରେ ଖୋଲିଥିବା ବିଭିନ୍ନ ପ୍ରକାରର ଥଣ୍ଡା ପାନୀୟ ଦୋକାନରେ ଭିଡ ଜମୁଛି। ସବୁ ବର୍ଷ ପ୍ରତ୍ୟେକ ପଞ୍ଚାୟତରେ ଜଳ ଛତ୍ର ଖୋଲା ଯାଉଥିଲା ଏବେ କିନ୍ତୁ କୌଣସି ସ୍ଥାନରେ ଜଳ ଛତ୍ରର ଦେଖା ନାହିଁ। ଯାନ ବାହାନରେ ଯାଉଥିବା ଲୋକେ ମଧ ଅତ୍ୟଧିକ ଗରମ ସକାଶେ ନାହିଁ ନଥିବା ଅସୁବିଧାର ସମୁଖିନ ହେଉଛନ୍ତି। ସକାଳ ଦଶରୁ ଅପରାହ୍ନ ଚାରିଟା ପର୍ଯ୍ୟନ୍ତ ଖରାର ପ୍ରକୋପରେ ବାହାରେ ବୁଲିବା କଷ୍ଟକର ହେଇ ପଡିଛି। ଖରାର ପ୍ରକୋପ ଏତେ ରହୁଚି ବାହାରକୁ ଗଲେ ଦେହ ମୁଣ୍ଡ ଝାଳରେ ତିନ୍ତି ଜାଉଛି। ବର୍ତ୍ତମାନ ସାରା ରାଜ୍ୟରେ ଅଗ୍ନି ବର୍ଷା ଆରମ୍ଭ ହୋଇ ଯାଇଛି। ପ୍ରବଳ ଗରମ ପାଇଁ ରାଜ୍ୟ ବାସୀ ଆଉଟୁପାଉଟୁ ହେବା ଦେଖି ଶକ୍ତି ମନ୍ତ୍ରୀ ଆଉ ପାୱାର କଟ୍ ହେବନି ବୋଲି ଘୋଷଣା କରିଛନ୍ତି। ହେଲେ ଏହାକୁ ଶୁଣୁଛୁ କିଏ। ଲକ୍ଷ୍ମୀପୁର ବ୍ଲକ ସଦରରେ ଏମିତି କୋଣସି ଦିନ ନାହି ଯୋଉଦିନ କି ପାୱାର କଟ୍ ହେଇ ନାହିଁ। ଟାଟା କମ୍ପାନି ହାତକୁ ଗଲା ପରେ ସବୁଠୁ ଅଧିକ ପାୱାର କଟ୍ ଲକ୍ଷ୍ମୀପୁରରେ ହେଉଛି। ବର୍ତ୍ତମାନ ଅସହ୍ୟ ହେଲାଣି ତାତି। ବିଜୁଳି ଚାଲି ଗଲେ ନା ଘରେ ରହି ହେଉଚି ନା ବାହାରକୁ ବାହାରି ହେଉଚି। ମଣିଷ ଏକ ପ୍ରକାର ଗରମରେ ସିଝି ଯାଉଛି। ଥରେ ବିଜୁଳି ଫେଲ ହେଲେ କେତେ ବେଳେ ଆସିବ ତାହା କହିବା ମୁସ୍କିଲ୍। ଯଦି କୋଣସି ସ୍ଥାନରେ କିଛି ସମସ୍ୟା ରହୁଚି ତେବେ ପୁରା ସଦରର ବିଜୁଳି କାଟ୍ କରି କାମ କରାଯାଉଛି। ବିଭାଗୀୟ ଜିଲ୍ଲା ଅଧିକାରୀମାନେ ମଧ ଏଥି ପ୍ରତି ଆଖି ବୁଜି ଦେଇଛନ୍ତି। ଏସବୁ ବିଷୟରେ ବିଭାଗୀୟ ଅଧିକାରୀମାନେ ଅବଗତ ଥାଇବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବା ଅଭିଯୋଗ ହୋଇଛି। ଏହି ଗରମ ପାଇଁ ଏବେ ପଶୁ, ପକ୍ଷୀଠୁ ଆରମ୍ଭ କରି ମଣିଷ ପର୍ଯ୍ୟନ୍ତ ସମସ୍ତେ ଅସୁବିଧାର ସମୁଖୀନ ହେଲେଣି। ଏଇ ଗରମରୁ ତ୍ରାହି ମିଳିବା କଷ୍ଟକର ହେଇ ପଡିଥିବା ବେଳେ ଜିଲ୍ଲା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଲେ ଗରମୁରୁ କିଛିଟା ରକ୍ଷା ମିଳନ୍ତା ବୋଲି ସାଧାରଣରେ ଦାବି ହୋଇଛି।

# ବିକାଶ ପରିଷଦ ପକ୍ଷରୁ ଆଇନ୍ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



ପଦ୍ମପୁର,(ଭାସ୍କର ନ୍ୟୁଜ): ଆଇନ୍ ମନ୍ତ୍ରୀ ଜଗନ୍ନାଥ ସାରକା ପଦ୍ମପୁର ବ୍ଲକ ଗ୍ରସ୍ତରେ ଆସିଥିବା ବେଳେ ପଦ୍ମପୁର ବ୍ଲକ ଉନ୍ନୟନ ପରିଷଦ ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା, ପଦ୍ମପୁର ବ୍ଲକର ଆଇନ ପରାମର୍ଶ ଦାତା ତଥା ପଦ୍ମପୁର ବିକାଶ ପରିଷଦ ସଭାପତି ସରୋଜ କୁମାର ପାଣିଗ୍ରାହୀ ମନ୍ତ୍ରୀଙ୍କ ସହ ସାକ୍ଷାତ ଆଲୋଚନା କରି ପସ୍ତାବିତ ଜେ ଏମ ଏଫ ସି କୋର୍ଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଏବଂ, ପଦ୍ମପୁରକୁ ଏନ୍ଏ ସି ମାନ୍ୟତା ପ୍ରଦାନ କରିବା ସକାଶେ ସ୍ୱାରକ ପତ୍ର ପ୍ରଦାନ କରିଥିଲେ। ଏହା ଉପରେ ଦୃଢ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଖୁବ ଶୀଘ୍ର ପଦ୍ମପୁରରେ କୋର୍ଟ କାର୍ଯ୍ୟକ୍ଷମ ହେବ ବୋଲି ମାନ୍ୟବର ମନ୍ତ୍ରୀ ଜଗନ୍ନାଥ ସାରକା ପ୍ରତିଶ୍ରୁତି ପ୍ରଦାନ ଦେଇଥିଲେ। ଦାବିପତ୍ର ଦେବା ସମୟରେ ବିକାଶ ପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ଜ୍ୱାଇଁର ବନ୍ଧୁକରୁ ଗୁଳି ଫୁଟି ଶାଳକ ମୃତ

କୋରାପୁଟ,(ଭାସ୍କର ନ୍ୟୁଜ) କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ଟୋଙ୍କଲ ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଜ୍ୱାଇଁ ଓ ଶାଳକ ଜଙ୍ଗଲକୁ ଯାଇଥିବା ବେଳେ ଅସାବଧାନତା କାରଣରୁ ଜ୍ୱାଇଁ ଧରିଥିବା ଦେଶୀ ବନ୍ଧୁକରୁ ଗୁଳି ଫୁଟି ଶାଳକଙ୍କ ମୃତ୍ୟୁ ଘଟିଛି। ପାଡୁଆ ପୋଲିସ ମୃତ ଯୁବକଙ୍କ ଜାଇଁଙ୍କୁ ଅଟକ ରଖି ପଚରାଉଚୁରା କରୁଛି । ସୂଚନା ଅନୁଯାଇ, ଟୋଙ୍କଲ ଗ୍ରାମର ଭୂଷଣ ଭଣ୍ଡା ତାଙ୍କ ଜ୍ୱାଇଁ ଗାଁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ । ଭୂଷଣଙ୍କ ଜ୍ୱାଇଁ ଦେଶୀ ବନ୍ଧୁକ ଧରିଥିବା ବେଳେ ଅସାବଧାନତା ଯୋଗୁଁ ହଠାତ୍ ବନ୍ଧୁକରୁ ଗୁଳି ଫୁଟି ଭୂଷଣଙ୍କ ଶରୀରରେ ବାଜିଥିଲା । ଫଳରେ ଘଟଣାସ୍ଥଳରେ ହିଁ ଟଳି ପଡିଥିଲେ ଭୂଷଣ। ଖବରପାଇ ପାଡୁଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏଥିସହ ଶବ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ଏନେଇ ପାଡୁଆ ଥାନାରେ କେସ୍ ନଂ ୫୯/୨୩ ଅନୁଯାଇ ଏକ ମାମଲା ରୁଜୁ କରାଯାଇଥିବା ବେଳେ ପୋଲିସ ଭୂଷଣଙ୍କ ଜାଇଁଙ୍କୁ ଥାନାରେ ଅଟକ ରିଖିଛି ।

# ଖଣ୍ଡିଆଗୁଡ଼ା ବାଲିଯାତ୍ରା ଉଦ୍‌ଯାପିତ

ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳି ଖୁଣ୍ଟି ବ୍ଲକ୍ ସଦର ପଞ୍ଚାୟତର ଖଣ୍ଡିଆ ଗୁଡାରେ ଧୁମ୍ ଧାମରେ ବାଲି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖଣ୍ଡିଆଗୁଡ଼ା ଏହି ଯାତ୍ରା ୩ବର୍ଷକୁ ଥରେ ହୋଇ ଥାଏ । ୯ ଦିନ ଆଗରୁ ଗାଁ ପାଖ ନାଳରୁ ବାଲି ଅଣାଯାଇ ଯାନି ଘରେ ରଖି ବାଲି ଚାମୁଣ୍ଡା କରାଯାଇଥିଲା। ନୂଆ ଟାଙ୍ଗୁଡ଼ି, ପତ୍ର ଦନାରେ ବାଲି ରଖି ବିହନ ଧାନ, ମାଣ୍ଡିଆ, ମକା ସମସ୍ତ ପ୍ରକାର ମଞ୍ଜିକୁ ବୁଣି ଗଜା କରିଥିଲେ। ପ୍ରତ୍ୟେକ ଦିନ ଏଥିରେ ହଳଦୀ ପାଣି ସିଞ୍ଚନ କରାଯାଏ । ଗାଁକୁ ସୁଖ ଶାନ୍ତିରେ ରଖିବା ପାଇଁ ଏହି ବାଲି ଯାତ୍ରା କରାଯାଏ। ଏହା କୃଷି ଭିତ୍ତିକ ଯାତ୍ରା ମଧ କୁହାଯାଏ। ଗାଁରେ ଭଲ ଫସଲ ହେବ, ଗ୍ରାମର ସମସ୍ତ ଲୋକ ଭଲରେ ରହିବେ ଏବଂ ଗାଁ ଶାନ୍ତିରେ ରହିବ ବୋଲି ଆଶା କରାଯାଏ । ଏହି ବାଲି ଯାତ୍ରାରେ ୯ ଦିନ ଧରି ସନ୍ଧ୍ୟାରେ ଯୁବକଯୁବତୀମାନେ ଗାଁ ପରିକ୍ରମା କରି ମଜା କରିଥାନ୍ତି । ଶେଷ ଦିନରେ ଏକ ବିରାଟ ଶୋଭାଯାତ୍ରା ବାହାରି ପାରମ୍ପରିକ ବେଶଭୁଷାରେ ସଜେଇ ହୋଇ କୋରାପୁଟିଆ ନାଟ ଗୀତ ପରିବେଷଣ କରି ଶୋଭାଯାତ୍ରାରେ ସାମିଲ ହୋଇଥାନ୍ତି। ଏହି ବାଲି ଯାତ୍ରାରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଅଧକ୍ଷା ନିଳେନ୍ଦ୍ରୀ ନାୟକ, ପ୍ରଫୁଲ୍ଲ ନାଗ, ମଞ୍ଜୁଳା ମାଝୀ, ଅଖିଳ ଭତ୍ରା, ବାବୁଲା ନାୟକ, ସୁରେଶ ନାୟକ, ପାତ୍ର ପୁଟ ସମିତି ସଭ୍ୟ ଦିଲୀପ ପ୍ରଧାନୀ, ପ୍ରହଲ୍ଲାଦ ହିଆଲ ଭୀମସେନ ପାଣିଗ୍ରାହି, ସୁନିଲ ସିଂ ସହ ବିଭିନ୍ନ ଦଳୀୟ କର୍ମୀ ରହିଥିଲେ ।

# ପଥପ୍ରାନ୍ତନାଟକ 'ଜୀବେ ଦୟା'



ଝରିଗାଁ (ଭାସ୍କର ନ୍ୟୁଜ): ଜିଲ୍ଲା ଜୀବେ ଦୟା ନିଷ୍ଠୁରତା ସମିତି ନବରଙ୍ଗପୁର ଆନୁକୂଲ୍ୟରେ ଝରୀଗାଁ ମୁଖ୍ୟ ବଜାର ଠାରେ ପଥପ୍ରାନ୍ତନାଟକ ଜୀବ ମଙ୍ଗଳରେ ଆମେ ମଙ୍ଗଳଟି ଅନୁଷ୍ଠିତ ହୋଇଯାଇଛି। ମନୁଷ୍ୟଙ୍କ ମଧରେ ଜୀବଙ୍କୁ ଭଲପାଇବା ଏବଂ ତାଙ୍କ ପ୍ରତି ଦୟା ଭାବ ସୃଷ୍ଟି କରିବା ତଥା ପଶୁ ପକ୍ଷୀ ଭଳି ଜୀବ ଜନ୍ତୁଙ୍କ ଉପରେ ହେଉଥିବା ନିଷ୍ଠୁରତା ପ୍ରତି ବର୍ତ୍ତମାନ ସରକାରଙ୍କ କଠୋର ଦଣ୍ଡ ବିଧାନ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ଏହି ନାଟକର ମୂଳ ଉଦ୍ଦେଶ୍ୟ ଥିଲା। ନାଟକଟି ଭୁବନେଶ୍ୱରରୁ ଆସିଥିବା ପ୍ରିୟଦର୍ଶିନୀ ନାଟକ ସମାଜର କଳାକାରଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ମଣିଷ ହୁଏତ ତା' ବିବେକ ଦୃଷ୍ଟିରୁ ପ୍ରାଣୀଜଗତରେ ଶ୍ରେଷ୍ଠ ହୋଇଥିଲେ ମଧ ଅନ୍ୟ ଜୀବ ତଥା ପଶୁ ପାଖିଙ୍କ ପ୍ରତି ତାର ଅମାନୁଷିକ ବ୍ୟବହାର ଏବଂ ନିଷ୍ଠୁରତା ପ୍ରାୟତଃ ଦେଖିବାକୁ ମିଳିଥାଏ। ତେଣୁ ଜଣେ ମନୁଷ୍ୟଙ୍କୁ ଆଘାତ ପହଞ୍ଚାଇଲେ ଯେଉଁଭଳି ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି ଠିକ ସେଭଳି ପଶୁଙ୍କ ଦ୍ୱାରା ଅତ୍ୟଧିକ ଓଜନ ବୁହାଇବା,ତାଙ୍କ ପ୍ରତି ନିଷ୍ଠୁରତା ପ୍ରଦର୍ଶନ କରିବା, ନିଜର ସୌଖିନ ପାଇଁ ବନ୍ଦୀ କରି ରଖି ଉଚିତ ପରିବେଶ କିମ୍ବା ତାଙ୍କ ଖାଦ୍ୟପେୟରେ ଅବହେଳା କରିବା ଇତ୍ୟାଦି। ନୀନ୍ଦନୀୟ ଅପରାଧ ଯାହାକି ଏଥିଲାଗି ଭେଟେରନାରୀ ଡିପାର୍ଟମେଣ୍ଟର ରାଜ୍ୟ ଜୀବ ନିଷ୍ଠୁରତା ନିରୋଧ ଆଇନ୍ ଏସ୍ ପି ସି ଆକ୍ଟ ୧୯୬୦ ରେ ଦଣ୍ଡିତ ହେବାର ବ୍ୟବସ୍ଥା ରହିଛି। ଯାହାକି ଅନେକ ଲୋକ ଏହି ଆକ୍ଟ ଉପରେ ଅନଭିଜ୍ଞ ରହିଥିବା ବେଳେ ଏହି ଆଇନ ଅନୁସାରେ ଦୋଷୀକୁ ତିନିମାସ ଜେଲ ସହ ପଚାଶ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଥିବା କହିଛନ୍ତି। ତା' ଛଡା ଗୋରୁ ଗାଈଙ୍କୁ ମଧ ଖୋଲା ଛାଡିବା ଦ୍ୱାରା ଅନେକ ଦୁର୍ଘଟଣାରେ ଲୋକଙ୍କ ଧନଜୀବନ ନଷ୍ଟ ହୋଇଥାଏ। ତେଣୁ ପ୍ରାଣୀ ସମ୍ପଦକୁ ଭଲପାଇବା ସହ ସରକାର ଗୋ ପାଳନ କରି ଗୋ ସମ୍ପଦର ସୁରକ୍ଷା ଏବଂ ଗୋ ପାଳନ କରି ଚାଷୀ କିଭଳି ଲାଭବାନ ହୁଅନ୍ତୁ ଏବଂ ଆବଶ୍ୟକ ସ୍ଥଳେ ସ୍ଥାନୀୟ ପ୍ରାଣୀ ଚିକିତ୍ସା କେନ୍ଦ୍ରରୁ ଆବଶ୍ୟକୀୟ ସୁବିଧା ପାଇ ଉପକୃତ ହୁଅନ୍ତୁ। ଏ ଥିଲା ନାଟକଟିର ବାର୍ତ୍ତା।

# ଭିନ୍ନକ୍ଷମ ଭତ୍ତାରୁ ବଞ୍ଚିତ ପୂଜ୍ୟୁ କାଡ୍ରାକା



କଲ୍ୟାଣସିଂହପୁର (ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଧାମୁଣି ପଙ୍ଗା ପଞ୍ଚାୟତର ତାଡ଼ିଝୋଲା ଗାଁର ଭିନ୍ନକ୍ଷମ ଯୁବକ ପୂଜ୍ୟୁ କାଡ୍ରାକା ବୟସ (୨୮) ବାପା ଟିଣ କାଡ୍ରାକା ପୂଜ୍ୟୁଙ୍କର ପିଲାଟି ଦିନର ନିଜ ଶରୀର ସବୁ ଠିକ ଠାକ ଥିଲା ବିବାହର ଚାରି ବର୍ଷା ପରେ କୌଣସି ଏକ ଅଜଣା ରୋଗଟି ଏମିତି ଆସିଲା ନିଜର ବାମ ଗୋଡ଼ଟି ଆସ୍ତେ ଆସ୍ତେ ସରୁ ହେବାର ଲାଗିଲା, ଆଗୁରୁ କୁଲି ମଜୁରୀ ନିଜର ପରିବାର ସହିତ ତେଲ ଲୁଣର ସଂସାର କରି ଆସୁଥିଲେ। ହଟାତ ଚାଲିବା ବୁଲିବାକୁ ବହୁ କୋଷ୍ଟକର ହୋଇ ପଡିଥିଲା। ସ୍ତ୍ରୀ ଏବଂ ଦୁଇଟି ଝିଅଙ୍କୁ ଧରି କେମିତି ଚଳିବେ କ'ଣ ପେଟ ପାଟଣା କରିବେ। ଏହି ଗରିବ ପରିବାର ଓଳିଏ ଖାଇଲେ ଓଳିଏ ଭୋକ ଉପାସରେ ଗୋଟିଏ ପଟେ ଭଙ୍ଗା ଦଦାରା ମାଟି କୁଡ଼ିଆ ଘରେ କେମିତି ରହିବେ ତାକୁ ନେଇ ଚିନ୍ତାରେ ପୁରା ପରିବାର। ଏହାକୁ ଦେଖି ପୁରା ପରିବାର ଭାଙ୍ଗି ପଡ଼ିଥିଲେ। ଗାଁର କିଛି ଲୋକଙ୍କ ସହାୟତାରେ ଜିଲ୍ଲା ଭିନ୍ନକ୍ଷମ କାର୍ଯ୍ୟାଳୟକୁ ଯାଇ ଭିନ୍ନକ୍ଷମ ସାର୍ଟିଫିକେଟ କରିବା ପରେ ପଞ୍ଚାୟତ ଏବଂ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଦ୍ୱାରସ୍ଥ ହେଲା ପରେ ମଧ ଖଣ୍ଡିଏ ଭିନ୍ନକ୍ଷମ ଭତ୍ତା କିମ୍ବା ଅନ୍ୟ କୌଣସି ସରକାରୀ ସୁବିଧା ମିଳିପାରୁନାହିଁ। ଯାହା ଫଳରେ ନିରାଶ ହୋଇ ଘରକୁ ଫେରୁଛନ୍ତି। ପୂଜ୍ୟୁଙ୍କୁ କେବେ ମିଳିବ ସରକାରୀ ସହାୟତା ଅପେକ୍ଷା ଅଛନ୍ତି ଗ୍ରାମବାସୀ। ଭିନ୍ନ କ୍ଷମ ଭତ୍ତା ବିଷୟକୁ ନେଇ ପଞ୍ଚାୟତ ନିର୍ବାଇ ଅଧିକାରୀଙ୍କୁ ଅନଲାଇନ ହେଇଛି କି ନାହିଁ ପଚାରିବାର ଆଧାର କାର୍ଡ ଦେଖି କି କହିବି ବୋଲି କହିଥିଲେ।

# ଜିଲ୍ଲାସ୍ତରୀୟ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ସମ୍ମିଳନୀ

ଖଇରପୁଟ (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସିନ୍ଧ୍ରିମାଳ ଠାରେ ୪ର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀରେ ଜିଲ୍ଲାର ପ୍ରତ୍ୟକ ପଞ୍ଚାୟତରୁ ୪ର୍ଥ ଶ୍ରେଣୀ କର୍ମଚାରୀମାନେ ଯୋଗ ଦେଇଥିଲେ। ସର୍ବମୋଟ କର୍ମଚାରୀ ସଂଖ୍ୟା ୧୨୯ ଥିବା ବେଳେ ପିଅନ ୯୭ ଜଣ,ରାତ୍ରୀ ଜଗୁଆଳି ୨୮ ଜଣ ଓ ସୁଇପର ୦୪ ଜଣ ରହିଛନ୍ତି। ଏହି ସମ୍ମିଳନୀରେ ୪ର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ସଭାପତି ଅନେକ ଗୁଡ଼ିଏ ଦାବି ଉପସ୍ଥାପନ କରିବା ସହ ପଞ୍ଚାୟତର ୪ର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ ନିଜର ଦାୟିତ୍ୱ ସୂଚାର ରୂପେ ପାଳନ କରିବାକୁ କହିଥିଲେ। କିପରି କର୍ମଚାରୀମାନେ ନିଜର ଅଧିକାର ପାଇବେ ତାହାନେଇ ଆଲୋଚନା କରାଯାଇଥିଲା। ୪ର୍ଥ ଶ୍ରେଣୀ କର୍ମଚାରୀମାନେ ସରକାରଙ୍କ ନିକଟରେ ଆଠ ଗୋଟି ଦାବି ଉପସ୍ଥାପନ କରିଛନ୍ତି । ସ୍ଥାୟୀ ନିଯୁକ୍ତ ସହ ନିୟମିତ ଦରମା ପ୍ରଦାନ, ସମାନ କାମକୁ ସମାନ ଦରମା, ରାଜ୍ୟ ବଜେଟରେ ଏହି କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ବଜେଟ ରଖିବା, ଚାକିରି କ୍ଷେତ୍ରରେ ସୁରକ୍ଷା ପ୍ରଦାନ ଦେବା ଭଳି ଅନେକ ଗୁଡ଼ିଏ ଦାବି ରଖାଯାଇଥିଲା। ଆଗାମୀ ଦିନରେ ସରକାର ଏହି ଦାବି ଗୁଡ଼ିକ ନ ମାନନ୍ତି ତାହାଲେ ପଞ୍ଚାୟତର ୪ର୍ଥ ଶ୍ରେଣୀ କର୍ମଚାରୀମାନେ ଭୁବନେଶ୍ୱର ରାଜରାସ୍ତାରେ ଅହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଓଡ଼ିଶା ଭାସ୍କର
ସମ୍ପାଦକୀୟ




"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ ।"
- ମହାତ୍ମା ଗାନ୍ଧୀ



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"
-ସନ୍ଥକବି ଭୀମଭୋଇ



## ୟୁପି ର ରହସ୍ୟମୟ ହତ୍ୟା

# ଆଇନ୍‌ର ଶାସନକୁ ସମ୍ମାନ ଦିଅ

ଦୁର୍ଦ୍ଦାନ୍ତ ମାଫିଆରୁ ରାଜନେତା ବନିଯାଇ ଏକଦା ପାର୍ଲାମେଣ୍ଟ (ସଂସଦ) ଓ ବିଧାନସଭାର ସଦସ୍ୟ ହୋଇଥିବା ଉତ୍ତର ପ୍ରଦେଶର ବହୁ ଚର୍ଚ୍ଚିତ ଡନ୍ ଅତିକ୍ ଅହମ୍ମଦ ଓ ତା'ର ଭାଇ ଅସରଫ୍ ଅହମ୍ମଦକୁ ଶନିବାର ରାତିରେ ପୁଲିସ ଘେର ଭିତରେ ବ୍ଲାଙ୍କ୍ ପଏଣ୍ଟରେ ଗୁଳି କରି ଯେପରି ହତ୍ୟା କରାଗଲା, ତାହା ସମଗ୍ର ଦେଶକୁ ସ୍ତମ୍ଭୀଭୂତ କରିଛି । ପୁଲିସ ବାହିନୀ ଦୁଇଭାଇଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ହସ୍ପିଟାଲକୁ ନେଉଥିବାବେଳେ ସାମ୍ବାଦିକ ବେଶରେ ଆସିଥିବା ତିନିଜଣ ଯୁବକ ଅତି ନିକଟରୁ ସେମାନଙ୍କୁ ଗୁଳି କରି ମାରିଦେବାର ବିଭତ୍ସ ଦୃଶ୍ୟ ଦେଶବ୍ୟାପୀ ଟିଭି ପର୍ଦ୍ଦାରେ ପ୍ରଦର୍ଶିତ ହୋଇଛି । ଅତିକ୍ ଅହମ୍ମଦ ଓ ତାଙ୍କ ଭାଇଙ୍କ ହତ୍ୟାର ଦୁଇଦିନ ପୂର୍ବରୁ ଅତିକ୍‌ଙ୍କ ୧୯ବର୍ଷୀୟ ପୁଅ ଆସାଦ୍‌କୁ ମଧ୍ୟ ୟୁ.ପି. ପୁଲିସ ଏନ୍‌କାଉଣ୍ଟର କରି ହତ୍ୟା କରିଥିଲା । ଅତିକ୍ ଅଦାଲତରେ ଥିବାବେଳେ ପୁଅର ମୃତ୍ୟୁ ଖବର ଶୁଣି କାନ୍ଦି ପକାଇବା ସହିତ ତାଙ୍କୁ ଶେଷ ଦର୍ଶନ କରିବା ପାଇଁ ପୁଲିସ ନିକଟରେ ଗୁହାରୀ କରିଥିଲେ ହେଁ ଏଥିଲାଗି ଅନୁମତି ମିଳିନଥିଲା । ସଂଯୋଗ ବଶତଃ ଦୁଇଦିନ ପରେ ପୁଅର କବରସ୍ଥଳ ନିକଟରେ ବାପା ଓ ଦାଦାଙ୍କୁ ରବିବାର ଦିନ କବର ଦିଆଯାଇଛି । ପୁଲିସ ଉପସ୍ଥିତିରେ ଅତିକ୍ ଓ ତା' ଭାଇଙ୍କ ହତ୍ୟା ଘଟଣା ସମସ୍ତ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚାର ମୁଖ୍ୟ ପ୍ରସଙ୍ଗ ହୋଇଥିବାବେଳେ ଏହି ତିନି ହତ୍ୟାକାରୀଙ୍କୁ କିଏ ପଠାଇଥିଲା ଓ ହତ୍ୟାକାଣ୍ଡ ପଛର ପ୍ରକୃତ ଷଡଯନ୍ତ୍ରକାରୀ କିଏ, ତାକୁ ନେଇ ଭିନ୍ନ ଭିନ୍ନ ମତପ୍ରକାଶ ପାଉଛି । ଦୁଇଭାଇଙ୍କୁ ମାରିଦେବା ପରେ ତିନିଯୁବକ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲେ ଓ ରବିବାର ସେମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା । ତେବେ ପୁଲିସ ନିକଟରେ ତିନି ହତ୍ୟାକାରୀ ଯେଉଁ ବୟାନ ଦେଇଛନ୍ତି, ତାହା ଯେତିକି କୌତୁହଳପ୍ରଦ, ସେତିକି ବିସ୍ମୟକର ମନେ ହେଉଛି । ଭବିଷ୍ୟତରେ ଦୁର୍ଦ୍ଦାନ୍ତ ଗ୍ୟାଙ୍ଗଷ୍ଟର୍ ବା ଡନ୍ ହୋଇ ନାମ ଅର୍ଜିବାର ଲକ୍ଷ୍ୟ ରଖି ଆଉ ଜଣେ ବଡ ଡନ୍‌କୁ ମାରିଦେଲେ ବୋଲି ହତ୍ୟାକାରୀ ପୁଲିସକୁ କହିଛନ୍ତି । ମାତ୍ର ଅନେକ ଏହି ମତକୁ ସହଜରେ ଗ୍ରହଣ କରିପାରୁନାହାନ୍ତି । ପ୍ରଥମ କଥା ହେଉଛି, ଏହି ତିନି ହତ୍ୟାକାରୀଙ୍କ ବୟସ ୧୮ରୁ ୨୩ବର୍ଷ ହୋଇଥିବା ବେଳେ ସେମାନେ ଗୋଟିଏ ସ୍ଥାନର ବାସିନ୍ଦା ମଧ୍ୟ ନୁହନ୍ତି । ଭିନ୍ନ ଭିନ୍ନ ସ୍ଥାନରୁ ଆସିଥିବା ଓ ପୂର୍ବରୁ ସେମାନଙ୍କ ନାମରେ ବହୁ ଅପରାଧିକ ମାମଲା ଥିବା ସତ୍ତ୍ୱେ ଅତିକ୍‌କୁ ମାରିବାକୁ କାହିଁକି ଏକାଠି ଆଗେଇ ଆସିଲେ ତାହାକୁ ନେଇ ପ୍ରଶ୍ନ ଉଠୁଛି । ସବୁଠାରୁ ବଡ଼କଥା ହେଉଛି, ସେମାନେ ବ୍ୟବହାର କରିଥିବା ବନ୍ଧୁକ ଦେଶୀ କିମ୍ବା ସାଧାରଣ ବନ୍ଧୁକ ନଥିଲା । ସେମାନେ ତୁର୍କୀ ତିଆରି ୭/୮ଲକ୍ଷ ଟଙ୍କା ମୂଲ୍ୟର ବନ୍ଧୁକରେ ହିଁ ଅତିକ୍ ଓ ତାଙ୍କ ଭାଇଙ୍କୁ ମାରିଥିଲେ, ଯାହାର ବ୍ୟବହାର ଭାରତରେ ନିଷିଦ୍ଧ ହୋଇଛି । ଏହି ବନ୍ଧୁକର ଟ୍ରିଗର୍ ଚିପିବା ମାତ୍ରେ ଏକାଥରକେ ୧୬ରୁ ୧୮ ରାଉଣ୍ଡ ଗୁଳି ବାହାରି ଆସେ । ଏଭଳି ମାରାତ୍ମକ ଦାମୀ ବନ୍ଧୁକ ସେମାନେ କେଉଁଠୁ ପାଇଲେ, ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଅତିକ୍ ଅହମ୍ମଦ ହତ୍ୟା ଘଟଣାର ନ୍ୟାୟିକ ତଦନ୍ତ ନିମନ୍ତେ ୟୁ.ପି. ସରକାର ଏହ୍ଲାବାଦ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ଏକ ତିନିଜଣିଆ କମିଟି ଗଠନ କରିଛନ୍ତି । ଏହି କମିଟି ଘଟଣାର ତଦନ୍ତ ଶେଷ କରି ଦୁଇମାସ ମଧ୍ୟରେ ସରକାରଙ୍କୁ ରିପୋର୍ଟ ଦେବା ପାଇଁ କୁହାଯାଇଛି । ପୁଲିସ ଉପସ୍ଥିତିରେ ଅତିକ୍ ଓ ତା' ଭାଇଙ୍କୁ ଯେପରି ହତ୍ୟା କରାଗଲା, ସେଥିନେଇ ବିରୋଧୀ ଦଳର ବହୁ ପ୍ରମୁଖ ନେତା ୟୁ.ପି. ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଟାର୍ଗେଟ୍ କରିଛନ୍ତି । ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ବିପନ୍ନ ହୋଇଥିବାର ସେମାନେ ଅଭିଯୋଗ କରିଛନ୍ତି । ମୃତ ଗ୍ୟାଙ୍ଗଷ୍ଟର ଅତିକ୍ ଅହମ୍ମଦ ନିଜର ଅପରାଧିକ ଜୀବନରେ ଅନେକ ନରହତ୍ୟା ଓ ଅପରାଧ ସହ ଜଡ଼ିତ ଥିଲା । ମାତ୍ର ନ୍ୟାୟିକ ପ୍ରକ୍ରିୟାରେ ବିଚାରର ସମ୍ମୁଖୀନ ହୋଇ ଦଣ୍ଡିତ ହୋଇଥିଲେ ତାହା ଯଥାର୍ଥ ହୋଇଥାନ୍ତା । ମିଥ୍ୟା ଏନ୍‌କାଉଣ୍ଟର୍ ବା ଅଦାଲତର ସମ୍ମୁଖୀନ ହେବା ପୂର୍ବରୁ ଗୁଳିକରି କାହାରିକୁ ହତ୍ୟା କରାଯିବା, ରୁଲ୍ ଅଫ୍ ଲ ବା ଆଇନର ଶାସନ ବ୍ୟବସ୍ଥାକୁ ଯେ ବିପନ୍ନ କରୁଛି, ଏଥିରେ ସନ୍ଦେହ ନାହିଁ ।

# ମହିମା ଧର୍ମ ଏକ ସ୍ୱତନ୍ତ୍ର ଧର୍ମ




ଗୋପାଳ ଚନ୍ଦ୍ର ନାଥ
ସାମ୍ବାଦିକ, ଅନୁଗୋଳ
ମୋ-୯୪୩୭୨୯୦୬୬୨


ଓଡ଼ିଶା ମାଟିରୁ ସୃଷ୍ଟି ହୋଇଥିବା ଏକମାତ୍ର ଧର୍ମ ମହିମା ଧର୍ମ, ଏକ ସ୍ୱତନ୍ତ୍ର ସ୍ଥାନ ନେଇଛି । ଓଡ଼ିଶାର ଲୋକ ସଂଖ୍ୟାର ଏକ ତୃତୀୟାଂଶ ଏହି ଧର୍ମରେ ଦିକ୍ଷୀତ । ଏହି ଧର୍ମର ବିଚାରଧାରା ଓ ସରଳ ନିରାଡମ୍ବର ଜୀବନ ଯାପନ ସାଧାରଣ ଜନତାଙ୍କୁ ଆକୃଷ୍ଟ କରିଛି । ଶୁନ୍ୟ ନିରାକାର, ଅଲେଖ, ପରଂ ବ୍ରହ୍ମରେ ବିଶ୍ୱାସ ରଖୁଥିବା ଏହି ଧର୍ମର ମୂଳମନ୍ତ୍ର ହେଉଛି, ଜଗତ ଭକତର ଉଦ୍ଧାର । ନିଜ ଜୀବନକୁ ତିଳ ତିଳ କରି ସାମାନ୍ୟତମ ଆବଶ୍ୟକତାକୁ ଗ୍ରହଣ କରି ଜଗତ ଜନଙ୍କ ଉଦ୍ଧାର ପାଇଁ ନିଜ ସୁଖ, ଶାନ୍ତିକୁ ଉତ୍ସର୍ଗୀକୃତ କରିବା ବିଶ୍ୱର ଏକମାତ୍ର ଜନ କଲ୍ୟାଣକାରୀ ଧର୍ମ ଭାବରେ ପରିଚିତ । ସଇଥିଯୋଗୁଁ ଯଥାର୍ଥରେ ମହିମା ଧର୍ମର ମୂଳ ଚିନ୍ତାଧାରାକୁ ଜାତିସଂଘରେ ସ୍ଥାନୀତ କରାଯାଇଅଛି । ମହିମା ଧର୍ମର ନୀତି ଓ ଆଦର୍ଶ ସମ୍ପୂର୍ଣ୍ଣ ଅଲଗା ଓ ବିଜ୍ଞାନ ସମ୍ମତ । ଏଣୁ ଯେତେବେଳେ ଦେଶରେ ଧର୍ମାନ୍ତିକରଣ ପାଇଁ ବିଭିନ୍ନ ବାହ୍ୟ ଧର୍ମ ପ୍ରଚାରକଙ୍କ ସାଧାରଣ ଗରିବ ଗୁରୁବାଙ୍କ ଉପରେ ଚାପ ପଡିଲା, ତାକୁ ରୋକିବା ପାଇଁ ହିନ୍ଦୁ ଧର୍ମର କେତେକ କଳୁଷିତ ଧର୍ମ ଚିନ୍ତନକୁ ଲୋକଙ୍କ ମନରୁ ହଟାଇ ଐକ୍ୟ ଭାବରେ ଉଦ୍‌ବୁଦ୍ଧ କରି ଏକ ପ୍ରେମ ସୂତ୍ରରେ ବାନ୍ଧି ରଖିବାର ଅଦମ୍ୟ ସଂଗ୍ରାମ କରି ସମାଜରେ ସଂସ୍କାରଧର୍ମୀ ଚିନ୍ତାର ବୀଜ ରୋପଣ କରିଥିଲେ ମହିମା ଗୋସେଇଁ । ସନ ୧୮୨୬ରୁ ୧୮୭୬ ମସିହାରେ ଦେଶରେ ଇଂରେଜମାନଙ୍କ ତାଡନା ସାଙ୍ଗକୁ ବହୁଳ ଭାବରେ ବାହ୍ୟ ଶତ୍ରୁମାନଙ୍କ ଦ୍ୱାରା ଗାଆଁ ଗାଆଁରେ ପଶି ଧର୍ମାନ୍ତିକରଣକୁ ଯେଭଳି ଭାବେ ନିରୀହ ଅବହେଳିତ ଲୋକଙ୍କ ଉପରେ ଲଦି ଦେବାକୁ ଦୁର୍ବାର ଚେଷ୍ଟା ଚାଲିଲା, ସେଥିରୁ ଲୋକମାନଙ୍କୁ ରୋକିବା ସହ ସରଳ ଜୀବନ ଯାପନରେ ଶୁନ୍ୟ, ନିରାକାର, ଅଲେଖ ପରଂ ବ୍ରହ୍ମ ଉପରେ ବିଶ୍ୱାସ ରଖିବାକୁ ମହିମା ସ୍ୱାମୀ ଲୋକଙ୍କୁ ପ୍ରବର୍ତ୍ତାଇବା ସହ ଲୋକଙ୍କ ମନରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଐକ୍ୟଭାବ ଜାଗ୍ରତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ଓ ମହିମା ଧର୍ମରେ ଲୋକଙ୍କୁ ବାନ୍ଧି ରଖିବାରେ ସମର୍ଥ ହୋଇଥିଲେ । ମହିମା ଗୋସେଇଁଙ୍କ ଅମର ବାଣୀ ପ୍ରତ୍ୟେକ ନାଗରିକଙ୍କ ହୃଦୟକୁ ଛୁଇଁ ଥିଲା ଓ ହଜାର ହଜାର ସଂଖ୍ୟାରେ ତାଙ୍କ ଧର୍ମରେ ଦିକ୍ଷୀତ ହୋଇ ବାହ୍ୟ ଧର୍ମ ପ୍ରଚାରକମାନଙ୍କୁ କଡା ଜବାବ ଦେଇଥିଲେ ।

ମହିମା ଧର୍ମରେ ଦିକ୍ଷୀତ ହୋଇଥିବା ଲୋକଙ୍କ ସରଳ ନିରାଡମ୍ବର ଜୀବନ ଶୈଳୀ ସାଙ୍ଗକୁ ଅହିଂସା, ଜୀବେ ଦୟା, ପରୋପକାରୀ, ସତ୍ୟବାଦୀତା ଲୋକଙ୍କ ମନ ଭିତରେ ଏକ ନୂତନ ସିହରଣ ଓ ଉତ୍ସାହ ସୃଷ୍ଟି କରିଥିଲା । ଯାହାକି ଏହି ଧର୍ମକୁ ବିଶ୍ୱାସ କରୁଥିବା ପ୍ରତ୍ୟେକ ଭକ୍ତ ନିସ୍ୱାର୍ଥୀ ଜୀବନ କାଟିବା ଦ୍ୱାରା ଭାଇଚାରା ଓ ବନ୍ଧୁତ୍ୱ ଭାବ ଜାଗ୍ରତ ହେଲା ଓ ଲୋକଙ୍କ ଭିତରେ ଶାନ୍ତି ଭାବର ଏକ ଅପୂର୍ବ ସ୍ୱଭାବ ପ୍ରସ୍ଫୁଟିତ ହେଲା ।

ଯେଭଳି ହିନ୍ଦୁ ଧର୍ମରୁ ହିଁ ବୌଦ୍ଧ, ଜୈନ୍ୟ, ଶିଖ ଆଦି ବିଭିନ୍ନ ଧର୍ମର ସୃଷ୍ଟି ହୋଇ ନିଜର ନିଜସ୍ୱ ଧର୍ମକୁ ଜଗତ ଭକ୍ତଙ୍କଠାରେ ବାଣ୍ଟି ଦେଇଛନ୍ତି, ଠିକ ସେହିଭଳି ଉତ୍କଳ ପ୍ରଦେଶରୁ ସୃଷ୍ଟ ଏହି ସ୍ୱତନ୍ତ୍ର ନିଜସ୍ୱ ଧର୍ମ ଆଜି ଜଗତ ଭକତଙ୍କ ହୃଦୟରେ ସ୍ଥାନ ପାଇ ସାରିଛି । ଏହି ଧର୍ମ ଏକ ସ୍ୱତନ୍ତ୍ର ଧର୍ମ ହୋଇଥିବାରୁ ତଦାନୀତନ ଢେଙ୍କାନାଳ ରାଜା ଏକଦା ମହିମା ସ୍ୱାମୀଙ୍କୁ ବିପୁଳ ସମ୍ପତି ପ୍ରଦାନର ମୋହ ଦେଖାଇଥିଲେ ବି ସେ ସେସବୁକୁ ସହାସ୍ୟ ବଦନରେ ତୁଚ୍ଛ କରି ଦେଇଥିଲେ ଓ ତ୍ୟାଗୀର ଏହା କି କାମରେ ଆସିବ ବୋଲି ଗୋଟିଏ ପଦରେ ଉତ୍ତର ଦେଇଥିଲେ । ପରବର୍ତ୍ତୀ ସମୟରେ ମହିମାସ୍ୱାମୀଙ୍କ ପ୍ରଚାରୀତ ମହିମା ଧର୍ମର ରକ୍ଷା ଓ ପରିଚାଳନା ପାଇଁ କିଛି ଜମିର ପ୍ରାବଧାନ ବିଭିନ୍ନ ଅଂଚଳମାନଙ୍କରେ କରାଯାଇଥିଲା, ଯାହାକୁ କି ଆଜି ମହିମା ଧାମ ଯୋରନ୍ଦା ଓ ରାଜ୍ୟର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳେ । ମହିମା ସ୍ୱାମୀଙ୍କର ପରିବେଶ ପ୍ରିତି ଥିଲା । ସେ କପିଳାସର ବିପରିତ ପାଖରେ ପର୍ବତର ଶିଖରରେ ବନ୍ୟଜନ୍ତୁଙ୍କ ମଧ୍ୟରେ ବାରବର୍ଷ ଫଳାହାରରେ ଓ ବାର ବର୍ଷ କ୍ଷିରାହାର କରି ସାଧନାରେ ଥିଲେ । ଆଜି ସେହି ମନୋରମ ସ୍ଥାନ ତପୋବନର ବିକାଶ କିଛିମାତ୍ରାରେ ହୋଇ ସ୍ୱାମୀଙ୍କ ସ୍ମୃତିକୁ ମନେ ପକାଇ ଦେଉଛି ।

ମହିମା ସ୍ୱାମୀ ନିଜେ ୧୮୬୨ ମସିହାରୁ ଗ୍ରାମେ ଗ୍ରାମେ ଭ୍ରମଣ କରି ମହିମା ଧର୍ମର ପ୍ରଚାର ଓ ପ୍ରସାର ଦିଗରେ ନିଜକୁ ନିୟୋଜିତ କରି ରଖିବା ସହ ମାନବବାଦର ମୂଳତତ୍ତ୍ୱକୁ ଭକ୍ତମାନଙ୍କ ମନରେ ଭରି ଦେଇଥିଲେ । ଫଳରେ ଦେଶରେ ଶାନ୍ତି ଓ ମୈତ୍ରୀଭାବ ଜାଗ୍ରତ କରିବାରେ ସେ ଥିଲେ ଜଣେ ଅଗ୍ରଣୀ ଯୋଦ୍ଧା । ଆଜି ରାଜ୍ୟସାରା ପ୍ରାୟ ୫୦୦୦ରୁ ଉର୍ଦ୍ଧ୍ୱ ମହିମା ଧର୍ମର ଉପାସନା ପୀଠ ରହିଛି । ରାଜ୍ୟ ବାହାରେ ମଧ୍ୟ ବହୁ ରାଜ୍ୟରେ ମହିମା ଧର୍ମର ଉପାସନା ପୀଠ ରହି ଭକ୍ତଙ୍କ କଲ୍ୟାଣ ନିମିତ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରହିଛି । ବିଦେଶରୁ ମଧ୍ୟ ବହୁ ଭକ୍ତ ମହିମା ଧର୍ମର ନୀତି ଓ ଆଦର୍ଶ ପ୍ରତି ଅନୁପ୍ରାଣିତ ହୋଇ ଧର୍ମରେ ଦିକ୍ଷୀତ ହୋଇଥିବା ଓ ସ୍ୱାମୀଙ୍କ ବାଣୀକୁ ଗବେଷଣା କରୁଥିବା ବିଭିନ୍ନ ପତ୍ର ପତ୍ରିକା ଓ ଯୋଗାଯୋଗରୁ ଜଣା ପଡୁଛି । ଆମ ରାଜ୍ୟରେ ପ୍ରାୟ ଏକ କୋଟିରୁ ଉର୍ଦ୍ଧ୍ୱ ମହିମା ଧର୍ମୀ ବସବାସ କରୁଛନ୍ତି ଏବଂ ଧର୍ମ ପରିଚାଳନା ପାଇଁ ଭକ୍ତମାନଙ୍କର ଉତ୍ସର୍ଗୀକୃତ ମନୋଭାବ ହେତୁ ସମସ୍ତ ଧର୍ମପୀଠ ଗୁଡିକର ଯଥାସାଧ୍ୟ ଉନ୍ନତି ମୂଳକ କାର୍ଯ୍ୟ ହୋଇ ପାରିଛି । ଯେଉଁ ହାରରେ ପୀଠଗୁଡିକର ବିକାଶ ହେବା କଥା ସେଭଳି ହୋଇ ପାରିନାହିଁ ବା ଏଥିପ୍ରତି ସରକାରଙ୍କ ସେଭଳି ଶୁଭଦୃଷ୍ଟି ପଡିନାହିଁ ବୋଲି ଭକ୍ତମାନଙ୍କର ଅଭିଯୋଗ ରହିଛି ।

ମହିମା ଧର୍ମ ଏକ ସ୍ୱତନ୍ତ୍ର ଧର୍ମ ବୋଲି ମହିମା ଧର୍ମର ବାବା ଓ ଭକ୍ତମାନେ ବାରମ୍ବାର ଦାବି କରି ଆସୁଛନ୍ତି । ଗତ ଅଶି ଦଶକରେ ମହିମାଧାମ ଯୋରନ୍ଦାରେ ମହିମା ସ୍ୱାମୀ ବିଜେଙ୍କ ଥିବା ସ୍ଥାବର ସମ୍ପତିର ମାଲିକାନାକୁ ନେଇ ହୋଇଥିବା ବିବାଦରେ ଦେବୋତର ବିଭାଗକୁ ହସ୍ତକ୍ଷେପ କରିବା ସହ ସୁପରିଚାଳନା ଉଦ୍ଦେଶ୍ୟରେ ମାରଫତ୍‌ଦାରରେ ବଲ୍କଳଧାରୀ ମହିମା ସମାଜ ଓ କୌପିନଧାରୀ ମହିମା ସମାଜ ସହ ଦେବୋତର ଆୟୋଗକୁ ରଖାଯାଇଥିଲା । ହେଲେ ପରବର୍ତ୍ତୀ ସମୟରେ ସନ ୨୦୦୫ମସିହାରେ ମାନ୍ୟବର ଉଚ୍ଚ ନ୍ୟାୟାଳୟକୁ ଦେବୋତ୍ତର ବିଭାଗର କୌଣସି ଭୂମିକା ନଥିବା କହି ନିଜେ ଦେବୋତ୍ତର ଆୟୋଗ ମାରଫତ୍‌ଦାରରୁ ଓହରି ଯାଇଥିଲେ । ଦେବୋତ୍ତର ବିଭାଗ କେବଳ ହିନ୍ଦୁ ମଠ, ମନ୍ଦିର ଗୁଡିକର ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ ଉଦ୍ଦିଷ୍ଟ ଥିବାବେଳେ ମହିମା ଧର୍ମ ପୀଠମାନଙ୍କ ପ୍ରତି କୌଣସି ପ୍ରକାର ଦୃଷ୍ଟି ଦେଉ ନଥିବା ହେତୁ ମହିମା ଧର୍ମୀମାନେ ପରିଚାଳନା ଓ ମାଲିକାନା ସତ୍ତ୍ୱ ପାଇଁ ଓଡିଶା ନ୍ୟାୟାଳୟର ଆଶ୍ରୟ ନେଉଥିବା ଦେଖା ଯାଉଛି । ତେବେ ସ୍ୱତଃ ପ୍ରଶ୍ନ ଆସେ, ରାଜ୍ୟର ଏକ ତୃତୀୟାଂଶ ଜନତା ମହିମା ଧର୍ମରେ ଦିକ୍ଷୀତ ହୋଇ ରାଜ୍ୟରେ ବସବାସ କରୁଥିବାବେଳେ, ସେମାନଙ୍କର ଧର୍ମର ପରିଚାଳନା ପାଇଁ ସରକାରୀ ସ୍ତରରେ କୌଣସି ବ୍ୟବସ୍ଥା ହୋଇନାହିଁ । ଏହା ସରକାରଙ୍କ ନଜରରେ ରହିଛି ନା ନାହିଁ ଏବଂ ଏଥିପ୍ରତି ସରକାର କେତେଦୂର ସଚେତନ ସେ ନେଇ ସାଧାରଣ ଭକ୍ତ ମହଲରେ ପ୍ରଶ୍ନ ହେଉଛି । ହେବା ହିଁ ସ୍ୱଭାବିକ । ରାଜ୍ୟରେ ମହିମା ଧର୍ମର ରକ୍ଷଣାବେକ୍ଷଣ ଓ ପରିଚାଳନାଗତ ତୃଟି ବିଚ୍ୟୁତି ସହ ସୁରକ୍ଷା ପାଇଁ ରାଜ୍ୟ ସରକାର କିଛି ପଦକ୍ଷେପ ନେବାର ଆବଶ୍ୟକ ରହିଛି ନା ନାହିଁ, ସେ ବିଷୟରେ ସରକାରୀ ସ୍ତରରେ ଆଲୋଚନା ହେବା ଉଚିତ୍ ।

ମହିମା ଧର୍ମୀମାନେ ନିଜ ନିଜର ଧର୍ମପୀଠ ଗୁଡିକର ପରିଚାଳନା ପାଇଁ ସୋସାଇଟି ରେଜିଷ୍ଟ୍ରେସନ ଆକ୍ଟ ୧୮୬୦ ଅନୁସାରେ ଅନୁବନ୍ଧିତ ହୋଇ କାର୍ଯ୍ୟ କରି ଆସୁଥିବା ବେଳେ କେତେକ ଧର୍ମପୀଠଗୁଡିକ ଏବେ ପଞ୍ଜୀକରଣ କରିପାରୁନଥିବା ନେଇ ସନ୍ଦିହାନ ଭିତରେ ରହୁଛନ୍ତି । ଦେବୋତର ବିଭାଗ ପକ୍ଷରୁ ହିନ୍ଦୁ ଧର୍ମର ମଠ, ମନ୍ଦିର ଗୁଡିକ ପାଇଁ କୌଣସି ପ୍ରକାର ପରିଚାଳନା କମିଟି ଉପରୋକ୍ତ ଆଇନ ଅନୁସାରେ ଅନୁବନ୍ଧିତ କରିପାରିବେ ନାହିଁ ବୋଲି, ଆୟୋଗ ସ୍ପଷ୍ଟ ମତ ଦେଇଥିବାବେଳେ, ସେମାନେ ଦେବୋତ୍ତର ବିଭାଗ ଦ୍ୱାରା ଅନୁବନ୍ଧିତ ହେବା ପାଇଁ କୁହାଯାଇଛି । ସେହି ଆଦେଶ ମୁତାବକ ଯେଉଁଠି କିଛି କମିଟି ପଞ୍ଜୀକରଣ ହୋଇ କାର୍ଯ୍ୟ କରୁଛି ସେଗୁଡିକ ରଦ୍ଦ କରିବାର ନିର୍ଦ୍ଦେଶ ରହିଛି । ଏ ପରିପ୍ରେକ୍ଷୀରେ ମହିମା ଧର୍ମକୁ ଜିଲ୍ଲା ସ୍ତରରେ ଗ୍ରହଣ ନ କରି ହିନ୍ଦୁ ଅନୁଷ୍ଠାନ କହି ସୋସାଇଟି ରେଜିଷ୍ଟ୍ରେସନ ଆକ୍ଟ ୧୮୬୦ ଅନୁସାରେ ପଞ୍ଜୀକରଣ କରିବାକୁ ମନା କରୁଛନ୍ତି । ଫଳରେ ମହିମା ଧର୍ମୀମାନେ ଏକ ସନ୍ଦେହ ଭିତରେ କାଳାତିପାତ କରୁଛନ୍ତି । ଦେବୋତ୍ତର ବିଭାଗରେ ବହୁ ମହିମା ପୀଠ ଇଣ୍ଡେକ୍ସ କରିବା ପାଇଁ ବହୁ ଦିନରୁ ଆବେଦନ କରିଥିଲେ ମଧ୍ୟ ସେମାନଙ୍କର କୌଣସି ପ୍ରକାର କାର୍ଯ୍ୟ କରାଯାଉ ନାହିଁ । ଏ ପରିସ୍ଥିତିରେ ମହିମା ଧର୍ମପୀଠର ପରିଚାଳନା ପାଇଁ ସରକାରୀ ସ୍ତରରେ ଏକ ସ୍ୱତନ୍ତ୍ର ଆଇନ ଅନୁସାରେ ପରିଚାଳନା ପାଇଁ ବ୍ୟବସ୍ଥା ହେବାର ଆବଶ୍ୟକତା ରହିଛି । କିନ୍ତୁ ସରକାରୀ ସ୍ତରରେ ସେଭଳି କୌଣସି ଠୋସ ପଦକ୍ଷେପ ନିଆଯାଉ ନଥିବାରୁ ରାଜ୍ୟରେ ଥିବା ସମସ୍ତ ମହିମା ଧର୍ମ ପୀଠଗୁଡିକର ପରିଚାଳନା ଗତ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ମହିମା ଧର୍ମକୁ ଏକ ସ୍ୱତନ୍ତ୍ର ଧର୍ମର ମାନ୍ୟତା ପାଇଁ ସମସ୍ତ ମହିମା ଧର୍ମୀ ବାବା ଓ ଭକ୍ତମାନଙ୍କର ଦାବିକୁ ଯଥାର୍ଥ ବୋଲି ବିବେଚନା କରି ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଆଇନ ଆଣିବାକୁ ଦାବି କରୁଛନ୍ତି । ଦେଖାଯାଉ ସରକାର କେବେ ମହିମା ଧର୍ମକୁ ସ୍ୱତନ୍ତ୍ର ଧର୍ମର ମାନ୍ୟତା ଦେଉଛନ୍ତି ?

# ଆତ୍ମବୋଧ...




ମନୋଜ କୁମାର ବେହେରା
୨୧୭, ୟୁନିଟ୍-୯(ଫ୍ଲାଟ)
ବାୟାବାବା ମଠ ଲେନ୍, ଭୁବନେଶ୍ୱର
ମୋ-୭୯୭୮୮୩୦୬୧୧


ମନୁଷ୍ୟର ସ୍ୱାଭାବିକ ପ୍ରକୃତି ହେଲା, ସେ ନିଜର କୌଣସି ତ୍ରୁଟି ପାଇଁ ତା'ର କାରଣ ବାହାରେ ଖୋଜିଥାଏ । ନିଜର ତ୍ରୁଟିକୁ ସ୍ୱୀକାର କରିବା ତା'ର ଅହଂକୁ ଆଘାତ ଲାଗିଥାଏ । ସେହିପରି ତାକୁ ଏହା ସ୍ୱୀକାର କରିବାରେ ବହୁତ କଠିନ ହୋଇଥାଏ କି ଯାହା କିଛି ତା' ସହିତ ହେଉଛି, ତା' ଜୀବନରେ ଯାହା ସଂଘର୍ଷ ଅଛି ତାହା ପାଇଁ ସେହି କେବଳ ଉତ୍ତରଦାୟୀ । କର୍ମ-ଫଳ ସିଦ୍ଧାନ୍ତ ପ୍ରବଚନ ରୂପରେ ଶୁଣିନେବ, ମନରେ ସ୍ୱୀକାର କେବେବି କରିବନି କି କେଉଁ ଜନ୍ମରେ କେଉଁ ପାପ କର୍ମରେ ସେ ଲିପ୍ତ ଥିଲା । ସହାନୁଭୂତି ଗୋଟେଇବା ପାଇଁ ସବୁ ଜାଗାରେ କାନ୍ଦି-କାନ୍ଦି ନିଜର ବ୍ୟଥା କହିଥାଏ, ଆଉ ଈଶ୍ୱରଙ୍କୁ ଦୋଷ ଦେବ କି ସେ ପକ୍ଷପାତୀ କରିଛନ୍ତି । ଅନ୍ୟର ଭାଗ୍ୟରେ ଈର୍ଷା କରିବା, କେଉଁଠି ପିତା, ପତି କିମ୍ବା ପତ୍ନୀ, କେବେ ଅଧିକାରୀଙ୍କ ଠାରେ ଅନ୍ୱେଷଣ କରୁଥିବ । କିନ୍ତୁ ନିଜ ଭିତରେ କେବେ ଉଙ୍କି ମାରି ଦେଖିବନି । କାରଣ ବାସ୍ ସେହି ଅହଂ ଯିଏ ପଥରର ଗାରର ପରି ମନରେ ଜମା ରହିଥିବ- 'ମୁଁ ତ୍ରୁଟିହୀନ ଅଟେ' । ଯେଉଁ କ୍ଷଣ ଆମେ ଏହା ସ୍ୱୀକାର କରିନେବା କି ଯେମିତି ଭୋଜନ ଆମେ କରିଥାଉ, ସେମିତି ହିଁ ସ୍ୱାସ୍ଥ୍ୟ ଆମକୁ ପ୍ରାପ୍ତ ହୋଇଥାଏ । ସେହିପରି ଯେମିତି କର୍ମ କରିବା ସେମିତି ଫଳପ୍ରାପ୍ତ ହୋଇଥାଏ । ଆଉ ତତ୍‌କ୍ଷଣ ଜୀବନ ସରଳ ହୋଇଯାଏ । ଆବଶ୍ୟକତା ସବୁ କ୍ଷୀଣ ହୋଇଯାଏ । ଦୋଷାରୋପଣ ସବୁ ବନ୍ଦ ହୋଇଯାଏ । ସାକ୍ଷୀଭାବ ରଖିକରି ନିଜ ଭିତର ଜୀବ ପ୍ରତି ଦୟାର ଭାବ ଉତ୍ପନ୍ନ ହୋଇଥାଏ । ଆଉ ସ୍ପଷ୍ଟ ଭାବେ ଦେଖାଯାଏ ଜୀବ ତ ଗୋଟିଏ କାରାଗାରରେ ବନ୍ଦ ହେଇ କରି ଅଛି । ସବୁ କଷ୍ଟ ଆଉ ପୀଡା ଚାବୁକ ଆଉ ଦୁଃଖ ଦେବା ବାଲା ଲୋକ ତ ଦଣ୍ଡର ରୂପରେ ମିଳିଛି । ଆତ୍ମବୋଧ, ଆତ୍ମାନୁଭୂତିର ଜାଗୃତି ହୋଇଥାଏ । ନିଜର ଶରୀର, ନିଜର ମନ, ନିଜର ବ୍ୟବହାର, ନିଜର ଅତୀତ, ନିଜର ବର୍ତ୍ତମାନ, ନିଜର ସବୁ କର୍ମର ପ୍ରତି ସ୍ୱୟଂକୁ ଉତ୍ତରଦାୟୀ ମାନିବା ହିଁ ମୋକ୍ଷ ତତ୍ତ୍ୱର ଉଦୟକାଳ ଅଟେ । ସେଇଠୁ ପ୍ରଶ୍ନ ଉତ୍ପନ୍ନ ହୋଇଥାଏ କି ମୁଁ କିଏ ? ମୁଁ ଏ କ'ଣ କରୁଛି ? ଏହା ସ୍ମରଣ ରହୁ କି ବାହାରର ଦୋଷାରୋପଣ ଠୁ ନେଇ କରି ନିଜର ଦୋଷ ସ୍ୱୀକାର କରି ଆତ୍ମାର ପରିଶୋଧନରେ ବାହାରି ପଡୁଥିବା ଯାତ୍ରୀର ଯାତ୍ରା ସର୍ବଦା ଶୁଭ ରହିଥାଏ ।

# ଭାରତର ମୁକ୍ତିପ୍ରୟାସ ଚେର ଓ ପଥର




ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ : ୬୩୭୦୬ ୭୫୫୬୨


ଆଧୁନିକ ଭାରତର ମୁକ୍ତିପ୍ରୟାସ ଚେର ଓ ପଥର ବହୁବିଧ ସୃଜନଶୀଳ ଧ୍ୱଂସ, ନବସୃଜନ ଓ ରୂପାନ୍ତରର ପ୍ରକ୍ରିୟା ଅଟେ । ଥରେ ପ୍ରଫେସର ଅନନ୍ତ ଗିରି କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟର ପାଳନ ହେଉଥିବା ସପ୍ତାହ ବ୍ୟାପୀ ଓରିଏଣ୍ଟେସନ ପ୍ରୋଗ୍ରାମ୍‌ରେ ଏହି ବିଷୟରେ ଏକ ଦୀକ୍ଷାନ୍ତ ବକ୍ତବ୍ୟ ରଖିଥିଲେ । ତାଙ୍କ ଅନୁରୋଧରେ ଉକ୍ତ କେନ୍ଦ୍ରରେ ପ୍ରଥମ ଆମ୍ବେଦକର ବକ୍ତୃତା ମାଳା ଅନୁଷ୍ଠିତ ହୋଇଥିଲା । ୧୯୧୬ ମସିହାରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଥିଲା । ଏହାର ପ୍ରତିଷ୍ଠାତା ମହାମନା ପଣ୍ଡିତ ମଦନମୋହନ ମାଲବ୍ୟ ଏହାକୁ ଆମର ଭାରତୀୟ ପରିଚୟର ଏକ ସାଧନା ରୂପେ ପ୍ରୟାସ କରିଥିଲେ । ତାଙ୍କର ହିନ୍ଦୁଧର୍ମ ସଂକୀର୍ଣ୍ଣ ନଥିଲା । ସେ ସଂକୀର୍ଣ୍ଣ ହିନ୍ଦୁତ୍ୱରେ ବା ଜାତିପ୍ରଥାରେ ବିଶ୍ୱାସ କରୁନଥିଲେ । ବନାରସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବରେ ସେତେବେଳେ ସେତେ ପରିଚିତ ନଥିବା ଆତ୍ମା ଜଣେ ଉପସ୍ଥିତ ଥିଲେ ଯାହାଙ୍କ ନାମ ଥିଲା ମୋହନଦାସ କରମଚାନ୍ଦ ଗାନ୍ଧୀ ଓ ଏହାର ସଭାପତିତ୍ୱ କରିଥିଲେ ଆନ୍ନି ବେସାନ୍ତ । ଏହି ପ୍ରତିଷ୍ଠା ଉତ୍ସବରେ ଗାନ୍ଧୀ ଆମର ଜ୍ଞାନକୁ ମାତୃଭାଷାରେ ପ୍ରକାଶ କରିବାକୁ ଓ ଲୋକାଭିମୁଖୀ କରିବାକୁ ଆହ୍ୱାନ ଦେଇଥିଲେ । କାଶୀରେ ଏହି ହିନ୍ଦୁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଉଥିବା ବେଳେ ସମୁଦ୍ର ସେପଟେ ନ୍ୟୁୟର୍କ ସହରର କଲମ୍ବିଆ ବିଶ୍ୱବିଦ୍ୟାଳୟରେ ଭୀମରାଓ ଆମ୍ବେଦକର ଭାରତର ଜାତି ବ୍ୟବସ୍ଥା ସମ୍ପର୍କରେ ତାଙ୍କର ପ୍ରବନ୍ଧଟିଏ ରଚନା କରୁଥିଲେ । ଏହି ପ୍ରବନ୍ଧ ମାଧ୍ୟମରେ ଓ ଏହା ପୂର୍ବରୁ ଓ ପରେ ସେ ଭାରତୀୟ ଓ ହିନ୍ଦୁ ସଂସ୍କୃତିର ଜାତିପ୍ରଥାର ଚେର ଉପରେ କୁଠାରଘାତ କରିଥିଲେ ।

ଏହି କୁଠାରଘାତର ପ୍ରୟାସ ୧୯୧୬ ରୁ ଆରମ୍ଭ ହୋଇ ପରବର୍ତ୍ତୀ ୪୦ ବର୍ଷ ପର୍ଯ୍ୟନ୍ତ କ୍ରିୟାଶୀଳ ରହିଲା ଯେଉଁଥିରେ ଜାତିପ୍ରଥାର ବିଲୋପନ ପାଇଁ Annflation of Caste ପାଇଁ ଆମ୍ବେଦକର ସଂଗ୍ରାମ କରିଥିଲେ । ୧୯୩୧ର ରାଉଣ୍ଡଟେବୁଲ କନଫରେନ୍ସରେ ଆମ୍ବେଦକର ଅସ୍ପୃଶ୍ୟମାନଙ୍କ ପାଇଁ ଏକ ଭିନ୍ନ ନିର୍ବାଚନ ସଂସଦ ପାଇଁ ଦାବି କରିଥିଲେ । ଯେଉଁଥିରେ ବ୍ରିଟିଶ ଉପନିବେଶବାଦୀ ସରକାର ମଧ୍ୟ ରାଜି ହୋଇଥିଲେ । ମହାତ୍ମା ଗାନ୍ଧୀ ଏହା ହିନ୍ଦୁ ସମାଜ ଓ ଭାରତୀୟ ସମାଜକୁ ବିଭାଜିତ କରିବ ବୋଲି ଏହା ବିରୁଦ୍ଧରେ ଅନଶନ କରିଥିଲେ । ଏହାପରେ ଅମ୍ବେଦକର ତାଙ୍କର ଦାବି ପ୍ରତ୍ୟାହାର କରି ନେଇଥିଲେ ଓ ପୁନାର ୟେରଭାଡା ଜେଲରେ ଗାନ୍ଧୀ-ଆମ୍ବେଦକରଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଏହାପରେ ସ୍ୱାଧୀନତା ସଂଗ୍ରାମରେ ଗାନ୍ଧୀ-ଅମ୍ବେଦକରଙ୍କ ମଧ୍ୟରେ ଅନେକ ବିତର୍କ ହୋଇଛି ମାତ୍ର ଗାନ୍ଧୀଙ୍କର ଉପଦେଶ ଅନୁସାରେ ଡ. ଆମ୍ବେଦକର ଆମ ସମ୍ବିଧାନ ପ୍ରଣିଧାନ ସଂସଦର ସଭାପତି ହୋଇଥିଲେ ।

ଚେର ଓ ପଥର ଏହି ବହୁସ୍ତରୀୟ ଜଟିଳଯାତ୍ରାରେ ଆମ୍ବେଦକର ଭାରତୀୟ ଓ ହିନ୍ଦୁ ସଂସ୍କୃତିର ଜାତି ବ୍ୟବସ୍ଥାର ଚେରକୁ କାଟୁଥିବାବେଳେ ଗାନ୍ଧୀ ମଧ୍ୟ ଏହାକୁ ତାଙ୍କ ନିଜସ୍ୱ ଧାରାରେ କାଟିଛନ୍ତି । ଏଥିପାଇଁ ଆମ୍ବେଦକର ଓ ଗାନ୍ଧୀ ଅନେକ ପଥ ଅତିକ୍ରମ କରିଛନ୍ତି । ଆମ୍ବେଦକର ନ୍ୟୁୟର୍କର କଲୋମ୍ବିଆ ବିଶ୍ୱବିଦ୍ୟାଳୟରେ ପାଠ ପଢିବାକୁ ଯାଇଥିବାବେଳେ ସେଠାରେ ସେ ୧୦୦ବର୍ଷ ତଳେ ଜାତିପ୍ରଥା ସମ୍ପର୍କରେ ପ୍ରବନ୍ଧଟିଏ ଲେଖିଥିଲେ । ସେତେବେଳେ ବରୋଦାର ରାଜା ଶ୍ରୀ ଅରବିନ୍ଦଙ୍କୁ ମଧ୍ୟ ବିଲାତରୁ ଆଣି ତାଙ୍କ ସହିତ କାମ କରିବାକୁ ଓ ଭାରତୀୟ ସଂସ୍କୃତିର ଚେରମାନଙ୍କୁ ଆବିଷ୍କାର କରିବାକୁ ଭୂମିଟିଏ ପ୍ରଦାନ କରିଥିଲେ । ଶ୍ରୀ ଅରବିନ୍ଦ ମଧ୍ୟ ଜାତିପ୍ରଥାକୁ ସମର୍ଥନ ନକରି ଆମ ମଧ୍ୟରେ ଶୁଦ୍ରଭାବ ଓ ଶୁଦ୍ର ଶକ୍ତିର ଜାଗରଣ ପାଇଁ ଆହ୍ୱାନ ଦେଇଛନ୍ତି । ସେହି ମହାନ ଭାରତର ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କର ୧୩୨ତମ ଜନ୍ମ ଜୟନ୍ତୀରେ ଏ ଲେଖକର ଭକ୍ତିପୂର୍ଣ୍ଣ ପ୍ରଣିପାତ । ସେ ଯାହାହେଉ ଏହି ଦଳିତଙ୍କ ତ୍ରାଣକର୍ତ୍ତା ନେତାଙ୍କୁ ତାଙ୍କର ମୃତ୍ୟୁର ବହୁବର୍ଷପରେ ୧୯୯୦ ମସିହାରେ ଭାରତ ରତ୍ନ ଉପାଧି ମିଳିଥିଲା । ଏହି ବାଗ୍ମୀ, ଜ୍ଞାନୀ, ଦାର୍ଶନିକ, ଅର୍ଥଶାସ୍ତ୍ରବିତ୍ ସମାଜ ସଂସ୍କାରକ, ରାଜନୀତି ବିଶାରଦ ଆଇନଜ୍ଞ ତାଙ୍କର ମାନବ ପ୍ରେମ ଓ ଉଦାର ପୌରୁଷ ପାଇଁ ସେ ବିଶ୍ୱବାସୀଙ୍କର ସଦା ଚିରସ୍ମରଣୀୟ ହୋଇ ରହିବେ ।

# ମନ୍ଦିରମାଳିନୀ ରାଜଧାନୀ ଭୁବନେଶ୍ୱର


ବିଶ୍ୱବିଜୟୀ ଦାଶ
ଗମ୍ଭାରିମୁଣ୍ଡା, ବାଣପୁର, ଖୋର୍ଦ୍ଧା
ମୋ-୬୩୭୦୨୦୮୪୨୮


ଭୁବନେଶ୍ୱର ୧୯୪୮ ମସିହାରେ ଓଡ଼ିଶାର ରାଜଧାନୀ ଭାବେ ଗଠିତ ହୋଇଥିଲା । ଏହି ନଗର ପାଖାପାଖି ତିନିହଜାର ବର୍ଷ ପୁରୁଣା । ଭୁବନେଶ୍ୱରରେ ବିଭିନ୍ନ କାଳର ପ୍ରାୟ ୬୦୦ ମନ୍ଦିର ଅଛି । ସେଥିପାଇଁ ଏହାକୁ ମନ୍ଦିର ମାଳିନୀ ନଗର ମଧ୍ୟ କୁହାଯାଇଥାଏ । ଭୁବନେଶ୍ୱର ନାମଟି ଶିବଙ୍କ ଅନ୍ୟନାମ ତ୍ରିଭୁବନେଶ୍ୱର ନାମରୁ ଆସିଅଛି । ଭୁବନେଶ୍ୱର ୩୦୦୦ ବର୍ଷ ଆଗରୁ ମହାମେଘ ବାହନ ଚେଦି ବଂଶଦ୍ୱାରା ଆରମ୍ଭ ହୋଇଥିଲା ଯେଉଁମାନଙ୍କ ରାଜଧାନୀ ବର୍ତ୍ତମାନର ଭୁବନେଶ୍ୱର ପାଖ ଶିଶୁପାଳଗଡ଼ରେ ଥିଲା ।

ଭୁବନେଶ୍ୱର ତୋଷାଳୀ, କଳିଙ୍ଗ ନଗରୀ, ନଗର କଳିଙ୍ଗ, ଏକାମ୍ର କାନନ, ଏକାମ୍ର କ୍ଷେତ୍ର ଏବଂ ମନ୍ଦିର ମାଳିନୀ ନଗରୀ ନାମରେ ପ୍ରସିଦ୍ଧ । ଦେଶ ସ୍ୱାଧୀନ ହେବାର ପରବର୍ଷ, ୧୯୪୮ ମସିହାରେ ଓଡ଼ିଶାର ରାଜଧାନୀ କଟକରୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହୋଇଥିଲା । ୧୯୪୬ ମସିହାରେ, ଭୁବନେଶ୍ୱରକୁ ଏକ ମନହୋର ନଗରୀରେ ଗଢ଼ି ତୋଳିବାର ନକ୍ସା ପ୍ରସ୍ତୁତ କରିଥିଲେ ଜର୍ମାନୀର ସ୍ଥପତି ଓ ପ୍ଲାନର 'ଅଟୋ କଏନ୍‌ସ୍‌ବର୍ଗର' (Otto Konigsberger) । ୧୯୪୮ ମସିହା ଅପ୍ରେଲ ୧୩ତାରିଖ ଦିନ ଭୁବନେଶ୍ୱରରେ ନୂଆ ରାଜଧାନୀର ପ୍ରତିଷ୍ଠା ଫଳକ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ କରକମଳରେ ସ୍ଥାପିତ ହୋଇଥିଲା ।

ଭୁବନେଶ୍ୱରରେ ପ୍ରଭୁ ଲିଙ୍ଗରାଜ ମନ୍ଦିର, ରାଜାରାଣୀ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ଶ୍ରୀରାମ ମନ୍ଦିର ଆଦି ଆହୁରି ଅନେକ ମନ୍ଦିର ଦେଶ ବିଦେଶରେ ପରିଚିତ । ପ୍ରଭୁ ଲିଙ୍ଗରାଜ ମନ୍ଦିର ଭୁବନେଶ୍ୱରରେ ଥିବା ଏକ ପୁରାତନ ହରିହର ମନ୍ଦିର । ଏହା ୧୧ଶ ଶତାବ୍ଦୀରେ ରାଜା ଯଯାତି କେଶରୀଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଲିଙ୍ଗରାଜ ମନ୍ଦିର କଳିଙ୍ଗ ପଞ୍ଚରଥ ଶୈଳୀରେ ତିଆରି ଭୁବନେଶ୍ୱରର ସବୁଠାରୁ ବଡ଼ ମନ୍ଦିର । ଭୁବନେଶ୍ୱରର ପ୍ରାଚୀନ ସ୍ଥାପତ୍ୟ କଳା ଏହି ସ୍ଥାନର ମୁଖ୍ୟ ଆକର୍ଷଣ । ୭ମ ଶତାବ୍ଦୀରୁ ୧୧ତମ ଶତାବ୍ଦୀ ଯାଏ କଳିଙ୍ଗ ରାଜାମାନେ ରାଜୁତି କରୁଥିବା ସମୟରେ ଏଠାରେ ଅନେକ ସୁନ୍ଦର ଚାରୁକଳା ସହ ନିର୍ମିତ ମନ୍ଦିର, ମହଲ ଆଦି ଏବେ ମଧ୍ୟ ମୂଲ୍ୟବାନ ପ୍ରତ୍ନତତ୍ତ୍ୱ ହୋଇ ରହିଛି । ବିଭିନ୍ନ ମନ୍ଦିରରେ ପ୍ରସ୍ତର ଖୋଦନ ହେଇଥିବା ଦେବଦେବୀଙ୍କ ପ୍ରତିକୃତି ପୁରାଣ ଓ ଉତ୍କଳର ଗୌରବମୟ ଇତିହାସର ମୂକସାକ୍ଷୀ ହେଇ ଦେଶ ବିଦେଶର ଅଗଣିତ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି ।



ଖ୍ରୀଷ୍ଟପୂର୍ବ ୩୦୦ରେ କଳିଙ୍ଗ ଯୁଦ୍ଧରେ ଭୁବନେଶ୍ୱରର ନାମ ଉଲ୍ଲେଖ କରାଯାଇଥିଲା ଯାହାକି ପରେ ସ୍ଥାପିତ ହୋଇଥିବା ଧଉଳି ଶାନ୍ତିସ୍ତୁପ ନିକଟରେ ହୋଇଥିଲା । ଖାରବେଳଙ୍କ ଦ୍ୱାରା ଉଦୟଗିରି ଏବଂ ଖଣ୍ଡଗିରିରେ ହୋଇଥିବା କାରୁକାର୍ଯ୍ୟ ଦେଖିବାକୁ ମିଳେ । ଜୈନ ଏବଂ ବୁଦ୍ଧଙ୍କର ବିଭିନ୍ନ ଐତିହାସିକ ଚିହ୍ନ ଦେଖିବାକୁ ମିଳେ । କଳିଙ୍ଗ ରାଜୁତି କାଳରେ ଏହା ରାଜଧାନୀ ଥିଲା ।

ପୁରାଣ ଯୁଗରୁ ଏକାମ୍ର କ୍ଷେତ୍ର ଶିକ୍ଷା, ସଂସ୍କୃତି, ଐତିହ୍ୟ, ପ୍ରତ୍ନତାତ୍ତ୍ୱିକ, ଐତିହାସିକ ଅନୁଭବ ଦୃଷ୍ଟିରୁ ନିଜର ସ୍ୱତନ୍ତ୍ରତା ବଜାୟ ରଖି ଆସିଛି । ପଦ୍ମ ପୁରାଣ, ଏକାମ୍ର ପୁରାଣ, ଶିବ ପୁରାଣ, କପିଳ ସଂହିତା, ଶିବ ସଂହିତା, ପ୍ରାଚୀ ମାହାତ୍ମ୍ୟ ଆଦି ଗ୍ରନ୍ଥରେ ଏକାମ୍ର କ୍ଷେତ୍ରର ମାହାତ୍ମ୍ୟ ବିସ୍ତୃତ ଭାବେ ବର୍ଣ୍ଣିତ । ଖ୍ରୀଷ୍ଟପୂର୍ବ ୫୦୦ ବର୍ଷ ପୂର୍ବରୁ ଏକାମ୍ର କ୍ଷେତ୍ର ଭୁବନେଶ୍ୱର କଳିଙ୍ଗ ସାମ୍ରାଜ୍ୟର ଶାସନ, ପ୍ରଶାସନ, ଶିକ୍ଷା, ସଂସ୍କୃତି ଓ ସଭ୍ୟତାର କେନ୍ଦ୍ରବିନ୍ଦୁ ଥିଲା । କପିଳେଶ୍ୱର ଶିଳାଲିପିରୁ ଏହା ସୁସ୍ପଷ୍ଟ ଯେ ଶାକ୍ୟ ମୁନି ବୁଦ୍ଧଙ୍କ ଜନ୍ମସ୍ଥଳୀ, କର୍ମସ୍ଥଳୀ, ବୌଦ୍ଧ ସଂସ୍କୃତିର ଅଭିବୃଦ୍ଧି, ପ୍ରମୁଖ ପ୍ରଚାର, ପ୍ରସାରର ସ୍ଥଳୀ କଳିଙ୍ଗ ହିଁ ଥିଲା । କଳିଙ୍ଗର ସାଧବ ଭଲ୍ଲିକ ଓ ତପସ୍ସୁ, ସମଗ୍ର ବିଶ୍ୱରେ ପ୍ରବୁଦ୍ଧ ବୁଦ୍ଧଙ୍କର ସର୍ବପ୍ରଥମ ଶିଷ୍ୟର ସୌଭାଗ୍ୟ ପ୍ରାପ୍ତ ହୋଇଥିଲ । କଳିଙ୍ଗର ବୀରତ୍ୱ, ବୈଭବ, ପାଟଳୀପୁତ୍ର (ବର୍ତ୍ତମାନର ବିହାର) ନରେଶ ଅଶୋକଙ୍କୁ ବିଶ୍ୱବିଦିତ କଳିଙ୍ଗ ଯୁଦ୍ଧର ବିଭୀଷିକା ରଚନା କରିବାକୁ ପ୍ରବର୍ତ୍ତାଇ ଥିଲା । ଏକାମ୍ର କ୍ଷେତ୍ର, କପିଳେଶ୍ୱର ଆଦି ମୁଖ୍ୟସ୍ଥାନ ସମୂହ ଲୁମ୍ବାଇ ପ୍ରଗଣା ରୂପେ ପ୍ରସିଦ୍ଧି ଲାଭ କରିଥିଲା । ଅଶୋକ ଏହା ଜ୍ଞାତ ହୋଇ ବୁଦ୍ଧଙ୍କ ଜନ୍ମୋତ୍ସବ ଏଠାରେ ପାଳନ ପୂର୍ବକ ଏକ ଶିଳାଲେଖ ସ୍ଥାପନ କରି ଲୁମ୍ବାଇ ପ୍ରଗଣାର ସମସ୍ତ ଅଧିବାସୀଙ୍କ ରାଜସ୍ୱ ଛାଡ଼ କରିଥିଲେ । ପରେ ପରେ ଐର ଖାରବେଳ, କେଶରୀ ନୃପତିଗଣ ତଥା ଗଙ୍ଗବଂଶୀ ନରେଶ ସମୂହ ଭୁବନେଶ୍ୱରକୁ ନିଜ ନିଜର ରାଜଧାନୀ ରୂପେ ଗ୍ରହଣ କରି ନେଇଥିଲେ । ବୌଦ୍ଧ ଯୁଗୀୟ ଶିକ୍ଷାକ୍ଷେତ୍ରରେ ମଧ ଭୁବନେଶ୍ୱର ସନ୍ନିକଟ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ବିଶ୍ୱ ପ୍ରସିଦ୍ଧ ଥିଲା । ଏଠାରୁ ବହୁ ଶିକ୍ଷାଗୁରୁ କଳିଙ୍ଗସାଗର ପଥରେ ସୁମାତ୍ରା ଦ୍ୱୀପସ୍ଥ ଶ୍ରୀବିଜୟ ବିଶ୍ୱବିଦ୍ୟାଳୟକୁ ଯାଇ ଚୀନ, ଜାପାନ, ବର୍ମା, ଥାଇଲାଣ୍ଡ ଆଦି ଦେଶର ଶିକ୍ଷାର୍ଥୀମାନଙ୍କୁ ଯୋଗଦର୍ଶନ ଶିକ୍ଷାଦାନ କରୁଥିଲେ ।

ପ୍ରାକୃତିକ ପରିବେଶ ଦୃଷ୍ଟିରୁ ଏକାମ୍ର କ୍ଷେତ୍ରର ଏକ ସ୍ୱତନ୍ତ୍ରତା ଥିଲା । ଆମ୍ବ, ପଣସ, ଜାମ୍ବୁ, ନିମ୍ବ, କରଞ୍ଜ, ବର, ବେଲ, ଅଶ୍ୱତ୍ଥ, କୋଚିଲା, ବଉଳ, ତମାଳ, ଚମ୍ପା, ଅଶୋକ, ନାଗେଶ୍ୱର, ଅନନ୍ତ ନାଗେଶ୍ୱର, ଉଦୁମ୍ବର ଆଦି ଦେବ ବୃକ୍ଷରେ ଭୁବନେଶ୍ୱର ପରିପୂର୍ଣ୍ଣ ଥିଲା ।

ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ ଛକରେ ଥିବା ଘୋଡ଼ା ଓ ଯୋଦ୍ଧା ମୂର୍ତ୍ତି ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ କୀର୍ତ୍ତିରାଜିର ପ୍ରତୀକ । ୧୯୮୮ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଶାର ପ୍ରଖ୍ୟାତ ସ୍ଥପତି ପଦ୍ମବିଭୂଷଣ ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କ ଅନନ୍ୟ ସୃଷ୍ଟି ଘୋଡ଼ା ଓ ଯୋଦ୍ଧା ମୂର୍ତ୍ତିକୁ ମାଷ୍ଟରକ୍ୟାଣ୍ଟିନ ଛକରେ ସ୍ଥାପିତ କରାଯାଇଥିଲା ।

ଶିକ୍ଷାକୁ ନେଇ ସମୃଦ୍ଧ ଭୁବନେଶ୍ୱର । ଉଚ୍ଚଶିକ୍ଷା ନିମନ୍ତେ ଉତ୍କଳ ବିଶ୍ୱବିଦ୍ୟାଳୟ, ବକ୍ସି ଜଗବନ୍ଧୁ ମହାବିଦ୍ୟାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟ, ରାଜଧାନୀ ମହାବିଦ୍ୟାଳୟ, ଇଞ୍ଜିନିୟରିଂ କଲେଜ, ସମେତ ବହୁ ଶିକ୍ଷାନୁଷ୍ଠାନ ଅବସ୍ଥିତ ଏବଂ ନନ୍ଦନକାନନ, ବହୁ ପାର୍କ ଆଦି ଅବସ୍ଥିତ । ଓଡ଼ିଶାର ବିଧାନସଭା, ସଚିବାଳୟ, ପ୍ରାୟ ସମସ୍ତ ବିଭାଗର ମୁଖ୍ୟ କାର୍ଯ୍ୟାଳୟ ଆଦି ଅବସ୍ଥିତ । ଆସନ୍ତୁ, ମନ୍ଦିରମାଳିନୀ ରାଜଧାନୀ ଭୁବନେଶ୍ୱରକୁ ଆହୁରି ସରସ, ସୁନ୍ଦର କରିବା ଦିଗରେ ପ୍ରତିଜ୍ଞାବଦ୍ଧ ହେବା ।

## ସ୍କାଉଟ୍ ଓ ଗାଇଡ୍‌ର ଉଲ୍ଲେଖନୀୟ କାର୍ଯ୍ୟ

# ପୁରସ୍କୃତ ହେଲା କଳାହାଣ୍ଡି ଶିକ୍ଷା ବିଭାଗ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍କାଉଟ୍ ଓ ଗାଇଡର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନରେ ଉଲ୍ଲେଖନୀୟ ଅବଦାନ ପାଇଁ କଳାହାଣ୍ଡି ଜିଲ୍ଲା ଶିକ୍ଷା ବିଭାଗ ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଛି। ଭୁବନେଶ୍ୱରସ୍ଥିତ ରାଜଭବନ ଅଭିଷେକ ହଲ୍‌ଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର୍ ଗଣେଶି ଲାଲ ପୁରସ୍କାର ପ୍ରଦାନ କରିଛନ୍ତି। କଳାହାଣ୍ଡି ଭାରତ ସ୍କାଉଟ୍ ଓ ଗାଇଡ୍ ମୁଖ୍ୟ କମିଶନର୍ ତଥା ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର ଏବଂ ଜିଲ୍ଲା ସମ୍ପାଦକ ତଥା ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ରାଜ୍ୟ ପୁରସ୍କାର ପରୀକ୍ଷାରେ ଉତ୍ତୀର୍ଣ୍ଣ ଜିଲ୍ଲାର ୧୦୦ରୁ ଊର୍ଦ୍ଧ୍ୱ ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। କଳାହାଣ୍ଡି ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀଙ୍କ ପ୍ରତିନିଧି ସମୀର ସାଗର ଓ ସରସ୍ୱତୀ ଗୋପାଳ ଏହା ଗ୍ରହଣ କରିଥିଲେ। ଏଥିରେ କ୍ରୀଡ଼ା ଶିକ୍ଷକ ସନାତନ ସାହୁ, ପବିତ୍ର ମୋହନ ପାଶା ଓ ବୀଣାପାଣି ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, କଳାହାଣ୍ଡି ସ୍କାଉଟ୍ ଓ ଗାଇଡ୍ ମୁଖ୍ୟ କମିଶନର ଶ୍ରୀ ଚୋପଦାରଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀଙ୍କ ଚାରିତ୍ରିକ ବିକାଶ, ବ୍ୟକ୍ତିତ୍ୱ ନିର୍ମାଣ ତଥା ସେବା ମନୋଭାବ ଜାଗ୍ରତ ପାଇଁ ବିଭିନ୍ନ ଅଭିନବ କାର୍ଯ୍ୟକ୍ରମ ଜିଲ୍ଲାରେ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିଛି। ଏହା ଭାରତ ସ୍କାଉଟ୍ ଓ ଗାଇଡ୍ କ୍ଷେତ୍ରରେ ଜାଗରଣ ଆଣିବା ସହ ରାଜ୍ୟସ୍ତରରେ ଉଚ୍ଚ ପ୍ରଶଂସିତ ହୋଇଛି। ପୂର୍ବରୁ ଶ୍ରେଷ୍ଠ କେମ୍ପୋରି ଜିଲ୍ଲା ଭାବେ କଳାହାଣ୍ଡି ସମ୍ବର୍ଦ୍ଧିତ ହୋଇଥିବା ବେଳେ ଏବର ସଫଳତାକୁ ନେଇ ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି।

## ମୁକୁଳା ଟ୍ରାନ୍ସଫର୍ମର ସାଜିଛି ବିପଦ, ବାଡ଼ ପାଇଁ ଦାବି



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ବିଦ୍ୟୁତ ବିଭାଗର ବେପରୁଆ ନୀତି ଯୋଗୁଁ ବିପଦକୁ ଆମନ୍ତ୍ରଣ କରୁଛି ମୁକୁଳା ଟ୍ରାନ୍ସଫର୍ମର। କେତେବେଳେ ଯେ କିଛି ଅଘଟଣ ନ ଘଟିବ ଏଡ଼ାଇ ଦିଆ ଯାଇ ନ ପାରେ। ଏଭଳି ବିପଦପନ୍ନ ଭାବେ ରାସ୍ତା ଦୁଇ କଡ଼ରେ ଠିଆ ହୋଇ ରହିଛି ଟ୍ରାନ୍ସଫର୍ମର। ଧର୍ମଗଡ ବ୍ଲକ୍ ଜୟନ୍ତପୁର ପଞ୍ଚାୟତ ରଇନଗୁଡ଼ାଠାରେ ଥିବା ଟ୍ରାନ୍ସଫର୍ମରକୁ ଯିଏ ବି ଦେଖିଛି, ପାଟିରେ ଗୋଟାଏ କଥା ବାହାରି ପଡେ... 'ବାପରେ'! ଦୀର୍ଘ ୧୩ ବର୍ଷ ହେବ ଗାଁ'କୁ ବିଦ୍ୟୁତ ଯୋଗାଣ ହୋଇଛି ସତ, ହେଲେ ସେମିତି ମୁକୁଳା ଭାବେ ଠିଆ ହୋଇଛି ଟ୍ରାନ୍ସଫର୍ମର। ରାସ୍ତା ଉଭୟ ପାର୍ଶ୍ୱରେ ଦୁଇଟି ଟ୍ରାନ୍ସଫର୍ମର ରହିଛି। ରାସ୍ତା ଦେଇ ଅନେକ ଗାଈ ଗୋରୁ, ଛେଳି ମେଣ୍ଢା ଯିବା ଆସିବା କରନ୍ତି। ଏପରିକି ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଙ୍ଗନୱାଡ଼ିର କୋମଳ ଶିଶୁମାନେ ମଧ୍ୟ ଏହି ବାଟରେ ଯିବା ଆସିବା କରିବା ସହ ଖେଳକୁଦ କରନ୍ତି। ଗତ ୪ବର୍ଷ ତଳେ ଗୋଟାଏ ଗାଈ ଖୋଲା ଟ୍ରାନ୍ସଫର୍ମର ତାରରେ ଲାଗି ଅଳ୍ପକେ ବର୍ଞ୍ଚି ଯାଇଥିଲା। ଗାଁ ଲୋକେ ଏହା ଦେଖି ଟ୍ରାନ୍ସଫର୍ମର ଚାରିପଟେ କଣ୍ଟା ଝାଟି ଆଦି ଦେଇ ରଖିଥିଲେ। ହେଲେ ଏବେ ସମ୍ପୂର୍ଣ୍ଣ ମୁକୁଳା ହୋଇ ପଡିଛି। ବିଭାଗ କର୍ମଚାରୀ ମାସକୁ ମାସ ବିଦ୍ୟୁତ ପୈଠ ପାଇଁ ଗାଁ କୁ ବାରମ୍ବାର ଆସନ୍ତି। ବହୁବାର ଗାଁ ଲୋକେ ତାର ସୁରକ୍ଷା ପାଇଁ ଅନେକଥର ଅଭିଯୋଗ ମଧ୍ୟ କରି ସାରିଲେଣି। ହେଲେ ବିଦ୍ୟୁତ ବିଭାଗ କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରନ୍ତି। ତୁରନ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଟ୍ରାନ୍ସଫର୍ମରରେ ବାଡ଼ ନିର୍ମାଣ କରିବାକୁ ଦାବି କରନ୍ତି। ନଚେତ କୌଣସି ଘଟଣା ଘଟିଲେ ବିଭାଗ ଦାୟୀ ରହିବ ବୋଲି ଗ୍ରାମର ଶ୍ୱେତ ରାମ ନାଏକ, କାର୍ତ୍ତିକ ମାଝୀ, ହୀରାଧର ମାଝୀ, ଜୟରାମ ଦୁରିଆ, ଲୋହିତ ଦୁରିଆ, ପିଣ୍ଟୁ ନାଏକ, ଧନଞ୍ଜୟ ବୋଡ଼କିଆ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏନେଇ ବିଦ୍ୟୁତ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ ହିଁ ସମ୍ଭବ ହୋଇ ନ ଥିଲା।

## ମନରେଗା ଯୋଜନାରେ ପୋଖରୀ ଖନନ ଶୁଭାରମ୍ଭ କଲେ ସରପଞ୍ଚ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଧର୍ମଗଡ଼ ବ୍ଲକ ପର୍ଲା ପଞ୍ଚାୟତ ଅନ୍ତର୍ଗତ ସିନାପଡା ସ୍ଥିତ ଚାରି ଖୁଣ୍ଟିଆ ପୋଖରୀ ଖନନର ଶୁଭାରମ୍ଭ ସୋମବାର ହୋଇ ଯାଇଛି। ସରପଞ୍ଚ ବ୍ରିଜ୍‌ଲାଲ ନାଏକ ପୋଖରୀ ଖନନର ଶୁଭାରମ୍ଭ କରିଥିଲେ। ସୂଚନା ଯେ ଗ୍ରାମବାସୀ ବହୁଦିନ ଧରି ଏହି ପୋଖରୀର ପୁନଃଉଦ୍ଧାର ଓ ଖନନ କରିବାକୁ ଦାବି ରଖି ଆସୁଥିଲେ। ଯାହା ଚଳିତ ଗ୍ରାମସଭା ଅଧିବେଶନରେ ମନରେଗା ଯୋଜନାରେ ସାମିଲ କରି ପାରିତ ହୋଇଥିଲା। ୧୦ ଲକ୍ଷ ଟଙ୍କା ବିନିଯୋଗରେ ଏହି କାମ ହେବାକୁ ଥିବା ବେଳେ ସ୍ଥିତି ଓ ଅନୁକୂଳ ଦେଖି ଆଉ ଅଧିକ ଟଙ୍କା ବିନିଯୋଗ କରିବାକୁ ପ୍ରୟାସ କରାଯିବ ବୋଲି ସରପଞ୍ଚ ବ୍ରିଜଲାଲ ନାଏକ ପ୍ରକାଶ କରିଛନ୍ତି। ଅନ୍ୟପଟେ ଗ୍ରାମର ଅନେକ ଶ୍ରମିକ ଏହି ଖନନ କାର୍ଯ୍ୟରେ ନିୟୋଜିତ ହୋଇ ଉପକୃତ ହେବା ଆଶା ରଖା ଯାଇଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷେତ୍ର ମୋହନ ବିହାରୀ ପ୍ରକାଶ କରିଛନ୍ତି। ଗାଁ ଲୋକଙ୍କ ବ୍ୟବହୃତ ପାଇଁ କେବଳ ଏହି ଚାରି ଖୁଣ୍ଟିଆ ପୋଖରୀ ଥିବା ବେଳେ ଗ୍ରୀଷ୍ମ କାଳରେ ପାଣି ଶୁଖି ପଡି ଥାଏ। ଯାହା ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା ଲୋକେ କହନ୍ତି। ତେବେ ଏହି ପୋଖରୀର ଖନନ କରାଗଲେ ଆଗାମୀ ଦିନରେ ବ୍ୟାବହୃତ ପାଣିର ଅସୁବିଧାରୁ ବଞ୍ଚିତ ହେବା ଆଶା କରାଯାଉଥିବା ଗ୍ରାମର ବୈଷ୍ଣବ ଗୋପାଳ, ମତିରାମ ଗୋପାଳ, ଅଶୋକ କୁମାର ଗୋପାଳ, ଦେବରାଜ ଗୋପାଳ ପ୍ରମୁଖ ପ୍ରକାଶ କରନ୍ତି।

## ମାନବିକତା ଦେଖାଇଲେ ବ୍ଲକ ଉପାଧ୍ୟକ୍ଷ

# ବେସାହାରାକୁ କାନ୍ଧ ଦେଇ କଲେ ଶବ ସତ୍କାର



କୋକସରା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ସାହାଜ ଜଙ୍ଗଲ ମଧ୍ୟରେ ଥିବା ପର୍ଯ୍ୟଟନସ୍ଥଳୀ ଗୁଡ଼ହାଣ୍ଡି ଡୋକରୀ ଚଞ୍ଚରାଠାରେ ଥିବା ଶ୍ରୀରାମ ମନ୍ଦିର ପାଖରେ ରହୁଥିବା ଅସହାୟ ବୃଦ୍ଧା ମଙ୍ଗଳ ଦେଇ ମାଝୀଙ୍କ ରବିବାର ପରଲୋକ ହୋଇଛି। ବୃଦ୍ଧ ସ୍ୱାମୀ ଘେନୁ ମାଝୀ ଛଡ଼ା ପାଖରେ କେହି ନଥିବାବେଳେ ଉପାୟ ଶୂନ୍ୟ ହୋଇ ପଡ଼ିଥିଲେ। କୌଣସି ମତେ ଖବର ପାଇ ବ୍ଲକ୍ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ସରପଞ୍ଚ ହରିପ୍ରିୟା ନାଗ ଓ ଡୋକରୀ ଚଞ୍ଚରା ଉନ୍ନୟନ କମିଟିର କର୍ମକର୍ତ୍ତା ଓ ସମାଜ ସେବୀମାନେ ଘଟଣା ସ୍ଥଳରେ ପହଞ୍ଚି ଶବକୁ କାନ୍ଧ ଦେଇ ସତ୍କାର କରି ମହାନତା ଦେଖାଇଛନ୍ତି। ସୂଚନା ଯୋଗ୍ୟ ଯେ, ଅସହାୟତା ଓ ପାରିବାରିକ ଆର୍ଥିକ ସ୍ଥିତି ଦୁର୍ବଳ ଯୋଗୁଁ ଏହି ପର୍ଯ୍ୟଟନୀ ସ୍ଥଳୀରେ ବସବାସ କରି ଜଙ୍ଗଲ ଦ୍ରବ୍ୟ ସଂଗ୍ରହ କରିବା ସହିତ ପର୍ଯ୍ୟଟନ ସ୍ଥଳକୁ ଆସୁଥିବା ଲୋକେ ଯିଏ ଯାହା ଭାବି ବିଚାରୀ ଦେଲେ ସଥିରେ ପରିବାର ପ୍ରତିପୋଷଣ କରୁଥିଲେ। ବାର୍ଦ୍ଧକ୍ୟ ଅବସ୍ଥାରେ ଅସହାୟ ଅବସ୍ଥାରେ ଦୁର୍ଦ୍ଦିନରେ କାଳାତିପାତ କରୁଥିଲେ। ରବିବାର ମଙ୍ଗଳ ଦେଇଙ୍କ ମୃତ୍ୟୁ ଖବର ପାଇ ଉନ୍ନୟନ କମିଟିର କର୍ମକର୍ତ୍ତା, ଭଦ୍ରେଶ୍ୱର ପାତ୍ର, ଜିତେନ୍ଦ୍ର ପ୍ରଧାନୀ, ଅଇଁରୀ ନାଶନ ଚିନ୍ଦା, ଆଦିତ୍ୟ ପଣ୍ଡା, ଘନଶ୍ୟାମ ନାଏକ, ଗୌରାଙ୍ଗ ନାଗ ପହଞ୍ଚି ଶବ ସତ୍କାର କାର୍ଯ୍ୟ ସମାପନ କରିଥିଲେ। ଦୂର ଗାଁରୁ ଆସିଥିବା ତାଙ୍କ ସମ୍ପର୍କୀୟ ମୁଖାଗ୍ନି ଦେଇଥିଲେ। ବର୍ତ୍ତମାନ ବୃଦ୍ଧ ଘେନୁ ମାଝୀ ନିଜ ସମ୍ପର୍କୀୟଙ୍କ ଘରକୁ ଯାଇଥିବାବେଳେ ଡୁଡୁକାଠେଙ୍ଗା ସରପଞ୍ଚ ହରିପ୍ରିୟା ନାଗ ହରିଶ୍ଚନ୍ଦ୍ର ଯୋଜନାରୁ ତିନି ହଜାର ଟଙ୍କା ପ୍ରଦାନ କରିଥିବାବେଳେ ବ୍ଲକ ଉପାଧ୍ୟକ୍ଷ ଅଗ୍ରୱାଲ ଦଶାହ କାର୍ଯ୍ୟ ସମ୍ପାଦନ ପରେ ବୃଦ୍ଧଙ୍କ ଥଇଥାନ ପାଇଁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ନର୍ଲାରେ ନିର୍ମାଣ ହେବ ରେଳ ଓଭର ବ୍ରିଜ୍

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ନର୍ଲା ଲେବଲ କ୍ରସିଂଠାରେ ଓଭର ବ୍ରିଜ ନିର୍ମାଣ ନିମନ୍ତେ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲା। ବର୍ତ୍ତମାନ ଏନେଇ ସର୍ଭେ କାର୍ଯ୍ୟ ଶେଷ ହୋଇଥିବାବେଳେ ଅନୁମୋଦନ ଅପେକ୍ଷାରେ ରହିଥିବା ଜଣାପଡ଼ିଛି। ପ୍ରକାଶ ଯେ, ନର୍ଲା ବିଧାୟକ ଭୂପିନ୍ଦର ସିଂହ ବିଧାନସଭାରେ ରାଜ୍ୟ ନିର୍ମାଣ, ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ନର୍ଲାଠାରେ ରେଳ ଓଭର ବ୍ରିଜ ଓ ଗୋହିରାପଦରରେ ଅଣ୍ଡର ବ୍ରିଜ କିମ୍ବା ଓଭର ବ୍ରିଜ ପ୍ରସ୍ତାବ ଅଛି କି ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ, କଳାହାଣ୍ଡି ଜିଲ୍ଲାର ନର୍ଲା ପୂର୍ତ୍ତ ବିଭାଗ ରାସ୍ତାରେ ଏଲସି ନଂ– ଆରଡି ୧୯୬ର ପ୍ରାରମ୍ଭିକ ସର୍ଭେ ଓ ଅନୁସନ୍ଧାନ କାର୍ଯ୍ୟ ଶେଷ ହୋଇ ଏହାର ଅନୁମୋଦିତ ଏଲାନମେଣ୍ଟ ନକ୍ସାକୁ ରେଳବାଇ ଅଧିକାରୀଙ୍କ ନିକଟକୁ ରେଳବାଇ ଅଂଶର ଜିଏଡି ପ୍ରସ୍ତୁତି ନିମନ୍ତେ ପଠାଯାଇଛି। ରେଳବାଇ ଅଧିକାରୀଙ୍କଠାରୁ ହସ୍ତଗତ ହେବା ପରେ କମବାଇଣ୍ଡ ଜିଏଡି ପୁନଃ ଅନୁମୋଦନ ନିମନ୍ତେ ପଠାଯିବ। ପରେ ଅଟକଳ ପ୍ରସ୍ତୁତି କରାଯାଇ ପ୍ରଶାସନିକ ଅନୁମୋଦନ ତଥା ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଲିଖିତ ଉତ୍ତର ଦେଇଛନ୍ତି। ସେହିଭଳି ଗୋହିରାପଦରରେ ଅଣ୍ଡର ବ୍ରିଜ କିମ୍ବା ଓଭର ବ୍ରିଜ ନିର୍ମାଣ ପାଇଁ ବର୍ତ୍ତମାନ କୌଣସି ପ୍ରସ୍ତାବ ନାହିଁ ବୋଲି କହିଛନ୍ତି।

## କଳାହାଣ୍ଡି ଘରୋଇ ବସ୍ ମାଲିକ ସଂଘର ବୈଠକ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଘରୋଇ ବସ ମାଲିକ ସଂଘର ଏକ ବୈଠକ ଭବାନୀପାଟଣା ସଦରବ୍ଲକ ଅନ୍ତର୍ଗତ ପାଲସିପଡାଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାପତି ପ୍ରବୋଧ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପାସେଞ୍ଜରମାନଙ୍କ ବିଭିନ୍ନ ସମସ୍ୟା, ନୂଆ ବସଷ୍ଟାଣ୍ଡର ସଠିକ ନିୟନ୍ତ୍ରଣ, ଆର୍‌ଟିଏ ଓ ଏସ୍‌ଟିଏ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ପରମିଟ ପ୍ରଦାନ ସମେତ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ସଂଘର ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମରେ ଉପରେ ମଧ୍ୟ ଆଲୋକପାତ ହୋଇଥିଲା। ପରେ ନିର୍ବାଚନ ପର୍ଯ୍ୟବେକ୍ଷକ କାଶିନାଥ ହୋତାଙ୍କ ତତ୍ତ୍ୱାବଧାନରେ ଆସନ୍ତା ୩ବର୍ଷ ନିମନ୍ତେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ପ୍ରବୋଧ ରଥ, କାର୍ଯ୍ୟକାରୀ ସଭାପତି ପ୍ରବୀଣ କୁମାର ଖମାରୀ, ଉପସଭାପତି ସନ୍ଦୀପ କୁମାର ଦାସ, ସାଧାରଣ ସମ୍ପାଦକ ସୁବାଷ ଚନ୍ଦ୍ର ପଣ୍ଡା, ସହସମ୍ପାଦକ ସତ୍ୟ ରଥ, ମୋହିତ କୁମାର ଦାସ, କୋଷାଧ୍ୟକ୍ଷ ମାନସ ରଞ୍ଜନ ଦାସ, କାର୍ଯ୍ୟକାରୀ ସଦସ୍ୟ କାଶିନାଥ ହୋତା, ପ୍ରଦୀପ କୁମର ଦାସ, ବଟ ପ୍ରଧାନ, ନରେଶ ପଟ୍ଟନାୟକ, ବୀର ପ୍ରହରାଜ ପ୍ରମୁଖ ନିର୍ବାଚିତ ହୋଇଥିଲେ। କାର୍ଯ୍ୟକ୍ରମରେ ଶେଷରେ ଉପସଭାପତି ସନ୍ଦୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନ ଶେଷ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାରେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ନିମନ୍ତେ ନିର୍ବାଚନ ଶେଷ ହୋଇଛି। ଭବାନୀପାଟଣା ଜିଲ୍ଲା କୋର୍ଟ ସମେତ ଜୟପାଟଣା, ଧର୍ମଗଡ଼, ଜୁନାଗଡ଼, ମ.ରାମପୁର କୋର୍ଟ ପରିସରସ୍ଥ ବୁଥ୍‌ରେ ଭୋଟ ଗ୍ରହଣ କରାଯାଇଥିଲା। ରାଜ୍ୟ ଆଇନଜୀବୀ ପରିଷଦର ୨୫ଟି ସଦସ୍ୟ ପଦ ପାଇଁ ମତଦାନ ହୋଇଥିଲା। ଭବାନୀପାଟଣାର ମୋଟ ୪୦୬ ଜଣ ଆଇନଜୀବୀ ମତଦାତାଙ୍କ ମଧ୍ୟରୁ ୩୬୦ଜଣ ମତ ଅଧିକାର ସାବ୍ୟସ୍ତ କରିଥିବା ଜଣାପଡିଛି। ନିର୍ବାଚନରେ ପୁଲିଂ ଅଫିସର ଭାବେ ବିଚାରବିଭାଗୀୟ ମାଜିଷ୍ଟ୍ରେଟମାନେ ଦାୟିତ୍ୱ ନିର୍ବାହ କରିଥିଲେ। ନିର୍ବାଚନରେ ପ୍ରିଫରେନ୍‌ସିଆଲ ଭୋଟିଂ ବ୍ୟବସ୍ଥା ରହିଥିଲା। ୨୫ଜଣ ସଦସ୍ୟଙ୍କୁ ମତଦାତାମାନେ ଭୋଟ୍ ଦେଇଛନ୍ତି। ଜଣେ ମତଦାତା ଅତି କମରେ ୫ଟି ପ୍ରିଫରେନ୍ସ ପ୍ରସଙ୍ଗରେ ବାଲାଟ ପେପରରେ ଉଲ୍ଲେଖ କରିଥିବା ଜଣାପଡିଛି। ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନରେ କଳାହାଣ୍ଡିରୁ ଆଇନଜୀବୀ ଲୋକନାଥ ନାୟକ ପ୍ରାର୍ଥୀ ରହିଥିବା ବେଳେ କଳାହାଣ୍ଡି ଜୟପାଟଣା ଅଞ୍ଚଳର ଆଇନଜୀବୀ ଧନଞ୍ଜୟ ମୁଣ୍ଡ ଏବଂ ନର୍ଲା ଅଞ୍ଚଳର ଆଇନଜୀବୀ ମାନସ ଚାନ୍ଦ କଟକ ହାଇକୋର୍ଟରୁ ଏହି ନିର୍ବାଚନରେ ପ୍ରାର୍ଥୀ ରହିଛନ୍ତି।

# ଘରୋଇ କମ୍ପାନୀର କେନ୍ଦୁପତ୍ର କ୍ରୟକୁ ବିରୋଧ



କୋକସରା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଲଡୁଗାଁ କେନ୍ଦୁପତ୍ର ରେଞ୍ଜ ଅଧୀନ ବିଭିନ୍ନ ଗ୍ରାମରେ ଘରୋଇ କମ୍ପାନୀ କେନ୍ଦୁପତ୍ର କ୍ରୟ କରୁଛି। ଯାହାକୁ ବିରୋଧ କରି ରବିବାର ଭୁର୍ଷାଗୁଡା ମହାଭାରତ ପଡ଼ିଆଠାରେ ବନ ବିଭାଗ ଓ କେନ୍ଦୁପତ୍ର ସାମୟିକ କର୍ମଚାରୀର ଜରୁରୀ କାଳୀନ ବୈଠକ ଅନୁଷ୍ଠିତ ହୋଇଛି। ଆମପାଣି ଜିଲ୍ଲା ପରିଷଦ ସଭ୍ୟ ତଥା କେନ୍ଦୁପତ୍ର ଶ୍ରମିକ ସଂଘ ସଭାପତି ହେମନ୍ତ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ କଳାହାଣ୍ଡି କେନ୍ଦୁପତ୍ର ଶ୍ରମିକ ସଂଘ ସଭାପତି ଚିରାକ୍ ସିଂ ଦେଓ, ସମ୍ମାନୀତ ଅତିଥି ଧର୍ମଗଡ଼ ବ୍ଲକ୍ ଜୋନ (୨) ଜିଲ୍ଲା ପରିଷଦ ସଭ୍ୟ ଶଙ୍କର ଯୁଏଡ, ଲଡୁଗାଁ କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ରେବତୀକାନ୍ତ ନାଏକ, ରେଙ୍ଗାଲପାଲି ବନପାଳ ସୁଦାମ ଚରଣ ସାହୁ, ବିଜମରା ବନପାଳ ହରିଶଙ୍କର ଧରୁଆ, ଜୟପାଟଣା ବନପାଳ ତ୍ରୈଲୋକ୍ୟ ଧରୁଆ ପ୍ରମୁଖ ଯୋଗଦେଇ ଥିଲେ। ଲଡୁଗାଁ ରେଞ୍ଜ ଅଧୀନ ବିରିମୁହାଣଠାରୁ ପାଇକପଡ଼ା ପର୍ଯ୍ୟନ୍ତ ୧୪ଟି ଫଡିରେ ଘରୋଇ କମ୍ପାନୀ କେନ୍ଦୁପତ୍ର ତୋଳାଳୀ ଶ୍ରମିକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଗତ ଦୁଇବର୍ଷ ହେବ କେନ୍ଦୁପତ୍ର କ୍ରୟ କରି ଆସୁଛି। ଯାହାଦ୍ୱାରା ସରକାରଙ୍କ ଲକ୍ଷାଧିକ ରାଜସ୍ୱ ହାନି ହେଉଛି। ସରକାରୀସ୍ତରରେ କେନ୍ଦୁପତ୍ର ବିକ୍ରୟ କଲେ ଶ୍ରମିକଙ୍କୁ ସରକାରଙ୍କ ଦ୍ୱାର ରହିଥିବା ବିଭିନ୍ନ ସୁବିଧା ବିଏସ୍‌କେୱାଇ କାର୍ଡ ଅନ୍ତର୍ଭୁକ୍ତ, ତୋଳାଳି ପରିବାରଙ୍କ ଛାତ୍ରଛାତ୍ରୀମାନଙ୍କୁ ଛାତ୍ରବୃତ୍ତି, ବନ୍ଧେଇ ଶ୍ରମିକଙ୍କ କଲ୍ୟାଣ ଟ୍ରଷ୍ଟରୁ ମୃତ୍ୟୁ କାଳୀନ ସହାୟତା ଭଳି ଅନେକ ଯୋଜନାରେ କେନ୍ଦୁପତ୍ର ତୋଳାଳି ଶ୍ରମିକ ଅନ୍ତର୍ଭୁକ୍ତ ହୋଇପାରିବେ। ହେଲେ ଘରୋଇ କମ୍ପାନୀ କେନ୍ଦୁପତ୍ର ତୋଳାଳୀ ଶ୍ରମିକମାନଙ୍କୁ ଅଧିକ ଲାଭ ଆଶା ଦେଖାଇ ନିଜ ଆଡକୁ ଟାଣି ନେଉଛି। ଯାହା ଦ୍ୱାରା କେନ୍ଦୁପତ୍ର ତୋଳାଳୀ ଶ୍ରମିକ ସରକାରଙ୍କ ଦ୍ୱାରା ରହିଥିବା ସେସବୁ ସୁବିଧାରୁ ବଞ୍ଚିତ ହେଉଛନ୍ତି। କିଭଳି ଭାବରେ କେନ୍ଦୁପତ୍ର ତୋଳାଳୀ ଶ୍ରମିକ ସରକାରଙ୍କ ଦ୍ୱାରା ରହିଥିବା ଯୋଜନାର ଲାଭ ଉଠେଇ ପାରିବେ ଓ ସରକାରୀସ୍ତରରେ ଅଧିକରୁ ଅଧିକ କ୍ରୟ ହେବ ସେ ନେଇ ବିଶେଷ ଭାବରେ ଆଲୋଚନା ହୋଇଥିଲା। ବୈଠକରେ ଗୋତମୁଣ୍ଡା ସମିତି ସଭ୍ୟା ଶାମୁକା ନାଏକ, ମହିମା ସରପଞ୍ଚ ଇଶରାମ କୋଲଥିଆ, ସମିତି ସଭ୍ୟ ଘନଶ୍ୟାମ ନାଏକ ସମେତ ବଡପୋଡାଗୁଡା, ଆମପାଣି, ଡୁଡୁକାଠେଙ୍ଗା, ଟେମରା, ସାନପୋଡାଗୁଡା, ମହିମା, ଗୋତମୁଣ୍ଡା, ଧର୍ମଗଡ଼ ବ୍ଲକ୍‌ର ଧଆଁରପୁର, ଜୟନ୍ତପୁର ସମେତ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧିମାନେ ସାମିଲ ହୋଇ ନିଜ ନିଜ ମତ ରଖିଥିଲେ। ଚେକର ତ୍ରିନାଥ ପୋଟା, ପ୍ରଫୁଲ୍ଲ ନାଏକ, ମୁନସୀ ପ୍ରଦୀପ ପୟାସିଂ, ରୁପଧର ଚଣ୍ଡୀ, ବଦ୍ରି ପ୍ରସାଦ ସୌରୀ, ବିଶେଶ୍ୱର ମାଝୀ, ମଦନ ମାଝୀ, କ୍ଷୀରୋଦ କାଣ୍ଡ, ପ୍ରେମଲାଲ ଖର୍ସେଲ ସମେତ ଲଡୁଗାଁ କେନ୍ଦୁପତ୍ର ବନାଞ୍ଚଳ ଅଧିନ ସମସ୍ତ ଫଡୀର ମୁନସୀ, ଚପରାସି, ଚେକରମାନେ ଉପସ୍ଥିତ ରହି ସରକାରଙ୍କ ତରଫରୁ କେନ୍ଦୁ ବୁଦା କଟାଯାଇଥିବା ସ୍ଥାନରେ ମଧ୍ୟ କମ୍ପାନୀ ପସି ତୋଲାଲିଙ୍କୁ ପ୍ରଲୋଭନ ଦେଖାଇ ପତ୍ର ସଂଗ୍ରହ କରି ନେଉଛି। ଯ'ଦ୍ୱାରା ସରକାରଙ୍କ ରାଜସ୍ୱ ହାନି ହେବା ସହ ଅନେକ କ୍ଷତି ସହିବାକୁ ପଡୁଛି। ତେଣୁ ବ୍ୟାପକ ସଚେତନତା ସୃଷ୍ଟି କରିବା ସହିତ ଗାଁ ଗାଁରେ କରୋଇ କମ୍ପାନୀର କେନ୍ଦୁପତ୍ର କ୍ରୟକୁ ବିରୋଧ କରିବା ପାଇଁ ଚେତାବନୀ ଦେଇଛନ୍ତି।

## ରାଜପୁତ କ୍ଷେତ୍ରୀୟ ପାଇକ ସମାଜର ଜିଲ୍ଲାସ୍ତରୀୟ ଆଲୋଚନା ଚକ୍ର

ଜୁନାଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସ୍ଥିତ ରାଜପୁତ କ୍ଷେତ୍ରୀୟ ପାଇକସମାଜ ପର୍ଶ୍ଚିମ ମଣ୍ଡଳ କାର୍ଯ୍ୟାଳୟଠାରେ ଜିଲ୍ଲାସ୍ତରୀୟ ଆଲୋଚନା ଚକ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ସମ୍ପାଦକ ଲକ୍ଷ୍ମୀ ନାରାୟଣ ବାଣୁଆ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିବାବେଳେ ଜିଲ୍ଲା କୁଳାଧ୍ୟକ୍ଷ ଚନ୍ଦ୍ରଧ୍ୱଜ ପେସନିଆ, ପୂର୍ବ ମଣ୍ଡଳ କୁଳପତି, ପର୍ଶ୍ଚିମ ମଣ୍ଡଳ କୁଳପତି, ମଣ୍ଡଳ ସଦସ୍ୟ ଉପମଣ୍ଡଳ ସଦସ୍ୟ ଏବଂ ପଲ୍ଲୀ ସଦସ୍ୟମାନଙ୍କୁ ନିଜନିଜ ପ୍ରସ୍ତାବ ରଖିବା ପାଇଁ ମତ ପ୍ରଦାନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ମୁଖ୍ୟତ ସମାଜକୁ କିପରି ସୁଦୃଢ଼ କରାଯିବ କଳାହାଣ୍ଡି ଜିଲ୍ଲା ସାରା ସମାଜ ବନ୍ଧୁ କିପରି ଏକତ୍ରିତ ହେବେ, କିପରି ଗୋଟିଏ ପରିବାର ହୋଇ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ କାରୁକାର୍ଯ୍ୟ କରିବେ, ଅନ୍ୟ ଜିଲ୍ଲାରୁ କପରି ବନ୍ଧୁତା ସ୍ଥାପନ କରାଯିବ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ କଳାହାଣ୍ଡି ଜିଲ୍ଲା ରାଜପୁତ କ୍ଷେତ୍ରୀୟ ପାଇକ ସମାଜକୁ ସୁଦୃଢ଼ କରିବା ପାଇଁ ଏକ ମଣ୍ଡଳସ୍ତରୀୟ ଦଶ ଜଣିଆ କମିଟିଗଠନ କରିବା ପାଇଁ ଏହି ବୈଠକରେ ସ୍ଥିର କରାଯାଇଛି। ବୈଠକରେ ପର୍ଶ୍ଚିମ ମଣ୍ଡଳ କୁଳପତି ରଜନୀ କାନ୍ତ ବିଶି, ପୂର୍ବ ମଣ୍ଡଳ କୁଳପତି ପ୍ରଦୀପ ଘଡେଇ, ପୂର୍ବ ମଣ୍ଡଳ ଉପକୁଳପତି ଭୈରବ ପ୍ରସାଦ ନାୟକ, ପୂର୍ବ ମଣ୍ଡଳ ସମ୍ପାଦକ ବାସୁଦେବ ପ୍ରଧାନୀ, ଉପମଣ୍ଡଳ ସମ୍ପାଦକ ହେମନ୍ତ କୁମାର ରାୟ, ଚାର୍ତୃଭୂଜ ଦୁବେ, ଉଦୟ ନାଥ ପାତ୍ର, ଉପେନ୍ଦ୍ର ସନ୍ତୋଷ ରାୟ, ପରମାନନ୍ଦ ପୁଝରି ଘନସ୍ୟମ ଗୁରୁ, ନୀଳକଣ୍ଠ ପାତ୍ର, ଶିବରାମ ରାଉତ, ପାରେ ସ୍ୱର ପୁଝରୀ, ଯୁଗଳ ନାଏକ, ମୁଖି ରାମ ଦଣ୍ଡ ସେନା, ଶେଷଦେବ ପତ୍ର, ବୈଠକକୁ ଧନ୍ୟବାଦ ଅର୍ପଣ କରିଥିଲେ ରମେଶ ରାଉତ, ସମାଜର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ରାଶିଫଳ

ମଙ୍ଗଳବାର, ୧୮ ଏପ୍ରିଲ ୨୦୨୩



**ମେଷ:** ଶୁଭଖବର ପାଇ ମନ ଖୁସି ହେବ। ସହକର୍ମୀମାନଙ୍କର ସମର୍ଥନ ଏବଂ ଅଧସ୍ତନଙ୍କର ସହଯୋଗ ଯୋଗୁ କର୍ମକ୍ଷେତ୍ରରେ ସମ୍ମାନ ବୃଦ୍ଧି ଓ ସୁନାମ ଅର୍ଜନ କରିବେ। ବ୍ୟବସାୟରେ ଆକସ୍ମିକ ଧନ ପ୍ରାପ୍ତି ହେବା ଫଳରେ ବଢେଇବାର ପ୍ରୟାସ କରିବେ। ରାଜନୈତିକ କ୍ଷେତ୍ରରେ ଶତ୍ରୁମାନେ ମିତ୍ରତାର ହାତ ବଢେଇବେ।



**ବୃଷ:** ଶିଳ୍ପବାଣିଜ୍ୟ ଓ ପରିବହନ ବ୍ୟବସାୟରେ ବିଭିନ୍ନ ଆଡୁ ଲାଭ ପାଇବେ। କିଛି ନୂତନ କର୍ମ ଆରମ୍ଭ କରି ନିକଟ ସମ୍ପର୍କୀୟଙ୍କଠାରୁ ପ୍ରଶଂସିତ ହେବେ। ବନ୍ଧୁବାନ୍ଧବମାନେ ଆର୍ଥିକ କ୍ଷେତ୍ରରେ ସାହାଯ୍ୟ ସହଯୋଗ କରିବା ଯୋଗେ ଚିନ୍ତା କରିଥିବା କାମ ଗୁଡିକ ଠିକ୍ ଭାବେ ସଂପୂର୍ଣ୍ଣ ହେବ। ପ୍ରେମକ୍ଷେତ୍ରରେ ସଫଳତା ଲାଭ କରିବେ।



**ମିଥୁନ:** ସତସଙ୍ଗ ଓ ମନୋରଞ୍ଜନ, କ୍ରୀଡ଼ା କାମରୁ ପ୍ରଶଂସିତ ହେବେ। ପାରିବାରିକ ପରିସ୍ଥିତି ଯୋଗୁ ଧାର୍ମିକ କାର୍ଯ୍ୟରେ ମନ ବଳାଇବେ। ବିଦ୍ୟାରେ ଉନ୍ନତି କରିବେ। ସ୍ୱାସ୍ଥ୍ୟକର ପରିବେଶ ସାଙ୍ଗକୁ ସମ୍ମାନଜନକ ଘଟଣା ଘଟିବ। ଆର୍ଥିକସ୍ଥିତି ଭଲ ରହିବ କିଛି ଅସୁବିଧା ହେବ ନାହିଁ।



**କର୍କଟ:** ରାଜନୀତି କ୍ଷେତ୍ରରେ ସଫଳତା ଓ ଲୋକ ସମ୍ପର୍କ ଆମ୍ ସନ୍ତୋଷ ବଢ଼େଇବ। ପରିବାରରେ ଉତ୍ତମ ଯୋଜନାବଦ୍ଧ ହେବା ଫଳରେ ଆର୍ଥିକ କ୍ଷେତ୍ରରେ ଉନ୍ନତିହେବ। ଉଚ୍ଚାଧିକାରୀ, ସହକର୍ମୀ, ଭାଇ ବନ୍ଧୁ ବା କୌଣସି ବିଶିଷ୍ଟ ବ୍ୟକ୍ତିଙ୍କର ସହଯୋଗ ମନୋବଳକୁ ବଢ଼େଇ ଦେବ। ନିଜର ବୁଦ୍ଧି, ବିବେକ ଖଟାଇ ସମସ୍ୟାର ସମାଧାନ କରିପାରିବେ।



**ସିଂହ:** ସନ୍ତାନର ଭବିଷ୍ୟତ ପାଇଁ ଯୋଜନା କରି ପୁଞ୍ଜି ନିବେଶ କରିବେ। ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ଜାଗା, ଜମି, ବାସଗୃହ ଓ ଯାନବାହାନ କ୍ରୟ କରିବାର ସୁବିଧା ପାଇବେ। କାର୍ଯ୍ୟ କ୍ଷେତ୍ରରେ ସଫଳତା ପାଇ ଆଶା ଆକାଂକ୍ଷା ଓ ମହତ୍ୱାକାଂକ୍ଷା ପୂର୍ଣ୍ଣହେବ। ବନ୍ଧୁ ମିତ୍ରଙ୍କର ସହଯୋଗ, ପ୍ରେରଣା ଓ ଆର୍ଥିକ ସହାୟତାରେ ନୂତନପନ୍ଥା ଅନୁସରଣ କରିବେ।



**କନ୍ୟା:** ଆଶା କରୁଥିବା ଖବର ପାଇ ଖୁସୀ ହୋଇଯିବେ। ଶରୀର ସୁସ୍ଥ ରହିବ। ସାମାଜିକ ପ୍ରତିଷ୍ଠା ଓ ମାନସମ୍ମାନରେ ବୃଦ୍ଧି ହେବ। ବ୍ୟବସାୟରେ ଉନ୍ନତି ସହ ଆର୍ଥିକ ସ୍ଥିତିରେ ବୃଦ୍ଧି ହେବ। ପ୍ରଶାସନ, ପ୍ରକାଶନ, ଅଧ୍ୟୟନ ଓ ଅଧ୍ୟାପନା, ସାହିତ୍ୟ ଚର୍ଚ୍ଚା କ୍ଷେତ୍ରରୁ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ଅନେକଦିନ ଧରି ଚାଲିଥିବା ଦ୍ୱନ୍ଦ୍ୱର ସମାଧାନ ହେବ।



**ତୁଳା:** ଶତ୍ରୁମାନେ ତଳମୁହାଁ ହେବେ। ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଅଧିକ ପରିଶ୍ରମ କରି ପ୍ରଶଂସା ପାଇବେ। ରାଜନୈତିକ କ୍ଷେତ୍ରରେ ଲୋକ ସମର୍ଥନ, ଦଳ ସମର୍ଥନ ବଢିବା ସହ ମୁଖ୍ୟନେତାଙ୍କର ପ୍ରିୟପାତ୍ର ହେବେ। ମାଲିମକଦ୍ଦମାରେ ବିଜୟଲାଭ ହେବ।



**ବିଛା:** ସାମାଜିକ କଲ୍ୟାଣ ଓ ଜୀବନସ୍ତର ପରିବର୍ତ୍ତନର ଉଦ୍ୟମ କରିବେ। ସରକାରୀ କର୍ମଚାରୀମାନେ କର୍ମ କ୍ଷେତ୍ରରେ ସମ୍ମାନ ଲାଭ କରିବେ। ରାଜନୀତି ସ୍ତରରେ ନିମ୍ନବର୍ଗ କର୍ମୀଙ୍କ ପ୍ରତି ସତର୍କ ରହି ଚଉଆଖିଆହୋଇ କର୍ତ୍ତବ୍ୟ ପାଳି ଚାଲିଲେ ପରେ ହଇରାଣ ହେବେ ନାହିଁ। ମାଲି ମୋକଦ୍ଦମାରେ ମୁଣ୍ଡ ଉଚ୍ଚା ରହିବ। ଅଚାନକ ଧନପ୍ରାପ୍ତି, ଭାଇ ବନ୍ଧୁ ମିତ୍ରମାନଙ୍କର ସାହାଯ୍ୟ ସହଯୋଗ ପାଇବେ। ସଭାସମିତି, ସାହିତ୍ୟ ଓ କଳାକ୍ଷେତ୍ରରେ ସମ୍ମାନ ପାଇବେ।



**ଧନୁ:** ପରିବାରରେ ଯୋଜନା ମୁତାବକ କାମ କଲେ କୌଣସି ପ୍ରକାର ଅସୁବିଧା ହେବ ନାହିଁ। ଦାମ୍ପତ୍ୟ ସୁଖରେ ମଧୁରତା ଆସିବ ଓ ଅଧିକ ଘନିଷ୍ଠତା ହେବ। ପ୍ରେମିକ ପ୍ରେମିକାମାନେ ପ୍ରେମ କ୍ଷେତ୍ରରେ ଉନ୍ନତି ପାଇଁ ପ୍ରୟାସ ରତ ହେବେ। କର୍ମ କ୍ଷେତ୍ରରେ ଅଧିକାରୀ କାମରେ ପ୍ରସନ୍ନ ରହିବେ। ରାଜନୀତି କ୍ଷେତ୍ରରେ ଅଧିକରୁ ଅଧିକ ଲୋକ ସମର୍ଥନ ପାଇ ସଫଳ ହେବେ। ରାସ୍ତା ଘାଟରେ ସତର୍କ ରହିବେ।



**ମକର:** ନିକଟସ୍ଥ ସ୍ଥାନମାନଙ୍କରେ ଭ୍ରମଣକରି ବେଶ୍ ଆନନ୍ଦ ଅନୁଭବ କରିବେ। ପୁରାତନ ରୋଗରୁ ମୁକ୍ତି ମିଳିବ। ବ୍ୟବସାୟୀମାନଙ୍କର କାରବାର ବୃଦ୍ଧି ହେବା ଫଳରେ ଆର୍ଥିକସ୍ଥିତି ସୁଧୁରି ଯାଇ ମନରେଥିବା କାମନା ପୂର୍ଣ୍ଣ ହେବ। ନୂଆ ଜ୍ଞାନର ବୃଦ୍ଧି ହେବ। ରାଜନୀତିରେ ଉନ୍ନତି ହେବା ସହ ଯଶ ପ୍ରତିଷ୍ଠା ମିଳିବ। ଟଙ୍କାର ଆବଶ୍ୟକତା ପୂରଣ ହେବ। ବିଦ୍ୟା କ୍ଷେତ୍ରରେ ଉନ୍ନତି ହେବା ସହ ମନ ଖୁସି ରହିବ।



**କୁମ୍ଭ:** ଶୁଭ ସମାଚାର ମିଳିପାରେ। ସାମାଜିକ ପ୍ରତିଷ୍ଠା, ମାନ ସମ୍ମାନ ବୃଦ୍ଧି ପାଇବ। ସନ୍ତାନଙ୍କ ସହଯୋଗରେ କେତେକ ସମସ୍ୟାର ସମାଧାନ ହେବ। କର୍ମରେ ଉନ୍ନତି ସହିତ ବାସସ୍ଥାନ ବା ଯାନବାହନର ନବୀକରଣ ଇତ୍ୟାଦି ନାନାବିଧ ସୁଯୋଗ ପ୍ରାପ୍ତି ହେବ। ନୂତନ କାର୍ଯ୍ୟରେ ହାତଦେଇ କୃତ କାର୍ଯ୍ୟ ହେବେ ଅଧୁରା କାର୍ଯ୍ୟ ପୂରଣ ହେବ। ନିବେଶ କରିଲେ ବହୁତ ଧନ ପ୍ରାପ୍ତ ହେବ।



**ମୀନ:** ସାମ୍ବାଦିକମାନଙ୍କର ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବ୍ୟବସାୟୀମାନେ ଗ୍ରାହକ ସେବାକୁ ଗ୍ରହଣ କରି ଯଶ ମାନ ବୃଦ୍ଧି ସହିତ ଉତ୍ତମ ଆୟର ପଥ ପରିଷ୍କାର କରିବେ। ତଳ ମହଲରୁ ଆଶାତୀତ ଲାଭ ପାଇବେ। ଛାତ୍ରଛାତ୍ରୀମାନେ ମିତ୍ରଙ୍କ ସାହାଯ୍ୟ ଦ୍ୱାରା କାର୍ଯ୍ୟ ହାସଲ କରିବେ। ମନୋବିଜ୍ଞାନ ସମ୍ବନ୍ଧରେ ବିଶେଷ ରୁଚି ରହିବ। ରାଜନୀତି କ୍ଷେତ୍ରରେ ସଫଳ ସିଦ୍ଧହେବେ।




ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯




ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଚିଲିକା କୂଳରେ ବୁଲ୍-ଡୋଜର ବୁଲାଇଲା ପ୍ରଶାସନ। ହେଲେ ୩ ଜଣଙ୍କୁ କାହିଁକି ଅନୁକମ୍ପା ଦେଖାଇଲା ପ୍ରଶାସନ ତାହା ଏବେ ବଡ ପ୍ରଶ୍ନ । ଖୋର୍ଦ୍ଧା ଜିଲ୍ଲାର ଚିଲିକା ତହସିଲ ଅନ୍ତର୍ଗତ ସୋରଣ-ମାନସିଂହପୁର ଗ୍ରାମ ଚିଲିକା କୂଳ (ଜେଟି ନିକଟରେ) କେତେକ ବ୍ୟକ୍ତି ସରକାରୀ ଜମିକୁ ଜବରଦଖଲ କରି ସେଥିରେ ବେଆଇନ ଭାବେ କଚ୍ଚା ଓ ପକ୍କା ଘର ନିର୍ମାଣ କରିଥିଲେ । ଯାହା ଦ୍ୱାରା ଚିଲିକା ଉପରେ ନିର୍ଭର କରି ଚଳୁଥିବା ମତ୍ସ୍ୟଜୀବୀ ମାନେ ଚଳପ୍ରଚଳ କରିବାରେ ବିଭିନ୍ନ ପ୍ରକାର ସମସ୍ୟା ର ସମ୍ମୁଖୀନ ହେଉଥିଲେ । ଏହି ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ କୁ ସ୍ଥାନୀୟ ଗ୍ରାମବାସୀମାନେ ଜଣାଇଥିଲେ। ମାତ୍ର ଫଳ ଶୁନ୍ । ଯାହାକୁ ନେଇ ମତ୍ସ୍ୟଜୀବୀ ମହେଶ୍ୱର ବେହେରା ମାନ୍ୟବର ଅଦାଲତ ର ଆଶ୍ରୟ ନେଇ ଜିଲ୍ଲା ପ୍ରଶାସନ ବିରୁଦ୍ଧରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ମାନ୍ୟବର ଅଦାଲତ ମହେଶ୍ୱର ବେହେରାଙ୍କ ଅଭିଯୋଗ କୁ ଭିତ୍ତିକରି ପ୍ରଶାସନକୁ ତଦନ୍ତ ନିର୍ଦ୍ଦେଶ ଦେଇ ରିପୋର୍ଟ ପ୍ରଦାନ କରିବାକୁ କହିଥିଲେ। ସରକାରୀ ଜମି ଜବରଦଖଲ କରି ନିର୍ମାଣ ହୋଇଥିବା ଗୃହ ଗୁଡିକୁ ଉଚ୍ଛେଦ କରିବାକୁ ମାନ୍ୟବର ଅଦାଲତ ପ୍ରଶାସନ କୁ ନିର୍ଦ୍ଦେଶ ଦେଇଥିଲେ। ଆଜି ପୋଲିସ ଉପସ୍ଥିତରେ ଚିଲିକା ତହସିଲଦାର ସେହି ବେଆଇନ ଗୃହ ଗୁଡିକ ଉପରେ ବୁଲ୍-ଡୋଜର ବୁଲାଇ ଉଚ୍ଛେଦ କରିଥିଲେ ହେଁ ଆଉ କେତେକ ତଥା ୩ ଜଣ ଜବରଦଖଲ କାରୀଙ୍କ ଉପରେ ଚିଲିକା ତହସିଲଦାର ଦିଲ୍ଲିପ କୁମାର ଷଡ଼ଙ୍ଗୀ ଅହେତୁକ ଅନୁକମ୍ପା ପ୍ରଦାନ କରିଛନ୍ତି।

## ଶିକ୍ଷକ ନିଯୁକ୍ତି ଦାବିରେ ସ୍କୁଲ୍‌ରେ ତାଲା ପକାଇଲେ ଛାତ୍ରଛାତ୍ରୀ ଓ ଅଭିଭାବକ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ମଧୁପୁର ଜଳେଶ୍ୱର ନୋଡାଲ ଉପ୍ରା ବିଦ୍ୟାଳୟରେ ୧୪୦ ଛାତ୍ରଛାତ୍ରୀଙ୍କ ପାଇଁ ୩ଜଣ ଶିକ୍ଷକ। ସେମାନଙ୍କ ମଧ୍ୟରୁ ଦୁଇଜଣ ଶିକ୍ଷକ ଅନୁପସ୍ଥିତ ରହୁଛନ୍ତି। ଯାହାଫଳରେ ଶିକ୍ଷାଦାନରେ ବାଧା ସୃଷ୍ଟି ହେବାରୁ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ସେମାନେ ଏ ସମ୍ପର୍କରେ ଜିଲାପାଳ ଓ ବ୍ଲକ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଇତି ମଧ୍ୟରେ କିଛିଦିନ ବିତି ଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ନଯିବାରୁ ସୋମବାର ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ, ମଧୁପୁର ଜଳେଶ୍ୱର ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଥମରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ବିଦ୍ୟାଳୟରେ ୧୪୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲା ବେଳେ ମାତ୍ର ୩ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ସମୟରେ ୨ଜଣ ଶିକ୍ଷକ ଅନୁପସ୍ଥିତ ରହୁଥିବାରୁ ଜଣେ ଶିକ୍ଷକ ଶିକ୍ଷାଦାନ କରିବା ସମ୍ଭବ ହୋଇପାରୁନାହିଁ। ବିଦ୍ୟାଳୟର ପିଲା ସଂଖ୍ୟା ଅନୁସାରେ ୬ଜଣ ଶିକ୍ଷକ ନିଯୁକ୍ତି ଦିଆଯିବାକୁ ଅଭିଭାବକମାନେ ପ୍ରଶାସନ ନିକଟରେ ଦାବି କରିଥିଲେ। ମାତ୍ର ଏଥିରେ କୌଣସି ସୁଫଳ ନମିଳିବାରୁ ପରିଚାଳନା କମିଟି ସଭାପତି ଦୟାନିଧି ବେହେରାଙ୍କ ସମେତ ଉପେନ୍ଦ୍ର ବାରିକ, ସନ୍ତୋଷ ବିଶ୍ୱାଳ, ବୈଲୋଚନ ବାରିକ, ବଟକୃଷ୍ଣ ବାରିକ, ବିଷ୍ଣୁପ୍ରିୟା ବାରିକ, ସୁମିତ୍ରା ବାରିକ, ବାସନ୍ତୀ ଧଳ, ମିତାରାଣୀ ବାରିକ, ରୁକ୍ମଣି ନାୟକ, ଅଜୟ ନାୟକ, ଅକ୍ଷୟ ନାୟକ, ଅଶ୍ୱିନି ବଳ, ନିରଂଜନ ବାରିକ, ପ୍ରଫୁଲ ବାରିକ, ବାଇଧର ନାୟକ, ପକିର ନାୟକ ପ୍ରମୁଖ ଅଭିଭାବକ ଅଭିଭାବିକାମାନେ ସ୍କୁଲ ସମ୍ମୁଖରେ ଧାରଣାରେ ବସିଥିଲେ। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ମଧୁସୂଦନ ସେଣ୍ଠଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଯଥାଶୀଘ୍ର ଶିକ୍ଷକ ନଯୁକ୍ତି ପାଇଁ ପଦକ୍ଷେପ ନିଆଯିବ।

## ଯୁବକଙ୍କ ମୃତଦେହ ଠାବ, ହତ୍ୟା ସନ୍ଦେହ

ଆସିକା, (ଭାସ୍କର ନ୍ୟୁଜ୍): କୋଟିନଡା ଥାନା ଅନ୍ତର୍ଗତ ଖାରିଆ ଗାଁ ଶେଷ ମୁଣ୍ଡରେ ଯୁବକର ମୃତ ଦେହ ଠାବ। ମୃତ ଦେହର ଛାତି ପାଖରେ ଭଙ୍ଗା ବୋତଲରେ ଭୁସାବା ଭଳି ଚିହ୍ନ ରହିଛି। ଜଙ୍ଘ ପାଖରେ ମଧ୍ୟ କ୍ଷତାକ୍ତ ଚିହ୍ନ। ପିନ୍ଧିଥିବା ପେଣ୍ଟ ଓ ସାର୍ଟ ଦେହରେ ଆଉ ନାହିଁ।ପାଖରେ ଭଙ୍ଗା ମଦ ବୋତଲ ପଡିଛି। ଅଖୋଲା ମୃଦୁ ପନୀୟ ବୋତଲ ଏବଂ ଏକ ଟିଭିଏସ ଏକ୍ସିଲ ବାଇକ ପଡିଛି । ଉକ୍ତ ସ୍ଥାନରେ ଚିକେନ ପକୋଡା ଏଣେତେଣେ ପଡିଥିବା ଦେଖାଯାଇଛି । ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ହତ୍ୟା ସନ୍ଦେହ କରାଯାଉଛି ବୋଲି ପରିବାର ଲୋକେ ପ୍ରତିକ୍ରିୟା ରଖିଛନ୍ତି। ଘଟଣା ସ୍ଥଳରେ କୋଟିନାଡ଼ା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।ମୃତ ଜଣକ ଖାରିଆ ଗ୍ରାମର ୨୪ବର୍ଷୀୟ ମଙ୍ଗୁଲୁ ପ୍ରଧାନ । ସେ ବହୁ ଦିନହେଲା ସୁଦୂର ସୁରଟରେ କାମ କରୁଥିଲେ। ଏଇ କିଛିଦିନ ତଳେ ମାଙ୍କ ଦେହ ଖରାପ ଯୋଗୁଁ ଦଣ୍ଡନାଚ ସମୟରେ ଗ୍ରାମକୁ ଆସିଥିଲେ।ତେବେ କିଭଳି ଆଉ କେଉଁ ପରିସ୍ଥିତିରେ ତାଙ୍କ ମୃତ୍ୟୁ ହୋଇଛି ତାହାର ତଦନ୍ତ କରୁଛି ପୋଲିସ । ଘଟଣାସ୍ଥଳରେ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ଉମା ଶଙ୍କର ସିଂ, ଥାନା ଅଧିକାରୀ କୃଷ୍ଣ ଶାହା ସଦଳ ବଳେ ପହଞ୍ଚି ବିଭିନ୍ନ ସ୍ଥାନ ଉଖଞ୍ଚଠ କେମେରାର ଭିଡିଓ ଯାଞ୍ଚ କରୁଛି। ଏପଟେ ସାଇଟିପିକ ଟିମ ଆସିବା ପରେ ସବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯିବ ବୋଲି ସୂଚନା ମିଳିଛି।



## ଆନ୍ତଃରାଜ୍ୟ ଲୁଟେରା ଗିରଫ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଯଶୀପୁର ଥାନା ୪୯ ନଂ ଜାତୀୟ ରାଜପଥ ପାର୍ଶ୍ୱ ଧୋବାଡିହା ଠାରେ ଥିବା ଏସ୍‌ବିଆଇ ଏଟିଏମ୍‌କୁ ଗ୍ୟାସ୍ କଟର୍ ସାହାଯ୍ୟରେ କାଟି ୨୬ ଲକ୍ଷ୍ୟ ୮୧ହଜାର ଟଙ୍କା ଲୁଟ୍ କରିଥବା ଅଭିଯୋଗ ରେ ଯଶିପୁର ପୋଲିସ ଦୁଇ ଜଣଙ୍କୁ କୋଟ ଚାଲାଣ କରିଛି। ଜଣେ ହେଉଛି ବିହାର ରାଜ୍ୟ ପାଟନା ଜିଲ୍ଲା ଫୁଲୱରି ସରିପ୍ ଥାନା ଅଂଚଳର ସନୁ ଆଲାମ୍ ଓ ଅନ୍ୟ ଜଣେ ହେଉଛି ରାଜସ୍ଥାନ ରାଜ୍ୟ ଆଲୱର୍ ଜିଲ୍ଲା ନୂଆଗାଁ ଥାନା ଅଂଚଳର ଆସଲାମ୍ ସଲମାନ୍ ।ଏ ଦୁଇ ଜଣ ଙ୍କୁ ଯଶିପୁର ପୋଲିସ କୋର୍ଟ ଚାଲାଣ କରିଛି। ଏଥିରେ ସଂପୃକ୍ତ ଅନ୍ୟ ପାଞ୍ଚ ଜଣ ଫେରାର ଅଛନ୍ତି । ସେ ଚୋର ମାନେ ବ୍ୟବହାର କରିଥିବା ଏକ ମାରୁତି କାର, ଦୁଇଟି ଗ୍ୟାସ୍ ସିଲିଣ୍ଡ,ନଗଦ ୫୦ ହଜାର ୫୩୦ ଟଙ୍କା, ଗ୍ୟାସ୍ କଟର୍ ସହ ଏକ ପାଇପ୍, ଆଦି କୁ ପୋଲିସ ଜବତ କରିଛି। ଉକ୍ତ ଏଟିଏମ୍ ଲୁଟେରା ଗ୍ୟାଙ୍ଗ ଦଳ ମୟୂରଭଞ୍ଜ ଜିଲ୍ଲା କେତେଟି ସ୍ଥାନ ସମେତ ଅନ୍ୟ ରାଜ୍ୟରେ ମଧ୍ୟ ଏଟିଏମ୍ କାଉଣ୍ଟର ଲୁଟ୍ କରି କରିଥିବା ପୋଲିସ ଜାଣିବାକୁ ପାଇଛି। ଏହି ଲୁଟ ଘଟଣାରେ ଏସପି ଋଷିକେଶ ଦ୍ୟାନ୍ ଦେଓ ଖିଲାରୀଙ୍କ ତତ୍ୟବଧନାରେ କରଞ୍ଜିଆ ଏସ୍ ଡିପିଓ ସୁଦର୍ଶନ ଗାଙ୍ଗଇ, ଯଶିପୁର ଥାନା ଅଧିକାରୀ ପଞ୍ଚାନନ ମହାନ୍ତି, କରଞ୍ଜିଆ ଥାନା ଅଧିକାରୀ ସୂଚିନ୍ଦ୍ର ମହାଲିକ, ଭଞ୍ଜପୁର ଥାନା ଅଧିକାରୀ ବିରେନ୍ଦ୍ର ସେନାପତି, ସାଇବର ସେଲର ଏକ ଏସ୍ ଆଇ ଚୈତନ୍ୟ ମହାପାତ୍ର ପ୍ରମୁଖ ସମେତ ଅନ୍ୟ ପୋଲିସ କର୍ମଚାରୀ ଗଣ ସାମିଲ୍ ଥିଲେ ।

## ନିଶାସକ୍ତ ଦୁର୍ବୃତ୍ତର ଭୁଜାଲି ମାଡ଼ରେ ୩ ଗୁରୁତର

ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ଡେଲାଙ୍ଗ ଥାନା ଅନ୍ତର୍ଗତ ଗଡମୋଟରୀ ପଞ୍ଚାୟତ ଅଧୀନ ଗଣ୍ଡପଡ଼ା ଗ୍ରାମରେ ରବିବାର ରାତିରେ ଏକ ଅଭାବନୀୟ ଘଟଣା ହୋଇଥିବା ନେଇ ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଛି।ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜନୈକ ନିଶାସକ୍ତ ଦୁର୍ବୃତ୍ତର ଭୁଜାଲି ମାଡ଼ରେ ୩ଜଣ ବ୍ୟକ୍ତି ଲହୁଲୁହାଣ ହୋଇଛନ୍ତି। ଅସମର୍ଥିତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗଣ୍ଡପଡ଼ା ଗ୍ରାମର ପ୍ରକାଶ ପ୍ରଧାନ(୪୮)ଙ୍କ ଝିଅକୁ ସେହି ଗ୍ରାମ ଦଳିତ ସାହିର ବାସନ୍ତୀ ବେହେରାଙ୍କ ପୁଅ ଆଜକୁ ପ୍ରାୟ ୨୦ଦିନ ପୂର୍ବେ କେଉଁଆଡେ ଅପହରଣ କରି ନେଇଯାଇଥିବା ସମ୍ପର୍କରେ ପ୍ରକାଶ ହାଟ ଡେଲାଙ୍ଗ ଫାଣ୍ଡିରେ ଅଭିଯୋଗ କରିଥିଲେ। ଏ ନେଇ ପ୍ରକାଶ ସବୁବେଳେ ନିଶାସକ୍ତ ଅବସ୍ଥାରେ ରହିବାରୁ ତାଙ୍କୁ ସୁଧାରିବାକୁ ତାଙ୍କ ବାପା ରବିବାର ଦିନ ଜଟଣୀରୁ ଏକ ନିଶା ନିବାରଣ ଟିମକୁ ଗ୍ରାମକୁ ଡ଼କାଇଥିଲେ ।ତେବେ ନିଶା ନିବାରଣ କେନ୍ଦ୍ର କର୍ମଚାରୀ ପ୍ରକାଶଙ୍କୁ କାବୁ କରିବାକୁ ଉଦ୍ୟମ କରିବା ସମୟରେ ସେ ହଠାତ୍ ଉତ୍କ୍ଷିପ୍ତ ହୋଇ ଏକ ଧାରୁଆ ଭୁଜାଲିରେ ଆକ୍ରମଣ କରିବାରୁ ଏଥିରେ କେନ୍ଦ୍ରର ଉଲ୍ଲାସ ନାୟକ ଓ ଅମିତ୍ ପାଇକରାୟ ଆହତ ହୋଇ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇଛନ୍ତି। ଥାନାରେ ଏତଲା ପରେ ପୋଲିସ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ନିଶାସକ୍ତ ପ୍ରକାଶ ଏକ ଭୁଜାଲି ଧରି ଜାତିଆଣ ଆକ୍ଷେପ କରିବା ସହ ଅତର୍କିତ ଭାବେ ଘରେ ପଶି ଆକ୍ରମଣ କରିବାରୁ ତାଙ୍କ ନାତୁଣୀ ଅଞ୍ଜଳି ବେହେରା ଗୁରୁତର ଭାବେ ଆହତ ହୋଇଥିବାବେଳେ ତାଙ୍କ ତଳି ପେଟରୁ ଅନ୍ତବୁଜୁଳା ବାହାରି ପଡିଥିବା ନେଇ ବାସନ୍ତୀ ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।ଏପରିକି ଅଭିଯୁକ୍ତ ପ୍ରକାଶ ସେହି ଭୁଜାଲିରେ ବାସନ୍ତୀ ଓ ତାଙ୍କ ପୁଅ ଗୋପୀନାଥକୁ ଆକ୍ରମଣ କରି ଲହୁଲୁହାଣ କରିଥିବା ନେଇ ବାସନ୍ତୀ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ନେଇ ଥାନାରେ ୧୧୦/୨୩ରେ ଏକ ମାମଲା ରୁଜୁ ହୋଇଥିବାବେଳେ ଘଟଣା ସ୍ଥଳରେ ସମ୍ପ୍ରତି ପୋଲିସ୍ ମୁତୟନ କରାଯାଇଥିବା ନେଇ ଥାନାଧିକାରୀ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି ।ଏହି ଘଟଣା ପରେ ଏବେ ଗଣ୍ଡପଡ଼ା ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ଖୁବ୍ ଶୀଘ୍ର ଅଭିଯୁକ୍ତକୁ ଗିରଫ କରାଯିବ ବୋଲି ଥାନାଧିକାରୀ ଶ୍ରୀ ମହାନ୍ତିଙ୍କ ଠାରୁ ପ୍ରକାଶ।

## ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ଯକ୍ଷ୍ମା ରୋଗ ଦୂର ପାଇଁ ସଚେତନତା

ଝାରସୁଗୁଡା, (ଭାସ୍କର ନ୍ୟୁଜ୍): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡା ଠାରେ ଯକ୍ଷ୍ମା (ଟିବି) ଉପରେ ସଚେତନତା ଡ୍ରାଇଭ୍ ଏକ ସିରିଜ୍ ସମାପ୍ତ କରି ୧୩ ଟି ଗାଁର ୩୫୦୦ ରୁ ଅଧିକ ବାସିନ୍ଦାଙ୍କ ନିକଟରେ ପହଂଚିଥିଲା । ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଆମେ ଟିବି ଶେଷ କରିପାରିବା; ଥିମ୍ ଅଧୀନରେ କମ୍ପାନୀର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ଏହି କାର୍ଯ୍ୟକ୍ରମରେ ଟିବିଉପରେ କୋଜୁଟିଭ୍ ପାଥୋଜେନ, ପରୀକ୍ଷା, ଔଷଧ ଏବଂ ଚିକିତ୍ସା, ଡାଏଟ୍ ଯୋଜନା ଏବଂ ପ୍ରଭାବିତଙ୍କ ପାଇଁ ସରକାରୀ ସୁବିଧା ଉପଲବ୍ଧ ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା । ଏହି ଟିମ୍ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇସି) ସାମଗ୍ରୀକୁ ସ୍ଥାନୀୟ ଗୋଷ୍ଠିଙ୍କ ପାଇଁ ଯକ୍ଷ୍ମା ଏବଂ ଏହାର ଚିକିତ୍ସା ପାଇଁ ଏକ ପ୍ରସ୍ତୁତ ହିସାବ ବଂଟନ କରିଥଲେ । 'ଟିବି ମୁକ୍ତ ଭାରତ' ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସମ୍ମାନ ଦେଇ କମ୍ପାନୀ ଝାରସୁଗୁଡାରେ ନି-କ୍ଷୟ ମିତ୍ର କାର୍ଯ୍ୟକ୍ରମକୁ ମଧ୍ୟ ସମର୍ଥନ କରିବାକୁ ପ୍ରତିଶୃତି ଦେଇଛି । ନି-କ୍ଷୟ ମିତ୍ର କାର୍ଯ୍ୟକ୍ରମ ହେଉଛି ୨୦୨୫ ସୁଦ୍ଧା ଦେଶରୁ ଯକ୍ଷ୍ମା ଦୂର କରିବା ପାଇଁ ଭାରତ ସରକାରଙ୍କ ପଦକ୍ଷେପ। ଏହା ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇଥିବା ପିଡିତାଙ୍କୁ ସହାୟତା କରିବାକୁ ଅନୁରୋଧ କରୁଛି। ଡିସେମ୍ବର ୨୦୨୨ ରୁ ମେ ୨୦୨୩ ପର୍ଯ୍ୟନ୍ତ ଜିଲ୍ଲାର ୩୫୦ରୁ ଅଧିକ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଏବଂ ଚିକିତ୍ସା ସହାୟତା ପ୍ରଦାନ କରିବାକୁ ବେଦାନ୍ତ ପ୍ରତିଶ୍ରୁତି ଦେଇଛି। ଏହି ଅବସରରେ ଉଦବୋଧନ ଦେଇ ସୁନୀଲ ଗୁପ୍ତା, ସିଇଓ - ବେଦାନ୍ତ ଝାରସୁଗୁଡା କହିଛନ୍ତି, ସପ୍ତାହ ବ୍ୟାପୀ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ସମ୍ପ୍ରଦାୟର ସଚେତନତାକୁ ବୃଦ୍ଧି କରିବା ଏବଂ ଯକ୍ଷ୍ମା ସହିତ ଜଡିତ କଳଙ୍କ ଦୂର କରିବା ପାଇଁ ଲକ୍ଷ୍ୟ ରଖିଛୁ । ଗୋଷ୍ଠିର ସ୍ୱାସ୍ଥ୍ୟ ଆମର ସାମାଜିକ ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଅଟେ, ଏବଂ ଆମେ ଜୀବନର ଗୁଣବତା ଉନ୍ନତି ପାଇଁ ସହାୟକ ହେବା ପାଇଁ ମୋବାଇଲ୍ ହେଲ୍ଥ ୟୁନିଟ୍ ଭଳି ପଦକ୍ଷେପକୁ ନିୟୋଜିତ କରିଛୁ । ସ୍ୱାସ୍ଥ୍ୟ ବ୍ୟତୀତ ଆମେ ନିରନ୍ତର ଜୀବିକା, ଗୁଣାତ୍ମକ ଶିକ୍ଷା, ଦକ୍ଷତା ବିକାଶ, ମହିଳା ସଶକ୍ତିକରଣ ଏବଂ ସମ୍ପ୍ରଦାୟର ଭିତିଭୂମି କ୍ଷେତ୍ରରେ ମଧ୍ୟ କାର୍ଯ୍ୟ କରୁଛୁ, ସ୍ଥାନୀୟ ସମ୍ପ୍ରଦାୟର ଜୀବନରେ ସାମାଜିକ ତଥା ଅର୍ଥନୈତିକ ପରିବର୍ତନ ଆଣିବାକୁ ଆମର ପ୍ରୟାସ ଜାରି ରହିଛି । ଝାରସୁଗୁଡାରେ କମ୍ପାନୀର ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଶ୍ରୀ ଭୁଜରାଜ ପଟେଲ କହିଛନ୍ତି, ଆମେ ସର୍ବଦା ଅନୁମାନ କରିଥିଲୁ ଯେ ଯକ୍ଷ୍ମା ଏକ ଅସାଧ ରୋଗ, ଏହାର ଚିକିତ୍ସା ବ୍ୟୟବହୁଳ ଅଟେ। କିନ୍ତୁ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ, ଆମେ ଜାଣିବାକୁ ପାଇଲୁ ଯେ ଠିକ୍ ସମୟରେ ଚିକିତ୍ସା ଏବଂ ଉପଯୁକ୍ତ ଯତ୍ନ ଏହି ରୋଗକୁ ସମ୍ପୂର୍ଣ୍ଣ ରୂପେ ଭଲ କରିବାରେ ସାହାଯ୍ୟ କରିଥାଏ । ଆମ ଗ୍ରାମରେ କାର୍ଯ୍ୟକ୍ରମ ପରିଚାଳନା କରିଥିବାରୁ ମୁଁ ବେଦାନ୍ତଙ୍କୁ ଧନ୍ୟବାଦ ଜଣାଉଛି ।



## ଚୋରି ସାମଗ୍ରୀ ଜବତ, ଜଣେ ଅଟକ

ନିମାପଡ଼ା, ୧୭।୪ (ଭାସ୍କର ନ୍ୟୁଜ୍): ନିମାପଡ଼ା କଲେଜ ଛକ ନିକଟସ୍ଥ ଭେରାଇଟ୍ ଷ୍ଟୋରରୁ ଦେଢ଼ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ଅଭିଯୋଗରେ ଜଣେ ଯୁବକ ଥାନାରେ ଅଟକ ଥିବା ଜଣାପଡ଼ିଛି । ଏହି ଯୁବକକୁ ଧରିବା ପାଇଁ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିଲା । ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ପୌର ପରିଷଦ ଗୁଣ୍ଡିଚାବାଡ଼ି କଲୋନୀର ଗୋବିନ୍ଦ ଚନ୍ଦ୍ର କରଙ୍କ ଅଭିଯୋଗ ଅନୁଯାୟୀ ତାଙ୍କର ନିମାପଡ଼ା କଲେଜ ଛକ ନିକଟରେ ଏକ ଭେରାଇଟ୍ ଷ୍ଟୋର ଅଛି । ଗତ ୬ ତାରିଖ ଦିନ ରାତିରେ ଦୁର୍ବୃତ ଦୋକାନର ଝରକା ତାଡ଼ି ଜେନେରେଟର, ଫ୍ୟାନ୍, ମାଇକ୍ରୋ, ଓଜନ ମେସିନ୍, ଅନ୍ୟାନ୍ୟ ଜିନିଷ ଯାହାର ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ଚୋରାଇ ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ନିମାପଡ଼ା ଥାନା ପୋଲିସ ତଦନ୍ତ କରୁଥିବା ବେଳେ ଚୋରୀ ଯାଇଥିବା ଗୋବିନ୍ଦ ଚନ୍ଦ୍ରଙ୍କ ଘରେ ଭଡ଼ାରେ ରହୁଥିବା ଭଡ଼ାଟିଆ ଏହି ଚୋରି ଫ୍ୟାନ୍‌କୁ କିଣିଥିଲେ । ଫ୍ୟାନ୍‌କୁ ଦେଖି ଗୋବିନ୍ଦ ତାଙ୍କ ଦୋକାନର ଫ୍ୟାନ୍ ବୋଲି ଚିହ୍ନିପାରି ପଚାରିବାରୁ ନୁହାରକିରି ଗ୍ରାମର ଜନୈକ ଯୁବକ ବିକିଛି ବୋଲି ଭଡ଼ାଟିଆ କହିଥିଲେ । ଏ ସଂପର୍କରେ ଗୋବିନ୍ଦ ନିମାପଡ଼ା ଥାନାଧିକାରୀଙ୍କୁ ଜଣାଇବା ପରେ ପୋଲିସ ସଂପୃକ୍ତ ଯୁବକକୁ ଥାନାରେ ଅଟକ ରଖିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ପୋଲିସ ଅଟକ ଥିବା ଯୁବକକୁ ଗିରଫ କରିନାହିଁ ।

## ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଆଜି ବିଜୁ ବାବୁଙ୍କର ୨୬ତମ ଶ୍ରାଦ୍ଧ ଦିବସ ନିମାପଡ଼ା ନିର୍ବାଚନ ମଣ୍ଡଳୀ ତର'ରୁ ସ୍ଥାନୀୟ ଗ୍ରୀନ୍‌ଲ୍ୟାଣ୍ଡ କଲ୍ୟାଣ ମଣ୍ଡପ ଠାରେ ପାଳିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟକ୍ରମ ପାଳନ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ବିଜୁ ବାବୁଙ୍କର କାର୍ଯ୍ୟ, ତ୍ୟାଗ ଓ ଉଦ୍ୟମ ଏକ ବିକଶିତ ଓଡ଼ିଶା ଗଠନର ମୂଳଦୁଆ ବୋଲି ଅଭିହିତ କରିବା ସହିତ ଆଜିର ଦିନରେ ନବୀନ ବାବୁଙ୍କ ଉଦ୍ୟମରେ ଏକ ସମୃଦ୍ଧ, ସଶକ୍ତ ଓ ସ୍ୱାଭିମାନୀ ନବୀନ ଓଡ଼ିଶା ଗଠନ ଦିଗରେ ଆଗେଇ ଚାଲିଛି । ଦିନେ ଜାତୀୟ ମାନଚିତ୍ରରେ ଅତି ପଛରେ ଥିବା ଓଡ଼ିଶା ଆଜି କେବଳ ଜାତୀୟ ନୁହେଁ ଆନ୍ତର୍ଜାତୀୟ ମାନଚିତ୍ରରେ ଉଜ୍ଜ୍ୱଳ ସ୍ଥାନରେ ପହଂଚି ସାରିଛି । ଏହି ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ସମ୍ଭବ ହୋଇଛି । ଏହି ଅବସରରେ ବିଜୁ ଜନତା ଦଳର ଶୃଙ୍ଖଳ କର୍ମୀଟିଏ ପାଇଁ ଶପଥ ଗ୍ରହଣ ସହିତ ସମୃଦ୍ଧ, ସଶକ୍ତ ଓ ସ୍ୱାଭିମାନୀ ନବୀନ ଓଡ଼ିଶା ଗଠନ ପ୍ରତିଯୋଗୀତାର ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ ସହିତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର, ଟ୍ରଫି ଓ ଅର୍ଥରାଶିର ପୁରସ୍କାର ପ୍ରଦାନ କରିଥିଲେ । ପ୍ରତିଯୋଗୀତାର ୯ ଜଣ ବିଚାରପତିଙ୍କୁ ଉତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟ ଅତିଥି ଭାବେ ୧୯ନଂ ଜୋନ୍‌ର ଜିଲ୍ଲା ପରିଷଦ ପ୍ରଦୀପ୍ତ କୁମାର ଖଟୋଇ, ନିମାପଡ଼ା ବ୍ଲକ୍ ସଭାପତି ଅଶୋକ କୁମାର ସାହୁ, ସଂପାଦକ ରବୀନ୍ଦ୍ର କୁମାର ନାୟକ, ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ଗୋପ ବ୍ଲକ୍ ସଭାପତି ମଧୁସୂଦନ ପାଇକରାୟ, ନିମାପଡ଼ା ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, ଗୋପ ବ୍ଲକ୍ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ନଗର ମଣ୍ଡଳ ଅଧ୍ୟକ୍ଷା ସସ୍ମିତା ସାହୁ, ନିମାପଡ଼ା ବ୍ଲକ୍ ଉପାଧ୍ୟକ୍ଷା ଅନୁସୂୟା ମହାନ୍ତି, ନଗର ମଣ୍ଡଳ ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ସୁଧୀର ରଂଜନ ଦାଶ, ସତ୍ୟବାଦୀ ମହାପାତ୍ର, ସିଦ୍ଧାନ୍ତ ଜେନା, ମାନଦୀପ ପାଇକରାୟ ଓ ସତ୍ୟଜିତ୍ ଆଚାର୍ଯ୍ୟ ଯୋଗଦେଇ ବିଜୁ ବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସନାତନ ପ୍ରଧାନ ସଭାପତିତ୍ୱ କରିଥିଲେ ।

## ବିଜୁ ପଟ୍ଟନାୟକଙ୍କ ୨୬ତମ ଶ୍ରାଦ୍ଧବାର୍ଷିକ

ବଡ଼ଚଣା, (ଭାସ୍କର ନ୍ୟୁଜ୍): ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଚିନ୍ତାଧାରା, ତ୍ୟାଗ, ସେବା, ସଂଗ୍ରାମ ଓ ସ୍ୱାଭିମାନରେ ବ୍ରତି ହୋଇ ଏକ ସମୃଦ୍ଧ ସଶକ୍ତ ସ୍ୱାଭିମାନୀ ଓଡ଼ିଶା ଗଠନ ପାଇଁ ଆଜିର ଏହି ପୁଣ୍ୟ ତିଥିରେ ବିଜୁବାବୁଙ୍କ ନୀତି ଏବଂ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଜାତି ଓ ସମାଜର ଉନ୍ନତି କରିବା ପାଇଁ ଆହ୍ୱାନ ଦିଆଯାଇଛି। ବିଜୁପଟ୍ଟନାୟକଙ୍କ ୨୬ତମ ଶ୍ରାଦ୍ଧବାର୍ଷିକ ଅବସରରେ ଆଜି ବଡଚଣା ବିଜେଡ଼ି ପକ୍ଷରୁ ଚଣ୍ଡିଖୋଲ ଛକ ଓ ବିଜୁକଲ୍ୟାଣ ମଣ୍ଡପ, ଓ ଦଳୀୟ କାର୍ଯ୍ୟାଳୟ ଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବା ସହି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ରୋଗୀମନଙ୍କୁ ଫଳ ବଂଟନ କରାଯାଇଥିଲା। ଏଥିରେ ପଂଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯାଜପୁର ଜିଲ୍ଲା ଉପାଧ୍ୟକ୍ଷ ଗଣେଶ୍ୱର ବରାଳ,ପଲ୍ଲୀମଙ୍ଗଳ ସେବା ସମବାୟ ସମିତି ଅଧ୍ୟକ୍ଷ ସଂଜୟ କୁମାର ସ୍ୱାଇଁ, ଆତ୍ମାର ଅଧ୍ୟକ୍ଷ ନିରଞ୍ଜନ ସେନାପତି, ପ୍ରଶାନ୍ତ କୁମାର ଜେନା, ପ୍ରିୟବ୍ରତ ଖିଲାର, ଯିତେନ୍ଦ୍ର ସ୍ୱାଇଁ, ଯଚ୍ଛିନ୍ଦ୍ର ନାୟକ,ସୁନିଲ ଜେନା, ମହମ୍ମଦ ଇମ୍ରାନ୍, ଅରୁଣକୁମାର ନାୟକ, ରଞ୍ଜନ କମାର ବାରିକ, ବୈକୁଣ୍ଠ ସାହୁ ପ୍ରମୁଖ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ■ ବୈତରଣୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର
## ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ତଦନ୍ତ ଦିଗହରା

କୋରେଇ, (ଭାସ୍କର ନ୍ୟୁଜ୍): କୋରେଇ ବ୍ଲକର କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ରେ ଥିବା ବୈତରଣୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଯାବତୀୟ କେଳଙ୍କାରୀକୁ ନେଇ ୧୬ ତାରିଖ ରବିବାର ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଦନ୍ତ କରିବାକୁ ଆସିଥିଲେ। ତଦନ୍ତ କାରୀ ଅଫିସର ତଦନ୍ତ କରିବାକୁ ଆସି ପହଞ୍ଚିବା ସମୟ ରେ ସମ୍ପୃକ୍ତ ଡାକ୍ତର ବିଳମ୍ବ ରେ ପହଞ୍ଚିଥିବା ଶୁଣିବାକୁ ମିଳିଥିଲା, ପ୍ରତି ରବିବାର ପାଳି କରି ଫାର୍ମାସିଷ୍ଟ ଓ ଆୟୁଷ ଡାକ୍ତର ନାମକୁ ମାତ୍ର ମେଡିକାଲ ଖୋଲୁଥିବା ବେଳେ ଆଜି ମେଡିକାଲ ରେ ସମସ୍ତ କର୍ମଚାରୀ ଉପସ୍ଥିତ ରହିବା କୁ ନେଇ ବୁଦ୍ଧି ଯିବି ମହଲ ରେ ସନ୍ଦେହ ସୃଷ୍ଟି ହେଉଛି ।ବଡ କଥା ତଦନ୍ତ କରିବାକୁ ଆସିଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ମେଡିକାଲ ବିରୁଦ୍ଧରେ ଅଭିଯୋଗ ଆଣିଥିବା ବୈତରଣୀ ଆଞ୍ଚଳିକ ପରିଷଦ ର ବାର୍ଷିକ ଉତ୍ସବ ରେ ସେହିଦିନ ମୁଖ୍ୟ ଅତିଥି ହେବା କୁ ନେଇ ସାରା ଅଞ୍ଚଳ ରେ ଚର୍ଚ୍ଚା ଜୋର ଧରିଥିଲା ।ସତରେ କଣ ଅଧିକାରୀ ତଦନ୍ତ କରିବାକୁ ଆସିଥିଲେ ନା ଅତିଥି ହେବାକୁ ଆସିଥିଲେ ।ଅଭିଯୋଗର ଦୀର୍ଘ ଦିନ ପରେ ତଦନ୍ତ ଆସିବା ଏବଂ ତଦନ୍ତ ରେ ଆସି ଅଭିଯୋଗ କରିଥିବା ସଂସ୍ଥା ର ବାର୍ଷିକ ଉତ୍ସବ ରେ ଅତିଥି ହେବା କୁ ନେଇ ଜନ ସାଧାରଣ ଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଛି ।ଶୁଣିବାକୁ ମିଳୁଛି ଅଭିଯୋଗ ଅଣାଯାଇଥବା ଡାକ୍ତର କୁଆଡେ ସେଟିଙ୍ଗ କରିବାରେ ମାହିର। ସେମିତି କଛି ସେଟିଙ୍ଗ ହୋଇଯାଇଥିବା ଅଞ୍ଚଳ ବାସି କୁହାକୁହି ହେଉଛନ୍ତି, ସୂଚନା ଥାଉକି ବୈତରଣୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ ହେବ ଅବସ୍ଥାପିତ ହୋଇଥିବା ଡାକ୍ତର ରିତା ମଞ୍ଜରୀ ସ୍ୱାଇଁ ରୋଗୀ ସ୍ୱେ ନାମ ରେ ଟୋରାଇନ୍ସ ଲାଇଫ ନାମକ ଔଷଧ କମ୍ପାନୀର ବେପାର କରାଇବ. ଏକ ନିର୍ଦ୍ଦିଷ୍ଟ ପାଥୋଲୋଜି କୁ ଅହେତୁକ ଅନୁଗ୍ରହ କରି ମିଛରେ ପରୀକ୍ଷା ପଠେଇ ରୋଗୀଙ୍କୁ ଖର୍ଚ୍ଚାନ୍ତ କରାଇବା ଭଳି ଅଭିଯୋଗ ହୋଇ ଆସୁଛି, ଏପରି ଅଭିଯୋଗ ଆଗରୁ ସମ୍ପୃକ୍ତ ଡାକ୍ତର ଙ୍କ ବିରୁଦ୍ଧରେ ଥିଲେ ମଧ୍ୟ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନହେବା କୁ ନେଇ ଜନ ସାଧାରଣ ଙ୍କ ମନରେ ସନ୍ଦେହ ସୃଷ୍ଟି ହେଉଛି ।ଡାକ୍ତର ମହାଶୟା କଣ ପାଇଁ ଏହି ଔଷଧ କମ୍ପାନୀ ଟିକୁ ଅହେତୁକ ଅନୁଗ୍ରହ ଦେଖାଉଛନ୍ତି, ଗତ ୩ ବର୍ଷ ହେଲା ଏ ଅଞ୍ଚଳ ରେ ଏହି କମ୍ପାନୀ ଟି କେତେ ବ୍ୟବସାୟ କରିଛି ଏହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ ହେବାର ଆବଶ୍ୟକତା ଅଛି। ଅନ୍ୟ ପକ୍ଷରେ ବୈତରଣୀ ଅଞ୍ଚଳ ରେ ହୋଇଥିବା ପାଥୋଲାବ ଗୁଡିକର ପଞ୍ଜିକରଣ ଓ ଟେକ୍ନିସିଆନ ମାନଙ୍କର ସାର୍ଟିଫିକେଟ ଯାଞ୍ଚ ହେବାର ଆବଶ୍ୟକତା ଅଛି ।ମାନ୍ୟବର ଜିଲ୍ଲା ପାଳ ଏଥିପ୍ରତି ଦୃଷ୍ଟି ଦେଇ ଏହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ କରାଇଲେ ଏହି କୋଟି କୋଟି ଟଙ୍କାର ମେଡ଼ିସିନ ସ୍କାମ ର ପର୍ଦା ଫାସ ହୋଇ ପାରିବ ଏବଂ ଏହି ମୁନାଫା ଖୋର ଡାକ୍ତରଙ୍କ କବଳରୁ ସମାଜର ତଳସ୍ତରରୁ ଆସୁଥିବା ରୋଗୀମାନଙ୍କୁ ରକ୍ଷା କରାଯାଇ ପାରିବ।

## ପ୍ରବାଦ ପୁରୁଷଙ୍କ ଶ୍ରାଦ୍ଧ ଦିବସରେ ତିଳତର୍ପଣ

ବାଲିପାଟଣା (ଭାସ୍କର ନ୍ୟୁଜ୍): ଆଜି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ବାଲିପାଟଣା ସ୍ଥିତ ତ୍ରିବେଣୀ ଘାଟରେ ଜୟଦେବ ନିର୍ବାଚନ ମଣ୍ଡଳୀର ବିଜେଡି ଦଳର କର୍ମକର୍ତ୍ତା ମାନଙ୍କ ଦ୍ୱାରା ତିଳ ତର୍ପଣ କରାଯାଇଅଛି। ଏହି କାର୍ଯ୍ୟକ୍ରମରେ ବାଲିପାଟଣା ଏବଂ ବାଲିଅନ୍ତା ବ୍ଲକ୍ ବିଜୁ ଜନତା ଦଳର ସଭାପତି କିଶୋର କୁମାର ଜେନା ଏବଂ ପ୍ରଦିପ୍ତ ବଡଜେନା ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବାଲିପାଟଣା ବ୍ଲକ୍ ଅଧ୍ୟକ୍ଷା ହରପ୍ରିୟା ଦାସ, ବାଲିଅନ୍ତା ବ୍ଲକ୍ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ଏବଂ ବ୍ଲକ୍ ଉପାଧ୍ୟକ୍ଷା, ସମସ୍ତ ଜିଲ୍ଲା ପରିଷଦ, ସମିତି ସଭ୍ୟ, ବିଭିନ୍ନ ପଞ୍ଚାୟତ ର ସରପଞ୍ଚ, ଦୁଇ ବ୍ଲକ୍ ର ଚାଷି ଉପଦେଷ୍ଟା କମିଟି ର ଅଧ୍ୟକ୍ଷ ଚୈତନ୍ୟ ଯାତ୍ରା ଏବଂ ଶରତ ଚନ୍ଦ୍ର ତ୍ରିପାଠି ଏବଂ ଅନ୍ୟାନ୍ୟ କର୍ମୀ ମାନେ ଆଜି ସକାଳ ସମୟରେ ବନମାଳିପୁର ସ୍ଥିତ ତ୍ରିବେଣୀ ଘାଟ ରେ ପ୍ରବାଦ ପୁରୁଷ ଙ୍କ ତିଳ ତର୍ପଣ କରି ତାଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବା ସହିତ ସ୍ମୃତିଚାରଣ କରିଥିଲେ।

## ଫାର୍ମାସୀ କଲେଜର ମୁଖ୍ୟ ଗ୍ରାନ୍ଥାଗାରିକଙ୍କ ପରଲୋକ

ସାଲେପୁର, (ଭାସ୍କର ନ୍ୟୁଜ୍): ସାଲେପୁର ଫାର୍ମାସୀ କଲେଜର ମୁଖ୍ୟ ଗ୍ରାନ୍ଥାଗାରିକ ତଥା ବରିଷ୍ଠ କର୍ମଚାରୀ ରମେଶ ବିହାରୀ ଦାସଙ୍କର ପରଲୋକ ଘଟିଛି। ପରଲୋକ ଖବର ଶୁଣି ଫାର୍ମାସୀ କଲେଜର ସଂପାଦକ ରବିନ୍ଦ୍ରନାଥ କର, କଲେଜର ଅଧ୍ୟକ୍ଷ ଡ଼ଃ ସନ୍ତୋଷ କୁମାର ମହାପାତ୍ର ଓ କଲେଜର ଅଧ୍ୟାପକ ଓ କର୍ମଚାରୀମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶବା ଧାରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଦିବଂଗତ ଦାସଙ୍କ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା। ଜଣାଇଥିଲେ। ଶ୍ରୀ ଦାସଙ୍କ ପରଲୋକ ଯୋଗୁ ଅନୁଷ୍ଠାନରେ ତାଙ୍କ ସ୍ଥାନ ଅପୁରଣୀୟ ବୋଲି ସଂପାଦକ ଶ୍ରୀ କର ପ୍ରକାଶ କରିଥିଲେ । ଦିବଂଗତ ଶ୍ରୀ ଦାସ ଜଣେ ସମୟାନୁବର୍ତ୍ତିତା କର୍ମଚାରୀ ଓ ଜଣେ ସୁ ସାହିତ୍ୟିକ ଭାବେ ପରିଚିତ ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଓ ଫାର୍ମାସୀ କଲେଜର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି।



## ଜୟ ଭାରତ ସତ୍ୟାଗ୍ରହ, ବିକ୍ଷୋଭ ସମାବେଶ




ଯାଜପୁର, (ଭାସ୍କର ନ୍ୟୁଜ୍): ଅଖିଳ ଭାରତ କଂଗ୍ରେସ କମିଟିର ନିଷ୍ପତିକ୍ରମେ ପ୍ରଦେଶ କଂଗ୍ରେସର ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନରେ ଯାଜପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଜୟ ଭାରତ ସତ୍ୟାଗ୍ରହ ଏବଂ ବିକ୍ଷୋଭ ସମାବେଶ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସର ସଭାପତି ମନୋଜ କୁମାର ରାଉତଙ୍କ ସଭାପତିତ୍ୱରେ ଏକ ବିଶାଳ ଶୋଭାଯାତ୍ରା ସ୍ଥାନୀୟ କିଆନାଳୀ ଛକଠାରୁ ବାହାରି ସହର ପରିକ୍ରମା କରିବା ସହିତ ମୋଦି ହଟାଅ ଓ ସମ୍ବିଧାନ ବଂଚାଅ ସ୍ଲୋଗାନ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ପୋଷ୍ଟ ଅଫିସ ସମ୍ମୁଖରେ ଏକ ବିଶାଳ ସମାବେଶର ଆୟୋଜନ କରାଯାଇଥିଲା। ଏହି ସଭାରେ ପର୍ଯ୍ୟବେକ୍ଷକଭାବେ ବାଲିକୁଦା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ରାଜ୍ୟସଭା ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ସୁକିନ୍ଦାର ପୂର୍ବତନ ବିଧାୟକ ଶରତ ରାଉତ, ଯାଜପୁର ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା ସନ୍ତୋଷ ନନ୍ଦ, ରାଜ୍ୟ ମହିଳା କଂଗ୍ରେସର ସଭାନେତ୍ରୀ ବନ୍ଦିତା ପରିଡ଼ା, ବଡ଼ଚଣା ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, ଜିଲା ମହିଳା କଂଗ୍ରେସର ସଭାନେତ୍ରୀ ରିତାଶ୍ରୀ ମହାନ୍ତି, କନକଲତା ମଲିକ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାର ଗଣତନ୍ତ୍ର ଓ ସମ୍ବିଧାନ ହତ୍ୟାକୁ ନେଇ ବର୍ଷିବା ସହିତ ଓଡିଶରେ ମିଛୁଆ ସରକାର ଚାଲିଥିବାଳେ କେନ୍ଦ୍ରରେ ସମ୍ବିଧାନ ଓ ଗଣତନ୍ତ୍ରକୁ ହତ୍ୟା କରୁଥିବା ସରକାର ଚାଲିଛି ବୋଲି ବକ୍ତବ୍ୟ ରଖିଥିଲେ। ଏହି ବିକ୍ଷୋଭ ଓ ସମାବେଶରେ ସମସ୍ତ ଯାଜପୁର ଜିଲାରୁ ହାରାହାରି ୩ହଜାରରୁ ଉର୍ଦ୍ଧ କଂଗ୍ରେସ କର୍ମୀ ଓ ନେତୃ ମଣ୍ଡଳୀମାନେ ସମାଲି ହୋଇଥିଲେ। ବିଶେଷ କରି ବିଭିନ୍ନ ବ୍ଲକରୁ ଏହି ସମାବେଶରେ ଯାଜପୁରର ବରିଷ୍ଠ ନେତା ଦିଗମ୍ବର କର, ବଳଭଦ୍ର ଦାସ, ଦଳିତ ସେଲର ସଭାପତି ଦୁର୍ଯ୍ୟୋଧନ ବେହେରା, ଦିଲିପ ଦାସ, ରଞ୍ଜିତା ରାଉତ, ଦେବେନ୍ଦ୍ର ପଣ୍ଡା, ଚନ୍ଦ୍ରଶେଖର ସାହୁ, ପ୍ରଶାନ୍ତ ସାହୁ, ଅରଜିତ ନାୟକ, ଆଲୋକ ବେହେରା, ସଂଗ୍ରାମ ସାହଣୀ, ସନ୍ତୋଷ ସାହୁ, ସଂଗ୍ରାମ ଜେନା, ବିଭୁତି ଭୂଷଣ ମହାପାତ୍ର, ଭରତ ଚନ୍ଦ୍ର ସାମଲ, ଦିଲୁ ପତି, ବିଳାସ ରାଉତ, ଅପର୍ଣ୍ଣାଧିର ସିଂ, ସନ୍ତୋଷ ବେହେରା, ରାଜୀବ ମହାପାତ୍ର, ଅର୍ଣ୍ଣବ ମିଶ୍ର, ଅପୂର୍ବ ସାମଲ, ପ୍ରମୋଦ ପରିଡ଼ା, ସୁଲୋଚନା ଦାସ, ଜ୍ୟୋର୍ତିମୟୀ ରାଉତ, ଦିଲିପ ମଲିକ, ସନ୍ତୋଷ ମହାନ୍ତି, ଯୋଗଦେଇଥିବା ବେଳେ ବିଭିନ୍ନ ବ୍ଲକ୍ ର ସଭାପତି ନାରାୟଣ ଚନ୍ଦ୍ର ସାମନ୍ତ, ଗଦାଧର ଦାସ, ଶ୍ୟାମ ସୁନ୍ଦର କର, କିଶାନ ପଣ୍ଡା, ମାୟାଧର ମଳିକ, କହ୍ନେଇ ଯେନା, ପ୍ରବୋଧ ଦାସ, ମନୋଜ ଦାସ, ରଞ୍ଜିତ ଦାସ, ପ୍ରଫୁଲ୍ଲ ରାୟ, ବସନ୍ତ ପରିଡ଼ା, ବିଭୁ ରାଉତ ପ୍ରମୁଖ ହଜାର ହଜାର ସଂଖ୍ୟକ କର୍ମୀ ଓ ନେତୃମଣ୍ଡଳୀ ମାନେ ଏହି ସମାବେଶରେ ସାମିଲ ହୋଇଥିଲେ। ସର୍ବଶେଷରେ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### ଫଳକ ଗୋଟିଏ ପ୍ରକଳ୍ପ ଦୁଇଟି
## ଟଙ୍କା ହଡ଼ପ୍ ପାଇଁ ମସୁଧା

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଦେବୀ କନ୍ଦଳ ଦୀପାଞ୍ଚଳ ରାଣୀଓଳା ପଞ୍ଚାୟତର ଦକ୍ଷିଣ ରାଣୀଓଳା ଠାକୁର ମୁଣ୍ଡରୁ କଳ୍ପତରୁ ରାଉତଙ୍କ ଘର ପର୍ଯ୍ୟନ୍ତ ଜିଲ୍ଲାପରିଷଦ ଫଣ୍ଡରୁ ୧ଲକ୍ଷ୍ୟ ୫୦ହଜାର ଟଙ୍କା ବ୍ୟୟବରାଦ କରାଯାଇ କଂକ୍ରିଟ୍ ରାସ୍ତା ନିର୍ମାଣ କରାଯାଇଛି। ଏହି କାମଟିର କାର୍ଯ୍ୟନିର୍ବାହୀ ପ୍ରସନ୍ନ ରାଉତ୍ ନାମରେ ଥିବାବେଳେ ଏହାର ଫଳକ ଲଗାଯାଇଛି। କିନ୍ତୁ ଏହି କାର୍ଯ୍ୟରେ ଗ୍ରାମପଞ୍ଚାୟତ ବିକାଶ ଯୋଜନା ସମାନ ପ୍ରକଳ୍ପ ପାଇଁ ୧ଲକ୍ଷ୍ୟ ୮୦ହଜାର ଟଙ୍କା ଦିଆଯାଇଥିବା ଜଣାପଡ଼ିଛି। ମୋଟ ଦୁଇଟି ପ୍ରକଳ୍ପ ପାଇଁ ୩ଲକ୍ଷ ୩୦ହଜାର ଟଙ୍କାରେ କ'ଣ କାର୍ଯ୍ୟ କରାଗଲା ତାହା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୋଟିକର ଫଳକ ଲାଗିଥିବାବେଳେ ଅନ୍ୟଟିର ଫଳକ କାହିଁକି ଲଗାଯାଇନାହିଁ ଏ ନେଇ ବିଭାଗୀୟ ଜେଇଙ୍କୁ ଫୋନ୍ କରିଥିଲେ ବି ସେ ଫୋନ ଉଠାଇ ନଥିଲେ। ଏହି କାମରେ ଦୁଇଟିର ବିଧିବଧ କାର୍ଯ୍ୟ କରିବାକୁ ସାଧାରଣରେ ଦାବି ହେଉଛି।

# ଜାତୀୟ ଓ ଅନ୍ତର୍ଜାତୀୟ





ଗୁଜରାଟ ଆମ ଆଦମୀ ପାର୍ଟି(ଆପ୍)ର ବରିଷ୍ଠ ନେତା ଗୋପାଳ ଇଟାଲିଆଙ୍କୁ ଗିରଫ କରିଛି ସୁରତ କ୍ରାଇମବ୍ରାଞ୍ଚ। ରାଜ୍ୟର ଗୃହମନ୍ତ୍ରୀ ହର୍ଷ ସଙ୍ଘଭୀଙ୍କ ସମ୍ପର୍କରେ ସେ ଗତବର୍ଷ ଗୁଜରାଟ ବିଧାନସଭା ନିର୍ବାଚନ ପ୍ରଚାର ବେଳେ ବିବାଦୀୟ ବୟାନ ଦେଇଥିଲେ। ଏଥିପାଇଁ ତାଙ୍କୁ କ୍ରାଇମବ୍ରାଞ୍ଚ ଟିମ ଗିରଫ କରିଥିଲା। ତେବେ ଗିରଫର କିଛି ସମୟ ମଧ୍ୟରେ ହିଁ ତାଙ୍କୁ ଜାମିନ ମିଳିଛି। ଜାମିନ ପରେ ସେ ମୁକୁଳିଛନ୍ତି। ଗୁଜରାଟ ଆପ୍‌ର ସବୁଠାରୁ ଚର୍ଚ୍ଚିତ ଚେହେରା ହେଉଛନ୍ତି ଗୋପାଳ ଇଟାଲିଆ। ନିର୍ବାଚନ ବେଳେ ସେ ବେଶ ଚର୍ଚ୍ଚାରେ ଥିଲେ। ଆପ୍ ପାଇଁ ପ୍ରଚାର କରୁଥିବା ବେଳେ ସେ ରାଜ୍ୟର ଗୃହମନ୍ତ୍ରୀଙ୍କୁ 'ଡ୍ରଗ୍ସ ସଙ୍ଘଭୀ' କହି ଆକ୍ଷେପ କରିଥିଲେ। ଏନେଇ ଜଣେ ବିଜେପି କର୍ମୀ ପୁଲିସ୍‌ରେ ଏଫଆଇଆର ରୁଜୁ କରିଥିଲେ। ଜଣେ ସମ୍ମାନସ୍ପଦ ବ୍ୟକ୍ତିଙ୍କୁ ଗୋପାଳ ନିଜର ଭାଷଣ ମାଧ୍ୟମରେ ଅସମ୍ମାନ କରିଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରି କ୍ରାଇମବ୍ରାଞ୍ଚ ଗୋପାଳଙ୍କୁ ଗିରଫ କରିଥିଲା।

## ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି




ନୂଆଦିଲ୍ଲୀ: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀରେ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରିବା ସହ ଜାତୀୟ ପଞ୍ଚାୟତ ପ୍ରୋତ୍ସାହନ ସମ୍ମିଳନୀକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ଉଦବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି ଯେ, ଗତ କିଛି ଦଶନ୍ଧିରେ ଦ୍ରୁତ ସହରୀକରଣ ସତ୍ତ୍ୱେ ଜନସଂଖ୍ୟାର ଅଧିକାଂଶ ଭାଗ ଏବେ ମଧ୍ୟ ଗାଆଁରେ ବସବାସ କରୁଛନ୍ତି। ସହରରେ ରହୁଥିବା ଲୋକମାନେ ମଧ୍ୟ କୌଣସି ନା କୌଣସି ଭାବରେ ଗାଆଁ ସହ ଯୋଡି ହୋଇଛନ୍ତି । ଗାଆଁର ବିକାଶ ଦ୍ୱାରା ହିଁ ଦେଶର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ହୋଇ ପାରିବ। ରାଷ୍ଟ୍ରପତି କହିଛନ୍ତି ଯେ ଗ୍ରାମବାସୀମାନଙ୍କୁ ଏହି ନିଷ୍ପତି ନେବାରେ ସକ୍ଷମ ହେବା ଆବଶ୍ୟକ ଯେ ଗାଆଁର ବିକାଶ ପାଇଁ କେଉଁ ମଡେଲ ଉପଯୁକ୍ତ ଅଟେ ଏବଂ ଏହାକୁ କିଭଳି ଭାବେ ଲାଗୁ କରାଯିବା ଆବଶ୍ୟକ। ସେ କହିଛନ୍ତି ଯେ ପଂଚାୟତ କେବଳ ସରକାରୀ କାର୍ଯ୍ୟକ୍ରମ ଏବଂ ଯୋଜନାଗୁଡିକୁ ଲାଗୁ କରିବାର ମାଧ୍ୟମ ନୁହେଁ, ବରଂ ନେତୃତ୍ୱ ପ୍ରଦାନ କରୁଥିବା ନୂଆ ନୂଆ ବ୍ୟକ୍ତିତ୍ୱ, ଯୋଜନା ପ୍ରସ୍ତୁତକର୍ତ୍ତା, ନୀତି ନିର୍ଦ୍ଧାରକ ଏବଂ ନବଉନ୍ମେଷକମାନଙ୍କୁ ପ୍ରୋତ୍ସାହିତ କରିବାର ସ୍ଥାନ ମଧ୍ୟ ଅଟେ। ଗୋଟିଏ ପଂଚାୟତର ସର୍ବୋତମ ନୀତି ନିୟମଗୁଡ଼ିକୁ ଅନ୍ୟ ପଂଚାୟତଗୁଡିକ ଆପଣାଇ ଆମେ ଦ୍ରୁତ ଗତିରେ ବିକାଶ କରି ପାରିବା ଏବଂ ଆମ ଗାଆଁକୁ ସମୃଦ୍ଧ କରି ପାରିବା । ରାଷ୍ଟ୍ରପତି କହିଥିଲେ ଯେ ସମାଜର ପ୍ରତ୍ୟେକ ସମୁଦାୟଙ୍କ ଭାଗିଦାରୀ ସୁନିଶ୍ଚିତ କରିବା ପାଇଁ ପ୍ରତି ପାଂଚ ବର୍ଷରେ ପଂଚାୟତ ପ୍ରତିନିଧିମାନଙ୍କୁ ନିର୍ବାଚିତ କରିବାର ବ୍ୟବସ୍ଥା ରହିଛି । ତେବେ, ଏହା ଦେଖାଯାଉଛି ଯେ ଏହି ନିର୍ବାଚନ ଅନେକ ଥର ଲୋକମାନଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି କରୁଛି । ନିର୍ବାଚନକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ନିଜ ନିଜ ମଧ୍ୟରେ କଳହ ନ ଉପୁଜୁ, ଏହି ବିଷୟକୁ ଧ୍ୟାନରେ ରଖି ପଂଚାୟତ ନିର୍ବାଚନକୁ ରାଜନୈତିକ ଦଳଗୁଡିକଠାରୁ ପୃଥକ୍ ରଖାଯାଇଛି। ସେ କହିଛନ୍ତି, ଯେଉଁ ସମାଜରେ ଲୋକମାନଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ ଏବଂ ବିଶ୍ୱାସ ରହିଥାଏ, ସେହି ସମାଜ ଅଧିକ ବିକଶିତ ହୋଇଥାଏ। ସେ କହିଛନ୍ତି ଯେ ଗ୍ରାମ ହେଉଛି ପରିବାରର ସମ୍ପ୍ରସାରିତ ରୂପ। ଯେତେଦୂର ସମ୍ଭବ ସମସ୍ତ ସାମୁହିକ କାର୍ଯ୍ୟ ପାସ୍ପରିକ ସହମତିର ଆଧାରରେ କରାଯିବା ଉଚିତ୍। ରାଷ୍ଟ୍ରପତି କହିଥିଲେ ଯେ, କୌଣସି ବି ସମାଜର ସର୍ବାଙ୍ଗୀନ ଉନ୍ନତି ପାଇଁ, ମହିଳାମାନଙ୍କର ଭାଗିଦାରୀ ଅତ୍ୟନ୍ତ ଜରୁରୀ ଅଟେ । ମହିଳାମାନଙ୍କୁ ନିଜ ପାଇଁ, ନିଜ ପରିବାର ପାଇଁ, ଏବଂ ସମାଜ କଲ୍ୟାଣ ପାଇଁ ନିଷ୍ପତି ନେବାର ଅଧିକାର ମିଳିବା ଉଚିତ୍ । ପରିବାର ଏବଂ ଗ୍ରାମ ସ୍ତରରେ ସେମାନଙ୍କ ସଶକ୍ତିକରଣ ମାଧ୍ୟମରେ, ଏହି ଅଧିକାରକୁ ହାସଲ କରାଯାଇ ପାରିବ। ଏ କଥା ସେମାନଙ୍କ ପାଇଁ ଆନନ୍ଦର ବିଷୟ ଯେ, ଗ୍ରାମୀଣ ସ୍ୱାୟତ ସଂସ୍ଥାର ୩୧.୫ ଲକ୍ଷରୁ ଅଧିକ ନିର୍ବାଚିତ ପ୍ରତିନଧିମାନଙ୍କୁ ମଧ୍ୟରୁ ୪୬ ପ୍ରତିଶତ ହେଉଛନ୍ତି ମହିଳା । ଗ୍ରାମ ପଂଚାୟତର କାର୍ଯ୍ୟରେ ସକ୍ରିୟ ରୂପେ ଭାଗ ନେବା ପାଇଁ ସେ ମହିଳାମାନଙ୍କୁ ଆହ୍ୱାନ ଦେଇଛନ୍ତି । ଏହି ପ୍ରୟାସରେ ମହିଳାମାନଙ୍କୁ ସହଯୋଗ କରିବା ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ମଧ୍ୟ ରାଷ୍ଟ୍ରପତି ଅନୁରୋଧ କରିଛନ୍ତି ।

## ସାଉଦି-ଭାରତ ସମ୍ପର୍କ ସୁଦୃଢ଼ ନେଇ ପାକିସ୍ତାନ ଚିନ୍ତିତ



ନୂଆଦିଲ୍ଲୀ: ନିକଟରେ ସାଉଦି ଆରବ ସହିତ ଭାରତର ସମ୍ପର୍କ ସୁଦୃଢ଼ ହୋଇଛି। ଅନ୍ୟପକ୍ଷରେ ପାକିସ୍ତାନ ସହ ସାଉଦିର ସମ୍ପର୍କ ଭଲରେ ଚାଲିନାହିଁ। ଏହା ସତ୍ତ୍ୱେ ସାଉଦି ଅତୀତରେ ପାକିସ୍ତାନକୁ ଆର୍ଥିକ ସହାୟତା ଦେଉଥିଲା। କିନ୍ତୁ ଭାରତ ଏବଂ ସାଉଦି ମଧ୍ୟରେ ଦିନକୁ ଦିନ ବଢୁଥିବା ଘନିଷ୍ଠତାକୁ ନେଇ ପାକିସ୍ତାନ ଚିନ୍ତିତ। କିନ୍ତୁ ଏଥିରେ ସବୁଠାରୁ ବଡ ପ୍ରଶ୍ନ ହେଉଛି ପାକିସ୍ତାନ ଏବଂ ସାଉଦି ଆରବ ମଧ୍ୟରେ ସମ୍ପର୍କ କାହିଁକି ଖରାପ ହେଲା? କାରଣ ଦୁଇ ଦେଶ ଯିଏ ସର୍ବଦା ପରସ୍ପରକୁ ସମର୍ଥନ କରୁଥିଲେ, ଆଜି ସେହି ଦେଶ ପାକିସ୍ତାନଠାରୁ ଦୂରେଇ ରହିବା ଆରମ୍ଭ କରିଛି। ଏହା ମଧ୍ୟ ସମସ୍ତଙ୍କୁ ଜଣା ଯେ ସାଉଦି ଆରବ ଏବଂ ଭାରତ ମଧ୍ୟରେ ଘନିଷ୍ଠତା ବୃଦ୍ଧି ପାଇବାକୁ ପାକିସ୍ତାନ କେବେ ଚାହେଁ ନାହିଁ। କ୍ରିକେଟ୍ ଏବଂ ବଲିଉଡ ଯୋଗୁଁ ଆଜିକାଲି ଭାରତ ଏବଂ ସାଉଦି ମଧ୍ୟରେ ବନ୍ଧୁତା ମଜବୁତ ହେଉଛି। ଖବରନୁଯାୟୀ ଆଇପିଏଲର ମାଲିକମାନଙ୍କୁ ସାହାଯ୍ୟ କରିବା ପାଇଁ ସାଉଦି ବିଶ୍ୱର ସବୁଠାରୁ ଧନୀ କ୍ରିକେଟ୍ ଲିଗ୍ ଆରମ୍ଭ କରିବାକୁ ଚାହୁଁଛି। ଏଥିରୁ ସ୍ପଷ୍ଟ ଯେ ଯେତେବେଳେ ଧନୀ କ୍ରିକେଟ୍ ଲିଗ୍ ଆରମ୍ଭ ହେବ, ଦୁଇ ଦେଶ ମଧ୍ୟରେ ସମ୍ପର୍କ ଆହୁରି ସୁଦୃଢ଼ ହେବ। ଅନ୍ୟପକ୍ଷରେ ପାକିସ୍ତାନ ଏହାକୁ ଆଦୌ ପସନ୍ଦ କରିବ ନାହିଁ କାରଣ ଯେତେବେଳେ ବି ପାକିସ୍ତାନ ଆର୍ଥିକ ସଙ୍କଟ ଦେଇ ଗତି କରେ, ସାଉଦି ଆରବ ଏହାକୁ ସାହାଯ୍ୟ କରିବାରେ ଆଗରେ ଥିଲା। ସୂଚନାଯୋଗ୍ୟ ଯେ ମାର୍ଚ୍ଚ ମାସରେ ଆରବ ବୈଦେଶିକ ମନ୍ତ୍ରୀ ଫରହାନ ଅଲ ସାଉଦ କହିଥିଲେ ଯେ ବର୍ତ୍ତମାନ ଭାରତ ସହ ସମ୍ପର୍କ ଆହୁରି ମଜବୁତ ହୋଇଛି। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନଙ୍କ ମଧ୍ୟରେ ବନ୍ଧନ ମଧ୍ୟ ଅତ୍ୟନ୍ତ ମଜବୁତ।

## ଟ୍ୟୁନସାଙ୍ଗରେ ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ହୋଇଥିବା କାମକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ନାଗାଲାଣ୍ଡର ଟ୍ୟୁନସାଙ୍ଗରେ ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ହୋଇଥିବା କାମକୁ ପ୍ରଶଂସା କରିଛନ୍ତି । ନାଗାଲାଣ୍ଡ ବିଧାନସଭାର ସଦସ୍ୟ ଶ୍ରୀ ଜାକୋବ ଝିମୋମିଙ୍କ ଟ୍ୱିଟର ପ୍ରତ୍ୟୁତ୍ତରରେ ପ୍ରଧାନମନ୍ତ୍ରୀ ଟ୍ୱିଟ କରିଛନ୍ତି; "ବଢ଼ିଆ! ଆମେ ସାରା ଭାରତରେ ସ୍ୱଚ୍ଛତା ପାଇଁ ଜୋରଦାର ଉତ୍ସାହ ଦେଖିଲୁ, ଯାହା ଆଧାରରେ ସ୍ୱାସ୍ଥ୍ୟ ଓ ମହିଳା ସଶକ୍ତିକରଣ ସହିତ ବିଭିନ୍ନ କ୍ଷେତ୍ରରୁ ମିଳୁଥିବା ଲାଭ ସ୍ପଷ୍ଟ ଦୃଶ୍ୟମାନ ହେଉଛି ।"

### ଆସିଲା ବ୍ୟବଚ୍ଛେଦ ରିପୋର୍ଟ

## ଅତିକ୍, ଅସରଫ ଶରୀରରେ ବାଜିଥିଲା ୧୪ ଗୁଳି



ଲକ୍ଷ୍ନୌ: ଉତ୍ତରପ୍ରଦେଶର ମାଫିଆ ଡନ୍ ଅତିକ୍ ଅହମ୍ମଦ ଓ ତାଙ୍କ ଭାଇ ଅସରଫଙ୍କୁ ଶନିବାର ରାତିରେ ସୁରକ୍ଷା ବଳୟ ମଧ୍ୟରେ ପୋଲିସ ମେଡ଼ିକାଲ ଚେକଅପ୍ ପାଇଁ ନେଉଥିବା ବେଳେ ଉଭୟଙ୍କ ଉପରକୁ ଆଖି ବୁଜା ଗୁଳିମାଡ଼ ହୋଇଥିଲା। ଏଥିରେ ଘଟଣାସ୍ଥଳରେ ଉଭୟ ଟଳି ପଡ଼ିଥିଲେ। ରବିବାର ରାତିରେ ଅତିକ୍ ଓ ଅସରଫଙ୍କ ମୃତ ଶରୀରକୁ କବର ଦିଆଯାଇଥିବା ବେଳେ ସୋମବାର ସେମାନଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଛି। ଅତିକ୍ ଶରୀରରେ ୯ଟି ଗୁଳି ବାଜିଥିବା ବେଳେ ଅସରଫ ଶରୀରରେ ୫ଟି ଗୁଳି ବାଜିଥିବା ବ୍ୟବଚ୍ଛେଦ କରିଥିବା ଡାକ୍ତର କହିଛନ୍ତି। ଉଭୟଙ୍କ ଶବ ବ୍ୟବଚ୍ଛେଦ ପାଇଁ ଡାକ୍ତରଙ୍କର ଏକ ପ୍ୟାନେଲ ଗଠନ କରାଯିବା ସହ ଏହାର ଭିଡ଼ିଓଗ୍ରାଫି ମଧ୍ୟ କରାଯାଇଥିଲା। ଗତ ଶନିବାର ରାତିରେ ୩ ଅଭିଯୁକ୍ତ ଲଭଲେଶ, ଶନି ଓ ଅରୁଣ ଆଖିବୁଜା ଗୁଳିମାଡ଼ କରିଥିଲେ। ଅତିକର ମୁଣ୍ଡରେ ଗୋଟିଏ ଗୁଳି ସମେତ ଛାତି ଓ ପିଠିରେ ୮ଟି ଗୁଳି ବାଜିଥିଲା। ସେହିପରି ଅସରଫର ମୁହଁରେ ଗୋଟିଏ ଗୁଳି ବାଜିଥିବା ବେଳେ ଆଉ ୪ଟି ଗୁଳି ତା ପିଠିରେ ବାଜିଥିଲା। ସାମ୍ବାଦିକ ବେଶରେ ଏହି ୩ ଅଭିଯୁକ୍ତ ସେମାନଙ୍କୁ ଗୁଳି ଚାଳନା କରିଥିଲେ। ଏହି ଘଟଣାକୁ ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ଉତ୍ତରପ୍ରଦେଶରେ ହାଇଆଲର୍ଟ ଜାରି କରାଯାଇଛି। ଏହି ଘଟଣାର ତଦନ୍ତ ପାଇଁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏକ ୩ ଜଣିଆ ନ୍ୟାୟିକ କମିଟି ଗଠନ କରିଛନ୍ତି। ରବିବାର ସକାଳେ ପ୍ରୟାଗରାଜ ହସ୍ପିଟାଲରେ ଦୁଇ ଭାଇଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ସନ୍ଧ୍ୟାରେ ପରିବାର ବର୍ଗ ସେମାନଙ୍କ ମୃତଦେହକୁ କବର ଦେଇଥିଲେ।

### ହତ୍ୟା ପାଇଁ ସୁପାରି ଦିଆଯାଇଥିଲା !

ପ୍ରୟାଗରାଜ: ଅତିକ୍ ଅହମ୍ମଦ ଏବଂ ଅଶରଫ ହତ୍ୟା ମାମଲାରେ ଏକ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ଉଭୟଙ୍କ ହତ୍ୟାରେ ଜଡିତ ତିନି ହତ୍ୟାକାରୀଙ୍କ ବିଭିନ୍ନ ଜିଲ୍ଲାରୁ ଆସିବା ନେଇ ପ୍ରଶ୍ନ ଉଠିଥିଲା। ଅତିକ୍ ଅହମ୍ମଦଙ୍କୁ ଗୁଳି ବର୍ଷା କରିଥିବା ଲଭଲେଶ ତିୱାରୀ, ସନ୍ନି ସିଂ ଏବଂ ଅରୁଣଙ୍କୁ ହତ୍ୟା ପାଇଁ ସୁପାରି ଦିଆଯାଇଥିଲା। ଏହି ହତ୍ୟାକାଣ୍ଡ ପାଇଁ ହତ୍ୟାକାରୀମାନଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏ ଦିଆଯାଇଥିବା ରିପୋର୍ଟରେ କୁହାଯାଇଛି।

## ଅଭିଷେକ ବାନାର୍ଜୀଙ୍କୁ ପୁଣି ସିବିଆଇ ସମନ୍



କୋଲକାତା: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ତଥା ଟିଏମସି ସାଂସଦ ଅଭିଷେକ ବାନାର୍ଜୀଙ୍କୁ ସିବିଆଇ ସମନ କରିଛି। ଶିକ୍ଷକ ନିଯୁକ୍ତି ସ୍କାମ ମାମଲାରେ ତାଙ୍କୁ ସିବିଆଇ ପଚରାଉଚରା କରିବାକୁ ଚାହୁଁଛି। ଏଥିପାଇଁ ତାଙ୍କୁ ସମନ କରାଯାଇଛି। ଏହି ମମାଲାରେ ସୁପ୍ରିମକୋର୍ଟ ତାଙ୍କୁ ଆଶ୍ୱସ୍ତି ଦେବାର କିଛି ଘଣ୍ଟା ପରେ ହିଁ ସମନ ଆସିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଶିକ୍ଷକ ନିଯୁକ୍ତିରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ସିବିଆଇ ଏହାର ତଦନ୍ତ କରିବା ସହ ଟିଏମସିର ଜଣେ ବିଧାୟକଙ୍କୁ ୬୫ ଘଣ୍ଟା ଜେରା କରିବା ପରେ ଗିରଫ କରିଛି। ଅଭିଷେକ ବାନାର୍ଜୀଙ୍କୁ ମଧ୍ୟ ସିବିଆଇ ତଦନ୍ତରେ ସାମିଲ କରିବାକୁ ଚାହୁଁଥିବାରୁ ଏହା ବିରୋଧରେ ସେ ସୁପ୍ରିମକୋର୍ଟ ଯାଇଥିଲେ। ସୁପ୍ରିମକୋର୍ଟ ତାଙ୍କ ବିରୋଧରେ ଚାଲିଥିବା ତଦନ୍ତ ଉପରେ ଆଜି ରୋକ ଲଗାଇ ଦେଇଥିଲେ। ଏହା ସତ୍ତ୍ୱେ ସିବିଆଇ ତାଙ୍କୁ ଆସନ୍ତାକାଲି ହାଜର ହେବାକୁ ସମନ କରିଛି। ଏପରି ସମନକୁ ବିରୋଧ କରି ବାନାର୍ଜୀ କହିଛନ୍ତି, "ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସିବିଆଇ ସମନ କରି ଆମକୁ ହଇରାଣ କରିବାକୁ ଚାହୁଁଛି।

# ବାଣିଜ୍ୟ



ମୁମ୍ବାଇ: ତିନିଦିନର ଛୁଟି ପରେ ଚଳିତ ସପ୍ତାହର ପ୍ରଥମ ବାଣିଜ୍ୟ ଦିନ ଭାରତୀୟ ଷ୍ଟକ୍ ବଜାର ପାଇଁ ଅତ୍ୟନ୍ତ ନିରାଶାଜନକ ଥିଲା। ଇନଫୋସିସ୍ ଦ୍ୱାରା ପରିଚାଳିତ ଆଇଟି ଷ୍ଟକ୍‌ରେ ବିପୁଳ ହ୍ରାସ ହେତୁ ବଜାରରେ ଏକ ବଡ଼ ହ୍ରାସ ଘଟିଛି। ଏକ ସମୟରେ ସେନସେକ୍ସ ୧୦୦୦ ପଏଣ୍ଟ ହ୍ରାସ ପାଇଥିଲା ଏବଂ ନିଫ୍ଟି ୨୫୪ ପଏଣ୍ଟ ହ୍ରାସ ପାଇଥିଲା, କିନ୍ତୁ ବ୍ୟାଙ୍କିଙ୍ଗ ଏବଂ ଏଫଏମସିଜି ଷ୍ଟକ୍‌ରେ କ୍ରୟ ହେତୁ ବଜାର ପୁନରୁଦ୍ଧାର ହୋଇଥିଲା କାରବାର ଶେଷରେ, ବିଏସଇ ସେନସେକ୍ସ ୫୨୦ ପଏଣ୍ଟ ହ୍ରାସ ପାଇ ୫୯,୯୧୦କୁ ଖସି ଯାଇଥିଲା। ସେହିପରି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୧୨୧ ପଏଣ୍ଟ ହ୍ରାସ ସହିତ ୧୭,୭୦୬ ପଏଣ୍ଟରେ ବନ୍ଦ ହୋଇଯାଇଥିଲା । ତେବେ ବ୍ୟାଙ୍କିଙ୍ଗ୍, ଏଫଏମସିଜି, ଏନର୍ଜି, ଅଟୋ, ତୈଳ ଏବଂ ଗ୍ୟାସ୍ ଭଳି ସେକ୍ଟରର ଅଂଶଧନ ବୃଦ୍ଧି ପାଇଛି। ଆଇଟି, ଫାର୍ମା, ସ୍ୱାସ୍ଥ୍ୟସେବା ପରି କ୍ଷେତ୍ରଗୁଡିକର ଅଂଶଧନ ହ୍ରାସ ସହିତ ବନ୍ଦ ହୋଇଛି।

## ଭାରତର ୧୨୧ ଏବଂ ବିଦେଶର ୪ ସହରରେ ଭିଟ୍ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ଆରମ୍ଭ






ନୂଆଦିଲ୍ଲୀ: VITEEE, B.Techରେ ଆଡମିଶନ ପାଇଁ ଭେଲୋର ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (VIT) ଦ୍ୱାରା କରାଯାଇଥିବା ପ୍ରବେଶିକା ପରୀକ୍ଷା ଭିଟ୍-ଭେଲୋର, ଭିଟ୍-ଚେନ୍ନାଇ, ଭିଟ୍- ଏପି(ଅମରାବତୀ) ଏବଂ ଭିଟ୍-ଭୋପାଳର କାର୍ଯ୍ୟକ୍ରମ, ଏପ୍ରିଲ ୧୭ରୁ ୨୩, ୨୦୨୩ ପର୍ଯ୍ୟନ୍ତ ଭାରତର ୧୨୧ ସହରରେ ଏବଂ ବିଦେଶର ୪ ଟି ସହରରେ ପ୍ରୋକ୍ଟର କମ୍ପ୍ୟୁଟର ଆଧାରିତ ପରୀକ୍ଷା ଭାବରେ ଧାର୍ଯ୍ୟ କରାଯାଇଛି। ଭାରତର ସମସ୍ତ ରାଜ୍ୟ ତଥା ୟୁନିଅନ୍ ଅଞ୍ଚଳର ଆବେଦନକାରୀମାନେ VITEEE-2023 ରେ ଭାଗ ନେଇଥିଲେ। ଫଳାଫଳଗୁଡିକ ୨୬ ଏପ୍ରିଲ ୨୦୨୩ ରେ www.vit.ac.inରେ ଉପଲବ୍ଧ ହେବ ଏବଂ ସେହି ଦିନ ଅନଲାଇନ୍ କାଉନସେଲିଂ ଆରମ୍ଭ ହେବ। ୧ ଲକ୍ଷ ର୍ୟାଙ୍କ ମଧ୍ୟରେ ଆବେଦନକାରୀମାନେ ବି ଟେକ୍ ଆଡମିଶନ ପାଇଁ କାଉନସେଲିଂରେ ଭାଗ ନେବାକୁ ଯୋଗ୍ୟ ଅଟନ୍ତି। କାଉନସେଲିଂରେ କାର୍ଯ୍ୟକ୍ରମ, ୨୬ ଏପ୍ରିଲରୁ ୧୪ ଜୁନ୍, ୨୦୨୩ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ୯ ରୁ ୧୧ ମଇ ୨୦୨୩ ପର୍ଯ୍ୟନ୍ତ ୨୦,୦୦୧ ରୁ ୪୫,୦୦୦ ର୍ୟାଙ୍କ ପାଇଁ ଦ୍ୱିତୀୟ ପର୍ଯ୍ୟାୟ; ୨୦୨୩ ରୁ ୨୨ ମଇ, ୨୦୨୩ ପର୍ଯ୍ୟନ୍ତ ୪୫,୦୦୧ ରୁ ୭୦,୦୦୦ ର୍ୟାଙ୍କ ପାଇଁ ତୃତୀୟ ପର୍ଯ୍ୟାୟ; ୩୧ ମଇରୁ ୨ ଜୁନ୍ ୨୦୨୩ ପର୍ଯ୍ୟନ୍ତ ୭୦,୦୦୧ ରୁ ୧,୦୦,୦୦୦ ର୍ୟାଙ୍କ ପାଇଁ ଚତୁର୍ଥ ପର୍ଯ୍ୟାୟ, ଏବଂ ୧୨ରୁ ୧୪ ଜୁନ୍ ୨୦୨୩ ପର୍ଯ୍ୟନ୍ତ ୧ ଲକ୍ଷରୁ ଅଧିକ ପଦବୀ ପାଇଁ ପଞ୍ଚମ ପର୍ଯ୍ୟାୟ ଅନୁଷ୍ଠିତ ହେବ। ଅଗଷ୍ଟ ୨୦୨୩ ର ଦ୍ୱିତୀୟ ସପ୍ତାହରୁ କ୍ଲାସ୍ ଆରମ୍ଭ ହେବାର ସମ୍ଭାବନା ଅଛି ।

## ମାରୁତି ସୁଜୁକି ପକ୍ଷରୁ ନୂଆ ଶକ୍ତିଶାଳୀ ସୁପର କ୍ୟାରିର ଶୁଭାରମ୍ଭ

ନୂଆଦିଲ୍ଲୀ: ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ (ଏମଏସଆଇଏଲ) ଏହାର ଅପଗ୍ରେଡେଡ ହାଲୁକା କମର୍ସିଆଲ ଭେଇକିଲ, ସୁପର କ୍ୟାରିର ଶୁଭାରମ୍ଭ କରିଛି। ଏହି ସୁପର କ୍ୟାରିରେ ମାରୁତି ସୁଜୁକିର ଆଧୁନିକ ୧.୨ ଏଲ, କେ-ସିରିଜ ଡୁଆଲ ଜେଟ, ଡୁଆଲ ଭିଭିଟି ଇନ ରହିଛି। ମାରୁତି ସୁଜୁକିର ସୁପର କ୍ୟାରି ମିନି ଟ୍ରକରେ ଏକ ୪-ସିଲିଣ୍ଡର ଇନ ରହିଛି। ଯାହା ଏହାର ପେଟ୍ରୋଲ ମଡେଲରେ ୬୦୦୦ଆରପିଏମରେ ୫୯.୪ କେଡବ୍ଲୁ(୮୦.୭ପିଏସ)ର ସର୍ବାଧିକ ଶକ୍ତି ଏବଂ ୨୯୦୦ ଆରପିଏମରେ ୧୦୪.୪ଏନଏମର ସର୍ବାଧିକ ଟର୍କ ପ୍ରଦାନ କରୁଛି। ଏହି ନୂଆ ଇନରେ ରହିଛି ଅପଗ୍ରେଡେଡ ଫାଇବ-ସ୍ପିଡ ମାନୁଆଲ ଟ୍ରାନ୍ସମିସନ ଯାହା ଗ୍ରାହକଙ୍କୁ ଉଠାଣିଆ ତଥା ଗଡ଼ାଣିଆ ସ୍ଥାନମାନଙ୍କରେ ଉନ୍ନତ ନିୟନ୍ତ୍ରଣ ପ୍ରଦାନ କରେ। ସୁପର କ୍ୟାରି ଶୁଭାରମ୍ଭ ସହିତ, ମାରୁତି ସୁଜୁକି ମଧ୍ୟ ନୂଆ ସିଏନଜି କ୍ୟାବ ଚେସିସ୍ ଭାରିଆଂଟର ଶୁଭାରମ୍ଭ କରିଛି ଯାହାର ଏକ୍ସ-ଶୋ ରୁମ ମୂଲ୍ୟ ରହିଛି ୬୧୫,୫୦୦ଟଙ୍କା। ଏହି ମିନିଟ୍ରକ ମଧ୍ୟ ସିଏନଜି ଡେକ, ଗ୍ୟାସୋଲିନ ଡେକ ଓ ଗ୍ୟାସୋଲିନ କ୍ୟାବ ଚେସିସ୍ ଭାରିଆଂଟରେ ଉପଲବ୍ଧ ରହିଛି ଯାହାର ଏକ୍ସ-ଶୋ ରୁମ ମୂଲ୍ୟ ଯଥାକ୍ରମେ ୬୩୦,୫୦୦ଟଙ୍କା, ୫୩୦,୫୦୦ଟଙ୍କା ଏବଂ ୫୧୫,୫୦୦ଟଙ୍କା ରହିଛି।

## ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ଆଇଆଇଓଟି ଟେକ୍ନୋଲୋଜିର ବ୍ୟବହାର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତରେ ଆଲୁମିନିୟମର ସର୍ବବୃହତ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ନିର୍ଗମନ ନିୟନ୍ତ୍ରଣରେ ଉନ୍ନତି ଆଣିବା ପାଇଁ ଫ୍ୟାବ୍ରିକ୍ ଫିଲ୍ଟରର ବ୍ୟବହାର ସହିତ ଇଣ୍ଡଷ୍ଟ୍ରିଆଲ୍ ଇଂଟରନେଟ୍ ଅଫ୍ ଥିଙ୍ଗସ୍ (ଆଇଆଇଓଟି) ଟେକ୍ନୋଲୋଜିକୁ ଏହାର ୨୪୦୦ ମେଗାୱାଟ ଥର୍ମାଲ୍ ପାୱାର୍ ପ୍ଲାଂଟରେ ନିୟୋଜନ କରିଛି। ଫ୍ୟାବ୍ରିକ୍ ଫିଲ୍ଟରଗୁଡ଼ିକ ହେଉଛି ଏକ ସ୍ୱତନ୍ତ୍ର ବ୍ୟାଗ୍ ଯାହାକି ପାୱାର ପ୍ଲାଂଟ ବଏଲର ସିଷ୍ଟମରୁ ବାହାରୁଥିବା ଗରମ ଗ୍ୟାସରୁ କଣିକା ପଦାର୍ଥ ସଂଗ୍ରହ କରିବା ପାଇଁ ଚିମିନିରେ ଇଲେକ୍ଟ୍ରୋଷ୍ଟାଟିକ୍ ବୃଷ୍ଟିପାତ ପରେ ବ୍ୟବହାର କରାଯାଏ। ବ୍ୟାଗଗୁଡ଼ିକ ମଧ୍ୟରେ ଥିବା ଡିଫେରିଏଲ୍ ଚାପ ଫିଲ୍ଟର ଗୁଡିକର ଦକ୍ଷତା ବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । କଣିକା ପଦାର୍ଥ ଏବଂ ଗ୍ୟାସ୍ ଧରିବାରେ ଏହା ହେଉଛି ତୃତୀୟ ଧାଡି, ଯାହା ବାୟୁ ଗୁଣବତାକୁ ଯଥେଷ୍ଟ ଉନ୍ନତ କରିଥାଏ । ସଠିକ୍ ମନିଟରିଂ ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଆଇଆଇଓଟି ଉପକରଣ ବ୍ୟବହାର କରି ଟ୍ରାନ୍ସମିଟର ମାଧ୍ୟମରେ ଭିନ୍ନ ଭିନ୍ନ ଚାପ ମାପିବାର ପାରମ୍ପାରିକ ଉପାୟରୁ କମ୍ପାନୀ ଉନ୍ନତ ଜ୍ଞାନକୌଶଳ ନିୟୋଜନ କରିଛି। ମୂଲ୍ୟ-ଶୃଙ୍ଖଳା ମଧ୍ୟରେ ଅଗ୍ରଣୀ-ଟେକ୍ନୋଲୋଜିର କଷ୍ଟୋମାଇଜଡ୍ ପ୍ରୟୋଗଗୁଡ଼ିକ ବେଦା' ଆଲୁମିନିୟମ୍ କାର୍ଯ୍ୟକ୍ଷମ ପାରାମିଟରଗୁଡିକ ପରିବେଶ, ସାମାଜିକ ଏବଂ ଶାସନ କାର୍ଯ୍ୟଦକ୍ଷତା ଉପରେ କଠୋର ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଏଥିରେ ଶକ୍ତି ସଂରକ୍ଷଣ, ଅଙ୍ଗାରକାମ୍ଳ ହ୍ରାସ, ବାୟୁ ଗୁଣବତା, ଜଳ ସ୍ଥିରତା, ବୃତିଗତ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଜୈବ ବିବିଧତା ପରି ପରିବେଶ ପାରାମିଟର ଉପରେ ମଧ୍ୟ ଧ୍ୟାନ ଅନ୍ତର୍ଭୁକ୍ତ।

## ନୂଆ ସାମସଙ୍ଗ ଗ୍ୟାଲାକ୍ସି ଏମ୧୪ ୫ଜିର ଶୁଭାରମ୍ଭ

ନୂଆଦିଲ୍ଲୀ: ଭାରତର ସର୍ବବୃହତ୍ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ ସାମ୍‌ସଙ୍ଗ ଏକ ୫୦ଏମ୍‌ପି ଟ୍ରିପଲ୍ କ୍ୟାମେରା, ସେଗ୍‌ମେଂଟ୍-ଅଗ୍ରଣୀ ୬୦୦୦ ଏମ୍‌ଏଏଚ୍ ବ୍ୟାଟେରୀ, ୫ଏନ୍‌ଏମ୍ ପ୍ରୋସେସର ଓ ଏକାଧିକ ମନ୍‌ଷ୍ଟର ଫିଚର ସହିତ ନୂଆ ଗ୍ୟାଲାକ୍ସି ଏମ୧୪ ୫ଜିର ଶୁଭାରମ୍ଭର ଘୋଷଣା କରିଛି। ଏଥିରେ ଏକ ସେଗମେଂଟ୍ ଅଗ୍ରଣୀ ୫ଏନ୍‌ଏମ୍ ଏକ୍ସିନସ୍ ୧୩୩୦ ପ୍ରୋସେସର ରହିଛି। ଗ୍ୟାଲାକ୍ସି ଏମ୧୪ ୫ଜି, ୧୩୪୯୦ ଟଙ୍କାର ଏକ ପ୍ରଭାବୀ ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ହେଉଛି।

## ମୁମ୍ବାଇରେ ଇଣ୍ଡିଆ ଷ୍ଟିଲ ୨୦୨୩ର ଉଦ୍‌ଘାଟନ କରିବେ ଜ୍ୟୋତିରାଦିତ୍ୟ ସିନ୍ଧିଆ



ନୂଆଦିଲ୍ଲୀ: କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟ, ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଏବଂ ଫିକି ସହିତ ମିଳିତ ଭାବରେ ଇଣ୍ଡିଆ ଷ୍ଟିଲ ୨୦୨୩ ସମ୍ମିଳନୀ ଏପ୍ରିଲ ୧୯-୨୧, ୨୦୨୩ ମଧ୍ୟରେ ମୁମ୍ବାଇର ଗୋରେଗାଓଁରେ ଥିବା ମୁମ୍ବାଇ ପ୍ରଦର୍ଶନୀ କେନ୍ଦ୍ର ଠାରେ ଆୟୋଜନ କରୁଛି । ଇସ୍ପାତ ଶିଳ୍ପରେ ଅତ୍ୟାଧୁନିକ ବିକାଶ, ଆହ୍ୱାନ ଏବଂ ସୁଯୋଗ ବିଷୟରେ ଆଲୋଚନା କରିବାକୁ ଶିଳ୍ପପତି, ନୀତି ନିର୍ଦ୍ଧାରଣକାରୀ ଏବଂ ବିଶେଷଜ୍ଞମାନଙ୍କୁ ଏକତ୍ର କରିବାକୁ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି। ଏପ୍ରିଲ ୧୯, ୨୦୨୩ରେ ଇଣ୍ଡିଆ ଷ୍ଟିଲ ୨୦୨୩ର ଉଦଘାଟନୀ ଅଧିବେଶନରେ ଭାରତ ସରକାରଙ୍କ ବେସାମରିକ ବିମାନ ଚଳାଚଳ ଏବଂ ଇସ୍ପାତ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ ସିନ୍ଧିଆ, ଭାରତ ସରକାରଙ୍କ ଇସ୍ପାତ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଫଗାନ ସିଂ କୁଲାସ୍ତେ, ଇସ୍ପାତ ଓ ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ ଭାରତ ସରକାର, ନଗେନ୍ଦ୍ର ନାଥ ସିହ୍ନା, ସଚିବ, ଇସ୍ପାତ ମନ୍ତ୍ରଣାଳୟ, ବରିଷ୍ଠ ଅଧିକାରୀ ଏବଂ ଶୁଭ୍ରକାନ୍ତ ପଣ୍ଡା (ଅଧ୍ୟକ୍ଷ ଫିକି) ତଥା ସୋମା ମଣ୍ଡଳ (ଅଧ୍ୟକ୍ଷ, ସେଲ୍ ଏବଂ ଅଧ୍ୟକ୍ଷ ଫିକି ଷ୍ଟିଲ୍ ସମିତି) ସହିତ ଅନ୍ୟ ବିଶିଷ୍ଟ ବକ୍ତାଙ୍କ ଦ୍ୱାରା ସମ୍ବୋଧିତ କରାଯିବ। ଏହି କାର୍ଯ୍ୟକ୍ରମରେ ଇସ୍ପାତ କ୍ଷେତ୍ରରେ ଅତ୍ୟାଧୁନିକ ଉତ୍ପାଦ ଏବଂ ଉଦ୍ଭାବନ ପ୍ରଦର୍ଶନ କରୁଥିବା ଏକ ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହେବ। ତିନି ଦିନ ମଧ୍ୟରେ, ସହଭାଗୀମାନେ ବିଭିନ୍ନ ବିଷୟକୁ କଭର କରୁଥିବା ସୂଚନାତ୍ମକ ଅଧିବେଶନର ଏକ ଶୃଙ୍ଖଳାରେ ସାମିଲ୍ ହେବାର ସୁଯୋଗ ମିଳିବ। ଏହି ସମୟରେ ଇଣ୍ଡିଆ ଷ୍ଟିଲ୍ ୨୦୦୩ ର ମହତ୍ତ୍ୱପୂର୍ଣ୍ଣ ଅଧିବେଶନ ଆୟୋଜିତ କରାଯିବ ଯେଉଁଥିରେ ''ଲଜିଷ୍ଟିକ୍ ?ସ ଇନଫ୍ରାଷ୍ଟ୍ରକଚରକୁ ସକ୍ଷମ କରିବା'', ''ଭାରତୀୟ ଇସ୍ପାତ ଉଦ୍ୟୋଗ ପାଇଁ ଚାହିଦା ଗତିଶୀଳତା'', ''ଗ୍ରୀନ ଷ୍ଟିଲ୍ ମାଧ୍ୟମରେ ସ୍ଥିରତା ଲକ୍ଷ୍ୟ : ଆହ୍ୱାନ ଏବଂ ଭବିଷ୍ୟତର ରାସ୍ତା'', ''ଅନୁକୂଳ ନୀତି ଢାଞ୍ଚା ଏବଂ ଭାରତୀୟ ଇସ୍ପାତ ପାଇଁ ପ୍ରମୁଖ ପ୍ରବର୍ତ୍ତକ, ତଥା ''ଉତ୍ପାଦକତା ଏବଂ ଦକ୍ଷତା ବଢ଼ାଇବା ପାଇଁ ପ୍ରଯୁକ୍ତି ସମାଧାନ'' ପରି ବିଷୟକୁ ସାମିଲ୍ କରାଯିବ। ଭାରତୀୟ ଇସ୍ପାତ କ୍ଷେତ୍ର ମଧ୍ୟରେ ଆହ୍ୱାନ ଓ ସୁଯୋଗକୁ ସମ୍ବନ୍ଧିତ ରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଅଧିବେଶନ ଉଦଯୋଗର ପ୍ରମୁଖ, ସରକାରୀ ଅଧିକାରୀ ଏବଂ ବିଶେଷଜ୍ଞଙ୍କ ମଧ୍ୟରେ ବ୍ୟାପକ ଆଲୋଚନାର ସୁବିଧା ପ୍ରଦାନ କରିବ। ଏହି ଅଧିବେଶନ ଉଦ୍ୟୋଗର ଭବିଷ୍ୟତର ବିକାଶ ପାଇଁ ସହଯୋଗ ଓ ନୂତନତାକୁ ପ୍ରୋତ୍ସାହିତ କରିବା, ବିଚାର, ଅନ୍ତର୍ଦୃଷ୍ଟି ଏବଂ ଅଭିଜ୍ଞତାର ଆଦାନ ପ୍ରଦାନ କରିବା ପାଇଁ ହିତାଧିକାରୀଙ୍କ ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବ। ଇଣ୍ଡିଆ ଷ୍ଟିଲ୍ ୨୦୨୩ ଷ୍ଟିଲ୍ ଉଦ୍ୟୋଗର ପ୍ରମୁଖ ବିଷୟ ଉପରେ ଗୋଲ ଟେବୁଲ୍ ଆଲୋଚନାର ଏକ ସିରିଜର ଆୟୋଜନ କରିବ। ଇଣ୍ଡିଆ ଷ୍ଟିଲ ୨୦୨୩ ପ୍ରଦର୍ଶନୀରେ ଭାରତୀୟ ଇସ୍ପାତ ଶିଳ୍ପରୁ ଆଧୁନିକ ପ୍ରଯୁକ୍ତିବିଦ୍ୟା, ଉତ୍ପାଦ ଏବଂ ସମାଧାନ ପ୍ରଦର୍ଶିତ ହେବ। ଏହି ଦୁଇ ବର୍ଷୀୟ କାର୍ଯ୍ୟକ୍ରମ ଉପସ୍ଥିତ ଶିଳ୍ପପତିମାନଙ୍କ ସହ ଜଡିତ ହେବା, ଭବିଷ୍ୟତର ଅଭିବୃଦ୍ଧି ଆଶା ବିଷୟରେ ଜ୍ଞାନ ହାସଲ କରିବା ଏବଂ ଦ୍ରୁତ ଗତିରେ ବିକଶିତ ଭାରତୀୟ ଇସ୍ପାତ କ୍ଷେତ୍ରରେ ସହଯୋଗ ପାଇଁ ସୁଯୋଗ ଅନ୍ୱେଷଣ ନିମନ୍ତେ ଉପସ୍ଥିତ ଲୋକଙ୍କୁ ଏକ ସ୍ୱତନ୍ତ୍ର ପ୍ଲାଟଫର୍ମ ପ୍ରଦାନ କରିବ।





ମୁମ୍ବାଇ : ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଇତିହାସରେ ଦୁଇ ଭାଇ ଖେଳିବାର ଅନେକ ନଜିର ରହିଛି। ମାତ୍ର ପ୍ରଥମ ଯାଆଁଳାଭାଇ ଚଳିତ ସଂସ୍କରଣରେ ଖେଳିଛନ୍ତି। ସେ ହେଲେ ଦକ୍ଷିଣ ଆଫ୍ରିକାର ମାର୍କୋ ଜାନସେନ ଓ ଡୁଆନ ଜାନସେନ। ବାମହାତୀ ଦ୍ରୁତବୋଲର ମାର୍କୋ ଜାନସେନ ୨୦୨୧ରୁ ଆଇପଇଏଲ୍‌ରେ ଖେଳି ଆସୁଛନ୍ତି। ଇତିମଧ୍ୟରେ ସେ ୧୨ଟି ମ୍ୟାଚ ଖେଳି ୧୩ଟି ଓ୍ୱିକେଟ ନେଇ ସାରିଛନ୍ତି। ଚଳିତ ସଂସ୍କରଣରେ ସେ ସନ୍‌ରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ମାର୍କୋ ଜାନସେନ୍ ରବିବାର ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଆଇପିଏଲ୍ କ୍ୟାରିୟର ଆରମ୍ଭ କରିଛନ୍ତି। କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ସେ ପ୍ରଥମ ଆଇପିଏଲ୍ ମ୍ୟାଚ ଖେଳିଛନ୍ତି। ୨୦୦୦ ମେ'୧ରେ ଦକ୍ଷିଣ ଆଫ୍ରିକା ନର୍ଥ ଓ୍ୱେଷ୍ଟର କ୍ଲେକ୍ସଡର୍ପଠାରେ ଦୁଇ ଭାଇଙ୍କର ଜନ୍ମ। ମାର୍କୋଙ୍କ ପରି ଡୁଆନ ମଧ୍ୟ ଜଣେ ବାମହାତୀ ଦ୍ରୁତ ବୋଲର। ସେ ନିଜର ପ୍ରଥମ ଆଇପିଏଲ୍ ମ୍ୟାଚରେ ୪ ଓଭର ବୋଲିଂ କରି ୫୩ ରନ ବିନିମୟରେ ଗୋଟିଏ ଉଇକେଟ ନେଇଛନ୍ତି। ଆଇପିଏଲ୍‌ରେ ଦୁଇ ଭାଇ ଇରଫାନ ପଠାନ-ୟୁସୁଫ ପଠାନ, ଶନ୍ ମାର୍ଶ-ମିଚେଲ ମାର୍ଶ, ମାଇକେଲ ହସି-ଡେଭିଡ ହସୀ, ଆଲ୍‌ବି ମୋର୍କେଲ-ମୋର୍ନେ ମୋର୍କେଲ, ବ୍ରେଣ୍ଡନ ମ୍ୟାକକୁଲମ-ନାଥାନ ମ୍ୟାକକୁଲମ, ଡ୍ୱେନ ବ୍ରାଭୋ-ଡାରେନ ବ୍ରାଭୋ, ସିଦ୍ଧାର୍ଥ କୌଲ-ଉଦୟ କୌଲ, ହାର୍ଦ୍ଦିକ ପାଣ୍ଡ୍ୟା-କୃନାଲ ପାଣ୍ଡ୍ୟା, ସାମ୍ କୁରାନ-ଟମ୍ କୁରାନ ଯାଆଁଳା ଭାଇ ମାର୍କୋ ଜାନସେନ-ଡୁଆନ ଜାନସେନ।

# ଚେନ୍ନାଇ ଠାରୁ ହାରିଲା ବାଙ୍ଗାଲୋର

ବେଙ୍ଗାଲୁର : ଡେଭନ କନ୍‌ୱେ, ଅଜିଙ୍କ୍ୟ ରାହଣେ ଓ ଶିବମ ଦୁବେଙ୍କ ଧୂଆଁଧାର ବ୍ୟାଟିଂ ବଳରେ ଚେନ୍ନାଇ ସୁପରକିଙ୍ଗ୍ ସୋମବାର ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଆଇପିଏଲ୍‌ର ୨୪ତମ ମ୍ୟାଚ୍‌ରେ ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋରକୁ ୮ ରନ୍‌ରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ୨୨୭ ରନ୍ ବିଜୟ ଟାର୍ଗେଟ ଧାର୍ଯ୍ୟ କରିଥିବା ବେଳେ ପଛରେ ବ୍ୟାଟିଂ କରି ବାଙ୍ଗାଲୋର ୮ ଓ୍ୱିକେଟ ବିନିମୟରେ ୨୧୮ ରନ୍ କରି ପରାଜୟ ସ୍ୱୀକାର କରିଛି। ବାଙ୍ଗାଲୋର ପକ୍ଷରୁ ଓପନର ବିରାଟ କୋହଲି ୬ ରନ୍ କରି ଆଉଟ ହୋଇଥିବା ବେଳେ ଅଧିନାୟକ ଫାଫ ଡୁପ୍ଲେସିସ୍ ୩୩ ବଲରୁ ୬୨ ଓ ଗ୍ଲେନ ମ୍ୟାକ୍ସୱେଲ ୩୬ ବଲରୁ ୭୬ ରନ କରିଥିଲେ। ଏହି ଦୁଇ ବ୍ୟାଟର ଆଉଟ ହେବା ପରେ ବାଙ୍ଗାଲୋର ଅନ୍ୟ ବ୍ୟାଟର ବିଫଳ ହେବା ଯୋଗୁଁ ବିଜୟ ହୋଇପାରିଲା ନାହିଁ। ଟସ୍ ହାରିଲା ପରେ ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ସୁପରକିଙ୍ଗ୍‌ସ ୬ ଓ୍ୱିକେଟ ହରାଇ ୨୨୬ ରନ୍ କରିଥିଲା। ଓପନର ଋତୁରାଜ ଗାଏକ୍‌ୱାଡ କେବଳ ୩ ରନ୍ କରି ଆଉଟ ହେବା ପରେ ଅନ୍ୟତମ ଓପର ଡେଭନ କନ୍‌ୱେ ଧୂଆଁଧାର ବ୍ୟାଟିଂ କରି ୬ଛକା ଓ ସମାନ ସଂଖ୍ୟକ ଚୌକା ସହ ୪୫ ବଲରୁ ୮୩ କରିବା ଯୋଗୁଁ ଦଳର ରନ୍ ହାର ଦ୍ରୁତ ଗତିରେ ଆଗେଇ ଚାଲିଥିଲା। ତାଙ୍କ ସହିତ ପ୍ରଥମ ବୁଝାମଣା ରକ୍ଷା କରି ଅଜିଙ୍କ୍ୟ ରାହଣେ ୨୦ବଲରୁ ୩୭ ରନ୍ କରିବା ଫଳରେ ଚେନ୍ନାଇ ଏକ ବଡ ସ୍କୋର କରିବା ସମ୍ଭାବନା ସୃଷ୍ଟି ହୋଇଥିଲା। ତେବେ ଯୁବ ବ୍ୟାଟର ଶିବମ୍ ଦୁବେ ପ୍ରତିପକ୍ଷ ବୋଲରଙ୍କୁ ନିସ୍ତୁକ ପ୍ରହାର କରି ୫ଚକା ସହାୟତାରେ ୨୭ ବଲରୁ ୫୨, ଅମ୍ବାଟି ରାଇଡୁ ୬ବଲରୁ ୧୪, ମୋଇନ ଅଲ୍ଲି ୨ଛକା ସହ ୯ବଲରୁ ଅପରାଜିତ ୧୯ ଓ ରବିନ୍ଦ୍ର ଜାଡେଜା ୮ବଲରୁ ୧୦ରନ୍ କରିଥିଲେ।

# ଦିନେଶ ମୋଙ୍ଗିଆ ଓ ରୁମେଲି ଧର ଓଡ଼ିଶା ପୁରୁଷ, ମହିଳା କ୍ରିକେଟ ଦଳ କୋଚ୍ ନିଯୁକ୍ତ

କଟକ, (ଭାସ୍କର ନ୍ୟୁଜ୍) : ଭାରତୀୟ କ୍ରିକେଟ ଦଳର ପୂର୍ବତନ ବ୍ୟାଟର ଦିନେଶ ମୋଙ୍ଗିଆ ଓଡ଼ିଶା ପୁରୁଷ ସିନିୟର କ୍ରିକେଟ ଦଳର ନୂଆ ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି। ସେହିପରି ରୁମେଲି ଧରଙ୍କୁ ଓଡ଼ିଶା ମହିଳା ସିନିୟର ଦଳର ମୁଖ୍ୟ କୋଚ୍ ନିଯୁକ୍ତି କରିଛି ଓଡ଼ିଶା କ୍ରିକେଟ ଆସୋସିଏସନ। ବିସିସିଆଇର ୨୦୨୩-୨୪ ଘରୋଇ ସିଜିନ ପାଇଁ ଏହି ଦୁଇ କୋଚ୍‌ଙ୍କୁ ନିଯୁକ୍ତି ଦିଆଯାଇଥିଲା ବେଳେ ସିନିୟର ପୁରୁଷ ଚୟନ କମିଟିର ସଦସ୍ୟ ଭାବେ ଅମିୟ ରାୟ(ଅଧକ୍ଷ), ସୌରଜିତ ମହାପାତ୍ର (ସଦସ୍ୟ) ଓ ସୁବିତ ବିଶ୍ୱାଳ (ସଦସ୍ୟ) ନିଯୁକ୍ତ ହୋଇଛନ୍ତି। ସେହିପରି ଜୁନିଅର ପୁରୁଷ ଚୟନ କମିଟି ପାଇଁ ପ୍ରଭଞ୍ଜନ ମଲ୍ଲିକଙ୍କୁ ଅଧକ୍ଷ ଓ ନିରଞ୍ଜନ ବେହେରା ଏବଂ ଶୁଭ୍ରଜିତ ସାହୁ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ମହିଳା ଚୟନ କମିଟିର ସଦସ୍ୟ ଭାବେ ରଶ୍ମିତା ମହାପାତ୍ର(ଅଧକ୍ଷା), ସସ୍ମିତା



ପଟ୍ଟନାୟକ (ସଦସ୍ୟା), ମଧୁସ୍ମିତା ମହାପାତ୍ର (ସଦସ୍ୟା), ସୁଧାଂଶୁବାଳା ସାହୁ (ସଦସ୍ୟା) ଭାବେ ନିଯୁକ୍ତ ପାଇଛନ୍ତି। ସୋମବାର ଦିନ ଓଡ଼ିଶା କ୍ରିକେଟ ଆସୋସିଏସନର କ୍ରିକେଟ ଆଡଭାଇଜର କମିଟି ବୈଠକେ ଅନୁଷ୍ଠିତ ହୋଇ ଏହି ନିଯୁକ୍ତି ଦିଆଯାଇଛି। ଓଡ଼ିଶା କ୍ରିକେଟ ଆସୋସିଏନର ସଭାପତି ପ୍ରଣବ ପ୍ରକାଶ ଦାସ, ଉପ-ସଭାପତି ପଙ୍କଜ ଲୋଚନ ମହାନ୍ତି, ସଂପାଦକ ସଞ୍ଜୟ ବେହେରା ଓ ଓସିଏର ଅନ୍ୟ ସମସ୍ତ କର୍ମକର୍ତ୍ତା ନବ ନିଯୁକ୍ତ ସର୍ପୋଟ ଷ୍ଟାଫଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ସଫଳ ଭବିଷ୍ୟତ କାମନା କରିଛନ୍ତି।

# ଫେଡେରେସନ୍ କପ୍ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା : ଓଡ଼ିଶାକୁ ୫ ପଦକ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍) : ଉତ୍ତରାଖଣ୍ଡରେ ଅନୁଷ୍ଠିତ ଦ୍ୱାଦଶ ଜାତୀୟ ଫେଡେରେସନ୍? କପ୍? ପୁରୁଷ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳି ଚମତ୍କାର ପ୍ରଦର୍ଶନ କରି ଗୋଟିଏ ସ୍ୱର୍ଣ୍ଣ ସହ ମୋଟ ୫ ପଦକ ଜିତିଛନ୍ତି। ୭୦ କିଲୋଗ୍ରାମ ଓଜନ୍ ବର୍ଗରେ ଭୁବନେଶ୍ୱରର ଅମିତ କୁମାର ଭୂୟାଁ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ୫୫ କିଲୋଗ୍ରାମ ବର୍ଗରେ ସମ୍ବଲପୁରର ରାକେଶ କୁମାର ବାଗ ଏବଂ ୭୫ କିଲୋଗ୍ରାମରେ ଭୁବନେଶ୍ୱରର ସୁପ୍ରଭାତ ପଣ୍ଡା ରେ?ପ୍ୟ ପଦକ ଜିତିଛନ୍ତି। ୬୫ କିଲୋଗ୍ରାମ ବର୍ଗରେ ପୁରୀର ଦେବକାନ୍ତ ସାହୁ ଏବଂ ୧୦୦ କିଲୋଗ୍ରାମରେ ଭୁବନେଶ୍ୱରର ଛୁଟ୍?କୁ ଦତ୍ତ କାଂସ୍ୟ ପଦକ ଜିତିଛନ୍ତି। ଦଳର ପ୍ରବଂଧକ ତଥା ପ୍ରଶିକ୍ଷକ ସେ?ମ୍ୟକାନ୍ତ ଥମ୍ବଙ୍କ ପାଇଁ ଏତେ




ପଦକ ମିଳିପାରିଛି। ?ସଫଳ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ରାଜ୍ୟ ସୁନ୍ଦରସ୍ୱାସ୍ଥ୍ୟ ସଂଘ ସଭାନେତ୍ରୀ ସୁମିତ୍ରା ତ୍ରିପାଠୀ, ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର, ଉପଦେଷ୍ଟା ମାନସ ରଂଜନ ମହାପାତ୍ର ପ୍ରମୁଖ ଆଗାମୀ ଏସୀୟ ଏବଂ ବିଶ୍ୱ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ପାଇଁ ସେମାନଙ୍କୁ ଶୁଭକାମନା ଜଣାଇଛନ୍ତି।

## ବ୍ରାଜିଲ୍ ପାରା-ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାସ୍‌ନାଲ ଚାମ୍ପିଅନ୍‌ସିପ୍

# ପ୍ରମୋଦ ଭଗତଙ୍କୁ ସ୍ୱର୍ଣ୍ଣ ଓ ରୌପ୍ୟ

ନୂଆଦିଲ୍ଲୀ : ବ୍ରାଜିଲ୍‌ରେ ଅନୁଷ୍ଠିତ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାସ୍‌ନାଲ ଚାମ୍ପିଅନ୍‌ସିପ୍‌ରେ ପ୍ରମୋଦ ଭଗତ ସ୍ୱର୍ଣ୍ଣ ସ ରୌପ୍ୟ ପଦକ ହାସଲ କରିଛନ୍ତି। ସିଙ୍ଗଲ୍ସ ଇଭେଣ୍ଟରେ ପ୍ରମୋଦ ଭଗତ ଫାଇନାଲରେ ହାରି ରୌପ୍ୟ ପଦକ ପାଇଥିବା ବେଳେ ଡବଲ୍ସ ଇଭେଣ୍ଟରେ ସୁକାନ୍ତ କଦମଙ୍କୁ ସାଥି କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସୋମବାର ଅନୁଷ୍ଠିତ ପୁରୁଷ ଡବଲ୍ସ ଏସ୍ଏଲ୍ ୩-ଏସ୍ଏଲ୍ ୪ ଫାଇନାଲରେ କୋରିଆ ଯୋଡି ଜୁ ଡୋଙ୍ଗୋ ଜେ ଓ ସିନ କିୟୁଙ୍ଗଙ୍କୁ ୨୨-୨୦ ଓ ୨୧-୧୯ରେ ପରାସ୍ତ କରିଛନ୍ତି। ପ୍ରମୋଦ ଭଗତ ଏହି ସଫଳତା ପରେ କହିଛନ୍ତି ଯେ, ଆଗକୁ ଆହୁରି ଉନ୍ନତି କରିବା ସୁଯୋଗ ରହିଛି। ସିଙ୍ଗଲ୍ସ ଇଭେଣ୍ଟରେ ହାରି ଥିଲେ ମଧ୍ୟ ଦୁଃଖ ନାହିଁ କାରଣ ସେଦିନ ମୋ ପାଇଁ ଭଲ ନଥିଲା। ସୂଚନାଯୋଗ୍ୟ ଯେ, ଭଗତ ସିଙ୍ଗଲ୍ସ ଏସ୍ଏଲ୍ ୩ କାଟେଗୋରି ଫାଇନାଲରେ ଭାରତର କୁମା ନିତେଶଙ୍କ ଠାରୁ ୧୨-୨୧, ୧୩-୨୧ରେ ହାରି ରୌପ୍ୟ ପଦକ ପାଇଥିଲେ। ସେହିପରି ପୁରୁଷ ଡବଲ୍ସରେ ପ୍ରମୋଦ ଭଗତଙ୍କ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ସୁକାନ୍ତ କଦମ୍ବ କହିଛନ୍ତି ଯେ, ସିଙ୍ଗଲ୍ସ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରି ମୁଁ ଖୁସି ଅନୁଭବ କରୁଛି। ଭାରତର ନିତ୍ୟାଶ୍ରୀ ସୁମାଥୀ ଶିଭନ ଦୁଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



# ଧୋନୀଙ୍କ ପରି ଅଧିନାୟକ ମିଳିବା କଷ୍ଟକର: ଗାଭାସ୍କର

ନୂଆଦିଲ୍ଲୀ: ପୂର୍ବତନ ଅଧିଡ଼ାୟକ ତଥା ଖ୍ୟାତନାମା ଓପନର ସୁନିଲ ଗାଭାସ୍କର କହିଛନ୍ତି ଯେ ଆଇପିଏଲ ଇତିହାସରେ ମହେନ୍ଦ୍ର ସିଂ ଧୋନୀ ଜଣେ ସଫଳ ଅଧିନାୟକ। ଭବିଷ୍ୟତରେ ଧୋନିଙ୍କ ପରି ଅଧିନାୟକ ମିଳିବା କଷ୍ଟକର ଏବଂ ଆଇପିଏଲରେ ସେ ଯେଉଁ ସଫଳତା ହାସଲ କରିଛନ୍ତି ,ତାହା ଅନ୍ୟ କୌଣସି ଅଧିନାୟକ କରି ପାରିବେ ନାହିଁ। କାରଣ ଧୋନୀ ନିଜର ସ୍ଥିର ପ୍ରଦର୍ଶନ ବଜାୟ ରଖିବା ସହିତ ଆଇପିଏଲରେ ପ୍ରଥମ ଖେଳାଳି ଭାବେ ୨୦୦ରୁ ଅଧିକ ମ୍ୟାଚ ଖେଳିଛନ୍ତି। ଏହା ସହିତ ଚେନ୍ନାଇ ସୁପର କିଙ୍ଗସକୁ ଚାରିଥର ଟାଇଟଲ ବିଜୟୀ କରାଇବା ମଧ୍ୟ ତାଙ୍କ ଅଧିନାୟକତ୍ୱ ଜୀବନର ଅନ୍ୟତମ ସଫଳତା। ଧୋନୀଙ୍କର କ୍ରିକେଟ ସମ୍ପର୍କରେ ଯଥେଷ୍ଟ ଜ୍ଞାନ ରହିଛି। ସେ ଅଧିନାୟକତ୍ୱ କରିବା ବେଳେ




ଦଳକୁ କିପରି ଆକସ୍ମିକ ବିପଦରୁ ରକ୍ଷା କରିବେ ,ତାହା ଭଲ ଭାବେ ଜାଣିଛନ୍ତି। ଆବଶ୍ୟକ ସ୍ଥଳେ ବ୍ୟାଟର ଓ ବୋଲରଙ୍କୁ ନିୟୋଜିତ କରି ସବୁବେଳେ ବୁଦ୍ଧିମତ୍ତାର ପରିଚୟ ଦେଇଥାନ୍ତି। ସେହିପରି ଧୋନୀ ୨୦୦୮ରେ ଆଇପିଏଲ ଆରମ୍ଭ ହେବା ଠାରୁ ଚେନ୍ନାଇ ସୁପର କିଙ୍ଗସ ଦଳର ନେତୃତ୍ୱ ନେଇ ଆସୁଛନ୍ତି। କେବଳ ୨୦୧୬-୧୭ରେ ଚେନ୍ନାଇ ସୁପର କିଙ୍ଗସ ଏକ ଅନିୟମିତା ଅଭିଯୋଗ କ୍ରମେ ଆଇପିଏଲରୁ ସସ୍‌ପେଣ୍ଡ ହେବା ଯୋଗୁଁ ଧୋନୀ ସେହି ସମୟରେ ଅନ୍ୟ ଫ୍ରାଞ୍ଚାଇଜ ରାଇଜିଂ ପୁଣେ ସୁପର ଜିଆଣ୍ଟସ ୧୪ ମ୍ୟାଚ ପାଇଁ ଖେଳିଥିଲେ। ନଚେତ ଚେନ୍ନାଇ ସୁପର କିଙ୍ଗସ ପାଇଁ ସେ ନିରନ୍ତର ଖେଳି ଆସିବା ସହିତ ୨୦୦ତମ ମ୍ୟାଚରେ ଅଧିନାୟକତ୍ୱ କରିଛନ୍ତି। ତେଣୁ ସେ ଆଜି ପର୍ଯ୍ୟନ୍ତ ମୋଟ ୨୧୪ ଆଇପିଏଲ ମ୍ୟାଚ ଖେଳି ଏକ ନିଆରା ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେହିପରି ଆଇପିଏଲରେ ଧୋନୀ ୨୦୦ ମ୍ୟାଚରେ ଅଧିନାୟକତ୍ୱ କରି ୧୨୦ ବିଜୟ ହାସଲ କରିଥିବା ବେଳେ ୭୯ ମ୍ୟାଚ ହାରିଛନ୍ତି। ସେହିପରି ବିରାଟ କୋହଲିଙ୍କୁ ପ୍ରଶଂସା କରି ଗାଭାସ୍କର କହିଛନ୍ତି ଯେ ଚଳିତ ଆଇପିଏଲରେ କୋହଲିଙ୍କ ଭଲ ପ୍ରଦର୍ଶନ ଯୋଗୁଁ ରୟାଲ ଚାଲେଞ୍ଜର୍ସ ସ୍ଥିତି ବର୍ତ୍ତମାନ ଭଲ ଅଛି।

# ଅଲିମ୍ପିକ୍ସରେ କ୍ରିକେଟ ସ୍ଥାନ ପାଇବା ସମ୍ଭାବନା ସୃଷ୍ଟି

ନୂଆଦିଲ୍ଲୀ: ଆଗାମୀ ଅଲିମ୍ପିକ କ୍ରୀଡାରେ କ୍ରିକେଟ ସ୍ଥାନ ପାଇବା ସମ୍ଭାବନା ସୃଷ୍ଟି ହୋଇଛି। ୨୦୨୮ରେ ଆମେରିକାର ଲସ୍‌ଏଞ୍ଜେଲ୍ସରେ ଅନୁଷ୍ଠିତ ହେବାକୁ ଥିବା ଅଲିମ୍ପିକ୍ସରେ କ୍ରିକେଟ୍ ସାମିଲ କରିବା ନେଇ ଚର୍ଚ୍ଚା ଜୋର ଧରିଛି। ଚଳିତ ବର୍ଷ ଭାରତରେ ଦିନିକିଆ ବିଶ୍ୱକପ୍ ଅନୁଷ୍ଠିତ ହେବା ଅବସରରେ ଅନ୍ତର୍ଜାତୀୟ ଅଲିମ୍ପିକ୍ ସମିତି (ଆଇଓସି) ଏହି ଘୋଷଣା କରିବା ସମ୍ଭାବନା ରହିଛି। ଦକ୍ଷିଣ ଏସିଆରେ କ୍ରିକେଟ୍ ଢେର ଲୋକପ୍ରିୟ ରହିଛି। ଏସିଆ ମହାଦେଶର ଏହି ଅଞ୍ଚଳ ସହିତ ଆଫ୍ରିକାରେ ଅଲିମ୍ପିକ୍ସ ଅନ୍ଦୋଳନ ବ୍ୟାପ୍ତ ନଥିବାରୁ ଆଇଓସି ନିଶ୍ଚିତ ନିକଟ ଭବିଷ୍ୟତରେ ପ୍ରବେଶ ନେଇ ଯୋଜନା କରୁଛି। କ୍ରିକେଟ୍ ଅଲିମ୍ପିକ୍ସରେ ସାମିଲ ହେଲେ ଦକ୍ଷିଣ ଏସିଆରେ ଏହାର ବଜାର ପ୍ରବେଶ ଭଳି ନିଶ୍ଚିତ ଲାଭପ୍ରଦ ହୋଇପାରିବ। ଭାରତୀୟ ବଜାରରେ ପ୍ରବେଶ ପାଇଁ ମଧ୍ୟ ଆଇଓସିକୁ ବଡ଼ ସୁଯୋଗ ମିଳିବ। ଅକ୍ଟୋବରରେ ଭାରତରେ ବିଶ୍ୱକପ୍ ଖେଳାଯିବା ପୂର୍ବରୁ ଜୁନ୍ କିମ୍ବା ଅଗଷ୍ଟ ବେଳକୁ ଏ ସମ୍ପର୍କିତ ଚିତ୍ର ସ୍ପଷ୍ଟ ହୋଇଯାଇଥିବ। ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟ୍ ଯଦି ବାସ୍ତବରେ ସାମିଲ ହୁଏ ତେବେ ପରବର୍ତ୍ତୀ ୨ ସଂସ୍କରଣ ପାଇଁ ମଧ୍ୟ ପଥ ପରିଷ୍କାର ହୋଇଯିବ। କାରଣ ୨୦୩୨ରେ ବ୍ରିସବେନ୍ ଆୟୋଜକ ହେଉଥିବାରୁ ଏହା କ୍ରିକେଟ ଅନ୍ୟତମ ପ୍ରମୁଖ କେନ୍ଦ୍ର ଭାବେ ପରିଚିତ ରହିଛି। ସେହିଭଳି ଭାରତ ମଧ୍ୟ



୨୦୨୬ ଅଲିମ୍ପିକ୍ସ ନେଇ ଦୃଢ଼ ଦାବିଦାର ରହିଛି। ବର୍ତ୍ତମାନ ପିଢ଼ିର କ୍ରିକେଟରଙ୍କ ବେକରେ ଅଲିମ୍ପିକ୍ସ ପଦକ ପଡ଼ିଲେ ନିଶ୍ଚିତ ଭାବେ କ୍ରିକେଟ୍‌କୁ ଫାଇଦା ହେବ। ଏଥି ସହିତ ପାରମ୍ପରିକ କ୍ରିକେଟ୍ ଖେଳୁଥିବା ରାଷ୍ଟ୍ରର ସୀମାରେଖା ଅତିକ୍ରମ କରି କ୍ରିକେଟ୍ ବିଶ୍ୱବିଦିତ ହୋଇପାରିବ। ଅତୀତରେ କ୍ରିକେଟ୍ ୧୯୦୦ ପ୍ୟାରିସ୍ ଅଲିମ୍ପିକ୍ସରେ ସାମିଲ ହୋଇଥିବା ବେଳେ କେବଳ ଇଂଲଣ୍ଡ ଓ ଫ୍ରାନ୍ସ ଅଂଶଗ୍ରହଣ କରିଥିଲେ। ୧୯୦୪ ଚିକାଗୋ ଗେମ୍ସରେ ମଧ୍ୟ ଆଇଓସିର ଅନ୍ୟତମ ପ୍ରତିଷ୍ଠାତା ବାରୋନ୍ ପିଏର ଡି' କ୍ୟୁବରର୍ତ୍ତିନ କ୍ରିକେଟ୍ ସାମିଲ ସପକ୍ଷରେ ଥିଲେ। କିନ୍ତୁ ଏହା ସେଣ୍ଟ ଲୁଇସ୍ ସ୍ଥାନାନ୍ତର ହେବା ପରେ ସମ୍ଭବ ହୋଇପାରି ନଥିଲା।

# ଆଇପିଏଲ୍‌ରେ ସଞ୍ଜୁ ସାମସନଙ୍କ ୩୦୦୦ ରନ

ନୂଆଦିଲ୍ଲୀ: ରାଜସ୍ଥାନ ରୟାଲ୍ସର ଅଧିଡ଼ାୟକ ସଞ୍ଜୁ ସାମସନ ଆଇପିଏଲରେ ୩ ହଜାର ରନ ପୂରଣ କରିଛନ୍ତି। ସେ ଆଜି ସୁଦ୍ଧା ୧୧୫ ଆଇପିଏଲ ମ୍ୟାଚ ଖେଳି ୨ ଶତକ ଓ ୧୬ ଅର୍ଦ୍ଧଶତକ ସହିତ ୨୯.୭୬ ହାର ଓ ୧୩୯.୧୦ ଷ୍ଟ୍ରାଇକ ରେଟରେ ୩୦୦୬ ରନ ସଂଗ୍ରହ କରି ଥିବା ବେଳେ ୨୦୨୧ ସିଜିନରେ ୧୪ ମ୍ୟାଚ ଖେଳି ୪୮୪ ରନ କରିବା ସବୁଠାରୁ ଭଲ ପ୍ରଦର୍ଶନ ଥିଲା। ଉକ୍ତ ବର୍ଷ ସେ ଗୋଟିଏ ଶତକ(୧୧୯) ଓ ଦୁଇ ଅର୍ଦ୍ଧଶତକ ଅର୍ଜନ କରିଥିଲେ। କେରଳର ଏହି ବ୍ୟାଟର ରାଜସ୍ଥାନ ରୟାଲ୍ସ ଫ୍ରାଞ୍ଚାଇଜର ପ୍ରଥମ ଖେଳାଳି ଭାବେ ୩୦୦୦ରୁ ଅଧିକ ରନ ସଂଗ୍ରହ କରିଛନ୍ତି। ଦଳର ଅନ୍ୟତମ ଖେଳାଳି ଅଜିଙ୍କ୍ୟ ରାହାଣେ ୧୦୦ ମ୍ୟାଚ ଖେଳି ୨୮୧୦, ଜୋସ ବଟ୍ଲର ୬୩ ମ୍ୟାଚରେ ପଦାର୍ପଣ କରି ୨୫୦୮ ଓ ପୂର୍ବତନ ଖେଳାଳି ଶେନ ଓ୍ୱାଟସନ ୭୮ ମ୍ୟାଚରେ ୨୩୭୨ ଓ ରାହୁଲ ଦ୍ରାବିଡ ୪୬ ମ୍ୟାଚ ଖେଳି ୧୨୭୬ ରନ କରିଥିଲେ।

## ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସର ନିମ୍ନମାନର ପ୍ରଦର୍ଶନ

# ସୂତା ଖିଅରେ ଝୁଲୁଛି କୋଚିଂ ଷ୍ଟାଫ୍‌ଙ୍କ ଭାଗ୍ୟ

ନୂଆଦିଲ୍ଲୀ: ଦିଲ୍ଲୀ କ୍ୟାପିଟାଲ୍ସ ଚଳିତ ବର୍ଷର ଆଇପିଏଲରେ ସବୁଠାରୁ ଅତି ଖରାପ ପ୍ରଦର୍ଶନ ସହିତ କ୍ରମାଗତ ୫ ମ୍ୟାଚରେ ପରାଜୟ ସ୍ୱିକାର କରିଛି। ଡେଭିଡ ଓ୍ୱାର୍ଣ୍ଣରଙ୍କ ନେତୃତ୍ୱରେ ପରିଚାଳିତ ଦିଲ୍ଲୀ କ୍ୟାପିଟାଲ୍ସ ଶତ ଚେଷ୍ଟା ସତ୍ତ୍ୱେ ଆଜି ସୁଦ୍ଧା ବିଜୟ ସ୍ୱାଦ ଚାଖି ପାରିଲା ନାହିଁ। ତେଣୁ ଏପରି ନୈରାଶ୍ୟ ଜନକ ପ୍ରଦର୍ଶନ ଯୋଗୁଁ ଏହି ଫ୍ରାଞ୍ଚାଇଜର ମ୍ୟନେଜମେଣ୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହିତ ଆଗାମୀ ବର୍ଷ ବଡ ଧରଣର ଅଦଳବଦଳ କରିବା ନେଇ ବିଚାର ବିମର୍ଷ ଚଳାଇଛି। କାରଣ ଅଷ୍ଟ୍ରେଲିଆର ପୂର୍ବତନ ଦିନିକିଆ ବିଶ୍ୱକପ ବିଜୟୀ ଅଧିନାୟକ ରିକି ପଣ୍ଟିଂଙ୍କ ସହିତ ଅନ୍ୟାନ୍ୟ ଏକାଧିକ ଅଭିଜ୍ଞ କ୍ରିକେଟର କୋଚିଂ ଷ୍ଟାଫ ଭାବେ ଥିବା ସତ୍ତ୍ୱେ ଦଳର ପ୍ରଦର୍ଶନରେ କୌଣସି ସୁଧାର ଆସୁନି। ରିକି ପଣ୍ଟିଂ ମୁଖ୍ୟ କୋଚ ଥିବା ବେଳେ ପୂର୍ବତନ ଭାରତୀୟ କ୍ରିକେଟ ଦଳ ଅଧିନାୟକ ସୌରଭ ଗାଙ୍ଗୁଲି ଡାଇରେକ୍ଟର ଅଫ କ୍ରିକେଟ ଓ ଜେମ୍ସ ହୋପ୍ସ, ଅଜିତ ଅଗରକର, ଶେନ୍ ଓ୍ୱାଟସନ ,ପ୍ରଭୀନ ଆମ୍ରେ ଓ ବିଜୁ ଜର୍ଜ




ପ୍ରମୁଖ ଦିଲ୍ଲୀ ଦଳର ଆସିଷ୍ଟାଣ୍ଟ କୋଚ ଅଛନ୍ତି। ମାତ୍ର ଦଳକୁ ଉଚିତ ଦିଗ ଦର୍ଶନ ଦେବାରେ ଏମାନେ ବିଫଳ ହୋଇଥିବା ବେଳେ ଦିଲ୍ଲୀ ପ୍ରଥମ ଦଳ ଭାବେ ପ୍ଲେଅଫ ପର୍ଯ୍ୟାୟରୁ ବାଦ ପଡିବା ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ଦଳର ଦୁଇ କୋ-ଓ୍ୱନର ଜେଏସଡବ୍ଲ୍ୟୁ ଓ ଜିଏମଆର କୋଚିଂ ଷ୍ଟାଫଙ୍କ ଉପରେ ଖପ୍ପା ହୋଇ ପଡିଛନ୍ତି। ରିଷଭ ପନ୍ତ ଅଧିନାୟକ ଥିବା ବେଳେ ଦଳର ପ୍ରଦର୍ଶନ ଏତେ ଖରାପ ହେଉ ନ ଥିଲା। ଏପରିକି ଦିଲ୍ଲୀ ୨୦୨୧ ପର୍ଯ୍ୟନ୍ତ ସବୁବେଳେ ପ୍ଲେଅଫ୍ ପର୍ଯ୍ୟାୟ ପାଇଁ ଯୋଗ୍ୟତା ହାସଲ କରି ପାରୁ ଥିଲା। ମାତ୍ର ପନ୍ତ ସଡକ ଦୁର୍ଘଟଣାରେ ଗୁରୁତର ଆହତ ହେବା ଯୋଗୁଁ ଅଷ୍ଟ୍ରେଲିଆର ଡେଭିଡ ଓ୍ୱାର୍ଣ୍ଣରଙ୍କୁ ଚଳିତ ଆଇପିଏଲ ସିଜିନ ପାଇଁ ଅଧିନାୟକ ନିଯୁକ୍ତ କରା ଯାଇଥିଲା। ଅବଶ୍ୟ ସେ ଦଳ ପକ୍ଷରୁ ସବୁଠାରୁ ଅଧିକ ରନ ସଂଗ୍ରହ କରିଥିଲେ ହେଁ ଅନ୍ୟ ଖେଳାଳିଙ୍କ ବିଫଳତା ବର୍ତ୍ତମାନ ବଡ ଚର୍ଚ୍ଚାର ବିଷୟ ହୋଇଛି। ପୂର୍ବରୁ ପୃଥ୍ୱୀ'ଶଙ୍କ ସହିତ ଶିଖର ଧାଓ୍ୱନ, ଶ୍ରେୟସ ଆୟାର, ରିଷଭ ପନ୍ତ, ଶିମରନ ହେଟମେୟର, ମାର୍କସ ଷ୍ଟୋନିସ, ଅକ୍ଷର ପଟେଲ ,ରବିଚନ୍ଦ୍ରନ ଅଶ୍ୱିନ, କାଗିସୋ ରାବାଡା ଓ ଅନରିକ ନୋରତେ ପ୍ରମୁଖ ଦଳରେ ଥିବା ବେଳେ ବ୍ୟାଟିଂ ଓ ବୋଲିଂରେ ଦଳର ସ୍ଥିତି ଅତି ଦୃଢ଼ ଥିଲା। ମାତ୍ର ଖେଳାଳି ପରିବର୍ତ୍ତନ ପରେ ଦଳର ପ୍ରଦର୍ଶନ ଅତି ଖରାପ ଆଡକୁ ଗତି କରୁଛି। ଚଳିତ ଆଇପିଏଲରେ ଓପନର ପୃଥ୍ୱୀ'ଶ ସବୁଠାରୁ ନୈରାଶ୍ୟ ଜନକ ପ୍ରଦର୍ଶନ କରି ୫ ମ୍ୟାଚରେ ମୋଟ ୩୪ ରନ ସଂଗ୍ରହ କରିଛନ୍ତି। ତେଣୁ ପରବର୍ତ୍ତୀ ମ୍ୟାଚ ପାଇଁ ସେ ଦଳରୁ ବାଦ ପଡିବା ନିଶ୍ଚିତ ହୋଇ ଯାଇଛି। ସେହିପରି ଭାରତ ବିପକ୍ଷ ଗତ ଦିନିକିଆ ସିରିଜରେ ଭଲ ପ୍ରଦର୍ଶନ କରିଥିବା ଅଷ୍ଟ୍ରେଲୀୟ ଅଲରାଉଣ୍ଡର ମିଚେଲ ମାର୍ଶ ମଧ୍ୟ ଫେଲ ମାରିଲେ। ତେଣୁ ସବୁଠାରୁ ଭରସା ଯୋଗ୍ୟ ଖେଳାଳିଙ୍କ ବିଫଳତା ଦିଲ୍ଲୀକୁ ସମସ୍ୟା ଭିତରେ ପକାଇଛି। ଆଇପିଏଲ ଶେଷ ହେବା ପରେ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାନେଜମେଣ୍ଟ ଆଗାମୀ ବର୍ଷ ଆଇପିଏଲ ପାଇଁ କିଛି ନୂଆ ଯୋଜନା କରିବେ ବୋଲି ବିଚାରବିମର୍ଷ କରୁଛନ୍ତି।

# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ : ପ୍ରେସ୍ କ୍ଲବକୁ ହରାଇ ପୋଲିସ ବିଜୟୀ

ଗୋପ, (ଭାସ୍କର ନ୍ୟୁଜ୍) : ଗୋପ ନିଗମାନନ୍ଦ ହାଇସ୍କୁଲ ଖେଳ ପଡିଆରେ ଗୋପ ପୋଲିସ ଓ ପ୍ରେସକ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚରେ ପ୍ରେସକ୍ଲବକୁ ହରାଇ ଗୋପ ପୋଲିସ ବିଜୟୀ ହୋଇଛି। ପ୍ରଥମେ ଟସ୍ ଜିଣି ଗୋପ ପ୍ରେସକ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୩ ଓ୍ୱିକେଟ ହରାଇ ୭୭ ରନ ସଂଗ୍ରହ କରିଥିବା ବେଳେ ଏହାର ଜବାବରେ



ଗୋପ ପୋଲିସ କୌଣସି ଓ୍ୱିକେଟ ନହରାଇ ମାତ୍ର ୪ ଓଭରରେ ୭୮ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଗୋପ ଥାନା ଅଧିକାରୀ ସୁନିଲକୁମାର ପ୍ରଧାନ, ଭାସ୍କର ମାଣିଆ, କୁନାଲ କୁମାର, ସୁକାନ୍ତ ଦାସଙ୍କ ସମେତ ୧୧ ଜଣ ସାମିଲ ହୋଇଥିବା ବେଳେ ପ୍ରେସ୍‌କ୍ଲବ ପକ୍ଷରୁ ଭାରତୀ ଭୂଷଣ ଉପାଧାୟ, ସୁବାସ ରଂଜନ ସେନାପତି, ମିଳନ କୁମାର ମହାନ୍ତି, ଅଜୟ କୁମାର ନାୟକ, ସନ୍ତୋଷ କୁମାର ରାୟ, ରଶ୍ମୀ ରଂଜନ ବେହେରା, ଆଲୋକ ରଂଜନ ରାଉତରାୟ ପ୍ରମୁଖଏହି ମ୍ୟାଚ ଖେଳିଥିଲେ।


## ଦ.ପୂ. ରେଳପଥ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ସିନିୟର ଡିଭିଜନାଲ ସିଗ୍‌ନାଲ ଓ ଦୂରସଂଚାର ଇଞ୍ଜିନିୟର / ସିଓ / ଚକ୍ରଧରପୁର ଟେଣ୍ଡର ନଂ ଏସ୍‌ଟି-ସିକେପି-ଓଟି-୦୬-୨୦୨୩-୧,୨,୩ ଓ ୪ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛି। ଏହି ଟେଣ୍ଡର ୦୮-୦୫-୨୦୨୩ ତାରିଖ ଅପରାହ୍ନ ୩ଟାରେ ଖୋଲାଯିବ। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ସ ଗ୍ରହଣ କରାଯିବ ନାହିଁ, ଏହି ପ୍ରକାର କୌଣସି ମାନୁଆଲ ଅଫର ପାଇଲେ ତାହା ଗ୍ରହଣଯୋଗ୍ୟ ହେବନାହିଁ। **କ୍ରମିକ ନଂ.୧, କାର୍ଯ୍ୟର ନାମ :** କ୍ୟୁ-କ୍ୟାବିନ୍ ଓ ରିସପେସନ ୟାର୍ଡ ବୋଣ୍ଡାମୁଣ୍ଡା ମଧ୍ୟରେ ଥିବା ଓ୍ୱେ ବ୍ରିଜରେ ଏଫ୍ଓଆଇଏସ୍ କନେକ୍ଟିଭିଟି ଓ ସିସିଟିଭି ସର୍ଭେଲାନ୍ସ ସିଷ୍ଟମର ପ୍ରୋଭିଜନ। **ଟେଣ୍ଡର ମୂଲ୍ୟ : ଟ. ୧୩,୬୮,୨୧୬.୬୪, ଇଏମ୍‌ଡି : ଟ. ୨୭,୪୦୦। କ୍ରମିକ ନଂ.୨, କାର୍ଯ୍ୟର ନାମ** : ଟାଟା ନଗର, ଚକ୍ରଧରପୁର, ରାଉରକେଲା ଓ ଟାଟା ନଗର ଏବଂ ରାଉରକେଲାର ଦ୍ୱିତୀୟ ଏଣ୍ଟ୍ରି ଫେଜ୍-୧ ପ୍ରତିସ୍ଥାପନ ପାଇଁ ସିସିଟିଭିର ପ୍ରାବଧାନ। **ଟେଣ୍ଡର ମୂଲ୍ୟ : ଟ. ୧,୨୩,୨୯,୨୯୨.୩୩, ଇଏମ୍‌ଡି : ଟ. ୨,୧୧,୭୦୦। କ୍ରମିକ ନଂ.୩, କାର୍ଯ୍ୟର ନାମ** : ଟାଟା ନଗର, ଆଦିତ୍ୟପୁର, ଚକ୍ରଧରପୁର, ଡଙ୍ଗୋଓ୍ୱାକୋଶୀ, ବୋଣ୍ଡାମୁଣ୍ଡା, ରାଉରକେଲା ଓ ଝାରସୁଗୁଡାଠାରେ ଟେଲିକମ୍ ସର୍କିଟ୍‌ସର ପିଆଇଜେଏଫ୍ କେବୁଲ ପ୍ରତିସ୍ଥାପନ। **ଟେଣ୍ଡର ମୂଲ୍ୟ : ଟ. ୮୯,୭୨,୪୫୯,୨୩, ଇଏମ୍‌ଡି : ଟ. ୧,୭୯,୫୦୦। କ୍ରମିକ ନଂ.୪- କାର୍ଯ୍ୟର ନାମ** : ଦୁମେତ୍ରା ଷ୍ଟେସନର ରନିଂ ରୁମ୍ ଠାରେ ପ୍ରସ୍ତାବିତ ୩୨ ଶଯ୍ୟାରେ କମ୍ୟୁନିକେସନ ସୁବିଧାର ବ୍ୟବସ୍ଥା। **ଟେଣ୍ଡର ମୂଲ୍ୟ : ଟ. ୫,୪୯,୦୫୧.୯୧, ଇଏମ୍‌ଡି : ଟ. ୧୧,୦୦୦। କାର୍ଯ୍ୟ ସମାପ୍ତ ଅବଧି :** କ୍ର.ନଂ.୧,୨ ଓ ୪ ପାଇଁ ୦୬ (ଛଅ) ମାସ ଏବଂ କ୍ର.ନଂ. ୩ ପାଇଁ ୦୯ (ନଅ) ମାସ। ଟେଣ୍ଡରର ସବିଶେଷ ବିବରଣୀ ଓ୍ୱେବ୍‌ସାଇଟ୍ ଆଇଆରଇପିଏସ୍ website : **http://www.ireps.gov.in** ରେ ଦେଖିପାରିବେ। ଟେଣ୍ଡରର / ବିଡର୍ସଙ୍କର କ୍ଲାସ୍-୩ ଡିଜିଟାଲ ସିଗ୍‌ନେଚର ସାର୍ଟିଫିକେଟ ଥିବ ଓ ଆଇଆରଇପିଏସ୍ ପୋଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରର / ବିଡର୍ସମାନେ ଇ-ଟେଣ୍ଡରିଂରେ ଅଂଶ ଗ୍ରହଣ କରିପାରିବେ। ଇ-ଟେଣ୍ଡର ଫର୍ମ ମାଗଣାରେ ଇସ୍ୟୁ କରାଯିବ।

**(PR-55)**



ଆମର କିଛି ବାସ୍ତୁ ନିୟମ ରହିଛି ସେଥିପ୍ରତି ଧ୍ୟାନ ଦେବା ନିତାନ୍ତ ଜରୁରୀ। ବାସ୍ତୁ ଅନୁଯାୟୀ ଘରର ମୁଖ୍ୟ ଦ୍ୱାରର ଖୁବ ମହତ୍ତ୍ୱ ରହିଛି । ତେଣୁ ମୁଖ୍ୟଦ୍ୱାରରେ ଶୁଭ ଜିନିଷ ଲଗାନ୍ତୁ। ଘରର ମୁଖ୍ୟଦ୍ୱାରରେ ପ୍ରଭୁ ଗଣେଶଙ୍କ ମୂର୍ତ୍ତି କିମ୍ବା ଫଟୋ ଲଗାନ୍ତୁ। ମାତ୍ର ଏହାକୁ ଘରର ଭିତର ଆଡକୁ ଲଗାନ୍ତୁ। ଏହାଦ୍ୱାରା ସମସ୍ତ ବାଧାବିଘ୍ନ ଦୂର ହୋଇଥାଏ। କାର୍ଯ୍ୟରେ ସଫଳତା ମିଳିଥାଏ। ଘରର ମୁଖ୍ୟଦ୍ୱାରରେ ଲାଲ ରଙ୍ଗର ସ୍ୱସ୍ତିକ ସିନ୍ଦୂରରେ ଆଙ୍କନ୍ତୁ। ଏହାଦ୍ୱାରା ସଦସ୍ୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଓ ଭଲ ପାଇବା ରହିଥାଏ। ସ୍ୱାସ୍ଥ୍ୟ ମଧ ଭଲ ରହିଥାଏ। ମୁଖ୍ୟ ଦ୍ୱାରର ଉଭୟ ପଟରେ ଶୁଭ ଓ ଲାଭ ନିଶ୍ଚୟ ଲଗାନ୍ତୁ। ଏହା ଖୁବ ଶୁଭ ବୋଲି ବିବେଚନା କରାଯାଏ। ଘରର ମୁଖ୍ୟ ଦ୍ୱାରରେ ସର୍ବଦା ମା'ଲକ୍ଷ୍ମୀଙ୍କ ପାଦର ଫଟୋ ନିଶ୍ଚୟ ଲଗାନ୍ତୁ। ଏହାଦ୍ୱାରା ଘରେ ଧନସମ୍ପତ୍ତି ଓ ସୁଖସମୃଦ୍ଧି ବୃଦ୍ଧି ପାଇଥାଏ। ଘରର ମୁଖ୍ୟ ଦ୍ୱାରରେ ଆମ୍ବପତ୍ରର ତୋରଣ ନିଶ୍ଚୟ ଲଗାନ୍ତୁ। ଏହାଦ୍ୱାରା ଖୁବ ଶୁଭଫଳ ମିଳିଥାଏ।

## ଲାଲପରୀ ବେଶରେ ମିଶା ଆୟର



ବିଗ୍‌ବସ୍‌ରେ ଖ୍ୟାତି ଅର୍ଜନ କରିବା ମିଶା ଆୟର୍ ପୁଣି ଥରେ ସୋସିଆଲ୍ ମିଡିଆରେ ନିଜର ଚମକପ୍ରଦ ଫଟୋ ସେୟାର କରିଛନ୍ତି । ଏହି ଫଟୋରେ ମିଶା ନାଲି ଲେହେଙ୍ଗା ପିନ୍ଧି ଲାଲ ପରି ଭଳି ଦେଖାଯାଉଛନ୍ତି । ସେ ତାଙ୍କର ଏହି ଫଟୋଗୁଡ଼ିକୁ ଇନଷ୍ଟାଗ୍ରାମ ଆକାଉଣ୍ଟରେ ସେୟାର କରିଛନ୍ତି। ଏହି ଫଟୋରେ ସେ ଏକ ଲାଲ ଲେହେଙ୍ଗା ପିନ୍ଧି ମରୁଭୂମିର ବାଲି ଉପରେ ଫଟୋ ସୁଟ୍ କରିଛନ୍ତି। ଲାଲ ଲେହେଙ୍ଗା ପିନ୍ଧିବା ସହ କେଶକୁ ଖୋଲା ରଖିଛନ୍ତି ଏବଂ ସୁନ୍ଦର ମେକ୍‌ଅପ୍ ତାଙ୍କ ଚେହେରାକୁ ଆହୁରି ଚମକାଉଥିବା ଦେଖାଯାଇଛି। ମିଶାଙ୍କର ପ୍ରତ୍ୟେକ ଫଟୋକୁ ଦେଖି ପ୍ରଶଂସକମାନେ ପ୍ରଶଂସା ନକରି ରହିପାରୁନାହାନ୍ତି। ମିଶା ବିଗ୍ ବସ୍-୧୫ ସିଜନରେ ଅଂଶଗ୍ରହଣ କରିଥିଲେ । ସେହି ଦିନ ଠାରୁ ତାଙ୍କର ପ୍ରଶଂସକ ବଢ଼ିଚାଲିଥିଲେ।

## ୫୭ ରେ ପାଦ ଥାପିଲେ ବିକ୍ରମ



ସାଉଥ୍ ଇଣ୍ଡଷ୍ଟ୍ରିର ଜଣେ ଭେଟେରାନ୍ ଅଭିନେତା ହେଉଛନ୍ତି ବିକ୍ରମ। ଆଜି ତାଙ୍କର ୫୭ ତମ ଜନ୍ମଦିନ । ସାଉଥ୍ ଇଣ୍ଡଷ୍ଟ୍ରି ପ୍ରତିଭାବାନ ଅଭିନେତାମାନଙ୍କ ମଧ୍ୟରୁ ସେ ଜଣେ। ବିକ୍ରମ ୧୯୬୬ ମସିହାରେ ତାମିଲନାଡୁରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପ୍ରକୃତ ନାମ ହେଉଛି କେନେଡି ଜନ୍ ଭିକ୍ଟର । ଅଭିନେତା ତାଙ୍କ ଚଳଚ୍ଚିତ୍ର କ୍ୟାରିୟରରେ ଅନେକ ସୁପରହିଟ୍ ଫିଲ୍ମ ଦେଇଥିଲେ । ଫିଲ୍ମ 'ଅନିୟାନ'ରୁ ସେ ଉତ୍ତର ଭାରତରେ ପ୍ରକୃତ ମାନ୍ୟତା ପାଇଥିଲେ। ଏହି ଚଳଚ୍ଚିତ୍ରଟି ହିନ୍ଦୀରେ 'ଅପରିଚିତ' ନାମରେ ୨୦୦୫ ମସିହାରେ ମୁକ୍ତିଲାଭ କରିଥିଲା। ଏହି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ବିକ୍ରମ ନଜର ଆସିଥିଲେ। ସେ ନିଜ ଅଭିନୟ ସହିତ ଲୋକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ । ଅଭିନୟ ଜଗତରେ ପହଞ୍ଚିବା ପୂର୍ବରୁ ବିକ୍ରମ ବହୁତ ସଂଘର୍ଷ କରିଥିଲେ। ଚଳଚ୍ଚିତ୍ରରେ କାମ ଖୋଜିବା ପାଇଁ ପାରାମକୁଡିରୁ ଚେନ୍ନାଇରେ ପହଞ୍ଚିଥିବା ବିକ୍ରମ ପ୍ରଥମେ କେବଳ ସହାୟକ ଭୂମିକା ଗ୍ରହଣ କରିଥିଲେ। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ସୁପରଷ୍ଟାର ଅଜିତ ଏବଂ ବିକ୍ରମଙ୍କ ଚଳଚ୍ଚିତ୍ର ଯାତ୍ରା 'ଅମରାବତୀ'ରୁ ଆରମ୍ଭ ହୋଇଥିଲା । ଅଜିତ ଏହି ଚଳଚ୍ଚିତ୍ର ସହିତ ଅଭିନୟ ଆରମ୍ଭ କରିଥିଲେ। ଯେଉଁଠାରେ ବିକ୍ରମ ଜଣେ ଡବିଂ କଳାକାର ଭାବରେ ନିଜର କ୍ୟାରିଅର୍ ଆରମ୍ଭ କରିଥିଲେ । ଅଜିତଙ୍କ ବ୍ୟତୀତ ସେ ପ୍ରଭାସ, ଅବାସ ଏବଂ ବୀନିତ ଭଳି ତାରକାଙ୍କ ପାଇଁ ଡବିଂ କଳାକାର ଭାବରେ ମଧ କାର୍ଯ୍ୟ କରିଛନ୍ତି। ସେ ପିଲାଦିନରୁ ଅଭିନୟ କରିବାକୁ ଭଲ ପାଉଥିଲେ। ସ୍କୁଲରୁ ପାଠପଢ଼ା ଶେଷ କରିବା ପରେ ସେ ଲୟୋଲା କଲେଜର ଡ୍ରାମା ସୋସାଇଟିରେ ଯୋଗ ଦେଇ ଅନ୍ୟ କଲେଜରେ ଅଭିନୟ ଆରମ୍ଭ କରିଥିଲେ। ଥରେ ବିକ୍ରମଙ୍କ ନାଟକ 'ବ୍ଲାକ୍ କମେଡି' ଆଇଆଇଟି ମଦ୍ରାସରେ ହୋଇଥିଲା। ନାଟକରେ ତାଙ୍କର ଅଭିନୟକୁ ବହୁତ ପ୍ରଶଂସା କରାଯାଇଥିଲା । ଏଥିପାଇଁ ତାଙ୍କୁ ଏକ ପୁରସ୍କାର ମଧ ଦିଆଯାଇଥିଲା। ତେବେ, ସେହି ରାତିରେ ଏକ ଭୟଙ୍କର ଦୁର୍ଘଟଣା ଘଟିଥିଲା। ସେ ବାଇକ୍‌ରେ ଫେରୁଥିବାବେଳେ ଏକ ଟ୍ରକ ସହିତ ଏକ ଦୁର୍ଘଟଣା ଘଟିଥିଲା। ଗୋଡ କାଟିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। କିନ୍ତୁ ତାଙ୍କ ମା' ଏହାକୁ ସମ୍ପୂର୍ଣ୍ଣ ଭାବେ ଅସ୍ୱୀକାର କରିଥିଲେ। ତାଙ୍କ ଗୋଡକୁ ନକାଟିବା ପାଇଁ ଡାକ୍ତରମାନଙ୍କୁ ୨୩ ଟି ଅସ୍ତ୍ରୋପଚାର କରିବାକୁ ପଡିଲା। ଦୁର୍ଘଟଣାରୁ ସୁସ୍ଥ ହେବା ପରେ ସେ ପୁଣି ଅଭିନୟ ଆରମ୍ଭ କରିଥିଲେ, କିନ୍ତୁ ଅଧିକ ସଫଳତା ହାସଲ କରିନଥିଲେ। ୧୯୯୯ ବର୍ଷ ତାଙ୍କ କ୍ୟାରିୟର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରମାଣିତ ହୋଇଥିଲା । ସେ 'ସେତୁ'ରେ ଅଭିନୟ କରି ଲୋକଙ୍କ ହୃଦୟ ଜିତିଥିଲେ। ଏହି ଚଳଚ୍ଚିତ୍ର ପରେ ସେ ପଛକୁ ଚାହିଁନଥିଲେ। ୨୦୦୩ରେ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର 'ସୂର୍ଯ୍ୟ' ପାଇଁ ତାଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ବିକ୍ରମ 'ଆଇ', 'କୋବ୍ରା' ଏବଂ ପିଏସ୍-୧' ଭଳି ଚଳଚ୍ଚିତ୍ରରେ ନିଜର ଅଭିନୟ ଯାଦୁ ମଧ ପ୍ରଦର୍ଶନ କରିଛନ୍ତି। ତାଙ୍କୁ ଖୁବ୍ ଶୀଘ୍ର ମଣି ରତ୍ନମଙ୍କ ଫିଲ୍ମ ପିଏସ୍-୨ ରେ ଦେଖିବାକୁ ମିଳିବ । ଏହି ଚଳଚ୍ଚିତ୍ରକୁ ଦେଖିବାକୁ ଦର୍ଶକମାନେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି ।

## ତରଭୁଜ ନାଲି ଓ ମିଠା କେମିତି ଜାଣିବେ

ଗ୍ରୀଷ୍ମ ଋତୁରେ ତରଭୁଜକୁ ଦେଖି କାହାର ବା ପାଟିରୁ ଲାଳ ନବାହାରେ। ତରଭୁଜ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକରକ। ଏକ ତରଭୁଜରେ ହାରାହାରି ୯୨% ଜଳ ଥାଏ। ତରଭୁଜ ଖାଇଲେ ଦେହରେ ଜଳୀୟ ଅଂଶ ବୃଦ୍ଧି ପାଏ। କିନ୍ତୁ ଏହି ତରଭୁଜ ମିଠା ଓ ଭିତର ନାଲି କିପରି ଜାଣିବେ । ଆମେ ବତାଇଦେଉଛି ସଠିକ୍ ତରିକା। ପାଚିଲା ତରଭୁଜରେ ହଳଦିଆ ଚିହ୍ନ ଦେଖାଯାଏ । କାରଣ ତରଭୁଜ ପାଚିବା ପାଇଁ ବହୁତ ସମୟ ନେଇଥାଏ ଏବଂ ଏହା ଭୂମିରେ ପଡ଼ି ରହିଥାଏ । ତେଣୁ ତଳେ ପଡିଥିବା ଜାଗାଟି ହଳଦିଆ ହୋଇଯାଇଥାଏ । ଏକ ପାଚିଲା ତରଭୁଜକୁ ଚିହ୍ନିବା ପାଇଁ ଗୋଟିଏ ଉପାୟ ହେଉଛି ତରଭୁଜକୁ ନିଜ ହାତରେ ଟିପା ମାରନ୍ତୁ ଯଦି ଜୋରରେ ଠକ୍ ଠକ୍ ଶବ୍ଦ ଶୁଣିବେ ତାହାହେଲେ ଜାଣିବେ ତରଭୁଜ ମିଠା ଅଛି ଓ ଭଲ ତରଭୁଜ। ତରଭୁଜ କିଣିଲା ବେଳେ ତାହାକୁ ଭଲ ଭାବେ ଦେଖନ୍ତୁ। ସେଥିରେ ଏକ ଇଞ୍ଜେକ୍ସନ୍ ଛିଦ୍ର ଅଛି କି ନାହିଁ । ବାସ୍ତବରେ କିଛି ଲୋଭୀ ଲୋକ ତରଭୁଜରେ ମଧ ଇଞ୍ଜେକ୍ସନ ଦିଅନ୍ତି । ଯଦି ଏହା ତରଭୁଜ ସହିତ କରାଯାଇଛି, ଆପଣ ଏହାର ଛିଦ୍ର ଦେଖିପାରିବେ । ଯଦି ଛିଦ୍ର ଦେଖନ୍ତି ସେହି ତରଭୁଜକୁ କିଣନ୍ତୁ ନାହିଁ।



କାରଣ ଇଞ୍ଜେକ୍ସନ ଦିଆଯାଇଥିବା ତରଭୁଜ ଖାଇଲେ ସ୍ୱାସ୍ଥ୍ୟ ଖରାପ ହୋଇଥାଏ।

## ପୁଣି ସୁଟିଂସେଟକୁ ଫେରିଲେ ସୁସ୍ମିତା

ବଲିଉଡ୍ ଅଭିନେତ୍ରୀଙ୍କ ମଧ୍ୟରୁ ସୁସ୍ମିତା ସେନଙ୍କ ଅଭିନୟକୁ ବେଶ ପ୍ରଶଂସା କରନ୍ତି ଦର୍ଶକ। କିନ୍ତୁ ନିକଟରେ ତାଙ୍କୁ ହୋଇଥିବା ହୃଦ୍‌ଘାତର ଖବର ପ୍ରଶଂସକଙ୍କ ମନକୁ ବିଚଳିତ କରିଥିଲା। ଏଥିରେ ସୁସ୍ମିତା ତାଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଖବରକୁ ସବୁବେଳେ ଅପଡେଟ କରି ସେୟାର କରୁଥିଲେ କେବଳ ପ୍ରଶଂସକଙ୍କ ପାଇଁ। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଅଛି ବୋଲି କହିଛନ୍ତି। ସେ ବର୍ତ୍ତମାନ ତାଙ୍କ ୱେବ୍ ସିରିଜ୍ ଆର୍ଯ୍ୟା-୩ର



ସୁଟିଂ ପାଇଁ ଜୟପୁରରେ ଅଛନ୍ତି। ସୁସ୍ମିତା ସେନ କିଛି ସମୟ ପୂର୍ବରୁ ପ୍ରକାଶ କରିଥିଲେ ଯେ ହୃଦ୍‌ଘାତ ପରେ ମୁଁ ଆଞ୍ଜିଓପ୍ଲାଷ୍ଟି କରିଛି। ଶେଷ ଥର ପାଇଁ ସୁସ୍ମିତା ରାଜସ୍ଥାନରେ ଥିଲେ। ସେ ହୃଦ୍‌ଘାତରେ ପୀଡିତ ହୋଇଥିଲେ। ସୁଟିଂ ବନ୍ଦ କରିବାକୁ ପଡିଥିଲା। ବର୍ତ୍ତମାନ ସୁସ୍ଥ ହେବା ପରେ ପୁଣି ସେଟକୁ ଫେରିଛନ୍ତି। ଲାଇଭ ଚାଟରେ ଅଭିନେତ୍ରୀ କହିଥିଲେ ଯେ ପୁଣି ଫେରିବା ଆଶ୍ଚର୍ଯ୍ୟଜନକ। ସମସ୍ତଙ୍କ ଭଲ ପାଇବା ଏବଂ ପ୍ରାର୍ଥନା ପାଇଁ ମୁଁ ପୁଣି ଫେରିଛି। ମୋର ପ୍ରଶଂସକଙ୍କୁ ଅଶେଷ ଅଶେଷ ଧନ୍ୟବାଦ। ପ୍ରଶଂସକମାନେ ମଧ୍ୟ ତାଙ୍କର ଏହି ଭିଡିଓ ଉପରେ ମନ୍ତବ୍ୟ ଦେଇଛନ୍ତି।

## ସଲମାନଙ୍କ 'ପୋଷାକ ନିୟମ' ମିଥ୍ୟା:ଶେହନାଜ



ସଲମାନ ଖାନଙ୍କ ଆଗାମୀ ଚଳଚ୍ଚିତ୍ର କିସି କା ଭାଇ କିସି କି ଜାନ ପ୍ରମୋସନ ଜୋରସୋରରେ ଚାଲିଛି। ଏହି ଫିଲ୍ମ କିଛି ଦିନ ମଧ୍ୟରେ ରିଲିଜ ହେବାକୁ ଯାଉଛି। ଏହି ଫିଲ୍ମ କେମିତି ସୁପରହିଟ୍ ହେବ ସେ ନେଇ ସଲମାନ ସବୁ ପଥକୁ ଆପଣାଉଥିବା ଦେଖାଯାଇଛି। ନିକଟରେ କିସି କା ଭାଇ କିସି କି ଜାନ ଅଭିନେତ୍ରୀ ପଲକ ତିୱାରୀ ଏକ ଆକର୍ଷଣୀୟ ଖୁଲାସା କରିଥିଲେ। ଏକ ସାକ୍ଷାତକାରରେ ଅଭିନେତ୍ରୀ ଜଣକ କହିଥିଲେ ଯେ ସଲମାନ ଖାନ ସେଟ ଉପରେ ଏକ ନିୟମ ଲାଗୁ କରିଛନ୍ତି । ସେଟକୁ ଆସୁଥିବା ସମସ୍ତ ଝିଅ ଭଲ ପୋଷାକ ପିନ୍ଧିବା ଉଚିତ। କିନ୍ତୁ କିସି କି ଭାଇ କିସି କି ଜାନଙ୍କ ଦ୍ୱିତୀୟ ହିରୋଇନ୍ ଶେହନାଜ ଗିଲ ବର୍ତ୍ତମାନ ପଲକଙ୍କ ବକ୍ତବ୍ୟକୁ ମିଥ୍ୟା ବୋଲି କହିଛନ୍ତି। ଫିଲ୍ମର ପ୍ରମୋସନ ପାଇଁ ନିକଟରେ ବିଗ୍ ବସ୍‌ରେ ସୁନାମ ଅର୍ଜନ କରିଥିବା ଅଭିନେତ୍ରୀ ଗଣମାଧ୍ୟମ ସହିତ କଥାବାର୍ତ୍ତା କରିଥିଲେ। ବାର୍ତ୍ତାଳାପରେ ଯେତେବେଳେ ତାଙ୍କୁ ସଲମାନ ଖାନଙ୍କ ଏହି ନିୟମ ବିଷୟରେ ପଚରାଗଲା, ସେତେବେଳେ ସେ ଏହାକୁ ନିରର୍ଥକ ବୋଲି କହିଥିଲେ। ବାର୍ତ୍ତାଳାପରେ ଶେହନାଜ ଗିଲ କହିଛନ୍ତି ଯେ ପ୍ରମୋସନ ସମୟରେ ସେ ବହୁତ ବୋଲ୍ଡ ଡ୍ରେସ ପିନ୍ଧିଥିଲେ ଏବଂ ସଲମାନ ଖାନ ମଧ ତାଙ୍କୁ ଉତ୍ସାହିତ କରିଥିଲେ। ସଲମାନ ସାର୍ ମୋତେ କହିଥିଲେ ତୁମେ ତୁମର କ୍ୟାରିଅରରେ ବହୁତ ଆଗକୁ ଯିବ। ପୁଣି ଶେହନାଜ ଗିଲ ମଧ ସଲମାନ ଖାନଙ୍କ ସହ କାମ କରିବାର ଅଭିଜ୍ଞତା ବାଣ୍ଟିଥିଲେ। ସେ କହିଛନ୍ତି, ବିଗ୍ ବସ୍‌ରେ ଥିବାବେଳେ ସଲମାନ ସାର୍ ଯାହା ଥିଲେ ବର୍ତ୍ତମାନ ବି ସେୟା ଅଛନ୍ତି। ମୁଁ ତାଙ୍କଠାରେ କୌଣସି ପରିବର୍ତ୍ତନ ଦେଖି ନାହିଁ। ସେ ଭଲ ଉପଦେଶ ଦିଅନ୍ତି ଏବଂ ଅନ୍ୟମାନଙ୍କୁ ଉତ୍ସାହିତ କରନ୍ତି। ସେ ମୋତେ ମଧ ମୋ କାମ ଉପରେ ଧ୍ୟାନ ଦେବାକୁ କହିଥିଲେ। ମୁଁ ତାଙ୍କ ଉପଦେଶକୁ ମାନି ମୋ କ୍ୟାରିୟକୁ ଆହୁରି ଆଗେଇନେବି।



## ଜାନଭୀ-ସାରାଙ୍କ ସହ ଫିଲ୍ମ କରିବେ ଅନନ୍ୟା



ଜାନଭୀ-ସାରାଙ୍କ ସହ ଫିଲ୍ମ କରିବେ ଅନନ୍ୟା

ବଲିଉଡ ଇଣ୍ଡଷ୍ଟ୍ରିର ଅଭିନେତ୍ରୀ ଅନନ୍ୟା ପାଣ୍ଡେ ପ୍ରାୟତଃ ଚର୍ଚ୍ଚାରେ ଥାଆନ୍ତି। ନିକଟରେ ଅନନ୍ୟା ପାଣ୍ଡେ ନିଜର ଇଚ୍ଛାକୁ ପ୍ରକାଶ କରିଛନ୍ତି। ସେ କହିଛନ୍ତି ସାରା ଅଲି ଖାନ ଏବଂ ଜାନଭୀ କପୁରଙ୍କ ସହ ଫିଲ୍ମ କରିବେ। ଖୁବ୍‌ଶୀଘ୍ର ଆୟୁଷ୍ମାନ ଖୁରାନାଙ୍କ ଫିଲ୍ମ 'ଡ୍ରିମ୍ ଗାର୍ଲ ୨'ରେ ତାଙ୍କୁ ଦେଖିବାକୁ ମିଳିବ। ଏହି ସମୟରେ ଅନନ୍ୟା ମୁଖ୍ୟ ଭୂମିକାରେ ମହିଳାଙ୍କ ସହ ଏକ ମଲ୍ଟିଷ୍ଟାର୍‌ର ଫିଲ୍ମରେ କାମ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। କେବଳ ଏତିକି ନୁହେଁ, ଅନନ୍ୟା ମଧ ଇଚ୍ଛା କରିଛନ୍ତି ଯେ ସେ ଏହି ଫିଲ୍ମରେ ଜାନଭୀ କପୁର ଏବଂ ସାରା ଅଲି ଖାନଙ୍କ ସହ ସ୍କ୍ରିନ୍ ସେୟାର କରିବାର ସୁଯୋଗ ପାଇବେ। ବଲିଉଡରେ ଅଭିନେତ୍ରୀମାନେ ଏବେ ମଲ୍ଟି ଷ୍ଟାରର ଫିଲ୍ମରେ ନଜର ଆସିଛନ୍ତି । ଫିଲ୍ମ 'ବୀର ଦି ୱେଡିଂ'ରେ କରୀନା କପୁର, ସୋନମ କପୁର, ସ୍ୱରା ଭାସ୍କର ଏବଂ ଶିଖା ତଲସାନିଆଙ୍କ ପରି ଅଭିନେତ୍ରୀମାନେ ଏକାଠି ନଜର ଆସିଥିଲେ। ଏହା ବ୍ୟତୀତ ପ୍ରଶଂସକଙ୍କ ଆଖି ଫରହାନ ଅଖତରଙ୍କ 'ଜି ଲେ ଜାରା' ଉପରେ ସ୍ଥିର ହୋଇସାରିଛି। ସଡକ ଯାତ୍ରା ଉପରେ ଆଧାର କରି କ୍ୟାଟ୍ରିନା କୈଫ, ଆଲିଆ ଭଟ୍ଟ ଏବଂ ପ୍ରିୟଙ୍କା ଚୋପ୍ରା ଏକାଠି ସ୍କ୍ରିନ୍ ସ୍ପେସ୍ ସେୟାର୍ କରୁଥିବା ଦେଖିବାକୁ ମିଳିବ। ଅନ୍ୟପକ୍ଷରେ 'ବୀର ଦି ୱେଡିଂ'ର ନିର୍ମାତା ରିୟା କପୁର କରୀନା, ତବୁ ଏବଂ କ୍ରିତି ସାନନଙ୍କ ସହ ତାଙ୍କର ପରବର୍ତ୍ତୀ ଚଳଚ୍ଚିତ୍ର ଘୋଷଣା କରିଛନ୍ତି। ଏହି ସମୟରେ ଅନନ୍ୟା ମଧ ନିଜର ଇଚ୍ଛା ପ୍ରକାଶ କରିଛନ୍ତି। ଅନନ୍ୟା ପାଣ୍ଡେ ୨୦୨୨ ଚଳଚ୍ଚିତ୍ର 'ଗହରାଇଆଁ'ରେ ଦୀପିକା ପାଦୁକୋନଙ୍କ ବିପକ୍ଷରେ ନଜର ଆସିଥିଲେ। ବର୍ତ୍ତମାନ ଅନନ୍ୟା ଏକ ମଲ୍ଟିଷ୍ଟାର୍ ଫିଲ୍ମ କରିବାକୁ ଚାହୁଁଛନ୍ତି ଯେଉଁଥିରେ ମହିଳାମାନେ ମୁଖ୍ୟ ଭୂମିକାରେ ଅଛନ୍ତି । ଯେତେବେଳେ ତାଙ୍କୁ ପଚରାଗଲା ସେ କାହା ସହିତ ସ୍କ୍ରିନ୍ ସେୟାର କରିବାକୁ ଚାହୁଁଛନ୍ତି ? ଏଥିପାଇଁ ଅନନ୍ୟା ତୁରନ୍ତ କହିଥିଲେ, 'ଯଦି ମୁଁ ସାରା ଅଲି ଖାନ ଏବଂ ଜାନଭୀ କପୁରଙ୍କ ସହ ନଜର ଆସେ, ତେବେ ଏହା ବହୁତ ମଜା ହେବ। ଜାନଭୀ ଏବଂ ସାରାଙ୍କ ସହ କାମ କରିବା ବିଷୟରେ ଅନନ୍ୟା ଆହୁରି କହିଛନ୍ତ ମୁଁ ସେମାନଙ୍କୁ ଅଭିନେତା ଭାବରେ ପ୍ରକୃତରେ ପସନ୍ଦ କରେ ଏବଂ ଉଭୟ ମୋର ଭଲ ବନ୍ଧୁ । ପରଦାରେ ଆମକୁ ଏକାଠି ଦେଖିବାକୁ ଦର୍ଶକ ନିଶ୍ଚିତ ଭାବରେ ଭଲ ପାଇବେ । ଫିଲ୍ମ 'ଡ୍ରିମ୍ ଗାର୍ଲ ୨' ବ୍ୟତୀତ ଅନନ୍ୟା 'ଖୋ ଗେୟା ହମ୍ କାହାନ୍' ରେ ମଧ ବ୍ୟସ୍ତ ଅଛନ୍ତି।


Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ** Chief Editor: Pradosh Pattanaik



ସାଲେପୁର, (ଭାସ୍କର ନ୍ୟୁଜ୍): ରାଇସୁଙ୍ଗୁଡ଼ା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ୧୪ତମ ବାର୍ଷିକ ଉତ୍ସବ ରାଷ୍ଟ୍ରୀୟ ଶିକ୍ଷାବିକାଶ ସମିତି ସଭାପତି ସୁବାଷ ପାଇଟାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଇଓ ଜଗବନ୍ଧୁ ଶତପଥୀ, ମୁଖ୍ୟବକ୍ତା ଭାବେ ବାବା ବିଶ୍ୱନାଥ ଦାଶ, ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ପ୍ରଫୁଲ୍ଲ କୁମାର ସାହୁ, ସିଆରସିସି ରଂଜନ ମୋହନ ବେହେରା, ଆଇନଜୀବୀ ପ୍ରିୟବ୍ରତ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମୂଲ୍ୟବାନ ଉପଦେଶ ପ୍ରଦାନ କରିଥିଲେ । କ୍ରୀଡ଼ା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଓ ମାତୃ ସମ୍ମିଳନୀରେ କୃତିତ୍ୱ ଅର୍ଜନ କରିଥିବା ମା' ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ବିଦ୍ୟାଳୟର ସଂପାଦକ ସ୍ୱୟଂ ପ୍ରକାଶ ଦ୍ୟୋତକ ରଂଜନ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟା ସୌଦାମିନୀ ଶତପଥୀ ବାର୍ଷିକ ବିବରଣୀ ଓ ଗୁରୁମା ମମତା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ । ସସ୍ମିତା ରାମ୍ , ଜ୍ୟୋତିଷ ଚନ୍ଦ୍ର କର, ବିନୋଦିନୀ ଶତପଥୀ, ରଶ୍ମିରେଖା ସାହୁ, ପ୍ରିୟଦର୍ଶିନୀ ସାହୁ, ବିଜୟଲକ୍ଷ୍ମୀ ଦାସ, ନିପୁଲ ପ୍ରିୟଦର୍ଶିନୀ, ସୁପ୍ରଭା ସିଂହ, କବିତା ସ୍ୱାଇଁ, ଝୁନା ବେହେରା, ସ୍ୱର୍ଣ୍ଣପ୍ରଭା କାଣ୍ଡୀ, ଯଶୋବନ୍ତ ବେହେରା ପ୍ରମୁଖ ଗୁରୁଜୀ ଓ ଗୁରୁମାମାନେ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ ।

# ୫୫ନଂ ଜାତୀୟ ରାଜପଥ କାର୍ଯ୍ୟର ଅହେତୁକ ବିଳମ୍ବ, ରାସ୍ତା ଅବରୋଧ




ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କ ଆହ୍ୱାନ କ୍ରମେ ଆଜି ସକାଳ ୮ ଘଟିକା ଠାରୁ ୯ ଘଟିକା ପର୍ଯ୍ୟନ୍ତ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଏହି ରାସ୍ତା ଅବରୋଧ ପୂର୍ବରୁ ଜାତୀୟ ରାଜପଥ ଠାରେ ପ୍ରବାଦପୁରୁଷ ବିଜୁ ବାବୁଙ୍କ ୨୬ତମ ତିରୋଧାନ ଦିବସରେ ଫଟୋରେ ମାଲ୍ୟାର୍ପଣ କରାଯିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଯାହାଫଳରେ କି ରାସ୍ତର ଉଭୟ ପାର୍ଶ୍ୱରେ ଶହଶହ ଭାରି ଯାନଠାରୁ ଆରମ୍ଭ କରି ଛୋଟ ଗାଡି ପର୍ଯ୍ୟନ୍ତ ଅଟକି ରହିଥିବାର ଦେଖିବାକୁ ମିଳିଥିଲା । ଜାତୀୟ ରାଜପଥର କାର୍ଯ୍ୟ ଅହେତୁକ ବିଳମ୍ବ ଓ ମନ୍ଥର ଗତିକୁ ନେଇ ପୂର୍ବରୁ ସାଂସଦ ଶ୍ରୀ ସାହୁଙ୍କ ନିର୍ଦ୍ଦେଶ କ୍ରମେ ୫ଥର ଅର୍ଥନୈତିକ ଓ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା । ଏହା ବ୍ୟତୀତ ୫୫ନଂ ଜାତୀୟ ରାଜପଥର ଦୁର୍ଦ୍ଦଶା ପାଇଁ ସାଂସଦ ଏନ୍.ଏଚ୍.ଏ.ଆଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ନିତିନ୍ ଗଡକରୀଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ କରି ଅବଗତ କରାଇଥିଲେ । ଏହାବାଦ୍ ଏହି ଜାତୀୟ ରାଜପଥର କାର୍ଯ୍ୟ ତ୍ୱରାନ୍ୱିତ ନହେବାରୁ ପୁନଶ୍ଚ ସାଂସଦ ଶ୍ରୀ ସାହୁ ସଂସଦରେ ଏ ପ୍ରସଙ୍ଗ ଉତ୍‌ଥାପନ କରିଥିଲେ। ଏହି ରାଜପଥର ଦୂରାବସ୍ଥାକୁ ଉପଲବ୍ଧି କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ତୁରନ୍ତ କାର୍ଯ୍ୟପନ୍ଥା ଗ୍ରହଣ କରିବା ପାଇଁ ଜଣାଇଥିଲେ । ଏହା ବ୍ୟତୀତ ଜାତୀୟ ରାଜପଥର କାର୍ଯ୍ୟ ଅଗ୍ରଗତି ନକରିବାରୁ ପୁନଶ୍ଚ ସାଂସଦ ଶ୍ରୀ ସାହୁ ୧ ଘଂଟିଆ ରାସ୍ତା ଅବରୋଧ ପାଇଁ ଡାକରା ଦେଇଥିଲେ । ପ୍ରକାଶଥାଉକି, ଢେଙ୍କାନାଳ-ଅନୁଗୁଳ ସଂସଦୀୟ କ୍ଷେତ୍ର ଦେଇ ମଙ୍ଗୁଳି ଠାରୁ ସମ୍ବଲପୁରକୁ ଯାଇଥିବା ୫୫ନଂ ଜାତୀୟ ରାଜପଥ ଏବଂ ପର୍ଜଙ୍ଗ ବ୍ଲକ୍‌ର ପିଟିରି ଛକ ଠାରୁ କେନ୍ଦୁଝରକୁ ସଂଯୋଗ କରୁଥିବା ୧୪୯ନଂ ଜାତୀୟ ରାଜପଥ କାର୍ଯ୍ୟର ଅହେତୁକ ବିଳମ୍ବ ଯୋଗୁଁ ନାନା ପ୍ରକାର ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି । ଏପରିକି ସଂପୃକ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମଣ ଓ ଧୂଳିଧୂସର ପାଇଁ ଦୁଇଚକିଆ ଠାରୁ ଆରମ୍ଭ କରି ଚାରିଚକିଆ ଯାନବାହନଗୁଡିକ ବିଶେଷ ଭାବେ ଏହି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଏହି ରାଜପଥ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ଯାହାଫଳରେ କି ପ୍ରତ୍ୟକ୍ଷ ଭାବେ ୩୪୧ ଜଣ ଲୋକ ମୃତ୍ୟୁମୁଖରେ ପଡିଥିବାବେଳେ ୧୨୪୬ଜଣ ଗୁରୁତର ଆହତ ହୋଇ ଅକର୍ମଣ୍ୟ ଅବସ୍ଥାରେ ଅଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ମୃତ୍ୟୁ ମୁଖରେ ପଡିଛନ୍ତି ତାହାର ହିସାବ ମିଳୁନାହିଁ । ଫଳରେ ପ୍ରବଳ ଜନଅସନ୍ତୋଷ ବ୍ୟାପୀବାରେ ଲାଗିଛି । ସାଂସଦ ଶ୍ରୀ ସାହୁଙ୍କର ଡାକରାରେ ଆଜି ଯେଉଁ ରାସ୍ତା ରୋକ୍ କରାଯାଇଥିଲା, ସେଥିରେ ଜିଲ୍ଲା ବସ୍ ମାଲିକ ସଂଘର ସଭାପତି ପ୍ରଭାକର ବେହେରା, ସଂପାଦକ ରୁଦ୍ରନାରାୟଣ ତ୍ରିପାଠୀ, ଟ୍ରକ୍ ମାଲିକ ସଂଘ କାର୍ଯ୍ୟକାରୀ ସଭାପତି ରମେଶ ରାଉତ, ସଂପାଦକ କାମାକ୍ଷା ପ୍ରସାଦ ସେନାପତି, କୈବର୍ତ୍ତ ସମାଜର ନାରାୟଣ ସାହୁ, ଡଃ ଚନ୍ଦନ ମହାଳିକ, ସଚେତନ ନାଗରିକ ଫୋରମ୍‌ର କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମିଶ୍ର, ସଂପାଦକ ଭରତ୍ କୁମାର ଦାସ, ଗୁପ୍ତେଶ୍ୱର ମିଶ୍ର, ମିଳିତ ଲକ୍ଷ୍ମୀପୂଜା ବଜାର କମିଟିର ସଭାପତି ବିଶ୍ୱନାଥ ବେହେରା, ସମାଜସେବୀ ତଥା ରୋଟାରିୟାନ୍ ରାଜକିଶୋର ବେହେରା, ନାଗିଆପଶି ପଂଚାୟତ ସମିତିସଭ୍ୟ ସୁବାଷ ଚନ୍ଦ୍ର ପୃଷ୍ଟି, ପ୍ରଶାନ୍ତ ବିଶ୍ୱାଳ, ଶ୍ରୀକାନ୍ତ ବେହେରା, ଶ୍ରୀବତ୍ସ ପୃଷ୍ଟି, କାଇମାଟି ସରପଂଚ ଅମିତ୍ ଜ୍ୟୋତି ସ୍ୱାଇଁ, ଶୁଆଖାଇକାଟେଣୀ ସରପଂଚ ପିଂଟୁ ସାହୁ, କାଙ୍କଡପାଳ ସରପଂଚ ସୁବାଷ ସ୍ୱାଇଁ, ଗୋବିନ୍ଦପୁର ସରପଂଚ ଅରୁଣ ପରିଡା, ସରପଂଚ ରବିନ୍ଦ୍ର ବେହେରା, ସମିତିସଭ୍ୟ ନୀଳମଣି ରାଉତ, ତାଳବରକୋଟ ସରପଂଚ ପ୍ରତିନିଧି ଅମରେଶ ଜେନା, ପୂର୍ବତନ ସରପଂଚ ବିଜୟ ସାହୁ, ଅର୍ଜୁନ ସାହୁ, ଜୟକୃଷ୍ଣ ଜେନା, ସୁଶାନ୍ତ ଜେନା, ସମାଜସେବୀ ଲଗନ୍ ନାଏକ, କୈଳାସ ସାହୁ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦିକା ତିଳୋତମା ଚୌଧୁରୀ, ଆନନ୍ଦିତା ମିଶ୍ର, ସ୍ନିଗ୍ଧା ରାଣୀ ସ୍ୱାଇଁ, ସୁମିତ୍ରା ସ୍ୱାଇଁ, ବାବୁଲି ମହାରଣା, ସତ୍ୟନାରାୟଣ କର, ସଦାଶିବ ମହାପାତ୍ର, ସୁଶାନ୍ତ କୁମାର ମିଶ୍ର, ଶେଖର ସେଠୀ, ଶ୍ୟାମସୁନ୍ଦର ସାହୁ, ଜିତେନ୍ଦ୍ର ପଟ୍ଟନାୟକ, ନିଜୁ ଖାଁ, ଆନନ୍ଦିତା ମିଶ୍ର, ଆଲୋକ ରଥ, ମହେନ୍ଦ୍ର ସାହୁ, ରାଜୁନ୍ ଦାସ, କାହ୍ନୁ ଦଳେଇ, ବିଭୁତି ଭୂଷଣ ସାହୁ, ପୂର୍ବତନ ସୈନିକ ସଂଘର ସଂପାଦକ ବିଭୁତି ନନ୍ଦ, ବୁଲୁ ଜେନା, ସଞ୍ଜୟ ସାହୁ, ଅରୁଣ ସାହୁ, ମିଡିଆ ସେଲ୍ ଇନ୍‌ଚାର୍ଜ ମହେନ୍ଦ୍ର ସାହୁ ପ୍ରମୁଖଙ୍କ ସହିତ ବିଭିନ୍ନ ଅଂଚଳରୁ ଶତାଧିକ ଜନସାଧାରଣ ଯୋଗଦେଇଥିଲେ । ଏହି ରାସ୍ତାରୋକ କାର୍ଯ୍ୟକ୍ରମକୁ ସାଂସଦଙ୍କ ଗଁଡିଆ ପ୍ରତିନିଧି ସୁଧାଂଶୁ ଶେଖର ରାଉତ, ସଦର ବ୍ଲକ୍ ପ୍ରତିନିଧି ପ୍ରତାପ ଦାସ, ସହରାଂଚଳ ପ୍ରତିନିଧି ରୁଦ୍ରାନ୍ତ ଦଳେଇ, ଲିଆକତ୍ ଅଲ୍ଲି ଖାଁ, ଦୁଷ୍ମନ୍ତ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ପୂର୍ବରୁ ସାଂସଦ ଶ୍ରୀ ସାହୁ ସମର୍ଥକଙ୍କ ଗହଣରେ ସକାଳ ୭ ଘଟିକା ସମୟରେ ପ୍ରବାଦପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ବୌଦ୍ଧ, (ଭାସ୍କର ନ୍ୟୁଜ): ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅନ୍ତର୍ଗତ ଚାରିଛକ ବଜାରରେ ସୋମବାର ଅପରାହ୍ନରେ ଜଣେ ମହିଳାଙ୍କର ସନ୍ଦେହ ଜନକ ଭାବେ ମୃତ୍ୟୁ ଘଟିଛି । ସୂଚନା ମତେ ଚାରିଛକରେ ଦୀର୍ଘଦିନ ହେଲା ବସବାସ କରି ଆସୁଥିବା ଜଣା ଶୁଣା ଏଲଆଇସି ଏଜେଣ୍ଟ ଏସ, ଟି,ବାଲାଜୀ ପାତ୍ରଙ୍କ ପତ୍ନୀ ରିତିକା ପାତ୍ର(୨୯)ଙ୍କୁ ଆଜି ତାଙ୍କ ପରିବାର ଲୋକ ଗୁରୁତର ଅବସ୍ଥାରେ ସ୍ଥାନୀୟ ପୁରୁଣାକଟକ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ ପରୀକ୍ଷା କରି ମୃତ ଘୋଷଣା କରିଥିଲେ ।ତାଙ୍କର ସନ୍ଦେହ ଜନକ ଭାବେ ମୃତ୍ୟୁ ହୋଇଥିବା ସୂଚନା ପାଇ ପୁରୁଣାକଟକ ପୋଲିସ ଡାକ୍ତରଖାନା ରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଛେଦ ପାଇଁ ବୌଦ୍ଧ ପଠାଇବା ସହିତ ତଦନ୍ତ କରୁଥିବା ଜଣାଯାଇଛି ।ମୃତ ମହିଳାଙ୍କ ସ୍ୱାମୀ ,ବାଲାଜୀ ପାତ୍ରଙ୍କ କହିବା ଅନୁଯାଇ ଆଜି ମଧ୍ୟାହ୍ନରେ ଉଭୟ ସ୍ୱାମୀ ସ୍ତ୍ରୀ ଓ ନିଜ ୧୨ବର୍ଷର ପୁଅ ସହିତ ହସ ଖୁସିରେ ଏକାଠି ମିଶି ଭୋଜନ କରିବା ପରେ ସେ ଫୁଲବାଣୀ ସ୍ଥିତ ଏଲ ଆଇ ସି କାର୍ଯ୍ୟାଳୟକୁ ଯାଉଥିଲେ ।ତାଙ୍କ ପୁଅ ତାଙ୍କୁ ଫୋନ କରି ମା ଘର ଭିତରୁ କବାଟ ବନ୍ଦକରି ଖୋଲୁନଥିବା ନେଇ ଜଣାଇବାରୁ ସେ ବାଟରୁ ଫେରି କବାଟ ଭାଙ୍ଗି ଭିତରକୁ ପଶି ରୀତିକା ପଙ୍ଖାରେ ଲୁଗାଦେଇ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ପାଇ ତାଙ୍କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ଡାକ୍ତରଖାନାକୁ ଆଣିଥିଲେ ।ତେବେ ଏହା ଆତ୍ମହତ୍ୟା ନାଁ ଆଉକିଛି ଏହା ସ୍ପଷ୍ଟ ହୋଇପାରିନାହିଁ ।ମୃତ ମହିଳା ଙ୍କ ଘର ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଅଞ୍ଚଳରେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ତାଙ୍କ ବାପଘର ଲୋକେ କେହି ପହଞ୍ଚି ନଥିବା ଜଣାପଡ଼ିଛି ।

## ଜଳଛତ୍ର ଉଦ୍‌ଘାଟିତ

ରଘୁନାଥପୁର, (ଭାସ୍କର ନ୍ୟୁଜ): ସୋମବାର ପୂର୍ବାହ୍ନ ୧୧ଟା ସୁଦ୍ଧା ତିର୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ରଘୁନାଥପୁର ବିଜୁ ପ୍ରତିମୂର୍ତ୍ତି ସମ୍ମୁଖରେ ଏକ ଜଳଛତ୍ର କେନ୍ଦ୍ରର ଶୁଭ ଉଦ୍‌ଘାଟନ କରିଛନ୍ତି । ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୬ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ରଘୁନାଥପୁର ଅଂଚଳର ବିଜେଡିପ୍ରେମୀ ନେତୃବୃନ୍ଦ ଓ କର୍ମୀ ଶତାଧିକ ସଂଖ୍ୟାରେ ଯୋଗଦେଇ ଏହି ଜଳଛତ୍ର ଉଦ୍‌ଘାଟନୀ ଉତ୍ସବକୁ ସରସ ସୁନ୍ଦର କରିଥିଲେ । ଶତାଧିକ ମହିଳା ଓ ପୁରୁଷ କର୍ମୀଙ୍କ ଗହଣରେ ବିଧାୟକ ବିଜୟ ଶଙ୍କର ଫିତାକାଟି ଜଳଛତ୍ର କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ କର୍ମୀ ଓ ନେତୃବୃନ୍ଦ ଏକ ଶୋଭାଯାତ୍ରାରେ ଯାଇ ରଘୁନାଥପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଜୟ ଶଙ୍କରଙ୍କ ଫଳ ବଂଟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ପ୍ରାରମ୍ଭରେ ବିଧାୟକ ଉତ୍କଳମଣି ଗୋପବନ୍ଧୁ, ବିଜୁ ବାବୁ ଓ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ତେବେ ରଘୁନାଥପୁର ବ୍ଲକ୍ ଉପାଧ୍ୟକ୍ଷ ଦେବାଶୀଷ ତ୍ରିପାଠି, ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମି ବେହେରା, ଜିଲ୍ଲା ପରିଷଦ ସଭ୍ୟା ରୀନାରାଣି ମଲ୍ଲିକ୍, ନାରୀନେତ୍ରି ଶାନ୍ତିଲତା ଦ୍ୱିବେଦୀ, ସାଂସଦ ପ୍ରତିନିଧି ଗୌତମ ପାଲିତ୍, ସମିତି ସଭ୍ୟା ପ୍ରମିଳା ବେହେରା ସମେତ ବିଭିନ୍ନ ପଂଚାୟତରୁ ଆସିଥିବା ସରପଂଚ, ସମିତିସଭ୍ୟ/ସଭ୍ୟା ଯୋଗଦେଇଥିଲେ ।

## ବିଜୁ ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର

ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଚୌଦ୍ୱାର-କଟକ ବିଜୁ ଜନତା ଦଳ ପକ୍ଷରୁ ଆଜି ଚୌଦ୍ୱାର ଗାନ୍ଧିଛକ ସ୍ଥିତ ଟାଉନ୍‌ହଲ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାନ ଜନନାୟକ ତଥା ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ୨୬ତମ ଶ୍ରାଦ୍ଧ ଦିବସ ଅବସରରେ ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ରଂଜନ ବିଶ୍ୱାଳ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ସାଂସଦଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ନଗର ବିଜେଡ଼ି ସଭାପତି ବିଷ୍ଣୁଚରଣ ପରିଡ଼ା, କଟକ ଜିଲ୍ଲା ବିଜେଡ଼ି ସଂପାଦକ ସୁବ୍ରତ ସାମଲ ପ୍ରମୁଖ ଯୋଗ ଦେଇଥିଲେ ।

## କରଞ୍ଜିଆ ଡାକ୍ତରଖାନାକୁ ମହିଳା ମଣ୍ଡଳ ପକ୍ଷରୁ ବେଡ଼ ପ୍ରଦାନ

କରଞ୍ଜିଆ, (ଭାସ୍କର ନ୍ୟୁଜ): କରଞ୍ଜିଆ ଡାକ୍ତରଖାନାରେ ଅଛି ୫ କୋଠା ବିଶିଷ୍ଟ ମା ଓ ଶିଶୁ ବିଭାଗ ଯୋଉଥିରେ ଅତ୍ୟାଧୁନିକ ଯନ୍ତ୍ର ପାତି ସହିତ ଲିଫ୍ଟ ର ବ୍ୟବସ୍ଥା ଅଛି ହେଲେ ପ୍ରସୂତି ମହିଳାଙ୍କ ରହଣି ପାଇଁ ଆବଶ୍ୟକୀୟ ବେଡ଼ ନାହିଁ, ପ୍ରସୂତି ମହିଳା ନବଜାତ ଶିଶୁ ସହିତ ତଳ ରେ ଶୋଇବା ଯୋଗୁଁ ନାନା ରୋଗର ପଡୁଥିଲେ ଏହା ଦେଖି ଏଠା ମାରୱାଡି ସମାଜ ର ମହିଳା ମଣ୍ଡଳ ମା ଓ ଶିଶୁ ବିଭାବ କୁ କିଛି ବେଡ଼ ଦେବାକୁ ସ୍ଥିର କରି ଆଜି ଡାକ୍ତର ଖାନା ର ଅଧିକ୍ଷକ ଡାକ୍ତର ଶିବାନନ୍ଦ ମହାନ୍ତି ଙ୍କୁ ପ୍ରଦାନ କରିଥିଲେ ତେବେ ମହିଳା ମଣ୍ଡଳ ପକ୍ଷରୁ ୫ ଟି ବେଡ଼ ଓ ସ୍ୱର୍ଗତ ଖେମଚାନ୍ଦ ଅଗ୍ରୱାଲ ଙ୍କ ସ୍ମୃତି ରେ ତାଙ୍କ ସୁପୁତ୍ର ବିଜୟ କୁମାର ଅଗ୍ରୱାଲ ୬ ଟି ମେଡିକେଟେଡ଼ ବେଡ଼ ପ୍ରଦାନ କରିଥିଲେ.ବେଡ଼ ପ୍ରଦାନ ସମୟ ରେ ମାରୱାଡି ମହିଳା ସମିତି ର ସଭାପତି ପାର୍ବତୀ ଅଗ୍ରୱାଲ, ସମ୍ପାଦକ ଦୀପ୍ତି ଭାରୁକ, କୋଷାଧକ୍ଷ ସୁନିତା ମିତ୍ତଲ, ପୂର୍ବତନ ସଭାପତି ମଞ୍ଜୁ ବୁବୁନା, ଲକ୍ଷ୍ମୀ ଅଗ୍ରୱାଲ, ସଂଗୀତା ବୁବୁନା, ଉଷା ଅଗ୍ରୱାଲ, ଲଳିତା ଅଗ୍ରୱାଲ, ଓ ସରିତା ଅଗ୍ରୱାଲ ଓ ସ୍ୱର୍ଗତ ଖେମଚାନ୍ଦ ଅଗ୍ରୱାଲ ଙ୍କ ପୁତ୍ର ବିଜୟ କୁମାର ଅଗ୍ରୱାଲ ଙ୍କ ସହିତ ପ୍ରେସ କ୍ଲବ ସମ୍ପାଦକ କର୍ଣ୍ଣାର୍ଜୁନ ସାହା ପ୍ରମୁଖ ଉପସ୍ଥିତ ଥିଲେ ।

## ହସ୍ତଶିଳ୍ପ ପରିବାର ଏବଂ ଉଦ୍ୟୋଗୀ ମିତ୍ର ପରିବାର ସମ୍ବର୍ଦ୍ଧନା

ଜଗତସିଂହପୁର, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାର ଉତ୍ପାଦିକା ଗୋଷ୍ଠୀ, ହସ୍ତଶିଳ୍ପ ଓ ଉଦ୍ୟୋଗୀମିତ୍ର ପରିବାର ପକ୍ଷରୁ ଜିଲ୍ଲାର ଦୁଇଜଣ ପୂର୍ବତନ ଅଧିକାରିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ଯୋଗଦେଇ ଜିଲ୍ଲାପାଳ ପାରୁଲ ପଟ୍ଟାୱାରି ଓରମାସର ପୂର୍ବତନ ଡେ଼ପୁଟୀ ସିଇଓ ସତ୍ୟସୁନ୍ଦର ଶିବରାମ ପାଇଟାଳ ଏବଂ ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ ଜ୍ୟୋତିରଂଜନ ଜେନାଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲାପାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁଇ ପୂର୍ବତନ ଅଧିକାରିଙ୍କୁ ଧନ୍ୟବାଦ ଜଣାଇଥିଲେ । ଜନସାଧାରଣଙ୍କ ସେବା ପାଇଁ ସେମାନେ ଯାହା କରିଛନ୍ତି ଏବଂ ତାଙ୍କ କାର୍ଯ୍ୟଦ୍ୱାରା ଆପଣଙ୍କ ହୃଦୟକୁ ଜୟ କରିଛନ୍ତି । ମୁଁ ଆଶା କରିବି ସେମାନେ ଯେଉଁଠାରେ ଅଛନ୍ତି ଯେ ଯାଗାରେ ଭଲକାମ କରି ସୁନାମ ଆଣନ୍ତୁ । ପୂର୍ବତନ ଡେ଼ପୁଟୀ ସିଇଓ, ଓରମାସ ସତ୍ୟସୁନ୍ଦର ପାଇଟାଳ କହିଲେ ଜଗତସିଂହପୁର ପ୍ରତ୍ୟେକ ବ୍ଲକ ମହିଳା ଜୀବିକା କ୍ଷେତ୍ରରେ ଉନ୍ନତି ଆଣିଛନ୍ତି । ଜିଲ୍ଲାର ମହିଳାମାନେ ବାସ୍ତବରେ ଏତେ କଳାର କାରୁକାର୍ଯ୍ୟ ଦେଖାଇଛନ୍ତି ଯାହା ଜିଲ୍ଲା ନୁହେଁ ରାଜ୍ୟ ଓ ରାଜ୍ୟ ବାହାରେ ପ୍ରଶଂସିତ ହୋଇଛନ୍ତି । ଗତ ୨ ବର୍ଷ ଭିତରେ ବାଲିକୁଦାର କାଇଁଚ ଦିଲ୍ଲୀରେ ପହଞ୍ଚି ପାରିଛି । ବୟନ ଗ୍ରାମର ହ୍ୟାଣ୍ଡଲୁମ ରାଜ୍ୟ ବାହାରେ ଆଦୃତ ହୋଇଛି । ଜୁଟକ୍ରାଫ୍ଟ, ଟେରାକୋଟା ଉତ୍ପାଦ ସାମଗ୍ରୀ ଆମ ଜିଲ୍ଲାରେ ସୀମିତ ନ ରହି ରାଜ୍ୟ ବାହାରକୁ ଯାଇଛି । ଜିଲ୍ଲାପାଳ ଓ ଜିଲ୍ଲାପ୍ରଶାସନର ସହାୟତାରେ ଉତ୍ପାଦିକା ଗୋଷ୍ଠୀ ମହିଳା ମାନଙ୍କର ଉନ୍ନତି ସମ୍ଭବ ହୋଇପାରିଛି । ଏହି ଉତ୍ସବରେ ୮ଟି ବ୍ଲକରୁ ୧୫ଟି ଉତ୍ପାଦିକା ଗୋଷ୍ଠୀର ମହିଳା ମାନେ ଯୋଗଦେଇଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ଅଧିକାରି ଡ଼ା. ରୁଦ୍ରନାରାୟଣ ଦାସ, ଏଡ଼ିଏମ ଚିନ୍ମୟୀ ବିଶ୍ୱାଳ, ଉପଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଜିଲ୍ଲାସ୍ତରୀୟ ଅଧିକାରି ମାନେ ଉପସ୍ଥିତ ଥିଲେ ।

## ବିଜୁବାବୁଙ୍କ ୨୬ତମ ତିରୋଧାନ ଦିବସରେ ବିଜେଡିର କର୍ମଶାଳା



ନିଆଳି, (ଭାସ୍କର ନ୍ୟୁଜ): ନିଆଳି ନିର୍ବାଚନ ମଣ୍ଡଳୀ ବିଜୁଜନତା ଦଳ ପକ୍ଷରୁ ଆଜି ନିଆଳି ପ୍ରାଚୀ ମଣ୍ଡପରେ ପ୍ରବାଦ ପୁରୁଷ ବିଜୁପଟ୍ଟନାୟକଙ୍କ ୨୬ତମ ଶ୍ରାଦ୍ଧ ବାର୍ଷୀକକ ପାଳନ ଅବସରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସାଂସଦଙ୍କ ପ୍ରତିନିଧି ଆଦିତ୍ୟ ପାଣିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ବି.ଜେ.ଡି. ସଭାପତି ଦେବାଶିଷ ସାମନ୍ତରାୟ, କଟକ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ନିଆଳି ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ, ମୋ ଓଡ଼ିଶା ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ସଂଯୋଜକ ରଂଜନ କୁମାର ବିଶ୍ୱାଳ ଓ କଟକ ଜିଲ୍ଲା ଯୁବ ବିଜେଡି ସଭାପତି ସ୍ମୃତିରଂଜନ ନାୟକ ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବାସହ ବିଜୁବାବୁଙ୍କ ଜୀବନ ଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ । ବିଜୁବାବୁଙ୍କ ୧୦୭ତମ ଜନ୍ମ ଦିବସ ପାଳନ ଅବସରରେ ଆୟୋଜିତ ହୋଇଥିବା ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଉମେଶ ଚନ୍ଦ୍ର ପାଢ଼ୀ, ରଶ୍ମୀ ରଂଜନ ଲେଙ୍କା, ଚନ୍ଦନ କୁମାର ମହାନ୍ତି, ଅବିନାଶ ଆର୍ଯ୍ୟ ଓ ପ୍ରଜ୍ଞାଦ ସ୍ୱାଇଁ ପ୍ରମୁଖଙ୍କୁ ମଞ୍ଚାସୀନ ଅତିଥିମାନେ ମାନପତ୍ର ଓ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରିଥିଲେ । ତତ୍‌ପରେ ଆୟୋଜିତ କର୍ମଶାଳାରେ ଜିଲ୍ଲାପରିଷଦ ସଭ୍ୟ ଦେବାଶିଷ ଷଡ଼ଙ୍ଗୀ ବ୍ଲକ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ଯୁବ ସଂଗଠକ ବିଷ୍ଣୁ ଚରଣ ସ୍ୱାଇଁ, ବିମାନ ବିହାରୀ ବେହେରା, ଶଶୀଭୂଷଣ ସାହୁ, ଦୀପାଲି ସେନାପତି ଜିଲ୍ଲା ସାଧାରଣ ସଂପାଦକ ଅକ୍ଷୟ ମହାନ୍ତି, ଜିଲ୍ଲା ଉପସଭାପତି ବଳରାମ ପାତ୍ର, ଜିଲ୍ଲା ସଂପାଦକ ସରୋଜ କୁମାର ସ୍ୱାଇଁ ଓ ପ୍ରକାଶ ମହାନ୍ତି, ମହିଳା ନେତ୍ରୀ ଅନୁସୟା ରାୟ, ସାରଳା ସାମନ୍ତରାୟ, ସୌଦାମିନୀ ମହାପାତ୍ର, କ୍ରିଷ୍ଟାରାଣୀ ବେହେରା, କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ବେହେରା, ପରିକ୍ଷୀତ ବାରିକ, ଅବିନାଶ ପ୍ରଧାନ, ରତ୍ନାକର ନାୟକଙ୍କ ସମେତ ଅନେକ ବିଜେଡି ନେତା ଓ ସଂଗଠକ ସେମାନଙ୍କ ବକ୍ତବ୍ୟରେ ଓଡ଼ିଶାରେ ଶ୍ରୀ ନବୀନ ପଟ୍ଟନାୟକଙ୍କ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବାକୁ ହେଲେ ନିଆଳିରୁ ଡା. ପ୍ରମୋଦ କୁମାର ମଲ୍ଲିକଙ୍କୁ ୪ର୍ଥ ଥର ପାଇଁ ବିଧାୟକ ଭାବେ ନିର୍ବାଚିତ କରିବାକୁ ବଜ୍ର ଶପଥ ନେଇଥିଲେ । ଆଜିର କର୍ମଶାଳାରେ ପ୍ରତ୍ୟେକ ପଞ୍ଚାୟତ ପ୍ରତିନିଧି ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲାପରିଷଦ ସଭ୍ୟସଭ୍ୟାଙ୍କ ସମେତ ଯୁବ, ଛାତ୍ର ବରିଷ୍ଠ ଓ ମହିଳା ସଂଗଠନ ଦାୟିତ୍ୱରେ ଥିବା କର୍ମକର୍ତ୍ତା ମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ଶିକ୍ଷାବିତ୍ ପ୍ରଦୀପ କୁମାର ଦାସ ଧନ୍ୟବାଦ ଦେଇଥିଲେ ।

### ଜଳଛାୟା କମିଟି ଚୟନରେ ପ୍ରିୟାପ୍ରୀତି ପୋଷଣ ଅଭିଯୋଗ

## ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଅଞ୍ଚଳବାସୀ

ବୌଦ୍ଧ, (ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକରେ ମୃତ୍ତିକା ସଂରକ୍ଷଣ ବିଭାଗର ପିଛା ଛାଡୁନି ବିବାଦ ।ପୂର୍ବରୁ ପ୍ରକଳ୍ପ ନାଁରେ ମିଥ୍ୟାବିଲକରି ହରିଲୁଟ ଅଭିଯୋଗ ପରେଏବେ ବିଭିନ୍ନ ଗ୍ରାମରେ ଜଳଛାୟା କମିଟି ଗଠନରେ ପ୍ରିୟା ପ୍ରୀତି ତୋଷଣ କରାଯାଇ ବ୍ୟାପକ ଅନିୟମିତତା ହୋଇଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ପ୍ରାପ୍ତ ଅଭିଯୋଗ ମତେ ଗତ ୨୦୨୨ ସେପ୍ଟେମ୍ବର ୨୯ ତାରିଖରେ କଣ୍ଟାମାଳ ବ୍ଲକର ସାନମନମୁଣ୍ଡା , ବୁଟୁମୁଣ୍ଡା, ଫଟାମୁଣ୍ଡା, ବ୍ରାହ୍ମଣୀ, ପରା, ପିପିଲିପାଲି ଓ ବାଲିଜୁରି ଆଦି ୭ଖଣ୍ଡ ଗ୍ରାମକୁ ନେଇ ଚୟନ କମିଟି ଗଠନ ପାଇଁ ଏକ ବୈଠକ ହୋଇଥିଲା ।କଣ୍ଟାମାଳ ପି ଆଇ ଏ ଜୀତେନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅଯୋଜିତ ଉକ୍ତ ବୈଠକରେ ୭ଖଣ୍ଡ ଗ୍ରାମବାସୀଙ୍କ ଉପସ୍ଥିତିରେ ଏକ ଜଳଛାୟା କମିଟି ଗଠନ କରାଯାଇଥିଲା । ୧୬ ଜଣଙ୍କୁ ନେଇ ଗଠନ ହୋଇଥିବା ଏହି କମିଟିରେ ସଭାପତି ଭାବରେ ସଦାନନ୍ଦ ସାହୁ ଏବଂ ଉପ ସଭାପତି ଭାବେ ମାନସୀ ବାଘଙ୍କୁ ପି ଆଇ ଏ ଚୟନ କରିଥିଲେ ।କିଛି ସଦସ୍ୟ ଏହାକୁ ବିରୋଧ କରିବାରୁ ତରବରିଆ ଭାବେ ପରବର୍ତ୍ତୀ ବୈଠକରେ ଏହି ୧୬ଜଣ ସଦସ୍ୟଙ୍କ ମଧ୍ୟରୁ ସମ୍ପାଦକ ଓ ଅନ୍ୟ କର୍ମକର୍ତ୍ତା ଚୟନ କରାଯିବ ବୋଲି ପି ଆଇ ଏ ଶ୍ରୀ ପ୍ରଧାନ ଉକ୍ତ ବୈଠକରେ ଘୋଷଣା କରିଥିଲେ ।ମାତ୍ର ଶ୍ରୀ ପ୍ରଧାନ ଭିତରେ ଭିତରେ ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳର କର୍ମୀଙ୍କ ସହ ସଲା ମସୁଧା କରି ଉକ୍ତ ୧୬ ଜଣିଆ କମିଟିରୁ ୫ଜଣଙ୍କ ନାମ ସଦସ୍ୟ ତାଲିକାରୁ ବାଦଦେବା ସହିତ ମନମୁଖୀ ଭାବେ ଜଣେ ନୂତନ ସଦସ୍ୟ ନେପାଳ ପାଲିଆଙ୍କୁ କମିଟିର ସମ୍ପାଦକ ଭାବରେ ନିଯୁକ୍ତି କରିଥିଲେ ।ଏକଥା ଜଣାପଡିବା ପରେ କମିଟିର ସଭ୍ୟ ମାନଙ୍କ ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।କେବଳ ସେତିକି ନୁହଁ ସଭାପତି ଶ୍ରୀ ସଦାନନ୍ଦ ସାହୁ କେନ୍ଦୁପତ୍ର ବିଭାଗରେ ଚେକର ଭାବରେ କାର୍ଯ୍ୟ କରୁଛନ୍ତି ।ତେଣୁ ଉକ୍ତ ସଭାପତି ଓ ସଂପାଦକଙ୍କୁ ପଦବୀରୁ ବାହାର କରାଯାଇ ଉକ୍ତ କମିଟି ରଦ୍ଦ କରିବା ସହ ସରକାରଙ୍କ ନିୟମାବଳୀ ଅନୁଯାୟୀ ନୂତନ କମିଟି ଗଠନ କରିବାକୁ ଗ୍ରାମବାସୀ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ଆଜି ଜିଲ୍ଲାପାଳ ସତ୍ୟରଞ୍ଜନ ସାହୁଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରି ଏହାର ଆଶୁ ସମାଧାନ ନହେଲେ ଆଗାମୀ ଦିନରେ ଗଣଧାରଣା ଦେବା ସହ ଆଇନର ଆଶ୍ରୟ ନେବେ ବୋଲି ଗ୍ରାମବାସୀ ଚରମ ଚେତାବନୀ ଦେଇଛନ୍ତି ।ପି ଆଇ ଏ ଙ୍କ ଦ୍ୱାରା ବେନିୟମ ଭାବେ ହୋଇଥିବା ପ୍ରିୟପ୍ରୀତି କାର୍ଯ୍ୟ କଳାପ ଉପରେ ଜିଲ୍ଲାପାଳ ନିଜେ ତଦନ୍ତ କରି ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ରକ୍ଷଣାବେକ୍ଷଣ ନାଁରେ ବିଦ୍ୟୁତ୍‌କାଟ୍, ବଢୁଛି ଜନଅସନ୍ତୋଷ

ନିଆଳି, (ଭାସ୍କର ନ୍ୟୁଜ୍): ରକ୍ଷଣା ବେକ୍ଷଣ ନାରେ ବିଦ୍ୟୁତ କାଟ ଥରେ ନୁହେଁକି ଦୁଇଥର ନୁହେଁ ଏହିପରି ହେଉଛି ବାରମ୍ବାର । ମାସକୁ ୪/୫ ଥର ସକାଳୁ ସଂନ୍ଧ୍ୟବେଳ ଯାଏ ହେଉଛି ବିଦ୍ୟୁତକାଟ ଗ୍ରୀଡକୋ ଟାଟାପାୱାର ହାତକୁ ଯିବାଠାରୁ ଏହିପରି ଘଟଣା ଘଟୁଛି । ନିଆଳି ବ୍ଲକ ଦ୍ୱୀପାଞ୍ଚଳ ଠାରୁ ଆରମ୍ଭକରି ସମଗ୍ର ନିଆଳୀରେ ଏହିପରି ଏକା ଅବସ୍ଥା ବର୍ତ୍ତମାନ ଲୋକମାନଙ୍କ ମନରେ ଏହି ଗୋଟିଏ ପ୍ରଶ୍ନ ଉଙ୍କି ମାରୁଛି ଯଦିରକ୍ଷଣା ବେକ୍ଷଣ ନିମନ୍ତେ ପ୍ରାୟ ପ୍ରତି ସପ୍ତାହରେ ବିଦ୍ୟୁତ କାଟ ହେଉଛି । ତାହାଲେ ସାମାନ୍ୟ ବର୍ଷାପବନ ହେବାପରେ ସାରାରାତି ଅନ୍ଧାରରେ କଟାଇବାକୁ ପଡୁଛି କାହିଁକି । କେବେ କେବେ ଅଠର ଘଣ୍ଟା ଯାଏ ବିଦ୍ୟୁତ ଆସୁନାହିଁ । ଯଦି ଏତେ ରକ୍ଷାଣା ବେକ୍ଷଣ ହେଉଛି ତେବେ ଏତେ ସମୟ ବିଦ୍ୟୁତ କାଟ କାହିଁକି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରକ୍ଷଣା ବେକ୍ଷଣ ନାଁରେ ଅଘୋସିତ ବିଦ୍ୟୁତ କାଟ ହେଉନାହିଁତ ? ଯଦି ନୁହେଁ ତାହେଲେ ଏହାର ଦାୟିତ୍ୱରେ ଥିବା କର୍ମଚାରୀ ମାନେ ସଠିକ୍ ଭାବରେ ତାଙ୍କର କର୍ତ୍ତବ୍ୟ କରୁନାହାଁନ୍ତିକି ? ଆଜି ସକାଳ ସାତଟାରୁ ସାଢେ ବାରଟା ପର୍ଯ୍ୟନ୍ତ ରକ୍ଷଣା ବେକ୍ଷଣ ନିମନ୍ତେ ବିଦ୍ୟୁତ କାଟ କରାଯାଇଥିଲା ଓ ଏଥି ନିମନ୍ତେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ବାର୍ତ୍ତା ଦିଆଯାଇଥିଲା । ବର୍ତ୍ତମାନ ଦିନର ତାପମାତ୍ର ୪୦ ଡିଗ୍ରୀରୁ ଅଧିକ ଥିବାରୁ ଦିନ ୧୧ଟା ସମୟ ଯାଏ ଶ୍ରମିକ ମାନେ କାମ କରିବା ନିମନ୍ତେ ସମୟ ଧାର୍ଯ୍ୟ କରାଯାଇଛି । ମାତ୍ର ଟାଟା ପାୱାର କଣ ଏଥିରୁ ଉର୍ଦ୍ଧ୍ୱରେ କେବଳ ମୂଳ ଲକ୍ଷ ବିଦ୍ୟୁତ୍‌କାଟ । ଅସହ୍ୟ ଗରମରେ ସାଧାରଣ ଜନତା ଆଉଟୁ ପାଉଟୁ ହେଉଥିବାବେଳେ ବିଦ୍ୟୁତ କାଟ ଏହାକୁ ବହୁଗୁଣିତ କରୁଛି । ଏଥି ନିମନ୍ତେ ସାଧାରଣ ଜନତାଙ୍କ ଅସନ୍ତୋଷ ବୃଦ୍ଧିପାଇବାରେ ଲାଗିଛି । ଏଥିରୁ ଅଧିକ କିଛି ହେବା ପୂର୍ବରୁ ଟାଟା ପାୱାର ବିଦ୍ୟୁତ କାଟରୁ ବିରତ ରହିବା ନିମନ୍ତେ ସାଧାରଣରେ ଦାବୀ ହେଉଛି ।

## ଗୋଡ଼ିବନ୍ଧ ଛକରେ ୧ ଘଣ୍ଟିଆ ରାଜପଥ ଅବରୋଧ

କଣିହାଁ, (ଭାସ୍କର ନ୍ୟୁଜ): ଜାତୀୟ ରାଜପଥ ୫୩, ୫୫, ୧୪୯ ଓ ୨୦୦ନମ୍ବର ସମ୍ପ୍ରସାରଣ କାର୍ଯ୍ୟ ବିଳମ୍ବ ନେଇ ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କ ଆହ୍ୱାନ କ୍ରମେ ଢେଙ୍କାନାଳ ଲୋକସଭା କ୍ଷେତ୍ର ଦେଇ ଯାଇଥିବା ରାଜପଥରେ ବିଭିନ୍ନ ସ୍ଥାନରେ ଏକ ଘଣ୍ଟିଆ ଅର୍ଥନୈତିକ ଅବରୋଧ କରାଯାଇଛି ।ଶ୍ରୀ ସାହୁଙ୍କ ସମର୍ଥକ ମାନେ ଜାତୀୟ ରାଜପଥକୁ ବନ୍ଦ କରିବା ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ଗୁଡିକ ଠିଆହୋଇ ଜାମ ହୋଇଯାଇଥିଲା ଓ କେନ୍ଦ୍ରସରକାରଙ୍କ ଚରମ ଅବହେଳା ର ପ୍ରତିବାଦ ରେ ହୋଇଥିବା ଏହି ଆନ୍ଦୋଳନରେ କେନ୍ଦ୍ର ସରକାରଙ୍କୁ କର୍ମୀମାନେ କଟୁ ସମାଲୋଚନା କରିଥିଲେ ।ଢେଙ୍କାନାଳ-ଅନୁଗୋଳ ଦୁଇ ଜିଲ୍ଲାରୁ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ରାଜସ୍ୱ ନେଇ ବାହାର ଅଞ୍ଚଳରେ ବିକାଶ ହେଉଥିବା ବେଳେ ଦୀପତଳ ଅନ୍ଧାର ଭଳି ଏହି ଅଞ୍ଚଳକୁ ଅବହେଳା ବରଦାସ୍ତ କରାଯିବ ନାହିଁ ବୋଲି ସାଂସଦ ଶ୍ରୀ ସାହୁ ଚରମ ବାଣୀ ଶୁଣାଇବା ସହ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସୂଚନା ମିଳିଛି । ସେହିପରି ତାଳଚେର ନିର୍ବାଚନ କ୍ଷେତ୍ର ଗୋଡ଼ିବନ୍ଧ ଦେଇ ଯାଇଥିବା ରାଜପଥରେ କଣିହାଁ ବ୍ଲକ ପକ୍ଷରୁ ୧ଘଣ୍ଟିଆ ଅବରୋଧ କରାଯାଇଥିଲା ଓ ଏହି ଆନ୍ଦୋଳନରେ ସାଂସଦଙ୍କ ପ୍ରତିନିଧି ନିର୍ମଳ ସାହୁ,କଣିହାଁ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ,ସରପଞ୍ଚ ଦିପ୍ତିମୟୀ ପ୍ରଧାନ, ସମିତି ସଦସ୍ୟା ମିନାକ୍ଷୀ ସାହୁ ,ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ କ୍ଷୀରସିନ୍ଧୁ ସେଠି,ହରିହରପୁର ପଞ୍ଚାୟତ ବିଜେଡି ସଭାପତି ସୌଭାଗ୍ୟ ପ୍ରଧାନ,ସୁନୀଲ ପ୍ରଧାନ ,ସାଧୁରାମ ସାହୁ,ବାବୁଲା ଶତପଥୀ,ବିଜୟ ପ୍ରଧାନଙ୍କ ସମେତ ବିଭିନ୍ନ ପଂଚାୟତର ନିର୍ବାଚିତ ଲୋକପ୍ରତିନିଧି ଓ ଶତାଧିକ ବିଜେଡି ସମର୍ଥକ ଉପସ୍ଥିତ ରହିଥିଲେ ।

## ମୁକୁନ୍ଦପୁର ଜଗନ୍ନାଥ ଫେଡେରେସନ୍‌ର ୩ ପଦବୀ ପାଇଁ ନିର୍ବାଚନ




ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଜଗନ୍ନାଥ ଫେଡେରେସନର ପୁନର୍ଗଠନକୁ ନେଇ ବିବାଦ ଲାଗି ରହିଥିଲା। ଶେଷରେ ଫେଡେରେସନର ୩ଟି ପଦବୀ ପାଇଁ ନିର୍ବାଚନ କରାଯାଇ ବିବାଦର ଅବସାନ ଘଟିଛି । ସୋମବାର ପୂର୍ବାହ୍ନରେ ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓ ଜ୍ୟୋତିର୍ମୟ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଜୀବିକା ମିଶନ ପ୍ରକଳ୍ପ ପରିଚାଳକ ଷ୍ଟାଲିନ୍ ନାୟକଙ୍କ ପରିଚାଳନାରେ ନିର୍ବାଚନ କାର୍ଯ୍ୟ ଶେଷ ହୋଇଥିବା ଜଣାଯାଇଛି । ଏହି ୩ଟି ପଦବିରେ ନିର୍ବାଚନ ଫଳାଫଳ ଘୋଷଣା ସରିଛି । ଫେଡେରେଶନର ଉପସଭାପତି ଭାବେ ମମତା ନନ୍ଦ ୮୯ ଖଣ୍ଡ ହାତଟେକା ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ସହସମ୍ପାଦିକା ଭାବେ ପଦ୍ମାଳୟା ପଣ୍ଡା ଓ କୋଷାଧକ୍ଷା ଭାବେ ଲକ୍ଷ୍ମୀପ୍ରିୟା ବେହେରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ଯୋଗ୍ୟ ଯେ, କିଛିମାସ ତଳେ ଜଗନ୍ନାତ ଫେଡେରେସନର ପୁନର୍ଗଠନ ପଞ୍ଚାୟତରେ ଅନୁଷ୍ଠିତ ହୋଇଥିଲା । ଏହି ପୁନର୍ଗଠନରେ ସଭାନେତ୍ରୀ ଭାବେ ଉର୍ମିଳା ସେଠୀ, ସମ୍ପାଦିକା ଭାବେ ରେବତୀ ମହଲା ନିର୍ବାଚିତ ହେବା ପରେ ମହିଳାଙ୍କ ମଧ୍ୟରେ ଗଣ୍ଡଗୋଳ ଉପୁଜି ଅନ୍ୟ ପଦବୀ ପାଇଁ ନିର୍ବାଚନ ହୋଇ ପାରିନଥିଲା । ଯାହାଫଳରେ ସେହିଦିନ ଠାରୁ ଫେଡେରେସନରେ ବିବାଦ ଉପୁଜି ରହିଥିଲା । ଫେଡେରେସନର ଗୋଟିଏ ଗୋଷ୍ଠୀ ନିର୍ବାଚିତ ହୋଇଥିବା ନୂତନ ସଭାପତି ଓ ସମ୍ପାଦିକାଙ୍କୁ ଅସ୍ୱୀକାର କରିଥିବା ବେଳେ ନୂତନ ସଭାପତି ଓ ସମ୍ପାଦିକା ନିୟମ ଅନୁସାରେ ନିର୍ବାଚିତ ହୋଇଛନ୍ତି ବୋଲି ନିର୍ବାଚନ ବେଳେ ଉପସ୍ଥିତ ଥିବା ଅଧିକାରୀମାନେ ରିପୋର୍ଟ ଦେଇଥିଲେ । ପରେ ପୁଣି ଫେଡେରେସନର ପୁନର୍ଗଠନ କରାଇବାକୁ ଗୋଟିଏ ଗୋଷ୍ଠୀ ଜିଲା ପ୍ରଶାସନ ନିକଟରେ ଦାବି କରିଥିଲେ । ଏହି ଦାବି ପରେ ଡିଆରଡିଏ କର୍ତ୍ତୃପକ୍ଷ ଫେଡେରେସନ ପୁନର୍ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଏହି ନିର୍ଦ୍ଦେଶ ବିରୁଦ୍ଧରେ ଗୋଟିଏ ଗୋଷ୍ଠୀ ହାଇକୋର୍ଟରେ ଦ୍ୱାରସ୍ତ ହୋଇଥିଲେ । ମାନ୍ୟବର ହାଇକୋର୍ଟ ଆବେଦନକୁ ଗ୍ରହଣ କରି ଘଟଣାର ବିଚାର କରି ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଜିଲାପାଳ ଆବେଦନର ଶୁଣାଣି କରି ନୂତନ ସଭାପତି, ସମ୍ପାଦିକାଙ୍କ ପଦବୀକୁ କାଏମ ରଖିବା ସହିତ ଅନ୍ୟ ଉପସଭାପତି, ସହସମ୍ପାଦିକା ଓ କୋଷାଧକ୍ଷ ପଦବି ପାଇଁ ନିର୍ବାଚନ କରିବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ମିଶନ ଶକ୍ତ ବ୍ଲକ ସଂଯୋଜକ ଶ୍ରୀକାନ୍ତ ଜେନା, ସରପଞ୍ଚ ସସ୍ମିତା ମଳିକ, ବିଏଲସି ସ୍ନିଗ୍ଧାରାଣୀ ନାୟକ, ସସ୍ମିତା ଖୁଣ୍ଟିଆ, ନନ୍ଦିନୀ ନାୟକ ପ୍ରମୁଖ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ । ମୁକୁନ୍ଦପୁର ପଞ୍ଚାୟତ ଏମବିକେ ସନ୍ଧ୍ୟାରାଣୀ ବାରିକ, ଏନଆରଇଜିଏସ ସହକାରୀ ସୁଧାଂଶୁ ନାୟକ, ବ୍ଲକର ବିଭିନ୍ନ ପଞ୍ଚାୟତର ସିଆରପି, ଜିଆରଏସ, ଗାଁସାଥୀ, କୃଷିମିତ୍ର ଓ ପ୍ରାଣୀମିତ୍ରମାନେ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଲକ୍ଷ୍ୟ କରି ପୁଲିସ ମଧ୍ୟ ମୁତୟନ କରାଯାଇଥିଲା ।